


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-193 ♦THURSDAY ♦8 JANUARY 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୯୩ ♦ଗୁରୁବାର ♦୮ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଏପ୍ରିଲରୁ ଓଡ଼ିଶାରେ ଜନଗଣନା

## ପ୍ରଥମେ ହେବ ଗୃହ ତାଲିକା, ଆସବାବପତ୍ର ଗଣନା

■ ଭୁବନେଶ୍ୱର, ୭।୧ (ସମିସ): ସାରା ଦେଶରେ ଚଳିତ ବର୍ଷ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଜନଗଣନା ଅନୁଷ୍ଠିତ ହେବ। ବିଭିନ୍ନ ରାଜ୍ୟମାନେ ନିଜର ସୁବିଧା ଅନୁସାରେ ୩୦ ଦିନ ମଧ୍ୟରେ ଗୃହ ତାଲିକା ଓ ଘର ଗଣନା କରିପାରିବା ନେଇ ନିର୍ଦ୍ଦେଶ ରହିଥିବା ବେଳେ ଓଡ଼ିଶାରେ ଏପ୍ରିଲରୁ ମେ ମାସ ମଧ୍ୟରେ ଗୃହ ତାଲିକା ଓ ଗୃହ ଗଣନା କରାଯିବ। ଏନେଇ ବୁଧବାର ଲୋକସେବା ଭବନରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି।

ସୂଚନା ଅନୁସାରେ ଗତ ଡିସେମ୍ବର ୩୧ ତାରିଖ ସୁଦ୍ଧା ଘୋଷିତ ହୋଇଥିବା ନିର୍ଦ୍ଦେଶିତ ଅଞ୍ଚଳ ବ୍ୟତୀତ ଏହି ଜନଗଣନା ସମୟରେ ନୂଆ ଗାଁ, ନୂଆ ସହର, ଗାଁ ସହରରେ ମିଶିବା ଭଳି ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟ ହେବନାହିଁ। ଜନଗଣନା କାର୍ଯ୍ୟର ସୁସମ୍ପାଦନ ପାଇଁ ଜାତୀୟ ସ୍ତରରେ ରେଜିଷ୍ଟ୍ରାର ଜେନେରାଲ ଓ ଜନଗଣନା ଆୟୁକ୍ତ ଥିବା ବେଳେ ରାଜ୍ୟସ୍ତରରେ ମୁଖ୍ୟ ଶାସନ ସଚିବ ରାଜ୍ୟ ନୋଡାଲ ଅଧିକାରୀ ଓ ଏବଂ ଜିଲ୍ଲାସ୍ତରରେ ଜିଲ୍ଲାପାଳମାନେ ଜିଲ୍ଲାର ଏବଂ ମହାନଗର ନିଗମ ଅଞ୍ଚଳରେ ମ୍ୟୁନିସିପାଲ କମିଶନରମାନେ ପ୍ରମୁଖ ଜନଗଣନା ଅଧିକାରୀ ଭାବେ ନିୟୋଜିତ ରହିବେ। ଉପଖଣ୍ଡ ବା ସହରାଞ୍ଚଳରେ ତହସିଲଦାର ଓ ଡେପୁଟି କମିଶନରମାନେ ଚାର୍ଜ ଅଧିକାରୀ

**୨୦୦ ଘର ପାଇଁ ନିଯୁକ୍ତି ପାଇବେ ଜଣେ ଅଧିକାରୀ**

**ନାଗରିକ ଚାହିଁଲେ ୱେବସାଇଟରେ ଦେଇପାରିବେ ତଥ୍ୟ**



ଭାବେ କାର୍ଯ୍ୟ କରିବେ। ଶିକ୍ଷକ, ରାଜ୍ୟ ସରକାର ଓ ସ୍ଥାନୀୟ ସ୍ୱାୟତ୍ତଶାସନ ସଂସ୍ଥାର ଅନ୍ୟ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଜନଗଣନାକାରୀ (ଏନ୍ୟୁମେରେଟର) ଏବଂ ସୁପରଭାଇଜର ଦାୟିତ୍ୱ ତୁଲାଇବେ। ଜନଗଣନା ପାଇଁ ପୂର୍ବରୁ ମାଷ୍ଟର ଟ୍ରେନର ଏବଂ କ୍ଷେତ୍ରସ୍ତରୀୟ ପ୍ରଶିକ୍ଷଣକଙ୍କ ପାଇଁ ବ୍ୟାପକ ପ୍ରଶିକ୍ଷଣ ଦିଆଯିବ।

ଜନଗଣନା ନିର୍ଦ୍ଦେଶକ ନିଖିଲ ପୱନ କଲ୍ୟାଣ କହିଛନ୍ତି ଯେ ପ୍ରତି ୨୦୦ ଘର ପାଇଁ ଜଣେ ଲେଖାଏଁ ଅଧିକାରୀ ନିୟୋଜିତ ହେବେ। ପ୍ରତି ୬ ଜଣ ଅଧିକାରୀଙ୍କ ପାଇଁ ଜଣେ ଲେଖାଏଁ ସୁପରଭାଇଜର ନିୟୋଜିତ ହେବେ। ଜଣେ ଜନଗଣନା ଅଧିକାରୀଙ୍କୁ ସରକାର ୨୫ ହଜାର ଟଙ୍କା ପ୍ରଦାନ କରିବେ। ବ୍ୟବସ୍ଥା ଅନୁଯାୟୀ ଜଣେ ଲୋକ ନିଜେ ଚାହିଁଲେ ନିଜର ତଥ୍ୟ ଦେଇପାରିବେ, ୱେବସାଇଟ ଜରିଆରେ ପଞ୍ଜିକୃତ ମଧ୍ୟ କରିପାରିବେ। ସମସ୍ତ ପ୍ରକ୍ରିୟା ମୋବାଇଲ ନମ୍ବରରେ ଓଟିପି ବେସଡ୍ ହେବ। ଗୋଟିଏ ନମ୍ବର ଦୁଇ ଥର ବ୍ୟବହାର କରି ପାରିବେନି କି ଆପରୁ ସ୍କ୍ରିନ ସଟ ମଧ୍ୟ ବ୍ୟବହାରକାରୀ ନେଇପାରିବେ ନାହିଁ ବୋଲି ▶ପୃଷ୍ଠା-୭

# 'ଏସ୍ମା'କୁ ଓମ୍‌ସାର ବେଖାତିର

## ଦାବି ପୂରଣ ନ ହେବା ଯାଏଁ ଜାରି ରହିବ ଆନ୍ଦୋଳନ: ସଂଘ

■ ଭୁବନେଶ୍ୱର, ୭।୧ (ସମିସ): ଡାକ୍ତରଙ୍କ ଆନ୍ଦୋଳନ ବିରୋଧରେ ମଙ୍ଗଳବାର ରାଜ୍ୟ ସରକାର ଏସ୍ମା ଲଗାଇଥିବା ବେଳେ ଏହାକୁ ଭ୍ରୂକ୍ଷେପ କରିନାହିଁ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମ୍‌ସା)। ବୁଧବାର ରାଜ୍ୟବ୍ୟାପୀ ସରକାରୀ ହସ୍ପିଟାଲରେ ୨ ଘଣ୍ଟା ଓପିଡି ସେବା ବର୍ଜନ କରିଛି ସଂଘ। ଏହାସହ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ସଂଘ କ୍ଷୋଭ ପ୍ରକାଶ କରିବା ସହ ସମାଲୋଚନା କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଜନ୍ମଦିନରେ ଡାକ୍ତରମାନଙ୍କୁ ଏସ୍ମା ଉପହାର ଦେଇଛନ୍ତି। ସରକାରଙ୍କ ନିଷ୍ପତ୍ତି ଗଣତନ୍ତ୍ର ପାଇଁ ହିତକର ନୁହେଁ ବୋଲି ସଂଘର ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି। ଡାକ୍ତର ମିଶ୍ର କହିଛନ୍ତି ଯେ ରାଜ୍ୟରେ ୧୫୦୦୦ ଡାକ୍ତରଙ୍କ ସ୍ଥାନରେ ମାତ୍ର ୬୦୦୦ ଡାକ୍ତର ରୋଗୀସେବା କରୁଛନ୍ତି। ଆମକୁ ଆମର ନ୍ୟାଯ୍ୟ ପଦୋନ୍ନତି, ପ୍ରୋତ୍ସାହନ ରାଶି ମିଳୁନାହିଁ। ଆମେ କିପରି ସରକାରଙ୍କ ଦ୍ୱାରା ପ୍ରତାରିତ ହୋଇ ଆସୁଛୁ, ତାହା ଜନତାଙ୍କୁ ସୂଚିତ କରିବାକୁ ଚାହୁଁଥିଲୁ। ସେଥିପାଇଁ ଆମେ ଜରୁରୀକାଳୀନ ସେବା ବନ୍ଦ କରି ନ ଥିଲୁ। ପ୍ରଥମେ କଳାବ୍ୟାଚ ପିନ୍ଧି ପ୍ରତିବାଦ କରିବା ପରେ ଏକ ଘଣ୍ଟା ଓପିଡି ସେବା ବର୍ଜନ କରିଥିଲୁ। ମାତ୍ର ସରକାର ଆମ ଦାବି ପ୍ରତି କର୍ଣ୍ଣପାତ ନ କରିବା କାରଣରୁ ବାଧ୍ୟ ହୋଇ ୨ ଘଣ୍ଟା ଓପିଡି ସେବା ବର୍ଜନ ନିଷ୍ପତ୍ତି ନେଇଥିଲୁ। ମାତ୍ର ସରକାର ଆମ ଦାବି ଗ୍ରହଣ କରିବା ପରିବର୍ତ୍ତେ ଆମ ଉପରେ ଏସ୍ମା ଲଗାଇଦେଲେ। ଗଣତନ୍ତ୍ର ପାଇଁ ଏହା ହିତକର ନୁହେଁ। ରାଜ୍ୟ ସରକାରଙ୍କ ଉପରୋକ୍ତ ନିଷ୍ପତ୍ତିକୁ ଓମ୍‌ସା। ନାପସନ୍ଦ କରୁଛି ବୋଲି ଡାକ୍ତର ମିଶ୍ର ▶ପୃଷ୍ଠା-୭

**ସରକାରଙ୍କ ନିଷ୍ପତ୍ତି ଗଣତନ୍ତ୍ର ପାଇଁ ଶୁଭସୂଚନା ନୁହେଁ**

**ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ଡାକ୍ତରଙ୍କୁ 'ଏସ୍ମା' ଉପହାର**

# ଜମିବାଡ଼ି ବିବାଦରୁ ପୁତୁରାକୁ ପିଟି ପିଟି ହତ୍ୟାକଲା ଦାଦା

■ ପାଟଣାଗଡ଼, ୭।୧ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ସମଲେଶ୍ୱର ଗାଁରେ ଜମିବାଡ଼ି ବିବାଦରୁ ଜଣେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ ରମାକାନ୍ତ ବାଗ (୨୫)। ରମାକାନ୍ତଙ୍କ ପରିବାର ଓ କାକା ଯୁବରାଜଙ୍କ ପରିବାର ମଧ୍ୟରେ ଜମିବାଡ଼ି ବିବାଦକୁ ନେଇ ଝଗଡା ଲାଗି ରହିଥିଲା। ସେଥିପାଇଁ ଗତ ୪ ବର୍ଷ ହେଲା ରମାକାନ୍ତଙ୍କ ପରିବାର ଟିକରାପଡା ଗାଁରେ ରହିଆସୁଛନ୍ତି। ସୋମବାର ରମାକାନ୍ତ ତାଙ୍କ ସ୍ତ୍ରୀ, ଦୁଇ ପୁଅଝିଅଙ୍କ ସହ ଗାଁରେ ଥିବା ସମ୍ପର୍କୀୟଙ୍କ ଏକୋଇଶିଆରେ ଯୋଗ ଦେବାକୁ ଆସିଥିଲେ। ପରିବାର ଲୋକଙ୍କୁ ଛାଡି ସେ ଟିକରାପଡା ଫେରି ଯାଇଥିଲେ। ବୁଧବାର ପରିବାର ସଦସ୍ୟଙ୍କୁ ନେବା ପାଇଁ ପୁଣି ସମଲେଶ୍ୱର ଗାଁକୁ ଆସିଥିଲେ। ତେବେ ରମାକାନ୍ତ ଗାଁକୁ ଆସିଥିବା ଜାଣି ଅପରାହ୍ନ ୩ଟାରେ କାକା ଯୁବରାଜ ବାଗ (୫୫)ଙ୍କ ସହ ତାଙ୍କ ବଡ଼ପୁଅ ରିଙ୍କୁ ବାଗ, ମଝିଆ ପୁଅ ଆଦି ବାଗ ଓ ସାନ ପୁଅ ଦୁର୍ଲ୍ଲଭ ବାଗଙ୍କ ସମେତ ଗାଁର ସୁରେନ୍ଦ୍ର ଜାଲ ମିଶି ରମାକାନ୍ତଙ୍କୁ ▶ପୃଷ୍ଠା-୭

## ପ୍ରଦୂଷଣକୁ ବଳିଗଲାଣି ପ୍ରମାଣପତ୍ର ଯନ୍ତ୍ରଣା

# ଲୋକଙ୍କୁ କାଳ ସରକାରଙ୍କ 'ଟାର୍ଗେଟ'

■ ଭୁବନେଶ୍ୱର, ୭।୧ (ସମିସ): ଗାଡ଼ି ପ୍ରଦୂଷଣ କରୁଛି କି ନାହିଁ ତାହା ଜଣା ନାହିଁ, ମାତ୍ର ପ୍ରଦୂଷଣ ପ୍ରମାଣପତ୍ର ଯାତନାରେ ରାଜ୍ୟବାସୀ ହନ୍ତସନ୍ତ। ୭୦ ଟଙ୍କା ଦେଇ ବାଇକ୍ ବା ସ୍କୁଟରେଟ୍, ୧୨୦ ଟଙ୍କା ଦେଇ ଚାରିଚକିଆ ଯାନର ପ୍ରମାଣପତ୍ରଟିଏ ଆଣିଲେ ରାଜ୍ୟରେ ପ୍ରଦୂଷଣ କିପରି କମିବ ତାହା କେହି ବୁଝିପାରୁ ନାହାନ୍ତି। ସୋସିଆଲ ମିଡ଼ିଆ ଖୋଲିଲେ ମାଲମାଲ ଅଭିଯୋଗ ଆସୁଛି। ଜୋରିମାନା ଆଦାୟ ପାଇଁ ସରକାରୀ ଅଧିକାରୀ, ପୁଲିସ ଉପରେ ରାଜ୍ୟ ସରକାର ଦେଇଥିବା ଟାର୍ଗେଟ ଏବେ ସାଧାରଣ ଲୋକଙ୍କ ପାଇଁ କାଳ ହୋଇଛି। ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ଗୋଟିଏ ଗୋଟିଏ ଗାଡ଼ି ଉପରେ ଗୋଟିଏ ଦିନରେ ୪୦ରୁ ୬୦ ହଜାର ଟଙ୍କା ଜୋରିମାନା ଭିଡ଼ା ଯାଉଛି। ପ୍ରଶ୍ନ କଲେ ପୁଲିସ, ଟ୍ରାଫିକ୍ କର୍ମଚାରୀମାନେ ସରକାରଙ୍କ ଟାର୍ଗେଟ ଅଛି ବୋଲି ଉତ୍ତର ଦେଉଛନ୍ତି।

ଗତକାଲି ପିପିଲି ନିକଟରେ ଦୁର୍ଘଟଣାରେ ମୃତ୍ୟବରଣ କରିଥିବା ଜଣେ ମହିଳା ସାମ୍ବାଦିକ ଶୀଲା ପଟ୍ଟନାୟକଙ୍କ ମୃତ୍ୟୁ ପଛରେ ଏହି ଟାର୍ଗେଟ ହିଁ ନିହିତ ଥିବା କୁହାଯାଉଛି। ତାଙ୍କ ଗାଡ଼ି ଉପରେ ପ୍ରାୟ ୧୮ ହଜାର ଟଙ୍କା ଚାଲାଣ ଥିବାରୁ କୁଆଡ଼େ ତାଙ୍କର ପ୍ରଦୂଷଣ ପ୍ରମାଣପତ୍ର ହୋଇ ପାରି ନ ଥିଲା। ଯେଉଁଥିପାଇଁ ସେ ବାଧ୍ୟ ହୋଇ ଜରୁରୀ କାର୍ଯ୍ୟ ପାଇଁ ସ୍କୁଟରେଟ୍‌ରେ ପୁରୀ ଯିବାବେଳେ ଦୁର୍ଘଟଣାରେ ପ୍ରାଣ ହରାଇଲେ। ଯଦି ତାଙ୍କ ଗାଡ଼ି ଉପରେ ଜୋରିମାନା ନ ଥାନ୍ତା ବା ▶ପୃଷ୍ଠା-୭

**୧୩୦୦ କୋଟି ଚାଲାଣ ରାଶି ଆଦାୟ ପାଇଁ ଫନ୍ଦି**

**ପ୍ରସଙ୍ଗରୁ ଦୃଷ୍ଟି ହଟାଇବାକୁ ଯୋଜନାବଦ୍ଧ ଷଡ଼ଯନ୍ତ୍ର**

**ଗାଡ଼ି ଉପରେ ଲକ୍ଷଲକ୍ଷ ଟଙ୍କା ଜୋରିମାନାକୁ ନେଇ ପ୍ରଶ୍ନ**

# ଫେବୃଆରୀ ପହିଲାରେ ବଜେଟ

## ପ୍ରଥମ ଥର ପାଇଁ ରବିବାର ହେବ ଆଗତ

■ ନୂଆଦିଲ୍ଲୀ, ୭।୧ (ଏଜେନ୍ସି): ୨୦୨୬-୨୭ ଆର୍ଥିକବର୍ଷ ପାଇଁ କେନ୍ଦ୍ର ବଜେଟ ଆସନ୍ତା ଫେବୃଆରୀ ପହିଲାରେ ଆଗତ ହେବ। ବୁଧବାର ଅନୁଷ୍ଠିତ ସଂସଦୀୟ ବ୍ୟାପାର ସମ୍ପର୍କିତ କ୍ୟାବିନେଟ୍ କମିଟି (ସିସିପିଏ) ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବୃଆରୀ ପହିଲା ରବିବାର ବଜେଟ ଉପସ୍ଥାପନ କରିବେ। ତେବେ ଚଳିତଥର ସବୁଠାରୁ ବଡ଼ କଥା ହେଉଛି ଯେ, ପ୍ରଥମ ଥର ପାଇଁ ରବିବାର ବଜେଟ ଆଗତ ହେବ। ଜାନୁଆରୀ ୨୮ରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ସହିତ ବଜେଟ ଅଧିବେଶନ ଆରମ୍ଭ ହେବ। ଅପରପକ୍ଷେ ଆଗାମୀ ବଜେଟ୍ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ।

**୨୮ରୁ ସଂସଦର ବଜେଟ ଅଧିବେଶନ**

ସଂସଦୀୟ ବ୍ୟାପାର କମିଟି ଆଜି ବଜେଟ ଦିନ ଧାର୍ଯ୍ୟ କରିବା ପରେ ଏ ନେଇ ପୂର୍ବରୁ ରହିଥିବା ସଂଶୟ ହଟିଛି। କାରଣ ଫେବୃଆରୀ ୧ ତାରିଖ ରବିବାର ଦିନ ପଡୁଛି। ତେଣୁ ରବିବାର ଛୁଟି ଦିନରେ ବଜେଟ ଆକତ କରାଯିବ ▶ପୃଷ୍ଠା-୭

## ପୂରଣ ହେଲା ଗୋଟିଏ ଦାବି; ଆଉ ତିନିଟି ବିଚାରାଧୀନ

# ସରକାରଙ୍କୁ ମିଲରଙ୍କ ୧୫ ଦିନିଆ ମହଲତ

■ ଭୁବନେଶ୍ୱର, ୭।୧ (ସମିସ): ସର୍ତ୍ତମୂଳକ ଭାବେ ସରକାରଙ୍କୁ ୧୫ ଦିନିଆ ମହଲତ ଦେଇ ଆନ୍ଦୋଳନ ପ୍ରତ୍ୟାହାର କରିଛି ମିଲର ସଂଘ। ଫଳରେ ଗତ ୩ ଦିନ ହେବ ବନ୍ଦ ରହିଆସିଥିବା ଧାନ କିଣା ଗୁରୁବାରଠାରୁ ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ମିଲର୍ସ ସଂଘ କହିଛି। ସଂଘ ପକ୍ଷରୁ କୁହାଯାଇଛି ଯେ ସରକାରଙ୍କ ନିକଟରେ ୪ ଦଫା ଦାବି ରଖାଯାଇଥିଲା। ଏଥି ମଧ୍ୟରୁ ଗୋଟିଏ ଦାବି ସରକାର ମାନି ନେଇଛନ୍ତି। ବାକି ଦାବିଗୁଡ଼ିକ ପୂରଣ ପାଇଁ ସରକାର ୧୫ ଦିନ ସମୟ ମାଗିଛନ୍ତି। ତେଣୁ ସରକାରଙ୍କୁ ସମୟ ଦିଆଯାଇଛି ଓ ଏହି ଦାବି ପୂରଣ ନେଇ ସରକାର ପଦକ୍ଷେପ ନେବେ ବୋଲି ସଂଘ ଆଶାବାଦୀ ରହିଛି। ସଂଘ ଆହୁରି କହିଛି, ବର୍ତ୍ତମାନ ସୁଦ୍ଧା ୧୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ଆଜିକୁ ୩ ଦିନ ହେଲାଣି ଆମର ଧାରଣା ଚାଲିଥିଲା। ବିଭାଗୀୟ ମନ୍ତ୍ରୀ ଆମର ଗୋଟିଏ ଦାବିକୁ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତା ମକର ସଂକ୍ରାନ୍ତି ଥିବାରୁ ଆସନ୍ତା ୧୫ ଦିନ ▶ପୃଷ୍ଠା-୭

**ଆନ୍ଦୋଳନ ସ୍ଥଗିତ, ଆଜିଠାରୁ ସ୍ୱାଭାବିକ ହେବ ଧାନକିଣା**






# ଗଛରେ ପିଟିହେଲା ବାଇକ୍; ୨ ମୃତ


■ ପାତ୍ରପୁର, ୭।୧ (ସମିସ): ଜରଡ଼ା ଥାନା ଖାରିଆଗୁଡା ଫାଣ୍ଡି ଅନ୍ତର୍ଗତ ମନ୍ଦରଡା ତିତିଗାଁ ରାସ୍ତା ନିକଟରେ ଏକ ବାଇକ୍ ରାସ୍ତାକଡ଼ ଗଛରେ ପିଟି ହେବାରୁ ୨ ଜଣ ମୃତ୍ୟୁ ଘଟିଥିବା ବେଳେ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ତିତିଗାଁ ଗ୍ରାମର ନାଥ ନାଇକଙ୍କ ପୁଅ କେଦାର ନାଇକ ଓ ବନମାଳୀ ଗ୍ରାମର ଝଡ଼ିଆ ନାଇକଙ୍କ ପୁଅ ରଞ୍ଜନ ନାଇକ। ଆହତ ଜଣକ ହେଲେ ଜୁରିଆ ନାଇକଙ୍କ ପୁଅ ରାହୁଲ ନାଇକ।

ପ୍ରକାଶ ଯେ, ତିନିଜଣ ବାଇକ ଯୋଗେ କୌଣସି କାମରେ ଯିବାବେଳେ ତିତିଗାଁ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ର ଏକ ଗଛକୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ କେଦାରଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ଥାନୀୟ ଲୋକେ ପାତ୍ରପୁର ଦମକଳ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ସମସ୍ତ ଆହତଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ରଞ୍ଜନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।




ଆଜି ଆସିଥିଲେ

## ଓଡ଼ିଶୀ ନୃତ୍ୟଗୁରୁ
# କେଳୁଚରଣ ମହାପାତ୍ର



ଓଡ଼ିଶୀର ପୁନରୁତ୍ଥାନ ଓ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରାଇବାରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ପ୍ରମୁଖ ଭୂମିକା ରହିଥିଲା । ପଦ୍ମ ବିଭୂଷଣ ପୁରସ୍କାର ପାଇବାରେ ସେ ପ୍ରଥମ ଓଡ଼ିଆ । ସେ ପ୍ରାୟ ୨୦୦ ଏକକ ପ୍ରଦର୍ଶନ ଓ ୫୦ଟି ନୃତ୍ୟ ନାଟିକା ସଂଯୋଜନ କରିଛନ୍ତି । ବିଶ୍ୱସ୍ତରରେ ଓଡ଼ିଶୀ ନୃତ୍ୟକୁ ପ୍ରଚାର ଓ ପ୍ରସାର କରାଇବାରେ ତାଙ୍କ ଯୋଗଦାନ ଅତୁଳନୀୟ । କେଳୁଚରଣ ପୁରୀ ଜିଲ୍ଲା ରଘୁରାଜପୁରରେ ଏକ ଶିଳ୍ପୀ ପରିବାରରେ ୧୯୨୬ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଚିନ୍ତାମଣି ମହାପାତ୍ର ଜଣେ ଚିତ୍ରଶିଳ୍ପୀ ଓ ମର୍ଦ୍ଦଳ ବାଦକ ଥିଲେ । ପିଲାଦିନରୁ କେଳୁଚରଣ ଗୋଟିପୁଅ ନାଚପ୍ରତି ଆକର୍ଷିତ ହୋଇଥିଲେ । ତାଙ୍କ ପିତାଙ୍କୁ କିନ୍ତୁ ପୁଅର ଗୋଟିପୁଅ ନୃତ୍ୟ କରିବା ପସନ୍ଦ ନ ଥିଲା । ସେ ତାଙ୍କୁ ଏଥିରୁ ନିବୃତ୍ତ କରି ପୁରୀର 'କୁଞ୍ଜ ବିହାରୀ ରାସ ଲୀଳା' ଦଳରେ ଛାଡ଼ି ଦେଇଥିଲେ । କେଳୁଚରଣ ଏହି ଦଳରେ ପାଖାପାଖି ୧୦ ବର୍ଷ ରହିଥିଲେ । ପିତାଙ୍କ ଦେହାନ୍ତ ପରେ ସେ ଦଳ ଛାଡ଼ି ଗାଁକୁ ଜୀବିକା ନିର୍ବାହ ପାଇଁ ପଳାଇ ଆସିଥିଲେ । ତାଙ୍କ କଳାକାର ମନ ମାନି ନ ଥିଲା । ଏହାପରେ ସେ ଗାଁ ଛାଡ଼ି କଟକ ପଳାଇ ଆସିଥିଲେ । କଟକ ଆସି କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଓଡ଼ିଶା ଥିଏଟର୍ସରେ ଯୋଗ ଦେଇଥିଲେ । ଏହାପରେ ସେ ଅନ୍ନପୂର୍ଣ୍ଣା-ବି' ଦଳରେ ଯୋଗ ଦେଲେ । ଏଠାରେ ଗୁରୁ ପଙ୍କଜ ଚରଣ ଦାସଙ୍କ ସଂସ୍ପର୍ଶରେ ଆସି ତାଙ୍କ ନୃତ୍ୟ ପ୍ରତିଭାର ବିକାଶ ହୋଇଥିଲା । ନୃତ୍ୟ ନାଟିକା 'ଭସ୍ମାସୁର'ରେ 'ନଟରାଜ' ଭୂମିକାରେ ଅଭିନୟ କରି ଚର୍ଚ୍ଚାକୁ ଆସିଥିଲେ ଗୁରୁ କେଳୁଚରଣ । ଏଥିରେ ମୋହିନୀ ଭୂମିକାରେ ଅଭିନୟ କରିଥିଲେ ଲକ୍ଷ୍ମୀପ୍ରିୟା । ଏହାପରେ ଲକ୍ଷ୍ମୀପ୍ରିୟା କେଳୁଚରଣଙ୍କ ଯୁଗଳବନ୍ଦୀ ଆରମ୍ଭ ହୋଇଥିଲା । ସେ ୨୮ ବର୍ଷ ବୟସରେ ଲକ୍ଷ୍ମୀପ୍ରିୟାଙ୍କୁ ବିବାହ କରିଥିଲେ । ଏହାପରେ ଉଭୟ ପୁରୀ ଚାଲିଗଲେ । ପୁରୀରେ ମାହାରୀ ଓ ଗୋଟିପୁଅ ନୃତ୍ୟ ଉପରେ ଗବେଷଣା କରି ସେସବୁକୁ ଆୟତ୍ତ କରି ନିଜର ଏକ ପରିଚୟ ସୃଷ୍ଟି କରିପାରିଥିଲେ । ୧୯୫୩ ମସିହାରେ ସେ କଟକ କଳାବିକାଶ କେନ୍ଦ୍ରରେ ଯୋଗଦେଲେ । କଳାବିକାଶ କେନ୍ଦ୍ରରେ ସେ ଦୀର୍ଘ ୧୫ ବର୍ଷ ଓଡ଼ିଶୀ ଶିକ୍ଷାଦାନ କରି ବହୁ ଛାତ୍ରଛାତ୍ରୀ ସୃଷ୍ଟି କରିପାରିଥିଲେ । ସଂଯୁକ୍ତା ପାଣିଗ୍ରାହୀ, ମିନତି ମିଶ୍ର, ପ୍ରିୟମ୍ବଦା ମହାନ୍ତି ଆଦିଙ୍କୁ ବ୍ୟକ୍ତିଗତ ଭାବେ ଓଡ଼ିଶୀ ନୃତ୍ୟଶିକ୍ଷା ପ୍ରଦାନ କରିଥିଲେ । ବହୁ ବିଦେଶୀ ଶିଷ୍ୟ କଟକ ଆସି ଗୁରୁ କେଳୁଚରଣଙ୍କ ଘରେ ରହି ଓଡ଼ିଶୀ ନୃତ୍ୟ ଶିକ୍ଷା କରୁଥିଲେ । ସେ ଭୁବନେଶ୍ୱରସ୍ଥିତ ଓଡ଼ିଶୀ ଗବେଷଣା କେନ୍ଦ୍ର ସହିତ ଦଶବର୍ଷ ଧରି ଜଡ଼ିତ ଥିଲେ । ୧୯୯୫ ମସିହାରେ ସେ ଓଡ଼ିଶୀ ଗବେଷଣା କେନ୍ଦ୍ର ଛାଡିବା ପରେ ନିଜସ୍ୱ ଅନୁଷ୍ଠାନ 'ସୃଜନ'ର ଆରମ୍ଭ କରିଥିଲେ । ଓଡ଼ିଶୀ ନୃତ୍ୟର ଏହି ଅପ୍ରତିଦ୍ୱନ୍ଦ୍ୱୀ ସମ୍ରାଟଙ୍କୁ ଦେଶବାସୀ ସମ୍ମାନିତ କରିଥିଲେ ପଦ୍ମବିଭୂଷଣରେ । ଓଡ଼ିଶୀ ନୃତ୍ୟ ପ୍ରତି ନିଷ୍ଠାପର ଅବଦାନ ପାଇଁ ତାଙ୍କୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, ସଙ୍ଗୀତ ନାଟକ ଏକାଡେମୀ ଫେଲୋସିପ୍, ମଧ୍ୟପ୍ରଦେଶ ସରକାରଙ୍କଠାରୁ କାଳିଦାସ ସମ୍ମାନ, ଡକ୍ଟରେଟ ସମ୍ମାନରେ ସମ୍ମାନିତ କରାଯାଇଛି । ୨୦୦୪ ମସିହା ଅପ୍ରେଲ ୭ ତାରିଖରେ କେଳୁଚରଣ ଇହଧାମ ତ୍ୟାଗ କରିଥିଲେ ।

## ଉତ୍କଳଘଣ୍ଟ
# ଯଦୁମଣି ମହାପାତ୍ର



ନିରୁତା ଜୀବନରେ ହାସ୍ୟରସ ଭରି ଜୀବନକୁ ହାସ୍ୟମୟ କରିବାରେ କବି ଯଦୁମଣି ମହାପାତ୍ର ଥିଲେ ସିଦ୍ଧହସ୍ତ । ରୀତିଯୁଗରେ ହାସ୍ୟ ଓ ବ୍ୟଙ୍ଗ ସାହିତ୍ୟର ଥିଲେ ସେ ସ୍ରଷ୍ଟା । ଉପସ୍ଥିତ ବୁଦ୍ଧି ଦ୍ୱାରା ଶବ୍ଦ ସଂଯୋଜନା କରି ବ୍ୟଙ୍ଗ ମାଧ୍ୟମରେ କୌଣସି ଘଟଣାକୁ ଉପସ୍ଥାପନା କରିବାରେ ସେ ସିଦ୍ଧହସ୍ତ ଥିଲେ । ପୁରାଣ, କାବ୍ୟ, ଅଳଙ୍କାର, ଶିଳ୍ପଶାସ୍ତ୍ର, ସଙ୍ଗୀତଶାସ୍ତ୍ର, ଜ୍ୟୋତିଷ ଓ ଦର୍ଶନଶାସ୍ତ୍ରରେ ତାଙ୍କର ଗଭୀର ପାଣ୍ଡିତ୍ୟ ଥିଲା । ଘଣ୍ଟର ଧ୍ୱନୀ ଭଳି ତାଙ୍କ କବିତା ସମସ୍ତଙ୍କୁ ସତର୍କ କରାଇ ଦେଉଥିବାରୁ ଯଦୁମଣି ନିଜକୁ ନିଜେ 'ଉତ୍କଳ ଘଣ୍ଟ' ନାମରେ ପରିଚୟ ଦେଉଥିଲେ ବୋଲି ଲୋକମତ ରହିଛି । କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କୁ ଅନୁକରଣ କରି ସେ ତାଙ୍କର ରଚନାଶୈଳୀକୁ ସ୍ୱତନ୍ତ୍ର ଓ ମୌଳିକ କରି ପାରିଥିଲେ । ସେ ତାଙ୍କ ହାସ୍ୟ ରସାତ୍ମକ ଲେଖା ମଧ୍ୟରେ ଜଣେ ନିର୍ବାକ ଲୋକକୁ ବି ହସେଇ ପାରୁଥିଲେ । ଗ୍ରାମୀଣ ଶବ୍ଦର ପ୍ରୟୋଗ କରି ସେ ପ୍ରତି ପାଠକଙ୍କ ନିକଟତର ହୋଇଥିଲେ ଓ ସାଧାରଣ ଲୋକଙ୍କ ମନରେ ଆନନ୍ଦ ସୃଷ୍ଟି କରିପାରୁଥିଲେ । ଯଦୁମଣି ୧୭୮୧ ମସିହା ଆଜିର ଦିନରେ ଗଞ୍ଜାମ ଜିଲ୍ଲା ଆଠଗଡ଼ରେ ଜନ୍ମଗ୍ରହଣ କରିଥିଲେ । କବି ଗଞ୍ଜାମର ଆଠଗଡ଼ଠାରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ତାଙ୍କର ସମ୍ପୂର୍ଣ୍ଣ କର୍ମମୟ ଜୀବନ ନୟାଗଡ଼ର ଇଟାମାଟିଠାରେ ହିଁ ବିତିଥିଲା । ତାଙ୍କ ପିତାଙ୍କ ନାମ ଥିଲା ମୁକୁନ୍ଦ ମହାପାତ୍ର ଏବଂ ମା'ଙ୍କ ନାମ ଶୋଭାଦେଇ । ପିଲାଦିନରୁ ସେ ସଂସ୍କୃତ ଭାଷାର କାବ୍ୟ, ନାଟକ, ଅମରକୋଷ ଆଦି ପାଠ କରିଥିଲେ । ସ୍ଥପତି ପରିବାରରେ ଜନ୍ମ ହୋଇଥିବାରୁ ଦେବ ବିଗ୍ରହମାନଙ୍କର ରୂପ ଚିତ୍ରଣ, କାଠ ଓ ପ୍ରଥର ବିଗ୍ରହ ନିର୍ମାଣ, ପଟ୍ଟଚିତ୍ର ଅଙ୍କନ ଆଦିରେ ମଧ୍ୟ ସେ ଧୁରନ୍ଧର ଥିଲେ । ସେ ବିଭିନ୍ନ ରାଗରାଗିଣୀ, ଅଳଙ୍କାର ସମନ୍ୱିତ କାବ୍ୟ, ଚଉପଦୀ, ଭଜନ ଜଣାଣ ଓ ଗୀତ, କବିତା ମାନ ସୃଷ୍ଟି କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । ତାଙ୍କର ସାହିତ୍ୟ ସୃଷ୍ଟି ମଧ୍ୟରେ 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' ଏବଂ 'ରାଘବ ବିଳାସ' ହେଉଛି ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ । କବି ହେବା ପାଇଁ ପିଲାଦିନରୁ ଯଦୁମଣିଙ୍କର ପ୍ରବଳ ଆଗ୍ରହ ଥିଲା । ଗାଁ ଚାଟଶାଳୀରେ ଶିକ୍ଷା ଶେଷ କରି ସଂସ୍କୃତ ଶିକ୍ଷା ପାଇଁ ସେ ମାନଧାତାପୁର ଗ୍ରାମର ଜଣେ ସଂସ୍କୃତ ପଣ୍ଡିତଙ୍କ ନିକଟକୁ ଯାଇଥିଲେ । ସେଠାରେ ଶିକ୍ଷା ସମାପ୍ତ ପରେ ସେ ସଂସ୍କୃତରେ ଉଚ୍ଚଶିକ୍ଷା ପାଇଁ ଘୁମୁସର ନିକଟବର୍ତ୍ତୀ ବିଷ୍ଣୁଚକ୍ର ଗ୍ରାମକୁ ଗଲେ । ସେଠାରେ ସେ ପଞ୍ଚମୁଖ ଭଗବାନ କବିରାଜ ବାହିନୀପତି ନାମକ ବିଖ୍ୟାତ ସଂସ୍କୃତ ପଣ୍ଡିତଙ୍କ ପାଖରୁ ଶିକ୍ଷା ଲାଭ କରିଥିଲେ । ସେଠାରୁ ଯଦୁମଣି 'ହୟଗ୍ରୀବ' ମନ୍ତ୍ର ପ୍ରାପ୍ତ ହୋଇ ସାଧନା ଆରମ୍ଭ କରିଥିଲେ । ଯଦୁମଣି ନୟାଗଡ଼ର ରାଜା ବିନାୟକ ସିଂହ ମାନଧାତାଙ୍କ ଦରବାରରେ ରାଜକବି ଥିଲେ । କବି ଯଦୁମଣି ହାସ୍ୟକବି ଭାବେ ଖୁବ୍ ପରିଚିତ ଥିଲେ । ୧୮୬୬ ମସିହା ଜୁଲାଇ ୨ ତାରିଖରେ କବି ଯଦୁମଣିଙ୍କର ଦେହାନ୍ତ ହୋଇଥିଲା ।

# ଗାଈଙ୍କୁ ଜଗିବ ରୋବଟ୍



ବଡ଼ ବଡ଼ କାରଖାନାରେ ଏବେ ରୋବଟ୍ ଲୋକଙ୍କୁ ସାହାଯ୍ୟ କରୁଥିବା ବେଳେ ଏଣିକି ଏହା ଚାଷୀଙ୍କ ସହାୟକ ମଧ୍ୟ ପାଲଟିବ । ଅଷ୍ଟ୍ରେଲିଆର ବୈଜ୍ଞାନିକମାନେ 'ସ୍ୱାଗ୍‌ବଟ୍' ନାମକ ଏକ ସ୍ମାର୍ଟ ରୋବଟ୍ ବିକଶିତ କରିଛନ୍ତି । ଏହା କୌଣସି ସାଧାରଣ ରୋବଟ୍ ନୁହେଁ, ବରଂ ଏହା କ୍ଷେତ ସହିତ ଗାଈଙ୍କ ଦେଖାଶୁଣା ବି କରିବ । ଏହି ସ୍ମାର୍ଟ ରୋବଟ୍ କେବଳ ଗୋରୁଗାଈଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ସହଜରେ ନେବ ନାହିଁ, ବରଂ ଜମିର ସ୍ଥିତି, ଘାସର ଗୁଣବତ୍ତା ଏବଂ ପ୍ରାଣୀଙ୍କ ଗତିବିଧି ଉପରେ ବି ନଜର ରଖିବ । ଏଆଇ ଏବଂ ସେନସର୍ ଟେକ୍ନୋଲୋଜି ଯୋଗୁଁ ଏହା ଚାଷ ଓ ପଶୁପାଳନ ଜଗତରେ ନୂଆ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି । ଏହା ହେଉଛି ଏକ ନାଲି ରଙ୍ଗର ଚାରି ଗୋଡ଼ ବିଶିଷ୍ଟ ରୋବଟ୍ । ଏହା ଗାତ ତଥା ଆବଡ଼ାଖାବଡ଼ା ରାସ୍ତା ଏବଂ କାଦୁଅରେ ବି ସହଜରେ ଚାଲିପାରିବ । ଏଥିରେ ଏଆଇ ଏବଂ ସ୍ମାର୍ଟ ସେନସର୍ ଲାଗିଛି । ସେହିପରି ମଣିଷର ସହାୟତା ବିନା ଏହି ରୋବଟ୍ କ୍ଷେତରେ ବୁଲିପାରିବ ଏବଂ ଗାଈ ପଲଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ନେଇପାରିବ । ଏହାବାଦ୍ ଏହି ରୋବଟ୍ ଘାସର ଗୁଣବତ୍ତା ତଥା ମାଟିର ଆର୍ଦ୍ରତାକୁ ଆଡଭାନ୍ସ ସେନସର୍ ମାଧ୍ୟମରେ ଜାଣିପାରିବ । ଏହାର ଅନ୍ୟତମ ବିଶେଷତ୍ୱ ହେଉଛି ଗାଈଗୋରୁଙ୍କୁ ଆବଶ୍ୟକତାକୁ ଅଧିକ ଚରିବାକୁ ମଧ୍ୟ ରୋକିପାରିବ । ସାଧାରଣତଃ ଗାଈ ଗୋଟିଏ ସ୍ଥାନରେ ଅଧିକ ଘାସ ଚରିଲେ, ସେହି ସ୍ଥାନର ମାଟି ଖରାପ ହୋଇଯାଏ । ତେଣୁ ସମୟ ପୂର୍ବରୁ ଉକ୍ତ ରୋବଟ୍ ଗାଈଙ୍କୁ ଚରିବା ଲାଗି ଅନ୍ୟତ୍ର ଛାଡ଼ିଦିଏ । ଏହା ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଧ୍ୟାନ ଦିଏ । ଗାଈଗୋରୁ ରୋଗାକ୍ରାନ୍ତ କିମ୍ବା ଆହତ ହୋଇଥିଲେ, ଏହି ରୋବଟ୍ ତୁରନ୍ତ ଏହି ତଥ୍ୟ ଚାଷୀର ଫୋନ୍ ତଥା କମ୍ପ୍ୟୁଟରକୁ ପଠାଇଦିଏ । ସେହିପରି ଗର୍ଭବତୀ ଗାଈଙ୍କୁ ଭଲ ଘାସ ଥିବା ସ୍ଥାନରେ ନେଇ ଚରାଏ । ଏହିପ୍ରକାରେ ଉକ୍ତ ରୋବଟ୍ ଚାଷୀଙ୍କ ସମୟ ବଞ୍ଚାଇବା ସହ ଏହା ସ୍ୱଳ୍ପ ସମ୍ବଳରେ ଅଧିକ ଉତ୍ପାଦନ କରିବାରେ ମଧ୍ୟ ସାହାଯ୍ୟ କରିପାରିବ ।

# ଦୀପିକାଙ୍କ ନୂଆ ପଦକ୍ଷେପ




ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ଦୀପିକା ପାଦୁ୍ୟକୋନ ତାଙ୍କର ୪୦ତମ ଜନ୍ମଦିନ ଅବସରରେ ଏକ ନୂଆ ପଦକ୍ଷେପ ଗ୍ରହଣ କରିଛନ୍ତି । ସେ ନୂଆ ପିଢ଼ିର କଳାକାରଙ୍କୁ ସୁଯୋଗ ଦେବା ଲାଗି ଏକ କାର୍ଯ୍ୟକ୍ରମ ଲଞ୍ଚ୍ କରିଛନ୍ତି । ଏହାର ନାଁ ରଖିଛନ୍ତି 'ଦ ଅନସେଟ୍ ପୋଗ୍ରାମ୍' । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଏଥିରେ ନୂଆପିଢ଼ିର କଳାକାରଙ୍କୁ ସୁଯୋଗ ଦେବା । ବିଶେଷକରି ଭାରତୀୟ ସିନେମା, ଟିଭି ଏବଂ ବିଜ୍ଞାପନ ଦୁନିଆରେ କ୍ୟାରିୟର ଗଢ଼ିବାକୁ ଇଚ୍ଛା ରଖିଥିବା ଯୁବପ୍ରତିଭାମାନଙ୍କୁ ସୁଯୋଗ ଦେବା । ତେବେ ସେମାନଙ୍କ ପ୍ରତିଭା ଯେପରି ଲୋକଲୋଚନକୁ ଆସିପାରିବ, ଏଥିପାଇଁ ଏହି ପ୍ଲାଟ୍‌ଫର୍ମ ତିଆରି କରାଯାଇଥିବା ସେ କହିଛନ୍ତି । ଏହାର ପ୍ରଥମ ପର୍ଯ୍ୟାୟରେ ସାଉଣ୍ଡ, ଆର୍ଟ, ଡ୍ରେସ୍ ଡିଜାଇନ୍, ହେୟାର ଷ୍ଟାଇଲିଂ, ମେକ୍‌ଅପ୍ ଏବଂ ପ୍ରଡକସନ ଭଳି କାମ ସାମିଲ ରହିବ । ଏନେଇ ଦୀପିକା ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ବି ସେୟାର୍ କରି କହିଛନ୍ତି, 'ବର୍ଷେ ହେବ ଦେଶ ତଥା ଦେଶ ବାହାରର ପ୍ରତିଭାଶାଳୀ କଳାକାରମାନଙ୍କୁ ଦେଖିବା ତଥା ଶୁଣିବା ଲାଗି ଏକ ମଞ୍ଚ ପ୍ରଦାନ କରିବା ବାବଦରେ ମୁଁ ଚିନ୍ତା କରୁଥିଲି । ଏବେ ଏହି କାର୍ଯ୍ୟକ୍ରମର ଘୋଷଣା କରି ଖୁବ୍ ଖୁସି ଲାଗୁଛି ।' ଅନ୍ୟପଟେ 'ଅନ୍‌ସେଟ୍‌ପୋଗ୍ରାମ ଡଟ୍‌ଇନ୍'ରେ ଏହାକୁ ଦେଖି ହେବ । ଏହା ମାଧ୍ୟମରେ ଲୋକେ ନିଜର କାମ ପଠାଇପାରିବେ ଏବଂ ଇଣ୍ଡଷ୍ଟ୍ରୀର ଜଣାଶୁଣା ଲୋକଙ୍କ ସହ କାମ କରିବାର ସୁଯୋଗ ପାଇପାରିବେ ବୋଲି ଦୀପିକା କହିଛନ୍ତି । ଦୀପିକା ଶେଷ ଥର ପାଇଁ 'ସିଂଘମ୍ ଏଗେନ୍' ଫିଲ୍ମରେ ନଜର ଆସିଥିଲେ ।

## ଆଜିର ଇତିହାସ

- ୧୭୯୦- ପ୍ରଥମ ଥର ପାଇଁ ଦେଶକୁ ସମ୍ବୋଧନ କଲେ ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ୱାଶିଂଟନ୍ ।
- ୧୮୮୪-ସମାଜ ସଂସ୍କାରକ କେଶବଚନ୍ଦ୍ର ସେନ୍‌ଙ୍କ ଜନ୍ମ ।
- ୧୯୨୯- ନେଦରଲ୍ୟାଣ୍ଡ ଓ ୱେଷ୍ଟଇଣ୍ଡିଜ୍ ମାଧ୍ୟମରେ ପ୍ରଥମ ଟେଲିଫୋନ୍ ସମ୍ପର୍କ ସ୍ଥାପନ ।
- ୧୯୪୨- ପ୍ରସିଦ୍ଧ ବ୍ରିଟିଶ୍ ଭୌତିକ ବିଜ୍ଞାନୀ ଷ୍ଟିଫେନ୍ ହକିଂଙ୍କ ଜନ୍ମ ।
- ୨୦୦୮- ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଷଷ୍ଠ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀର ଉଦ୍‌ଘାଟନ କଲେ ।

# ଝିଟିପିଟି ପରି ମୁହଁ



ଅନେକ ଲୋକ ସେମାନଙ୍କର ଅଦ୍ଭୁତ କାର୍ଯ୍ୟ ପାଇଁ ଚର୍ଚ୍ଚାରେ ରହିଥାନ୍ତି । କିଏ ବାଲି, ଇଟା ଖାଇ ତ ଆଉ କିଏ ଇଞ୍ଜିନ୍ ତେଲ ପିଇ ଦୃଷ୍ଟି ଆକର୍ଷଣ କରିଥାନ୍ତି । ହେଲେ ଇଣ୍ଡୋନେସିଆର ମୁରାଙ୍ଗ ପରିବାରରେ ସମସ୍ତଙ୍କ ଚେହେରାରେ ଏକ ଅଜବ ପରିବର୍ତ୍ତନ ଦେଖାଯାଏ । ଏହି ପରିବାରର ସଦସ୍ୟମାନଙ୍କ ମୁହଁ ସବୁଦିନ ବଦଳୁଥାଏ । ସ୍ଥାନୀୟ ଲୋକେ ସେମାନଙ୍କୁ ମଣିଷ ପରିବର୍ତ୍ତେ ଝିଟିପିଟି ଭାବନ୍ତି । ଏହି ପରିବାରର ସୂର୍ଯ୍ୟ ମୁରାଙ୍ଗଙ୍କ ଚେହେରା ପିଲାଦିନରୁ ସ୍ୱାଭାବିକ ଥିଲା । ୧୨ ବର୍ଷ ବୟସରେ ହଠାତ୍ ତାଙ୍କ ଚେହେରାରେ ପରିବର୍ତ୍ତନ ହୋଇଥିଲା । ତାଙ୍କ ଆଖି ବାହାରକୁ ବାହାରି ଆସିବା ସହ ଚର୍ମ ପୂରା କଠିନ ହୋଇ ଯାଇଥିଲା । ସେ ଅବିକଳ ଝିଟିପିଟି ପରି ଦେଖାଯାଇଥିଲେ । ତେବେ ପ୍ରତିଦିନ ସକାଳ ଏବଂ ସନ୍ଧ୍ୟାରେ ତାଙ୍କ ଶରୀରରେ ଏଭଳି ପରିବର୍ତ୍ତନ ହେଉଥିଲା । ଏହି ସମସ୍ୟା କେବଳ ସୂର୍ଯ୍ୟଙ୍କର ଥିଲା ତାହା ନୁହେଁ, ତାଙ୍କ ପିଲାମାନଙ୍କ ସହ ବି ଏଭଳି ହେବାକୁ ଲାଗିଲା । କେବେ ନାକର ଆକାର ବଦଳୁଥିଲା ତ ଆଉ କେବେ ଥୋଡ଼ି, ଆଖିରେ ମଧ୍ୟ ପରିବର୍ତ୍ତନ ହେଉଥିଲା । ତେଣୁ ଆଖପାଖରେ ଲୋକେ ସେମାନଙ୍କୁ ଦେଖି ଭୟ କରୁଥିଲେ । ଏହି ପରିବାରର ଲୋକେ ରାତିରେ ଝିଟିପିଟି ହୋଇ ଯାଉଥିବା ଗୁଜବ ମଧ୍ୟ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଚାରିତ ହେବାକୁ ଲାଗିଲା । ତେଣୁ ଏହି ପରିବାରର ଲୋକଙ୍କ ପାଖକୁ ଯିବାକୁ ସ୍ଥାନୀୟ ଅଞ୍ଚଳର ଲୋକେ ଭୟ କରନ୍ତି । ଅନ୍ୟପଟେ ଡାକ୍ତର ଏହି ସମସ୍ୟାକୁ ବଂଶାନୁଗତ ରୋଗ ବୋଲି କହୁଛନ୍ତି । ଏହି ପରିବାରର ଲୋକେ ଏକ ଦୁର୍ଲଭ ବଂଶାନୁଗତ ରୋଗରେ ପୀଡ଼ିତ ବୋଲି ଡାକ୍ତର କହୁଛନ୍ତି । ଏହି ରୋଗରେ ଚେହେରା, ଅସ୍ଥି ଏବଂ ତ୍ୱଚାରେ ଅସାଧାରଣ ଭାବେ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ବର୍ତ୍ତମାନ ଏହି ରୋଗର ନାଁ କିମ୍ବା ଏହାର ଚିକିତ୍ସା ପଦ୍ଧତି ବିଷୟରେ କିଛି ଜଣାପଡ଼ିନି । ତେଣୁ କାହିଁକି ଚେହେରା ପରିବର୍ତ୍ତନ ହେଉଛି ଏହା ଏବେ ବି ରହସ୍ୟ ଘେରରେ ରହିଛି । ଅନ୍ୟପଟେ ମୁରାଙ୍ଗ ପରିବାରର କାହାଣୀ ଅନେକଙ୍କ ପାଇଁ ଭୟ ସୃଷ୍ଟି କରିଛି ।

# ପାଣିରେ ଭାସୁଥିବା ମୁଦ୍ରା



ମୁଦ୍ରା ବା କଏନକୁ ପାଣିରେ ଫିଙ୍ଗିଲେ ଏହା ବୁଡ଼ିଯାଏ । ଏହା ଏକ ସାଧାରଣ କଥା । ହେଲେ ଦୁନିଆରେ ଏମିତି ଏକ ମୁଦ୍ରା ରହିଛି ଯାହା ପାଣିରେ ପଡ଼ିଲେ ବି ଭାସିଥାଏ । ଏମିତି ଏକ ମୁଦ୍ରା ଜାପାନରେ ଦେଖିବାକୁ ମିଳେ । ଏହା ପାଣିରେ ଭାସିବା ପଛରେ ବୈଜ୍ଞାନିକ କାରଣ ଅଛି । ସାଧାରଣତଃ ଜାପାନ ନୂଆ ନୂଆ ଟେକ୍ନୋଲୋଜି ପ୍ରୟୋଗରେ ସବୁବେଳେ ଆଗରେ ରହିଥାଏ । ଏବେ ଜାପାନର ଏହି ମୁଦ୍ରାକୁ ନେଇ ସାମାଜିକ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚା ହେଉଛି । ଜାପାନର ୧ ୟେନ୍‌ର ମୁଦ୍ରାର ସ୍ୱତନ୍ତ୍ରତା ହେଉଛି ଏହା ବହୁତ ହାଲୁକା । ଏହାର ଓଜନ ମାତ୍ର ୦.୯୯୯୨ ଗ୍ରାମ୍ । ଏହାର ବ୍ୟାସ ୨୦.୦୦ ମିଲିମିଟର ହୋଇଥିବାବେଳେ ଓସାର ୧.୪୬ ମିଲିମିଟର । ଏହି ମୁଦ୍ରାଟି ଆଲୁମିନିୟମ୍‌ରେ ତିଆରି ହୋଇଥିବାରୁ ଏହା ବେଶ୍ ହାଲୁକା ହୋଇଥାଏ, ଏଥିପାଇଁ ସହଜରେ ପାଣିରେ ବୁଡ଼ି ନଥାଏ । ପାଣି ଉପରେ ଏହି ମୁଦ୍ରାକୁ ରଖିଲେ ଏହା ଭାସିବାକୁ ଲାଗିଥାଏ । ଯଦି ମୁଦ୍ରାଟି ଉପରେ ଅତ୍ୟଧିକ ବଳ ପ୍ରୟୋଗ କରାଯାଏ, ତେବେ ଏହା ପାଣି ଭିତରକୁ ଚାଲିଯାଏ । ୧୮୭୦ ମସିହାରେ ୧ ୟେନ୍ ମୁଦ୍ରା ରୂପା ଏବଂ ସୁନାରେ ତିଆରି କରାଯାଉଥିଲା । ସେତେବେଳେ ମୁଦ୍ରାର ଓଜନ ଅଧିକ ରହୁଥିଲା । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆଲୁମିନିୟମ୍‌ର ଘନତ୍ୱ ୨.୭ ଗ୍ରାମ୍ ପ୍ରତି ସେଣ୍ଟିମିଟର ହୋଇଥାଏ । ପାଣିର ଘନତ୍ୱ ୧ ଗ୍ରାମ୍ ପ୍ରତି ସେଣ୍ଟିମିଟର ତେଣୁ ୧ ୟେନ୍ ଏତେ ହାଲୁକା ଯେ, ଏହା ପାଣିରେ ବୁଡ଼ି ପାରେନାହିଁ । ଜାପାନରେ ମୋଟ୍ ୬ ପ୍ରକାର ମୁଦ୍ରା ପ୍ରଚଳିତ । ତନ୍ମଧ୍ୟରେ ୧ ୟେନ୍, ୫ ୟେନ୍, ୧୦ ୟେନ୍, ୫୦ ୟେନ୍, ୫୦୦ ୟେନ୍ ରହିଛି । ଏଥିରୁ ୧ ୟେନ୍ ଏବଂ ୫ୟେନ୍ ମୁଦ୍ରା ଭେଣ୍ଡିଂ ମେସିନ୍‌ରେ ବ୍ୟବହାର କରା ଯାଇପାରେ ନାହିଁ । ଅନ୍ୟ ମୁଦ୍ରାଗୁଡ଼ିକ ସାଧାରଣତଃ ଦୈନନ୍ଦିନ କିଣାବିକାରେ ବ୍ୟବହାର କରାଯାଏ ।

## ଆଜିର ରାଶିଫଳ

**ମେଷ:** ନିଜ ରୁଚି ଅନୁସାରେ କାମ କରିବେ । ବନ୍ଧୁ ମିଳନ ଯୋଗ ରହିଛି । ଛାତ୍ରଛାତ୍ରୀମାନେ ସଫଳତା ପାଇବାକୁ କଠିନ ପରିଶ୍ରମ କରିବେ । ପରିବାରର ବରିଷ୍ଠ ସଦସ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି ।

**ବୃଷ:** ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ । ନକାରାତ୍ମକ ପ୍ରବୃତ୍ତିର ଲୋକଙ୍କ ସମ୍ପର୍କରେ ଆସିପାରନ୍ତି । ଅଚାନକ କୌଣସି ପ୍ରକାର ସମସ୍ୟାରେ ପଡ଼ିପାରନ୍ତି । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ ।

**ମିଥୁନ:** ଦୀର୍ଘ ଦିନର ଆଶା ପୂରଣ ହେବ । ମାନସିକ ଶାନ୍ତି ମିଳିବ । ଦୂରସମ୍ପର୍କୀୟଙ୍କ ସହ ଭେଟ ହୋଇପାରେ । ଅଫିସ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ପରିଶ୍ରମ ଅନୁସାରେ ଫଳ ମିଳିବ ।

**କର୍କଟ:** ଆଜି ପ୍ରଭାବଶାଳୀ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି । ନୂତନ ଦାୟିତ୍ୱ ମିଳିପାରେ । ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ । କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ । ଜମି କିଣିବା ଯୋଗ ଅଛି ।

**ସିଂହ:** ଦିନଟି ହସଖୁସିରେ ବିତିବ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ । ପ୍ରେମ ମାମଲାରେ ଦିନଟି ଭଲ । ବନ୍ଧୁଙ୍କ କଥା ଆଘାତ ଦେବ । ନିଜ ସାମର୍ଥ୍ୟ ମୁତାବକ ଅନ୍ୟମାନଙ୍କୁ ସାହାଯ୍ୟ କରିବେ ।

**କନ୍ୟା:** କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ । ନିଜର କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଖର୍ଚ୍ଚାନ୍ତ ହୋଇପାରନ୍ତି । ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ ।

**ତୁଳା:** ପରିଶ୍ରମର ଫଳ ମିଳିବ । ନିଜ ଲୋକ ଶତ୍ରୁ ସାଜି ପାରନ୍ତି । ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ଆଗେ ପ୍ରକାଶ କରନ୍ତୁନି । ଶାରୀରିକ ଏବଂ ମାନସିକ ଥକ୍କାପଣ ଅନୁଭବ କରିପାରନ୍ତି ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ । ସନ୍ତାନଙ୍କ ସହ ବୁଲିବାକୁ ଯିବେ । ସ୍ୱାଦିଷ୍ଟ ଖାଦ୍ୟ ଖାଇବେ । ବନ୍ଧୁମିଳନ ଯୋଗ ଅଛି । ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ । ଚିନ୍ତାଗ୍ରସ୍ତ ରହିବେ । ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ । ବିରୋଧୀଙ୍କଠାରୁ ଦୂରେଇ ରହିବେ । ପତି-ପତ୍ନୀଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇପାରେ ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ । ସମୟର ସଠିକ ଉପଯୋଗ କରିବେ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ । ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ ।

**କୁମ୍ଭ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରନ୍ତୁ । ଅଫିସ୍‌ରେ କାର୍ଯ୍ୟଭାର କମ୍ ହୋଇପାରେ । ବୈବାହିକ ଜୀବନ ମଜଭୁତ୍ ହେବ ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ । ବନ୍ଧୁ ମିଳନ ଯୋଗ ଅଛି । ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ ମତ ଭେଦ ହୋଇପାରେ । ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

# ଆହୁରି ୩ ଦିନ କଲବଲ କରିବ ଶୀତ

## ୧୦ ଡିଗ୍ରୀ ତଳେ ରାଜ୍ୟର ୨୩ ସହର

ଭୁବନେଶ୍ୱର, ୭ ।୧ (ସମିସ): ରାଜ୍ୟରେ ଜାରି ରହିଛି ଅସହ୍ୟ ଶୀତ। ଗତ ୩ ଦିନ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ପ୍ରାୟ ୬-୭ ଡିଗ୍ରୀ ପର୍ଯ୍ୟନ୍ତ କମିଛି। ଫଳରେ ଗତ ୨୪ ଘଣ୍ଟାରେ ରାଜ୍ୟର ୨୩ ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ବେଳେ ୩୮ ଟି ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରେକର୍ଡ ହୋଇଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ଜି. ଉଦୟଗିରିରେ ପାରଦ ୩ ଡିଗ୍ରୀକୁ ଖସିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ମଙ୍ଗଳବାର ରାତିରୁ ବୁଧବାର ସକାଳ ମଧ୍ୟରେ ଜି.ଉଦୟଗିରି ୩ ଡିଗ୍ରୀ ସହ ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି। ସେହିପରି ସେମିଲିଗୁଡା ୪.୧, ଫୁଲବାଣୀ ୫, ରାଉରକେଲା ୫.୧, ଝାରସୁଗୁଡା ୫.୪, ଦାରିଙ୍ଗବାଡ଼ି ୭, ସୁନ୍ଦରଗଡ଼ର କିରେଇ ୭.୪, କେନ୍ଦୁଝରର ୭.୬, ସୁନ୍ଦରଗଡ ୭.୮, ଭବାନୀପାଟଣା ୭.୮, ଚିପିଲିମା ୭.୭, ଅନୁଗୁଳ ୮, କୋରାପୁଟ ୮.୫, ବଲାଙ୍ଗୀର ୮.୫, ବାରିପଦା ୮.୬, ଢେଙ୍କାନାଳ ୮.୬, ନବରଙ୍ଗପୁର ୯.୫, କଟକ ୯.୬, ସୋନପୁର ୯.୬, ବାଲେଶ୍ୱର ୯.୮, ସମ୍ବଲପୁର ୯.୯ ଓ ରାୟଗଡ଼ାରେ ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ ହୋଇଛି। କଟକ-ଭୁବନେଶ୍ୱରରେ ତାପମାତ୍ରା ଯଥେଷ୍ଟ ତଳକୁ ଖସିବା ସହ ପ୍ରଥମ ଥର ପାଇଁ କଟକରେ ପାରଦ ୯.୬ ଡିଗ୍ରୀ ରେକର୍ଡ ହୋଇଛି। ଏହା ପ୍ରଭାବରେ ଦ୍ୱୈତ ନଗରୀରେ ପ୍ରବଳ ଶୀତ ଅନୁଭୂତ ହୋଇଛି।

ପାଣିପାଗ କେନ୍ଦ୍ର କହିଛି ଯେ ଗତ ୩ ଦିନ ମଧ୍ୟରେ ରାଜ୍ୟର ୬ ଟି ସ୍ଥାନରେ ତାପମାତ୍ରା ୫-୭ ଡିଗ୍ରୀ ହ୍ରାସ ହୋଇଛି। ଏଥିରେ ଝାରସୁଗୁଡାରେ ୬.୨ ଡିଗ୍ରୀ ଖସିଥିବା ବେଳେ କେନ୍ଦୁଝରରେ ୬.୪, ବାଲେଶ୍ୱର ୫.୬, ଭୁବନେଶ୍ୱର ୭.୨, ଚାନ୍ଦବାଲି ୫.୬ ଓ ପାରାଦୀପରେ ତାପମାତ୍ରା ୬.୨ ଡିଗ୍ରୀ କମିଛି। ଗତ ୨୪ ଘଣ୍ଟାରେ ଝାରସୁଗୁଡ଼ାରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୬.୪ ଡିଗ୍ରୀ ତଳେ ରେକର୍ଡ କରାଯାଇଛି। ଅନ୍ୟପଟେ ଏଭଳି ସ୍ଥିତି ୧୦ ତାରିଖ ସକାଳ ପର୍ଯ୍ୟନ୍ତ ଜାରି ରହିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୩ ଦିନ ପାଇଁ ବିଭିନ୍ନ ଜିଲ୍ଲାକୁ ଶୀତ ଲହରୀ (କୋଲ୍ଡ ୱେଭ୍) ସତର୍କ ସୂଚନା ଜାରି କରାଯାଇଛି। ଜଗତସିଂହପୁର, କଟକ, ବାଲେଶ୍ୱର, ଖୋର୍ଦ୍ଧା, ଅନୁଗୁଳ, ଝାରସୁଗୁଡ଼ା, କେନ୍ଦୁଝର, ଢେଙ୍କାନାଳ, ସୁନ୍ଦରଗଡ଼, କଳାହାଣ୍ଡି, କନ୍ଧମାଳ, ସୋନପୁର ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ଥଣ୍ଡା ଅନୁଭୂତ ହେବ ବୋଲି ପାଣିପାଗ କେନ୍ଦ୍ର କହିଛି। ଆସନ୍ତା ୩ ଦିନ ପରେ ରାଜ୍ୟର କିଛି ସ୍ଥାନରେ ବିଶେଷ କରି ଉପକୂଳବର୍ତ୍ତୀ ଜିଲ୍ଲାରେ ତାପମାତ୍ରା ୨-୩ ଡିଗ୍ରୀ ବୃଦ୍ଧି ପାଇବ। ୨ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଅପରିବର୍ତ୍ତିତ ରହି ପୁଣି ଏହା ପରେ ତାପମାତ୍ରାରେ ହ୍ରାସ ଘଟିବ ବୋଲି ପାଣିପାଗ କେନ୍ଦ୍ର ନିଜ ବୁଲେଟିନ୍‌ରେ ଦର୍ଶାଇଛି। ଶିମିଳିପାଳରେ ଚଳିତ ବର୍ଷ ସର୍ବନିମ୍ନ ତାପମାତ୍ରା ଶୂନ୍(୦) ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଛି।

**ଶିମିଳିପାଳରେ ଶୂନ ଡିଗ୍ରୀକୁ ଖସିଲା ପାରଦ**

ଅନ୍ୟପଟେ ମଙ୍ଗଳବାର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି ମାତ୍ର ଏହାର ସିଧାସଳଖ ପ୍ରଭାବ ଓଡ଼ିଶା ଉପରେ ରହିବ ନାହିଁ ବୋଲି ଆକଳନ କରାଯାଇଛି।

## ସଂଘକୁ ବିଭାଜିତ କଲା ରାଜନଗର ବିଡିଓଙ୍କୁ ଆକ୍ରମଣ ଘଟଣା

# ରାଜ୍ୟ ଓଏଏସ୍ ସଂଘରେ 'ବରିଷ୍ଠ'- 'କନିଷ୍ଠ' ବିଭେଦ

ଭୁବନେଶ୍ୱର, ୭ ।୧ (ସମିସ): କେନ୍ଦ୍ରାପଡ଼ା ରାଜନଗର ବ୍ଲକ୍ ବିଡିଓଙ୍କୁ ଆକ୍ରମଣ ଘଟଣାକୁ ୭ ଦିନ ବିତିବାକୁ ବସିଛି। ଏହି ଆକ୍ରମଣ ଘଟଣାର ସିସିଟିଭି ଫୁଟେଜ୍ ରାଜ୍ୟବ୍ୟାପୀ ଘୂରି ବୁଲୁଛି। ଜଣେ ମହିଳା ସରକାରୀ ଅଧିକାରୀଙ୍କୁ ଏକାଧିକ ବ୍ୟକ୍ତି ଘେରିଯାଇ ଭୟଭୀତ କରାଇବା ସହ ଆକ୍ରମଣ କରିବାକୁ ଉଦ୍ୟମ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ମାତ୍ର ଏହି ଘଟଣାରେ ରାଜ୍ୟ ଓଏଏସ୍ ସଂଘର ରହସ୍ୟମୟ ନିରବତା ସବୁଠାରୁ ବଡ଼ ପ୍ରଶ୍ନ ଭାବରେ ଉଭା ହୋଇଛି। ରାଜ୍ୟର ଏକ ପ୍ରମୁଖ ସ୍ଥାନରେ ଜଣେ ମହିଳା ଓଏଏସ୍ ଅଧିକାରୀଙ୍କୁ ଏଭଳି ଆକ୍ରମଣ ଉଦ୍ୟମରେ ରାଜ୍ୟ ଓଏଏସ୍ ସଂଘ କାହିଁକି ପାଟି ଫିଟାଉନାହିଁ, ତାହାକୁ କନିଷ୍ଠ ବର୍ଗ ଅଧିକାରୀଙ୍କ ମନରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ବିଏମ୍‌ସିରେ ଜଣେ ବରିଷ୍ଠ ଓଏଏସ୍‌ଙ୍କୁ ମାଡ଼ ଘଟଣାରେ ସଂଘ ଏକାଠି ହୋଇ ପ୍ରତିବାଦ କରିଥିବାବେଳେ ରାଜନଗର ବିଡ଼ିଓଙ୍କ ଆକ୍ରମଣ ଘଟଣାରେ ତାହାର ବିପରୀତ ଦେଖିବାକୁ ମିଳୁଛି। ବରିଷ୍ଠ ଅଧିକାରୀ ଓ କନିଷ୍ଠ ଅଧିକାରୀଙ୍କ ପ୍ରତି ସଂଘର ଭିନ୍ନଭିନ୍ନ ଆଭିମୁଖ୍ୟ ସଂଗଠନରେ ବିଭାଜନ ସୃଷ୍ଟି କରିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଓଏଏସ୍ ସଂଘର ଏଭଳି ନିରବତାକୁ ନେଇ ଅସନ୍ତୋଷ କୁହୁଳିବା ଆରମ୍ଭ କରିଛି। ବିଶେଷ କରି କନିଷ୍ଠ ଓଏଏସ୍‌ମାନେ ଏହି ଘଟଣାରେ ପ୍ରତିକ୍ରିୟାଶୀଳ ରହିଥିବା ବେଳେ ରାଜ୍ୟ ସଂଘର ଏହି ଘଟଣାରେ ଆଭିମୁଖ୍ୟ ସ୍ପଷ୍ଟ କରିବାର ଆବଶ୍ୟକତା ରହିଛି ବୋଲି ଦାବି କରୁଛନ୍ତି। ଅନ୍ୟପଟେ ସଂଘର ୨ ବର୍ଷିଆ

**କର୍ମକର୍ତ୍ତାଙ୍କ ଆଭିମୁଖ୍ୟକୁ ନେଇ ସଂଗଠନରେ ଅସନ୍ତୋଷ**

କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ଆଗାମୀ ନିର୍ବାଚନକୁ ନେଇ ମଧ୍ୟ ଛକାପଞ୍ଝା ଲାଗିଥିବା ଚର୍ଚ୍ଚା ହେଉଛି। ଏହି ମାମଲାରେ କେନ୍ଦ୍ରାପଡ଼ା ଜିଲ୍ଲା ଓଏଏସ୍ ସଂଘ ଜିଲ୍ଲାପାଳଙ୍କୁ ସାକ୍ଷାତ କରି କାର୍ଯ୍ୟାନୁଷ୍ଠାନ ଦାବି କରି ସାରିଥିଲେ ମଧ୍ୟ ରାଜ୍ୟ ସଂଘ ଘଟଣାରେ ଅସମ୍ଭବ ନିରବତା ପ୍ରଦର୍ଶନ କରିବା କନିଷ୍ଠ ଅଧିକାରୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏହା ପୂର୍ବରୁ ବିଏମ୍‌ସି ଅତିରିକ୍ତ କମିସନର ରତ୍ନାକର ସାହୁଙ୍କ ଆକ୍ରମଣ ଘଟଣାରେ ଓଏଏସ୍ ସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲା। ଏମିତି କି ସାରା ରାଜ୍ୟରେ ଓଏଏସ୍‌ମାନେ କାର୍ଯ୍ୟ ବନ୍ଦ ଡାକରା ଦେଇଥିଲେ। ଓଏଏସ୍ ସଂଘକୁ ଆଇଏଏସ୍ ସଂଘ ଓ ରାଜ୍ୟ ଅମଲା ସଂଘ ମଧ୍ୟ ସମର୍ଥନ ଜଣାଇଥିଲା। ଅନୁରୂପ ଭାବରେ ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ତତ୍କାଳୀନ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣାରେ ମଧ୍ୟ ଏଏସ୍‌ଓ ସଂଘ ମୁଖର ହୋଇଥିଲା। ରାଜ୍ୟପାଳଙ୍କ ପୁଅଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ସହ ସଂଘ ପ୍ରବଳ ଚାପ ସୃଷ୍ଟି କରିଥିଲା। ମାତ୍ର ରାଜନଗର ବିଡିଓଙ୍କ କ୍ଷେତ୍ରରେ ଏହାର ଓଲଟା ଦୃଶ୍ୟ ଦେଖିବାକୁ ମିଳିଛି। ନିଜ ସଂଘର ଜଣେ ମହିଳା ସଦସ୍ୟାଙ୍କୁ ଆକ୍ରମଣ ଉଦ୍ୟମ ହେବା ଓ ସେବେଠାରୁ ସମ୍ପୃକ୍ତ ମହିଳା ଅଧିକାରୀ ଛୁଟିରେ ଚାଲିଯାଇଥିଲେ ମଧ୍ୟ ରାଜ୍ୟ ସଂଘ ଚୁପ୍‌ଚାପ୍ ବସି ରହିବା ଅନ୍ୟ ସଦସ୍ୟଙ୍କୁ ଆଚମ୍ବିତ କରିଛି।

ରାଜ୍ୟର ଆଇନ୍ ଶୃଙ୍ଖଳା ସ୍ଥିତି ଓ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷା ପ୍ରତି ଏହି ଘଟଣା ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ବିଶେଷ କରି ଯେଉଁଠାରେ ଶାସକ ବିଜେପିର ପ୍ରାର୍ଥୀମାନେ ପରାଜିତ ହୋଇଛନ୍ତି, ସେଠାରେ ସ୍ଥିତି ସମ୍ବେଦନଶୀଳ ରହିଛି। ବିଏମ୍‌ସି ଅତିରିକ୍ତ କମିସନରଙ୍କ ମରଣାନ୍ତକ ଆକ୍ରମଣ ଘଟଣାରେ ସରକାରୀ ଦଳର ଜଣେ ପରାଜିତ ପ୍ରାର୍ଥୀଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ହେବା ସହ ସେ ଗିରଫ ହୋଇଥିଲେ। ଏହାର ମାସ କେଇଟା ନ ପୂରୁଣୁ ପୁଣି ଏକ ସମାନ ଧରଣର ଘଟଣା ଘଟିବା ଓ ଏଥିରେ ମଧ୍ୟ ଜଣେ ସରକାରୀ ଦଳର ପରାଜିତ ପ୍ରାର୍ଥୀଙ୍କ ଉପରେ ଅଙ୍ଗୁଳି ଉଠିବା ମାମଲାର ଗୁରୁତ୍ୱକୁ ବଢ଼ାଇ ଦେଇଛି। ଏହି ଘଟଣା ବିଜେଡି ସାମ୍ବାଦିକ ସମ୍ମିଳନୀ କରିବା ସହ ଅଭିଯୁକ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଏହାସହିତ ରାଜନଗରର ବ୍ଲକ୍ ଅଧକ୍ଷା ମଧ୍ୟ ଥାନାରେ ଏତଲା ଦେଇଛନ୍ତି। ଏମିତି କି ଘଟଣାରେ ରାଜନଗର ସରପଞ୍ଚ ଓ ସମିତିସଭ୍ୟମାନେ ବ୍ଲକ୍ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ ମଧ୍ୟ ସରକାର ଏପର୍ଯ୍ୟନ୍ତ କାହିଁକି ଏହି ଘଟଣାରେ ଚୁପ୍ ବସିଛନ୍ତି ତାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି।

# କୃଷି ଯନ୍ତ୍ରପାତି ସବ୍‌ସିଡି ଭେଲିକି

## ମେଳା ସରିଲା; ମାତ୍ର ଟାର୍ଗେଟ୍ ଦେଲେନି ସରକାର

ଭୁବନେଶ୍ୱର,୭ ।୧(ସମିସ): କୃଷି କାର୍ଯ୍ୟରେ କୃଷକଙ୍କୁ ସହଯୋଗ କରିବା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାରକୁ ସରକାର ପ୍ରୋତ୍ସାହନ ଦେଉଛନ୍ତି। ବ୍ଲକ୍ ଓ ଜିଲ୍ଲା ସ୍ତରରେ କୃଷି ଯନ୍ତ୍ରପାତି ମେଳା କରି କୃଷକଙ୍କୁ ଆଧୁନିକ ଯନ୍ତ୍ରପାତି ପ୍ରତି ଆକୃଷ୍ଟ କରୁଛନ୍ତି। ଚାଷ ପାଇଁ ବ୍ୟବହୃତ ଯନ୍ତ୍ରପାତି କିଣିବାରେ ରିହାତି (ସବ୍‌ସିଡି) ଦେବାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ମାତ୍ର ଦୀର୍ଘ ମାସରୁ ଚାଷୀଙ୍କୁ ଯନ୍ତ୍ରପାତି ଯୋଗାଇବାକୁ କୌଣସି ଟାର୍ଗେଟ୍ ଉପଲବ୍ଧ ନାହିଁ। ଅର୍ଥାତ୍ ଟାର୍ଗେଟ୍ ନ ଥିବାରୁ ଚାଷୀମାନେ ରିହାତି ଦରରେ ଯନ୍ତ୍ରପାତି କିଣିପାରୁ ନାହାନ୍ତି। ଫଳରେ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରି ଚାଷ କରିବାକୁ ଅପେକ୍ଷା କରିଥିବା ଚାଷୀ ସବ୍‌ସିଡି ଟାର୍ଗେଟ୍‌କୁ ଚାତକ ପରି ଚାହିଁ ରହିଛନ୍ତି।

ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ବ୍ଲକ୍ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ସମେତ ଜିଲ୍ଲା ସ୍ତରୀୟ ମେଳା ମଧ୍ୟ ସରିଛି। ଟ୍ରାକ୍ଟର, ପାୱାରଟିଲର୍, ରୋଟାଭେଟର୍, ପାଣି ପମ୍ପ ପରି ଅନେକ ଅତ୍ୟାଧୁନିକ ଯନ୍ତ୍ରପାତି ପ୍ରଦର୍ଶିତ ହୋଇଛି। କୃଷକମାନେ ସେସବୁ ବୁଲି ଦେଖିବା ସହ ତାହାର ଉପଯୋଗ ସମ୍ପର୍କରେ ଜାଣିଛନ୍ତି। ମାତ୍ର ମେଳା ସରିଥିଲେ ମଧ୍ୟ ସରକାର ମେଳା ଟାର୍ଗେଟ୍ ଦେଇ ନ ଥିବାରୁ ବହୁ ଚାଷୀ ସେମାନଙ୍କ ଆବଶ୍ୟକ ଯନ୍ତ୍ରପାତିକୁ ରିହାତିରେ କିଣି ପାରି ନାହାନ୍ତି। ରିହାତି ଦରକୁ ବାଦ୍ ଦେବା ପରେ ଆବଶ୍ୟକ ଅର୍ଥ ପୈଠ କରି ଡିଲର୍ ଠାରୁ ମେସିନାରୀ କିଣିବାର ପ୍ରାବଧାନ ରହିଛି। ଏଣୁ ଆଗୁଆ ଯନ୍ତ୍ରପାତି ଦେଇ ପରେ ସବ୍‌ସିଡି ଆବେଦନ କରିବାକୁ ଡିଲର୍‌ମାନେ ରିସ୍କ ବୋଲି ଭାବୁଛନ୍ତି। ଫଳରେ ରିହାତିରେ ଚାଷୀଙ୍କୁ ମେସିନାରୀ ଦେବାକୁ ସେମାନେ କୁଣ୍ଠାବୋଧ କରୁଛନ୍ତି। ଏପରିକି ମେଳା ସମୟରେ ଅନେକ ଚାଷୀ ଡିଲର୍‌ଙ୍କ ଠାରୁ ସମ୍ପୂର୍ଣ୍ଣ ଦାମ୍ ଦେଇ ମେସିନାରୀ କିଣିଛନ୍ତି। ସରକାର ଟାର୍ଗେଟ୍ ଦେବା ପରେ ବୁକ୍ କରି ସେମାନଙ୍କ ବ୍ୟାଙ୍କ ଖାତାକୁ ସବ୍‌ସିଡି ଅର୍ଥ ପଠାଯିବ ବୋଲି ଡିଲର୍‌ମାନେ କହୁଛନ୍ତି। ଫଳରେ ଗରୀବ ଚାଷୀମାନେ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି।

ପୂର୍ବରୁ ବାର୍ଷିକ ଟାର୍ଗେଟ୍ ସମେତ ମେଳା ଆରମ୍ଭ ସମୟରେ ଜିଲ୍ଲାୱାରୀ ମେଳା ଟାର୍ଗେଟ୍ ଦିଆଯାଉଥିଲା। ଫଳରେ ମେଳାରୁ ଯନ୍ତ୍ରପାତି ଦେଖି କିଣିବାକୁ ଚାହୁଁଥିବା ଚାଷୀ ସବସିଡିରେ ମେସିନାରୀ କିଣି ପାରୁଥିଲେ। ଚଳିତ ବର୍ଷ ମେଳା ସମୟରେ ସରକାର ଟାର୍ଗେଟ୍ ଦେଇ ନ ଥିବାରୁ ମେଳା କେବଳ ଯନ୍ତ୍ରପାତି ଦେଖିବା ପାଇଁ ଉଦ୍ଦିଷ୍ଟ, କିଣିବା ପାଇଁ ନୁହେଁ ବୋଲି ଚାଷୀମାନେ କ୍ଷୋଭର ସହ ମତବ୍ୟକ୍ତ କରିଛନ୍ତି। ସେହିପରି ଟ୍ରାକ୍ଟର, ରୋଟାଭେଟର୍, ପାୱାର ଟିଲର୍‌ର ଚାହିଦା ବହୁ ଅଧିକ ରହିଛି। ସମସ୍ତ ଟାର୍ଗେଟ୍ ସରିବା ସହ ଅଗ୍ରୀମ ବୁକିଂ ମଧ୍ୟ ହେଲାଣି। ଏଣୁ ସରକାର ସମସ୍ତ ୬୬ ପ୍ରକାର ଯନ୍ତ୍ରପାତି କ୍ରୟ ପାଇଁ ତୁରନ୍ତ ଟାର୍ଗେଟ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ସପ୍ତାହରେ ଟ୍ରାକ୍ଟର ପାଇଁ ରାଜ୍ୟ ଭିତ୍ତିକ ଟାର୍ଗେଟ୍ ଦିଆଯିବ। ଏହି ସମୟରେ ଚାଷୀମାନେ ନୂତନ କ୍ରୟ ପାଇଁ ବୁକ୍ କରିପାରିବେ। ମାତ୍ର ରୋଟାଭେଟର୍, ପାଣି ପମ୍ପ ପରି ଅନ୍ୟ ଯନ୍ତ୍ରାଂଶ ଟାର୍ଗେଟ୍ କେବେ ଦିଆଯିବ ସେନେଇ କୌଣସି ନିଷ୍ପତ୍ତି ହୋଇ ନ ଥିବା ଜଣାପଡ଼ିଛି।

## ଯୁବକଙ୍କ ଆକ୍ରମଣ: ବାପା ଓ ପଡ଼ୋଶୀ ମୃତ

ରାଇରଙ୍ଗପୁର/କରଞ୍ଜିଆ, ୭।୧ (ସମିସ): ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କ ଆକ୍ରମଣରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। କରଞ୍ଜିଆ ଥାନା ଅନ୍ତର୍ଗତ କୁଶପଦା ଗ୍ରାମରେ ଘଟିଛି ଏପରି ହୃଦୟ ବିଦାରକ ଘଟଣା। ମୃତକଦ୍ୱୟ ହେଲେ ବାପା ପ୍ରଫୁଲ୍ଲ ପାତ୍ର ଓ ପଡ଼ୋଶୀ ଗଣେଶ୍ୱର ପାତ୍ର। ସୂଚନା ଥାଉକି, ସେହି ଗ୍ରାମର ଯୁବକ ମଣ୍ଟୁ ପାତ୍ର ବୁଧବାର ଅପରାହ୍ଣ ୪ଟାରେ ଏକ କୁରାଢ଼ିରେ ପଡ଼ୋଶୀ ଗଣେଶ୍ୱର ପାତ୍ର, ବାପା ପ୍ରଫୁଲ୍ଲ ପାତ୍ର ଓ ନିଜ ଭାଇକୁ ଆକ୍ରମଣ କରିଛି। ଘଟଣାସ୍ଥଳରେ ଗଣେଶ୍ୱର ପାତ୍ର ଓ ବାପା ପ୍ରଫୁଲ୍ଲ ପାତ୍ରଙ୍କର ମୃତ୍ୟୁ ହୋଇଥିବାବେଳେ ଭାଇ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଖବର ପାଇ କରଞ୍ଜିଆ ଥାନା ପୁଲିସ ପହଞ୍ଚି ଯୁବକଙ୍କୁ ଅଟକ ରଖିବା ସହିତ ଅଧିକ ତଦନ୍ତ ଜାରି ରଖିଛି।

## ରାଜ୍ୟରେ କାର୍ଯ୍ୟାନ୍ୱୟନ ହେବ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ

ଭୁବନେଶ୍ୱର,୭।୧(ସମିସ): ରାଜ୍ୟରେ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନର କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ପ୍ରଥମେ କେଉଁଝର ଜିଲ୍ଲାରେ ଏକ ପାଇଲଟ୍ ପ୍ରକଳ୍ପ ଭାବରେ ଆରମ୍ଭ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଏହାର ସଫଳତାକୁ ଅନୁଧ୍ୟାନ କରାଯାଇ ସମଗ୍ର ରାଜ୍ୟରେ ଏହାର ସଂପ୍ରସାରଣ କରାଯିବ। ସ୍ୱାସ୍ୟ ବିଭାଗର ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ସୂଚନା ଅନୁଯାୟୀ, ଡିଜିଟାଲ୍ ମିଶନ ଦ୍ୱାରା ଆପଏଣ୍ଟମେଣ୍ଟ, ବୁକିଙ୍ଗ୍, ରେଫରାଲ୍ ଓ ଫଲୋଅପ୍ ଭଳି ଅଧିକାଂଶ ସ୍ୱାସ୍ଥ୍ୟସେବା କାର୍ଯ୍ୟ ଡିଜିଟାଲ ମାଧ୍ୟମରେ କରାଯିବ। ଏହାଦ୍ୱାରା ରୋଗୀମାନଙ୍କ ପ୍ରତୀକ୍ଷା ସମୟ କମିବ ଏବଂ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ସର୍ବୋତ୍ତମ ବ୍ୟବହାର ହୋଇପାରିବ। ଏଥିସହିତ ଡାକ୍ତରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ଡିପ୍ଲୋମା ଅଫ୍ ନ୍ୟାସନାଲ ବୋର୍ଡ(ଡିଏନ୍‌ବି) ପାଠ୍ୟକ୍ରମ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏଥିରେ ଡାକ୍ତରମାନେ ପ୍ରାକ୍ଟିକାଲ୍ ଓ କ୍ଲିନିକାଲ୍ ଟ୍ରେନିଂ ପାଇ ସ୍ପେସିଆଲାଇଜେସନ୍ କରିପାରିବେ। ସାରା ରାଜ୍ୟରେ ଆୟୁଷ ଔଷଧକୁ ଲୋକପ୍ରିୟ କରିବା ପାଇଁ ଆୟୁଷ ଡାକ୍ତରମାନେ କେବଳ ଆୟୁର୍ବେଦିକ ଔଷଧ ହିଁ ଲେଖିବେ ଏବଂ କୌଣସି ଏଲୋପାଥିକ ଔଷଧ ପ୍ରେସ୍‌କ୍ରାଇବ୍ କରିବେ ନାହିଁ। ତତ୍‌ସହିତ ଓଡ଼ିଶାରେ ଆୟୁଷ ଡାକ୍ତରମାନଙ୍କର ସେବାକୁ ଅଗ୍ରାଧିକାର ଦେବା ନିମନ୍ତେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଗୁଡ଼ିକରେ ଆୟୁର୍ବେଦିକ ଓ ହୋମିଓପାଥି ମେଡିସିନ ଉପଲବ୍ଧ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

**କେବଳ ଆୟୁର୍ବେଦିକ ଔଷଧ ଲେଖିବେ ଆୟୁଷ ଡାକ୍ତର**

## ସମ୍ବଲପୁର-ଝାରସୁଗୁଡ଼ା ବିକଳ୍ପ ରାଜପଥ ନିର୍ମାଣ ଲାଗି ଧର୍ମେନ୍ଦ୍ରଙ୍କ ପ୍ରସ୍ତାବ

ଭୁବନେଶ୍ୱର,୭।୧(ସମିସ): ଶିଳ୍ପ ସମୃଦ୍ଧ ସମ୍ବଲପୁର ଓ ଝାରସୁଗୁଡ଼ା ମଧ୍ୟରେ ଯୋଗାଯୋଗକୁ ଅଧିକ ସୁଦୃଢ଼ କରିବା ପାଇଁ ଏକ ବୈକଳ୍ପିକ ଜାତୀୟ ରାଜପଥ ନିର୍ମାଣ କରାଯାଉ। ବୁଧବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀରେ



କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀଙ୍କୁ ସାକ୍ଷାତ୍ କରି ଉପରୋକ୍ତ ଅନୁରୋଧ କରିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁର ଏବଂ ଝାରସୁଗୁଡ଼ା ଜିଲ୍ଲା ଓଡ଼ିଶାର ଅର୍ଥନୀତିର ପେଣ୍ଠସ୍ଥଳ। ଏହି ନୂତନ ଜାତୀୟ ରାଜପଥ ନିର୍ମାଣ ହେବା ଫଳରେ ଏହି ଅଞ୍ଚଳରେ ଶିଳ୍ପାୟନର ଗତି ତ୍ୱରାନ୍ୱିତ ହେବ ଏବଂ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଜାତୀୟ ରାଜପଥ ସମ୍ବଲପୁର ଓ ଝାରସୁଗୁଡ଼ାକୁ ସଂଯୋଗ କରିବା ସହ ଓଡ଼ିଶାର ଶିଳ୍ପ ଓ ଆଞ୍ଚଳିକ ବିକାଶ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହେବ। ଏହା କେବଳ ପରିବହନ ନୁହେଁ ବରଂ ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ମଧ୍ୟ ବୈପ୍ଳବିକ ପରିବର୍ତ୍ତନ ଆଣିବ। ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ପରିକଳ୍ପନାରେ ଓଡ଼ିଶାର ଭିତ୍ତିଭୂମି ବିକାଶକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି । ଏହି ବୈକଳ୍ପିକ ରାଜପଥ ନିର୍ମାଣ ହେଲେ ଏହା ଜନସାଧାରଣଙ୍କ ସାମାଜିକ ଓ ଅର୍ଥନୈତିକ ଜୀବନଶୈଳୀରେ ବ୍ୟାପକ ସୁଧାର ଆଣିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

## ପୂର୍ବତନ ଆର୍‌ଆଇଙ୍କୁ ୨ ବର୍ଷ ଜେଲ୍

କଟକ ,୭ ।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ତହସିଲ ଅନ୍ତର୍ଗତ ପେଟଛେଲା ରାଜସ୍ୱ ମଣ୍ଡଳର ପୂର୍ବତନ ରାଜସ୍ୱ ନିରୀକ୍ଷକ (ଆରଆଇ) ଗୁଣନିଧି ବେହେରା ଆଜି ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ତାଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନା ଆଦେଶ ଦେଇଛନ୍ତି। ଆରଆଇ ଥିବା ବେଳେ ଶ୍ରୀ ବେହେରା ଜଣେ ଅଗ୍ନିବିପନ୍ନ ବ୍ୟକ୍ତିଙ୍କୁ ତାଙ୍କର ସରକାରୀ ସହାୟତା ରାଶି ପ୍ରଦାନ କରିବା ପାଇଁ ତହସିଲଦାରଙ୍କ ଆଗରେ ଚିହ୍ନଟ କରିବା ବଦଳରେ ଲାଞ୍ଚ ଦାବି କରିଥିଲେ। ସହାୟତା ପାଇବା ପାଇଁ ଜଣେ ଦୁର୍ଦ୍ଦଶାଗ୍ରସ୍ତ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଧରିଥିଲା। ସେ ବର୍ତ୍ତମାନ ଅବସରପ୍ରାପ୍ତ ଗ୍ରହଣ କରିସାରିଥିବାରୁ ଭିଜିଲାନ୍ସ ବିଭାଗ ତାଙ୍କର ପେନସନ ବନ୍ଦ କରିବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ସୁପାରିସ କରିବ ବୋଲି କହିଛି।

## ନାବାଳିକାକୁ ପ୍ରେମ ପାଇଁ ପ୍ରେମିକ ଦଣ୍ଡିତ

# କଙ୍ଗାରୁ କୋର୍ଟରେ ଉଲଗ୍ନ କରି ମାଡ଼

ରାଇରଙ୍ଗପୁର,୭।୧(ସମିସ): ନାବାଳିକା ସହ ଯୁବକଙ୍କ ପ୍ରେମ ସମ୍ପର୍କ ଘଟଣାକୁ ନେଇ କଙ୍ଗାରୁ କୋର୍ଟ ହୋଇଛି। ଲୋକେ ଆଇନକୁ ହାତକୁ ନେଇ ଜଣେ ଯୁବକଙ୍କୁ ଉଲଗ୍ନ କରି ମାଡ଼ମାରି ରକ୍ତାକ୍ତ କରିଛନ୍ତି। ଏହାପରେ ଦଉଡ଼ିରେ ହାତ ବାନ୍ଧି ରାସ୍ତାରେ ଉଲଗ୍ନ କରି ବୁଲାଇଛନ୍ତି। ଏଭଳି ଏକ ଘଟଣା ବହଳଦା ଥାନା ଅଞ୍ଚଳରେ ଘଟିଛି।

ସୂଚନା ଅନୁଯାୟୀ, ଜନୈକା ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବତୀଙ୍କ ଜଣେ ଯୁବକଙ୍କ ସହିତ ପୂର୍ବରୁ ପ୍ରେମ ସମ୍ପର୍କ ରହିଥିଲା। ଯାହାକୁ ନେଇ ଗଣ୍ଡଗୋଳ ହୋଇଥିବାବେଳେ ଥାନାରେ ମାମଲା ହୋଇଥିଲା। ଗତ ଜାନୁଆରୀ ୨ ତାରିଖରେ ଉଭୟ ଯୁବକ ଓ ଯୁବତୀ ଭେଟ କରିବାକୁ ଆସିଥିବାବେଳେ ଯୁବତୀଙ୍କ ସମ୍ପର୍କୀୟମାନେ ଦେଖି ଅଟକାଇଥିଲେ। ଯୁବକଙ୍କ କାର୍‌କୁ ଭାଙ୍ଗିବା ସହ ମାଡ଼ ମାରି ରକ୍ତାକ୍ତ କରିଥିଲେ। ଉଲଗ୍ନ କରି ତାଙ୍କ ହାତକୁ ଦଉଡ଼ିରେ ବାନ୍ଧି ରାସ୍ତାରେ ଚଲାଇ ଚଲାଇ ବୁଲାଇଥିଲେ। ଯାହାର ଭିଡିଓ ମୋବାଇଲରେ ଉତ୍ତୋଳନ କରିଥିବାବେଳେ ମୋବାଇଲ୍‌ରୁ ମୋବାଇଲ୍ ଘୂରି ବୁଲୁଛି। ଜଣେ ସଂଖ୍ୟାଲଘୁ ଯୁବକଙ୍କୁ ଏହିପରି ସର୍ବସାଧାରଣ ସମ୍ମୁଖରେ ଲଜ୍ଜିତ କରିବା ଘଟଣା ନେଇ ଯୁବକଙ୍କ ପରିବାର ଲୋକେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଏହାର ନକଲ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଅତିରିକ୍ତ ଏସ୍‌ପି, ଏସ୍‌ଡିପିଓ, ମାନବାଧିକାରୀ କମିଶନ ଓ ହାଇକୋର୍ଟ ବିଚାରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଉକ୍ତ ଘଟଣା ନେଇ ବହଳଦା ଥାନା ପୁଲିସ ପକ୍ଷରୁ ୨ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ କହିଛନ୍ତି। ତେବେ ଘଟଣାରେ ଅନ୍ୟ ସମସ୍ତ ସମ୍ପୃକ୍ତଙ୍କୁ ତୁରନ୍ତ ଗିରଫ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାର ଲୋକେ ଦାବି କରିଛନ୍ତି। ଉକ୍ତ ଘଟଣାରେ ଲୋକେ ଆଇନ ହାତକୁ ନେଇ ଆକ୍ରମଣ କରିବା ଅତି ନିନ୍ଦନୀୟ ଅଟେ।

**ଦଉଡ଼ିରେ ହାତ ବାନ୍ଧି ବୁଲାଇଲେ**

## 'ଫ-ଟି'ରେ ଦୁର୍ନୀତି ସଂକ୍ରାନ୍ତ ମୁଖ୍ୟମନ୍ତ୍ରୀଙ୍କ ଟିପ୍ପଣୀକୁ ତୀବ୍ର ସମାଲୋଚନା

# ୧୮ ମାସରେ ବିଜେପି ସରକାରଙ୍କ ବିଫଳତା ଶିଖର ଛୁଇଁଛି: ବିଜେଡି

ଭୁବନେଶ୍ୱର,୭।୧(ସମିସ): ବାଣପୁରରେ ଆଦର୍ଶ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ ସଭାରେ ଉଦବୋଧନ ଦେବା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବ ସରକାରରେ 'ଫ-ଟି' ସ୍କୁଲ ନାମରେ ଦୁର୍ନୀତି ହୋଇଥିବା ଟିପ୍ପଣୀକୁ ତୀବ୍ର ସମାଲୋଚନା କରିଛି ବିଜେଡି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ତାଙ୍କ ସରକାର ନିଜର ବିଫଳତାକୁ ଲୁଚାଇବାକୁ ଯାଇ ବାରମ୍ବାର ପୂର୍ବ ସରକାରଙ୍କ ନାମରେ ମିଛ ଅଭିଯୋଗ କରୁଛନ୍ତି। ମୋହନ ସରକାରଙ୍କ ଏହି ମିଛ ପ୍ରୋପାଗଣ୍ଡାକୁ ରାଜ୍ୟବାସୀ ବୁଝିସାରିଛନ୍ତି ବୋଲି ବିଜେଡି କହିଛି।

ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଗତ ୧୮ ମାସର ଶାସନରେ ସମସ୍ତ କ୍ଷେତ୍ରରେ, ବିଜେପି ସରକାରଙ୍କ ବିଫଳତା ଶିଖର ଛୁଇଁଛି। ବଡ଼ ବଡ଼ କଥା କହି ଓ ପୂର୍ବ ସରକାରଙ୍କ ନାରେ ବିଭିନ୍ନ ମିଥ୍ୟା ଅଭିଯୋଗ ଆଣି ବିଜେପି ଲୋକଙ୍କୁ ପ୍ରଭାବିତ ସହ କ୍ଷମତା ଦଖଲ କରିଥିଲା। ହେଲେ ବିଜେପି ସରକାରଙ୍କ ଅପାରଗପଣିଆ ଓ ବିଫଳତା ଏବେ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ରାଜ୍ୟକୁ ଏକ ନମ୍ବର କରିବ ବୋଲି ଦାବି କରି କ୍ଷମତାକୁ ଆସିଥିବା ରାଜ୍ୟ ବିଜେପି ସରକାର ଏବେ ଅପାରଗତାରେ ଦେଶରେ ଏକ ନମ୍ବର ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଜ୍ୟ ବଜେଟରେ ବିଭିନ୍ନ ବିଭାଗ ପାଇଁ ନିର୍ଦ୍ଧାରିତ ଅର୍ଥରୁ ଅଧିକାଂଶ ବିଭାଗରେ ଚାଳିଶ ପ୍ରତିଶତରୁ ଅଧିକ ଖର୍ଚ୍ଚ ହୋଇ ପାରୁନାହିଁ। ରାଜ୍ୟ ସରକାରଙ୍କ ତୋଗଲକି ନିଷ୍ପତ୍ତି ଯୋଗୁ ରାଜ୍ୟବାସୀ ହନ୍ତସନ୍ତ ହେଉଛନ୍ତି। ଓଡ଼ିଶାକୁ କେନ୍ଦ୍ର ଅନୁଦାନ ୧୮.୧୯ ପ୍ରତିଶତ କମିଛି। ରାଜ୍ୟରେ ଲଘୁ ଓ ଗୁରୁ ଖଣିଜ ସମ୍ପଦରେ ବିଜେପି ସରକାରଙ୍କ ସମୟରେ ବ୍ୟାପକ ଚୋରି ବୃଦ୍ଧି କାରଣରୁ ଲଘୁ ଖଣିଜ ସମ୍ପଦରେ ରାଜସ୍ୱ ୧୮୮୫ କୋଟିରୁ ୬୦୦ କୋଟି ଟଙ୍କାକୁ ଖସି ଆସିଛି। ଗୁରୁ ଖଣିଜ ସମ୍ପଦରେ ରାଜସ୍ୱ ୫୦,୦୦୦ କୋଟି ଟଙ୍କାରୁ ୩୪,୦୦୦ କୋଟି ଟଙ୍କାକୁ ହ୍ରାସ ପାଇଛି। ମହିଳାମାନଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । କୃଷକମାନେ ନ୍ୟାୟ ନପାଇ ଏବେ ରାଜରାସ୍ତାରେ ରହିଛନ୍ତି। ରାଜ୍ୟ ସରକାରଙ୍କ ବିଫଳତା ଶିଖର ଛୁଇଁଥିବା ବେଳେ ମୁଖ୍ୟମନ୍ତ୍ରୀ ଲମ୍ବା ଭାଷଣ ମାରୁଛନ୍ତି ଓ ପୂର୍ବ ସରକାରଙ୍କ ନାମରେ ମିଥ୍ୟା ଆରୋପ କରୁଛନ୍ତି । କ୍ଷମତାକୁ ଆସିବାର ୧୮ ମାସ ବିତି ଯାଇଥିଲେ ମଧ୍ୟ କୌଣସି ଗୋଟିଏ ବି ଦୁର୍ନୀତିକୁ ସାମ୍ନାକୁ ଆଣିବାରେ ସରକାର ସକ୍ଷମ ହୋଇ ନାହାନ୍ତି। କିନ୍ତୁ ବାରମ୍ବାର ମିଥ୍ୟା ଆରୋପ ଲୋକଙ୍କ ଆଗରେ ଗପି ଚାଲିଛନ୍ତି। ଗୋଟିଏ ପଟେ ଫ-ଟି ନାଁରେ ଦୁର୍ନୀତି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହୁଛନ୍ତି, ଅପର ପକ୍ଷରେ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଶିଳ୍ପାନୁଷ୍ଠାନ ଗୁଡ଼ିକୁ ଆକର୍ଷିତ କରିବା ପାଇଁ ଓଡ଼ିଶାରେ ଫ-ଟି ଭଳି ସୁଦୃଢ ବ୍ୟବସ୍ଥା ରହିଛି ବୋଲି ରାଜ୍ୟ ବିଜେପି ସରକାର ଲିଖିତ ଭାବେ ଦେଇଛନ୍ତି। ଏହା ରାଜ୍ୟ ସରକାରଙ୍କ ଦୋମୁହାଁ ନୀତିକୁ ଦର୍ଶାଉଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି।

**ଅପାରଗ ପଣିଆରେ ଦେଶରେ ଓଡ଼ିଶା ସରକାର ଏକ ନମ୍ବର**

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସ

# ସଂସ୍କୃତି ସର୍ବଦା ଗତିଶୀଳ ଓ ସମୟ ସହିତ ବିକଶିତ ହୁଏ: ଭେଙ୍କୟା

ଭୁବନେଶ୍ୱର/ବଡ଼ରଘୁନାଥପୁର,୭ ।୧(ସମିସ): ସାମାଜିକ ସମନ୍ୱୟ, ପରିବେଶଗତ ସ୍ଥିରତା, ଶ୍ରମର ମର୍ଯ୍ୟାଦା ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଭଳି ପ୍ରକୃତ ମାନବୀୟ ମୂଲ୍ୟବୋଧ ସହିତ ଜଡ଼ିତ ରହିଲେ ସଂସ୍କୃତି ପ୍ରକୃତରେ ବିକଶିତ ହୁଏ ବୋଲି କହିଛନ୍ତି ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ। ବୁଧବାର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସର ଉଦଯାପନୀ ସମାରୋହରେ ଯୋଗ ଦେଇ ପୂର୍ବତନ ଉପରାଷ୍ଟ୍ରପତି ଶ୍ରୀ ନାଇଡୁ କହିଛନ୍ତି ଯେ ଓଡ଼ିଶା ଭାରତର ସଭ୍ୟତା ବିକାଶରେ ଏକ ଅନନ୍ୟ ସ୍ଥାନ ଅଧିକାର କରିଛି। ଯେଉଁଠାରେ ସଂସ୍କୃତିକୁ ସର୍ବଦା ସାମୂହିକ ଜୀବନକୁ ଗଠନ କରୁଥିବା ଏକ ଜୀବନ୍ତ ଶକ୍ତି ଭାବରେ ଦେଖାଯାଇଥାଏ। ରୀତିନୀତି ଏବଂ ପ୍ରଥାରୁ ଆରମ୍ଭ କରି ସ୍ଥାପତ୍ୟ, ସାହିତ୍ୟ, ସଙ୍ଗୀତ, ନୃତ୍ୟ ଏବଂ କାରିଗରୀ ପର୍ଯ୍ୟନ୍ତ ଓଡ଼ିଶାର ସଂସ୍କୃତି ଦୈନନ୍ଦିନ ଜୀବନକୁ ଆଚ୍ଛନ୍ନ କରିଛି। ଏହି ପୃଷ୍ଠଭୂମିରେ ସାଂସ୍କୃତିକ ଅଧ୍ୟୟନ ପାଇଁ ସମର୍ପିତ ଦେଶର ପ୍ରଥମ ବିଶ୍ୱବିଦ୍ୟାଳୟ ଓଡିଶାରେ ପ୍ରତିଷ୍ଠିତ ହେବା ଉପଯୁକ୍ତ ପଦକ୍ଷେପ ବୋଲି ଶ୍ରୀ ନାଇଡୁ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ଛାତ୍ରଛାତ୍ରୀମାନେ ଏକ ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଉତ୍ତରାଧିକାରୀ ଏବଂ ଏହାର ଭବିଷ୍ୟତର ରୂପକାର। ପରମ୍ପରାକୁ ସମ୍ମାନ ଦେବା ସହିତ ଶିକ୍ଷା ଦ୍ୱାରା ନବସୃଜନକୁ ଗ୍ରହଣ କରିବା, ପ୍ରଶ୍ନ କରିବା, ସର୍ଜନା କରିବା ଏବଂ ସେବା କରିବା ଛାତ୍ରମାନଙ୍କ ଦାୟିତ୍ୱ। ସଂସ୍କୃତି ସର୍ବଦା ଗତିଶୀଳ ଏବଂ ସମୟ ସହିତ ବିକଶିତ ହୁଏ। ବିଶ୍ୱବିଦ୍ୟାଳୟର ଦାୟିତ୍ୱ କେବଳ ସଂସ୍କୃତିର ସଂରକ୍ଷଣରେ



ସୀମିତ ନୁହେଁ ବରଂ ଗବେଷଣା, ଡକ୍ୟୁମେଣ୍ଟେସନ୍, ସୃଜନଶୀଳ ପରୀକ୍ଷଣ ଏବଂ ଶୈକ୍ଷିକ ଆଲୋଚନା ମାଧ୍ୟମରେ ପରମ୍ପରାର ଅର୍ଥପୂର୍ଣ୍ଣ ପୁନଃବ୍ୟାଖ୍ୟାନ ପର୍ଯ୍ୟନ୍ତ ବିସ୍ତାରିତ । ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟ, ପ୍ରସାର କାର୍ଯ୍ୟକ୍ରମ ଏବଂ ଗୋଷ୍ଠୀ ସମ୍ପୃକ୍ତିକୁ ପ୍ରଶଂସା କରିବା ସହିତ ଶୈକ୍ଷିକ ଉତ୍କର୍ଷତା, ନୈତିକତା ଏବଂ ସୃଜନଶୀଳ ସମ୍ବେଦନଶୀଳତାର ସନ୍ତୁଳନ ସୁନିଶ୍ଚିତ ଦିଗରେ ଶିକ୍ଷକମାନଙ୍କୁ ମାର୍ଗଦର୍ଶକ ଏବଂ ମଶାଲବାହକ ଭାବରେ ଶ୍ରୀ ନାଇଡୁ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଉଦବୋଧନ ଦେଇ ସଂସ୍କୃତିକୁ ଏକ ଦ୍ରୁତ ପରିବର୍ତ୍ତିତ, ପ୍ରଯୁକ୍ତିବିଦ୍ୟା ଚାଳିତ ବିଶ୍ୱରେ ନବସୃଜନ, ଉଦ୍ୟୋଗ ଏବଂ ସ୍ଥାୟୀ ଜୀବିକାର ବାହକ ଭାବରେ ଦେଖିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀମାନେ କେବଳ ପରମ୍ପରାର ରକ୍ଷକ ନୁହଁନ୍ତି ବରଂ ସମ୍ଭାବ୍ୟ ସାଂସ୍କୃତିକ ଉଦ୍ୟୋଗୀ ଏବଂ ନବସୃଜନକାରୀ। ସଂସ୍କୃତି କେବଳ ସଂରକ୍ଷଣ କରିବାର ବସ୍ତୁ ନୁହେଁ, ଏହା ଏକ ଜୀବନ୍ତ ସମ୍ପଦ ଯାହା ନିଯୁକ୍ତି, ସାମାଜିକ ସଂହତି ଏବଂ ସ୍ଥାୟୀ ବିକାଶ ସୃଷ୍ଟି କରିପାରିବ ବୋଲି ରାଜ୍ୟପାଳ କହିଥିଲେ। ଏହି ସମାରୋହରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଶିଷ୍ଟ ଲେଖିକା ତଥା ଜ୍ଞାନପୀଠ ପୁରସ୍କାର ବିଜେତା ପ୍ରତିଭା ରାୟ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ରେଜିଷ୍ଟ୍ରାର ଅନାମିକା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

କଳାହାଣ୍ଡି ଉତ୍ସବ 'ଘୁମୁରା'

# ଢୁଲୁକିଲା କଲମପୁର ମିନି ଷ୍ଟାଡିୟମ

କଲମପୁର, ୭ ।୧(ସମିସ)

କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। କଲମପୁର ଇଷ୍ଟଦେବୀ ମାଁ ଲଙ୍କେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ କଲମପୁର ନିର୍ମାଲ୍ୟ କ୍ଷେତ୍ର ଶ୍ରୀ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ବିରାଟ ପଟୁଆରରେ ମଶାଲ ଯାତ୍ରା ଶୁଭାରମ୍ଭ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ଜ୍ୟୋତି ନାଏକ ମଶାଲ ଧାରଣ କରିଥିବା ବେଳେ ବିଡିଓ ବିଜୟ ମାଣ୍ଡାଙ୍ଗି ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏଥିରେ ସହସ୍ରାଧିକ ଜନ ସମାଗମ ହୋଇଥିବା ବେଳେ ଘଣ୍ଟବାଦ୍ୟ, ଘୁମୁରା, ଡ୍ରମ ଓ ମେଲୋଡି ବାଜାର ତାଳେ ତାଳେ ମଶାଲ ଯାତ୍ରା କଲମପୁର ମିନି ଷ୍ଟାଡିୟମ ପଡ଼ିଆ ତଥା କଳାହାଣ୍ଡି ଉତ୍ସବ ମଞ୍ଚ ନିକଟକୁ ପହଞ୍ଚି ଥିଲା। ସେଠାରେ ମଶାଲ ସ୍ଥାପନ ସହିତ କଳାହାଣ୍ଡି ଉତ୍ସବ ପତାକାକୁ ଉତ୍ତୋଳନ କଲାପରେ ସଭାକାର୍ଯ୍ୟ ଆରମ୍ଭ




ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ନାଏକଙ୍କ ସମେତ ସମସ୍ତ ସରପଞ୍ଚ ସମସ୍ତ ସମିତି ସଦସ୍ୟ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ କଳାର ହାଣ୍ଡି କଳାହାଣ୍ଡି, ଏଥିରେ ଲୁଚି ରହିଥିବା କଳା ସଂସ୍କୃତି ଐତିହ୍ୟ, ପରମ୍ପରା ଲୋକବାଦ୍ୟ ଓ ସଙ୍ଗୀତର ସମାବେଶକୁ ନେଇ ବକ୍ତାମାନେ ନିଜ ନିଜ ଅଭିଭାଷଣ ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଏଥିରେ କବି ମାନେ ସ୍ୱରଚିତ କବିତା ଗୁଡିକ ପଠନ କରିଥିଲେ। ଏହାପରେ ଆରମ୍ଭ ହୋଇଥିଲା ନୃତ୍ୟ ଗୀତର ଆସର, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କୁନିକୁନି କଳାକାରଙ୍କୁ ନେଇ ଏକକ ଓ ଦଳଗତ ନୃତ୍ୟ ପରିବେଷଣ ହୋଇଥିଲା, ବିଭିନ୍ନ ବିଦ୍ୟାଳୟ ଓ କଲେଜର ଛାତ୍ରଛାତ୍ରୀ ସକ୍ରିୟ ଅଂଶ ଗ୍ରହଣ କରିଥିବା ବେଳେ ଅଧ୍ୟାପକ ଅଧ୍ୟାପିକା ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦେଇ ସହଯୋଗ କରିଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସହଯୋଗ କରିବା ସହିତ ନିଜ ନିଜ କାର୍ଯ୍ୟାଳୟ ବାବଦରେ ସୂଚନା ପ୍ରଦର୍ଶିତ କରିଥିଲେ।ପୁଲିସ ପ୍ରଶାସନ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସଜାଗ ରହିଥିବା ବେଳେ ପରିଚାଳନାରେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ତଥା ଥୁଆମୂଳ ରାମପୁର ବ୍ଲକ ବିଜେପି ପ୍ରଭାରି ଘନଶ୍ୟାମ ନାଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ରାମପୁର ପଞ୍ଚାୟତ

**ମରାମପୁର, ୭ ।୧(ସମିସ):** କଳାହାଣ୍ଡି ଉତ୍ସବ ଘୁମୁରାର ମ.ରାମପୁର ପଞ୍ଚାୟତସ୍ତରୀୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମ.ରାମପୁର ସରପଞ୍ଚ ବୀଣାପାଣି ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ଡୋ କରି ମନ୍ଦିରରୁ ମଶାଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଉତ୍ସବସ୍ଥଳୀ ବିଜୁ କଲ୍ୟାଣ ମଣ୍ଡପକୁ ଆସିଥିଲା। ମଶାଲ ଯାତ୍ରାରେ ବିଭିନ୍ନ ବର୍ଗର ଜନସାଧାରଣ ସାମିଲ ହୋଇଥିଲେ। ମଶାଲ ଶୋଭାଯାତ୍ରା ପରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସରପଞ୍ଚ ଶ୍ରୀମତୀ ସାହୁଙ୍କ ଅଧ୍ୟକ୍ଷତାରେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ମୁଖ୍ୟ ଅତିଥି, ସମିତି ସଭ୍ୟା ପ୍ରତା ମାଝୀ, ନାଏବ ସରପଞ୍ଚ ପ୍ରଶାନ୍ତ ମହାରଣା, ପିଇଓ ହେମାନନ୍ଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସାମ୍ବାଦିକ ହେମନ୍ତ ସାହୁ ସଭା ପରିଚାଳନା କରିଥିଲେ। ପରେ ବିଭିନ୍ନ ବିଦ୍ୟାଳୟ ଓ ସର୍ବ ସାଧାରଣ ସ୍ତରୀୟ ପ୍ରତିଯୋଗିତା ଗୁଡ଼ିକ ଅନୁଷ୍ଠିତ ହୋଇ ଥିଲା। ପରେ ସନ୍ଧ୍ୟାରେ ଆୟୋଜିତ ଉଦଯାପନୀ ସଭାରେ ଶ୍ରୀମତୀ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ମୁଖ୍ୟବକ୍ତା ଅଧ୍ୟାପକ ସୁବୋଧ କୁମାର ଶତପଥୀ, ସମ୍ମାନୀତ ଅତିଥି ସମାଜ ସେବୀ ବିକାଶ ରଞ୍ଜନ ସିଂହ ଦେଇ ଉପସ୍ଥିତ ରହି ଥିଲେ। ଏହି ଅବସରରେ ତିନିଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରସ୍କାର ବିତରଣ ପରେ କନ୍ଧମାଳ କଳା ବିକାଶ କେନ୍ଦ୍ରର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସମାଜସେବୀ ସତ୍ୟ ନାରାୟଣ ସାହୁ, ସଂଯୁକ୍ତା ପୁରୋହିତ, ଅନୀଲ କୁମାର ଦାଶ, ଉଦ୍ଧବ ପଣ୍ଡା, ଭାଗବତ ଘିବେଲା, ରଜନୀକାନ୍ତ ମହାଖୁଡ଼, ପ୍ରଶାନ୍ତ ସାମନ୍ତରା, ଭଗବାନ ଭୋଇଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ, ସଭ୍ୟା ସହଯୋଗ କରିଥିଲେ।




## ଝଲସୁଛି ଯୋଗମାୟା ପୀଠ ମଣ୍ଡପ



**କୋକସରା, ୭ ।୧ (ସମିସ):** କୋକସରା ବ୍ଲକ ସଦର ମହକୁମାସ୍ଥିତ ଗୁଡହାଣ୍ଡି ମଞ୍ଚରେ ବୁଧବାର ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ୨୦୨୬ ଉଦ୍‌ଘାଟିତ ହୋଇଛି। ପ୍ରଥମେ କଳାହାଣ୍ଡିର ଆରାଧ୍ୟ ଦେବତା ଆମପାଣିର ବୁଢ଼ାରଜା ଦେବଙ୍କ ମନ୍ଦିରରୁ ମଶାଲ ଶୋଭାଯାତ୍ରା କୋକସରା ପହଞ୍ଚିଥିଲା।ସେହିପରି ଲଡୁଗାଁରୁ ଶୀତଳା ଦେବୀ, ପରେ କୋକସରା ମା'ଠାକୁରାଣୀ ମନ୍ଦିରରୁ ମଧ୍ୟ ମଶାଲ ଶୋଭାଯାତ୍ରା ବାହାରିଥିଲା। ସମସ୍ତ ଦେବାଦେବୀଙ୍କ ମଶାଲ ଏକତ୍ରିତ ହେବା ପରେ ପାରମ୍ପରିକ ବାଦ୍ୟ ଘୁମୁରା, ବନାବାଡି, ସଂକିର୍ତନ ଦଳ, କଣ୍ଢେଇ ନାଚ, ଶତନାମ ନୃତ୍ୟ ସହ ଆଦିବାସୀ ବେଶଭୂଷାରେ ବିଭିନ୍ନ ନୃତ୍ୟ ଦଳ ମଶାଲ ଯାତ୍ରାରେ ସାମିଲ ହୋଇଥିଲେ। ପରେ ଦେବାଦେବୀଙ୍କ ମଶାଲ ଉତ୍ସବ ପଡ଼ିଆ ନିକଟରେ ପହଞ୍ଚିବା ପରେ ଗୁଡହାଣ୍ଡି ମଞ୍ଚ ନିକଟକୁ ପାଛୋଟି ନେଇ ମଶାଲ ସ୍ଥାପନ କରିଥିଲେ। ବିଡିଓ ଡ଼.ହିମାଂଶୁ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ରୀତା ଅଗ୍ରୱାଲ ଯୋଗଦେଇ ଅନୁଷ୍ଠାନିକ ଭାବେ ମଞ୍ଚ ଉଦ୍‌ଘାଟନ କରିଥିଲେ। ବିଡିଓ ଶ୍ରୀମାଝୀ, ତହସିଲଦାର ଚୋଡ଼ଗଙ୍ଗ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଓମ୍ଫେଡ ସଭାପତି ତଥା କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ମୋଟେର ଜୋନ ଜିଲ୍ଲାପରିଷଦ ସଭ୍ୟା ବୈଜୟନ୍ତୀ ପୁଝାରୀ, ସମିତିସଭ୍ୟ ସଭାପତି ଘନଶ୍ୟାମ ନାଏକ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, କୋକସରା ଥାନା ଅଧିକାରୀ ସୁଜ୍ଞାନ ବାରିକ ପ୍ରମୁଖ ମଞ୍ଚାସିନ ଥିଲେ। ବିଡିଓ ଡ଼. ମାଝୀ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ଉଦେଶ୍ୟ ଜ୍ଞାପନ କରିଥିଲେ। ଅଧ୍ୟାପକ ମୋହନ ଚରଣ ବିଶି ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ତହସିଲଦାର ଶ୍ରୀପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସାଂସ୍କୃତିକ ଦଳ ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଉତ୍ସବ କମିଟି ପକ୍ଷରୁ ସ୍ୱତନ୍ତ୍ର ଭାବେ ଷ୍ଟଲ କରିଥିବା ବେଳେ କୃଷି ବିଭାଗ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ସ୍ୱାସ୍ଥ୍ୟ ବିଭାଗ, ମିଶନ ଶକ୍ତି ମାଧ୍ୟମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଛତୁ, ଧୂପକାଠି, ଜୈବିକ ସାର, କୁମ୍ଭକାରଙ୍କ ମାଟି ତିଆରି ସାମଗ୍ରୀ ଆଦି ପ୍ରଦର୍ଶିତ ହୋଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଜିପିଡ଼ିଓ ମିଲୁ ପ୍ରଧାନୀ, ସମସ୍ତ କନିଷ୍ଠ ଯନ୍ତ୍ରୀ ସମେତ ଉତ୍ସବ କମିଟିର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହେଯାଗ କରିଥିଲେ।ଚଳିତବର୍ଷ କେସିଙ୍ଗା ଗୁର୍ଜିମୁଣ୍ଡାସ୍ଥିତ ଯୋଗମାୟା ପୀଠ ମନ୍ଦିର ଆକୃତିର ଗୁଡହାଣ୍ଡି ମଞ୍ଚରେ ତିଆରି କରାଯାଇଛି, ଯାହା ଦର୍ଶନଙ୍କୁ ବେଶ୍ ଆକୃଷ୍ଟ ହୋଇଥିବା ବେଳେ ଝଲସୁଛି ଯୋଗମାୟା ପୀଠ ମଣ୍ଡପ।

# ପ୍ରଦୂଷଣ ବନ୍ଦ ପାଇଁ କଂଗ୍ରେସର ଧାରଣା


**ଭବାନୀପାଟଣା, ୭ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ସ୍ଥିତ ବେଦାନ୍ତ କମ୍ପାନୀ ଦ୍ୱାରା ଫ୍ଲାଏ ଆସ ପ୍ରଦୂଷଣ ଲାଞ୍ଜିଗଡ଼ ତଥା ଅଖପାଖ ଅଞ୍ଚଳରେ ଦିନକୁ ଦିନ ବଢ଼ି ଚାଲିଛି। ରେଡମଡ ପଣ୍ଡ ଯୋଗୁଁ ଅଖପାଖ ଗାଁ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏପରିକି ରାସ୍ତା ନିର୍ମାଣ, ଇଟା ତିଆରି କାରଖାନାରେ ଫ୍ଲାଏଆସ ବ୍ୟବହାର ଦ୍ୱାରା ପ୍ରଦୂଷଣ ବଢୁଛି। ଏହାର ପ୍ରତିବାଦରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଳାହାଣ୍ଡି ଜିଲ୍ଲାକଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇ ସମ୍ପୂର୍ଣ ଭାବେ ପ୍ରଦୂଷଣ ବନ୍ଦ କରିବାପାଇଁ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଭାରତ ବେମାଲ, ମହିଳା ସଭାନେତ୍ରୀ ଦ୍ରୋପଦୀ ମାଝୀ, ବରିଷ୍ଠ ନେତାଧନୁ ଗହୀର, ସନ୍ତୋଷ ମୁଣ୍ଡ, ସରୋଜ ବାଗ, ମହମ୍ମଦ ସାହେବ, ମୁରଲୀ ନାଏକ ସମେତ ଜିଲ୍ଲାର ସମସ୍ତ ବ୍ଲକର କଂଗ୍ରେସ କର୍ମକର୍ତ୍ତା ସାମିଲ ହୋଇଥିଲେ।



ଉଠା ଜଳସେଚନ ବିଭାଗର ମନମାନୀ

## କ୍ଲଷ୍ଟର ବୋରୱେଲରେ ହେଉନି ବିଦ୍ୟୁତ୍ ସଂଯୋଗ

**କୋମନା, ୭ ।୧ (ସମିସ):** ସରକାର ଚାଷୀଙ୍କ ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ପ୍ରଶାସନିକ ଅବହେଳା ଯୋଗୁଁ ଫଳ ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ ମହୁଲଭଟା ଗାଁରେ ଦେଖିବାକୁ ମିଳିଛି। ଏଠାରେ କ୍ଲଷ୍ଟର ବୋରୱେଲ୍ ଖନନ ହେବାର ଦୀର୍ଘ ୨ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ।ଦୁଇ ବର୍ଷ ପୂର୍ବରୁ ବୋରୱେଲ୍ କାମ ଶେଷ ହୋଇଥିଲା। ଚାଷୀମାନେ ଆଶା କରିଥିଲେ ଯେ ସେମାନେ ନିଶ୍ଚିତ ଭାବେ ଜଳସେଚନର ସୁବିଧା ପାଇବେ। ହେଲେ ବିଦ୍ୟୁତ୍ ବିଭାଗ ଉଦାରତା ରହୁ ନଥିବାରୁ ବିଦ୍ୟୁତ୍ ଖୁଣ୍ଟ ଲାଗିଲେ ମଧ୍ୟ ତାର ଲାଗିବାରେ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ଅପରପକ୍ଷେ ପାଣି ଅଭାବରୁ ଚାଷୀମାନେ ରବି ଚାଷ ଓ ପନିପରିବା ଚାଷ କରିବାରୁ ବଞ୍ଚିତ ହେଉଛନ୍ତି। ସ୍ଥାନୀୟ ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ତଥା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଜଣାଇବା ପରେ ମଧ୍ୟ କେବଳ ପ୍ରତିଶ୍ରୁତି ଛଡ଼ା କିଛି ମିଳୁନାହିଁ। ଯଦି ତୁରନ୍ତ ବିଦ୍ୟୁତ ସଂଯୋଗ ଦିଆନଯାଏ ଆଗାମୀ ଦିନରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।ଜିଲ୍ଲା ପ୍ରଶାସନ ଏବଂ ଉଠା ଜଳସେଚନ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ତୁରନ୍ତ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।




ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ

# ଚାଷରୁ କୋଟିପତି ହୋଇଥିବା କୃଷକ ଜିଲ୍ଲାର ଗର୍ବ

ନୂଆପଡ଼ା, ୭ ।୧(ସମିସ)

ନୂଆପଡ଼ାରେ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ସ୍ଥାନୀୟ ପୁଲିସ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସାଂସଦ ପ୍ରତିନିଧି ପ୍ରସନ୍ନ କୁମାର ପାତ୍ରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସୁଖେନ୍ଦୁ ରାୟ, ବଲାଙ୍ଗିର ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସାଧିକାରୀ ଡ. ସାରଦା ପ୍ରସାଦ ସିଂ ବରିହା, କୋମନା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଅବସରପ୍ରାପ୍ତ ଯୁଗ୍ମ ସଚିବ ଡ.ବାସୁଦେବ ସୁନାନି, ଜିଲ୍ଲା ପରିଷଦ ସଭ୍ୟ ଭରତ ଲାଲ ରାଉତ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଲବ ସୋରେନ ଏବଂ ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଜନ କୁମାର ସାହୁ ପ୍ରମୁଖ ଯୋଗଦାନ କରି ଗୋ ପୂଜନ ସହ ମେଳାର ଶୁଭାରମ୍ଭ କରିଥିଲେ।ମେଳାର ଲକ୍ଷ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦର ଅଭିବୃଦ୍ଧି ସହ ରାଜ୍ୟର ଚାଷୀଙ୍କ ସମୃଦ୍ଧି। ମେଳାରେ ବିଭିନ୍ନ ବିଭାଗର ୧୯ଟି ଷ୍ଟଲ ଲାଗିଛି। ପ୍ରାଣୀ ଚିକିତ୍ସାଧିକାରୀ ଡ. ରାୟ ମତ୍ସ୍ୟ ଓ ପଶୁପାଳନ ମାଧ୍ୟମରେ ମହିଳା ସଶକ୍ତିକରଣ, ଦାଦନ ସମସ୍ୟାର ନିରାକରଣ ଏବଂ ସର୍ବୋପରି ସ୍ୱାବଲମ୍ବୀ ହେବା ପାଇଁ ଆହ୍ୱାନ କରିଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସରକାରୀ ଯୋଜନା ଗୁଡିକ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଅଭିଭାଷଣରେ ଜିଲ୍ଲାପାଳ କୃଷକର ଉନ୍ନତି ପାଇଁ ପ୍ରାଣୀସମ୍ପଦ ବିଭାଗର ସହଯୋଗ ବହୁ ମହତ୍ତ୍ୱ ରହିଛି ବୋଲି କହିଥିଲେ। ଜିଲ୍ଲାରେ ଚାଷ କରି କୋଟିପତି ହୋଇଥିବା କୃଷକମାନେ ଜିଲ୍ଲାର ଗର୍ବ, ଗୌରବ ଓ ଅନ୍ୟମାନଙ୍କ ପାଇଁ ଆଦର୍ଶ ବୋଲି ଜିଲ୍ଲାପାଳ କହିଥିଲେ। ଏହି ଅବସରରେ ଗୋପାଳନ ପାଇଁ ଦେବକୀ ସା, ମତ୍ସ୍ୟ ଚାଷ ପାଇଁ ଜୟ ମା'ସନ୍ତୋଷି ସ୍ୱୟଂ ସହାୟିକା ଗୋଷ୍ଠୀ, ଭୂମିସୂତା ଖର୍ସେଲଙ୍କୁ ଜୈବ ପୁଞ୍ଜି ମାଧ୍ୟମରେ ମାଛ ଚାଷ ପାଇଁ ସମ୍ମାନିତ କରାଯାଇଥିଲା। ବୈଜ୍ଞାନିକ ଚାଷୀ ଆଲୋଚନାଚକ୍ରରେ ଡ.ଲବ ସୋରେନ, ଡ.ବାସୁଦେବ ସୁନାନୀ, ଡ.ଶାରଦା ପ୍ରସାଦ ସିଂ ବରିହା, ବିଜନ କୁମାର ସାହୁ, ଡ଼.ସୁଚିଶ୍ମିତା ପୃଷ୍ଟି ପ୍ରମୁଖ ଚାଷୀଙ୍କୁ ମାର୍ଗ ଦର୍ଶନ ଦେଇଥିଲେ। ମେଳାରେ ପ୍ରାଣୀ ସମ୍ପଦ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ମତ୍ସ୍ୟ ବିଭାଗ, କୃଷି ବିଭାଗ, ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର, ପର୍ଯ୍ୟଟନ ବିଭାଗ, ପୁଲିସ, ଅଗ୍ନିଶମ ବିଭାଗ, ଓମଫେଡ, ହସ୍ତତନ୍ତ ବିଭାଗ, ମିଶନ ଶକ୍ତି, ଗୃହ ଉଦ୍ୟୋଗ, ଜିଲ୍ଲା ଶିଳ୍ପ କେନ୍ଦ୍ର ଅଂଶ ଗ୍ରହଣ କରିଥିଲେ। ମେଳାରେ ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ। ଜୀବନ୍ତ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ପ୍ରଦର୍ଶନୀରେ ବିଭିନ୍ନ ପ୍ରକାରର ଘାସ ଚାଷ, ହାଇଡ୍ରୋପୋନିକ୍ସ ପଦ୍ଧତି, ଆଜୋଲା ଉତ୍ପାଦନ, ଗିର ଗାଈ, ସାହିୱାଲ ଗାଈ, ଶଙ୍କର ଜାତୀୟ ହୋଲଷ୍ଟିନ ଗାଈ, କୃତ୍ରିମ ପ୍ରଜନନ ପଦ୍ଧତିରେ ଜନ୍ମିତ ବ୍ଲାକ ବେଙ୍ଗଲ ଛେଳି, ଗଞ୍ଜାମ ଛେଳି, ଗୁଣ୍ଡୁରି ଚଢ଼େଇ, ଅଣ୍ଡା ଦିଆ କୁକୁଡ଼ା, ହଂସଲି କୁକୁଡ଼ା, ଦେଶୀ ବତକ, ବନରାଜ କୁକୁଡ଼ା, ଠେକୁଆ, ମାଛ ହ୍ୟାଚେରି, ବାୟୋଫ୍ଲକ ଟ୍ୟାଙ୍କ, ନର୍ସରୀ ଟ୍ୟାଙ୍କ, ସମନ୍ୱିତ କୃଷି ଇତ୍ୟାଦି ପ୍ରଦର୍ଶିତ ହେଉଛି।









# କୋମନା ଶ୍ମଶାନଘାଟ ପାଲଟିଛି ଭୂତକୋଠି

**କୋମନା, ୭ ।୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସଦର ମହକୁମାରେ ଥିବା ଶ୍ମଶାନ ଘାଟର ବିପର୍ଯ୍ୟସ୍ତ ହୋଇପଡ଼ିଛି।ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଶବ ସତ୍କାର ପାଇଁ ନିର୍ମିତ ପିଣ୍ଡି ଓ ଗୃହଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ଏବେ ବଣଜଙ୍ଗଲରେ ପରିଣତ ହୋଇଛି। ଶ୍ମଶାନ ପରିସରରେ ଅନାବନା ଗଛ ଓ କଣ୍ଟା ବୁଦା ମାଡ଼ି ଯାଇଥିବାରୁ ଶବ ସତ୍କାର ପାଇଁ ଆସୁଥିବା ଲୋକଙ୍କୁ ଯିବା ଆସିବା କରିବା କଷ୍ଟକର ହୋଇପଡୁଛି। ଏପରିକି ସନ୍ଧ୍ୟା ସମୟରେ ବିଷାକ୍ତ ସରୀସୃପଙ୍କ ଭୟ ଯୋଗୁଁ ଲୋକେ ଯିବାକୁ ଭୟକରୁଛନ୍ତି। ଦୀର୍ଘ ଦିନ ହେବ ଶ୍ମଶାନରେ କୌଣସି ସଫେଇ କାର୍ଯ୍ୟ ହୋଇନାହିଁ। ଶ୍ମଶାନ ପର୍ଯ୍ୟନ୍ତ ଯାଇଥିବା ରାସ୍ତାଟି ମଧ୍ୟ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ମଣିଷର ଶେଷ ସମୟର ଏହି ସ୍ଥଳକୁ ସର୍ବନିମ୍ନ ସୁବିଧା ପ୍ରଦାନ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି।





## ୩ ଦିନ ହେଲା ଯୁବକ ନିଖୋଜ

**ବଲାଙ୍ଗିର, ୭ ।୧(ସମିସ):** ବଲାଙ୍ଗିର ସହର ଶାନ୍ତିପଡ଼ାର ପ୍ରବୀଣ ମହାଲିଙ୍ଗ ନିଖୋଜ ଘଟଣାକୁ ୩ ଦିନ ବିତିଯାଇଛି । ଏଯାଏଁ କିଛି ପତ୍ତା ମିଳିନାହିଁ । ସଦର ଥାନାରେ ପରିବାର ଲୋକ ଲିଖିତ ଅଭିଯୋଗ କରିଛନ୍ତି । ବୁଧବାର ପୁଣି ତାଙ୍କ ପରିବାର ଲୋକେ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଗତ ରବିବାର ପ୍ରବୀଣ ନିଜ ବାଇକ୍‌ରେ ସବୁଦିନ ଭଳି ପଥରଚେପାରେ ଥିବା ଏକ ଫାର୍ମକୁ ବାହାରିଥିଲେ । ସେଠାକୁ ଯାଇ ଯେଉଁଠାରେ ବାଇକ୍ ରଖନ୍ତି ସେଠାରେ ରଖିଥିଲେ କିନ୍ତୁ ସେଦିନ ଆଉ ଘରକୁ ଫେରି ନ ଥିଲେ । ବହୁ ଖୋଜାଖୋଜି କରିବା ପରେ କିଛି ସୂଚନା ନ ମିଳିବାରୁ ଘରଲୋକେ ସଦର ଥାନାରେ ଅଭିଯୋଗ କରିଥିଲେ । ତେବେ ସେ ଯାଇଥିବା ଫାର୍ମ ନିକଟରେ ଥିବା ଜଣେ ମହିଳାଙ୍କ ନାମରେ ସେମାନେ ଅଭିଯୋଗ କରିଛନ୍ତି । ଏହି ନିଖୋଜ ମାମଲାରେ ସମ୍ପୃକ୍ତ ମହିଳାଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ପରିବାର ଲୋକେ ପୁଲିସକୁ ଜଣାଇଛନ୍ତି ।

## ଅସହାୟ ମହିଳାଙ୍କ ଶବ ସତ୍କାର କଲେ ସମାଜସେବୀ

**କଣ୍ଟାବାଞ୍ଜି, ୭ ।୧(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ରେଳ ଷ୍ଟେସନରେ ପଡ଼ିଥିବା ଜଣେ ଅଜଣା ମହିଳାଙ୍କ ଶବ ସ୍କାର କରାଯାଇଛି । ଉତ୍କଳ ଖଡ଼ି ଘାସି ସମାଜର ହେମନ୍ତ କୁମ୍ଭାରଙ୍କ ନରେନ୍ଦ୍ର ସୁନା, ଅନିଲ ସୁନା, କୈଳାସ ଦୀପ, ରାହୁଲ ସୁନା ଓ ଗିରିଧାରୀ ସୁନା ପ୍ରମୁ ସାମିଲ ଥିଲେ । ଆଶ୍ରମପଡ଼ାସ୍ଥିତ ଶ୍ମଶାନ ଘାଟରେ ଦାହ କରାଯାଇଛି ।

## ଆଇନ ସଚେତନତା କାର୍ଯ୍ୟକ୍ରମ

**ବଲାଙ୍ଗିର, ୭ ।୧(ସମିସ):** ବଲାଙ୍ଗିର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ନିଶାମୁକ୍ତ ଭାରତ ଓ ବାଲ୍ୟ ବିବାହ ଉଚ୍ଛେଦ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପବିତ୍ରାନନ୍ଦ ପ୍ରଧାନ, ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧ୍ୟକ୍ଷା ମିନତି ରଥ, ସିନ୍ଦେଧକେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡ. ଜୟନ୍ତ ବାଗ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅଧ୍ୟାପକ ନିଲେସ ପାରେ, ସୁଧାଂଶୁ ଦାସ, ଭବାନୀ ଶେଖର ରାଓ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀଙ୍କୁ ମାଦକ ଦ୍ରବ୍ୟର କୁପ୍ରଭାବ ବିଷୟରେ ଅବଗତ କରାଇବା ସହିତ ନିଶାମୁକ୍ତ ଜୀବନଶୈଳୀ ଦିଗରେ ପ୍ରେରିତ କରାଇଥିଲେ । ଏହାସହ ବାଲ୍ୟ ବିବାହ ଏକ ଗୁରୁତର ସାମାଜିକ କୁପ୍ରଥା ହେବାରୁ ଏହାକୁ ରୋକିବା ପାଇଁ ସଚେତନତା ସୃଷ୍ଟି, ଆଇନଗତ ସୂଚନା ପ୍ରସାର, ସମର୍ଥନ ଓ ସହଯୋଗ ଯୋଗାଇ ସମାଜର ସମସ୍ତ ବର୍ଗକୁ ସକ୍ରିୟ କରିବା ଉପରେ ସୂଚନା ଦେଇଥିଲେ ।

## ମୁଣ୍ଡଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମୀକ୍ଷା ବୈଠକ

**ବେଲପଡ଼ା, ୭ ।୧(ସମିସ):** ମୁଣ୍ଡାଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ପରିଷ୍କାର ପରିଚ୍ଛନ୍ନତା, ନିରାପତା ବ୍ୟବସ୍ଥା, ଖେଳ ସାମଗ୍ରୀ, ପାଠାଗାର, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ନେଇ ସମୀକ୍ଷା କରାଯାଇଥିଲା । ସୋସିଆଲ ଅଡିଟ ଟିମ୍ ମେମ୍ବର ରଶ୍ମିତା ସାହୁ, ଠାକୁର ଗଏଁତା, ମେଘନାଦ ମାଝୀ ଯୋଗ ଦେଇ ସମୀକ୍ଷା କରିଥିଲେ । ପ୍ରଧାନ ଶିକ୍ଷକ ସୂର୍ଯ୍ୟଭାନୁ ହୋତାଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଗୁଡିକୁ ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅବସରରେ ବରୁଣ ମାଝୀ ଓ ସୁରେଶ ପ୍ରଧାନଙ୍କୁ ପ୍ରଧାନ ଶିକ୍ଷକ ସୂର୍ଯ୍ୟଭାନୁ ହୋତା ସମ୍ବର୍ଦ୍ଧିତ କରିଥିଲେ ।

## ପିଏମ୍ ଶ୍ରୀ ସରକାରୀ ନୋଡାଲ ବାଳିକା ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ବେଲପଡ଼ା, ୭ ।୧(ସମିସ):** ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକର ପିଏମ୍ ଶ୍ରୀ ସରକାରୀ ନୋଡାଲ ବାଳିକା ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏବିଓଇଓ ଚତୁର୍ଭୁଜ ମିର୍ଦ୍ଧା, ଅଶୋକ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରମୋଦ ଠାକୁର ପ୍ରତିଯୋଗିତା ପରିଚାଳନା କରିଥିଲେ । ଶିକ୍ଷକ ବିଶ୍ୱମ୍ଭର ବୁଡ଼େକ ସଭାପତିତ୍ୱ କରିଥିଲେ ।

## କନ୍ଦରାଭଟାରେ ପୁଲିସର ଜନସମ୍ପର୍କ



**ଖପ୍ରାଖୋଲ, ୭ ।୧(ସମିସ):** ନାନ୍ଦୁପଲା ପଞ୍ଚାୟତ ଗନ୍ଧମାର୍ଦ୍ଦନ ପାହାଡ଼ ତଳି କନ୍ଦରାଭଟା ଗାଁ ପଡ଼ିଆରେ ପୁଲିସ୍ ତରଫରୁ ଏକ ଜନସମ୍ପର୍କ ଶିବିର ବୁଧବାର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ରୂପେ ଡିଭିଏଫ୍ ଇନ୍‌ଚାର୍ଜ ଜୟନ୍ତ ମହାପାତ୍ର, ସମ୍ମାନୀତ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ଲାଠୋର ଥାନା ଅଧିକାରୀ କରମା ଲାକ୍ରା, ତୁରେକେଲା ଥାନା ଅଧିକାରୀ ରାକେଶ ବେହେରା, ମହରାପଦର ସରପଞ୍ଚ ସୁମତି ପ୍ରଧାନ, ଉମେଶ ପୁଝାରୀ, ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ, ସାଲ୍, କମ୍ବଳ, ଗାମୁଛା, ବାଦ୍ୟଯନ୍ତ୍ର ଆଦି ବଣ୍ଟନ କରିଥିଲେ । ସେହିପରି ଏହି ଶିବିରରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିବା ବେଳେ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସବୁ ପ୍ରିତିଯୋଗୀ ଦଳକୁ ଖେଳ ଉପକରଣ ବଣ୍ଟନ କରାଯାଇଥିଲା ।

# ଚାଉଳ ଚୋରା ଚାଲାଣକୁ ସହଯୋଗ କରୁଛି ଯୋଗାଣ ବିଭାଗ

### ରିଜେକ୍ସନ ଚାଉଳ କହି ଟ୍ରକ୍ ଛାଡିବାକୁ ଯୋଗାଣ ନିରୀକ୍ଷକଙ୍କ ଅନୁରୋଧ

**ବଲାଙ୍ଗିର/ପାଟଣାଗଡ଼, ୭ ।୧ (ସମିସ)**

ବଲାଙ୍ଗିର ଜିଲ୍ଲାରେ ଯୋଗାଣ ବିଭାଗ ଚାଉଳ ଚୋରା ଚାଲାଣରେ ସହଯୋଗ କରୁଛି । ଏହାର ପ୍ରମାଣ ମିଳିଛି । ନିକଟରେ ପାଟଣାଗଡ଼ ବ୍ଲକ ତମିଆଁ ଛକ ଗଙ୍ଗାରାମ ରାଇସ୍ ମିଲ୍‌ରୁ ଜରିବସ୍ତାରେ ଭର୍ତ୍ତି ହୋଇ ୭ ଶହ ପ୍ୟାକେଟ ଚାଉଳ ଅନ୍ୟତ୍ର ଯାଉଥିଲା । ଚାଉଳ ବୋଝେଇ ଟ୍ରକକୁ ତମିଆଁ ଛକରେ କିଛି ସଚେତନ ନାଗରିକ ସନ୍ଦେହରେ ଅଟକାଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ଖବର ଦେଇଥିଲେ । ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ଟ୍ରକ୍ ଡ୍ରାଇଭରଙ୍କୁ ପଚାରିବାରୁ ରିଜେକ୍ସନ ଚାଉଳ ଯାଉଛି । ଓଜନ କରିବାକୁ ନିକଟସ୍ଥ କୁକୁଡ଼ା ଫାର୍ମ ନିକଟକୁ ନେଉଥିବା କହିଥିଲେ । ଏହାର କୌଣସି କାଗଜପତ୍ର କିନ୍ତୁ ନ ଥିବା କହିଥିଲେ । ମିଲରେ କାହିଁକି ଓଜନ କରାଗଲାନାହିଁ ବୋଲି ପ୍ରଶ୍ନ କରିବାରୁ ମିଲର ଓଜନ ମେସିନ ଚାଲୁନାହିଁ । ତେଣୁ ଅନ୍ୟତ୍ର ଓଜନ କରିବାକୁ ଯାଉଛି । ଓଜନ ପରେ କାଗଜପତ୍ର ହେବ । ତେବେ ଏହି ଚାଉଳ କାହା ପାଖକୁ ଯିବ ସେ କିଛି ଜାଣି ନ ଥିବା କହିଥିଲେ । ଚାଉଳ ଚାଲାଣର କୌଣସି କାଗଜପତ୍ର ନ ଥିବାରୁ ଚାଉଳ ଚୋରା ଚାଲାଣ ହେଉଥିବା ସନ୍ଦେହ କରି ଗଣମାଧ୍ୟମ ପ୍ରତିନିଧି ଜିଲ୍ଲା ଯୋଗାଣ ଅଧିକାରୀ, ପାଟଣାଗଡ଼ ଉପଜିଲ୍ଲାପାଳଙ୍କୁ ଅବଗତ କରିଥିଲେ । କିଛି ସମୟ ପରେ ୮୩୨୮୮୪୯୨୫୭ ନମ୍ବରରୁ ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଫୋନ ଆସିଲା ଯେ ମୁଁ ଯୋଗାଣ ନିରୀକ୍ଷକ କହୁଛି । ବେଳପଡ଼ା ଓ ପାଟଣାଗଡ଼ ଦାୟିତ୍ୱରେ ରହିଛି । ତାହା ରିଜେକ୍ସନ ଚାଉଳ ଯାଉଛି । ଗାଡିଟିକୁ ଛାଡ଼ିଦେବା ପାଇଁ ସେ ଅନୁରୋଧ କରିଥିଲେ । ଏ ବିଷୟରେ ଉପଜିଲ୍ଲାପାଳଙ୍କୁ ଅବଗତ କରିବାରୁ ସେମାନେ କାଗଜପତ୍ର ନ ଦେଖାଇବା ପର୍ଯ୍ୟନ୍ତ ଗାଡିକୁ ଛାଡ଼ିବେ ନାହିଁ । ମୁଁ ଯୋଗାଣ ବିଭାଗ ସହ କଥା ହୋଇଛି । ଗାଡିକୁ ସକାଳ ପର୍ଯ୍ୟନ୍ତ ରଖନ୍ତୁ । ଯାଞ୍ଚ ହେଲେ ସବୁ ପଦାକୁ ଆସିଯିବ ବୋଲି କହିଥିଲେ । କିଛି ସମୟ ପରେ ମିଲରୁ ଏକ ନକଲି ୱେ ବିଲ୍ ପ୍ରସ୍ତୁତ କରି ଟ୍ରକ୍ ଡ୍ରାଇଭର ଜଣକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖେଇଥିଲେ । ଓଜନ ପାଇଁ ଯାଉଥିବା ଚାଉଳ ଓଜନ ନ ହୋଇ କେମିତି ବିଲ୍ ପ୍ରସ୍ତୁତ ହେଲା ଓ ରିଜେକ୍ସନ ଚାଉଳ ଯାଉଥିବା କହୁଥିବା ଯୋଗାଣ ବିଭାଗ ଯାଞ୍ଚ ନ କରି କେମିତି ରିଜେକ୍ସନ ଚାଉଳ ବୋଲି ଜାଣିଲା ତାହା ଏବେ ଯୋଗାଣ ନିରୀକ୍ଷକଙ୍କ ଭୂମିକାକୁ ନେଇ ସନ୍ଦେହ ପ୍ରକାଶ ପାଇଛି । ଅନ୍ୟପଟେ ଯୋଗାଣ ବିଭାଗ ଘଟଣାସ୍ଥଳକୁ ନ ପହଞ୍ଚି କିଭଳି ରିଜେକ୍ସନ ଚାଉଳ ବୋଲି କହି ମାମଲାକୁ ଚାପିବାକୁ ପ୍ରୟାସ କଲା ଏହାର ତଦନ୍ତ ପାଇଁ ଦାବି ହେଉଛି । ତେବେ ଟ୍ରକରେ କିଛି ରିଜେକ୍ସନ ଚାଉଳ ସହ ଭିତରେ ସବୁ ଭଲ ଚାଉଳ ଥିଲା । ଯୋଗାଣ ବିଭାଗକୁ ହାତ କରି ଏଭଳି ଚାଉଳ ଚୋରାଚାଲାଣ କରି ମିଲ୍ ମାଲିକ ମାଲେମାଲ ହେଉଥିବା ଅଭିଯୋଗ ହେଉଛି । ଅପରପକ୍ଷରେ ଗଙ୍ଗାରାମ ରାଇସ୍ ମିଲ୍ ସରକାରଙ୍କୁ ନିର୍ଦ୍ଧାରିତ ଚାଉଳ ଦେଇ ନ ଥିବା ଯୋଗୁଁ ଚଳିତ ବର୍ଷ ଖରିଫ ପାଇଁ ମଣ୍ଡିରେ ଧାନ ଉଠାଇବାରୁ ବାଦ ପଡ଼ିଛି । ମିଲ୍‌ରୁ କିଭଳି ୭ ସହ ବସ୍ତା ଚାଉଳ ଚୋରା ଚାଲାଣ କରିଛି ତାହା ଏବେ ଏହି ମିଲ୍‌ର ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବାରେ ଲାଗିଛି । ଅନ୍ୟପଟେ ଯୋଗାଣ ବିଭାଗ ଚାଉଳ ଚୋରାଚାଲାଣ ହେଉଥିବା ଜାଣି ମଧ୍ୟ କାହିଁକି ଘଟଣାସ୍ଥଳକୁ ନ ଆସିଲା ନାହିଁ କି ଚୋରା ଚାଲାଣ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ ନ କରି ରିଜେକ୍ସନ ଚାଉଳ କହି ଗଙ୍ଗାରାମ ରାଇସ୍ ମିଲକୁ କ୍ଲିନ ଚିଟ୍ ଦେଲା ତାହା ତଦନ୍ତ ସାପେକ୍ଷ । ଏହି ଘଟଣାରୁ ସ୍ପଷ୍ଟ ଅନୁମାନ କରାଯାଉଛି ଯେ ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳରେ ଯୋଗାଣ ବିଭାଗ ସହଯୋଗରେ ନିର୍ଦ୍ଦିଷ୍ଟ ମିଲ୍‌ଗୁଡ଼ିକରୁ ଚାଉଳ ଚୋରା ଚାଲାଣ ହେଉଛି । ଅଭିଯୋଗ ପରେ ମଧ୍ୟ ଯୋଗାଣ ବିଭାଗ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଓଲଟା ମିଲ୍‌ଗୁଡିକୁ ଘଣ୍ଟ ଘୋଡାଇବାକୁ ପ୍ରୟାସ କରୁଛି ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନରସିଂହ ମିଶ୍ର

**ବଲାଙ୍ଗିର, ୭ ।୧(ସମିସ):** ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରେ ଭେଟିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସ୍ମୃତି ରକ୍ଷା ପାଇଁ ଶ୍ରୀ ମିଶ୍ର ଆଲୋଚନା କରିଥିଲେ । କଳିଙ୍ଗ ଷ୍ଟାଡିୟମ, ଏକାମ୍ର ଉଦ୍ୟାନ ଏବଂ ଭୁବନେଶ୍ୱର ରେଳ ଷ୍ଟେସନକୁ ଜାନକି ବଲ୍ଲଭଙ୍କ ନାଁରେ ନାମିତ କରି ତାଙ୍କ ସ୍ମୃତି ରକ୍ଷା କରାଯାଉ ବୋଲି ପ୍ରସ୍ତାବ କରାଯାଇଥିଲା । ଏହା ସହ ଲୋୟର ସୁକତେଲ ପ୍ରକଳ୍ପ ନିକଟରେ ଥିବା ଖେଳ ପଡ଼ିଆକୁ ଏକ ପୂର୍ଣ୍ଣାଙ୍ଗ ଷ୍ଟାଡିୟମ ରୂପେ ନିର୍ମାଣ ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ମିଶ୍ର ଦେଇଥିଲେ । ଏହି ଅଞ୍ଚଳର ସୌନ୍ଦର୍ଯ୍ୟକରଣ ପାଇଁ ଉଦ୍ୟାନ ନିର୍ମାଣ ପାଇଁ ଆସିଥିବା ଅନୁଦାନ ଫେରି ଯାଇଛି । ସେହି ଅନୁଦାନରେ ପୁଣି ଲୋୟର ସୁକତେଲ ଅଞ୍ଚଳର ସୌନ୍ଦର୍ଯ୍ୟକରଣ ବୃଦ୍ଧି ପାଇଁ ଉଦ୍ୟାନ କାମ ଆରମ୍ଭ କରାଯାଉ ବୋଲି ଶ୍ରୀ ମିଶ୍ର ଅନୁରୋଧ କରିଥିଲେ । ତେବେ ଜାନକି ବଲ୍ଲଭଙ୍କ ସ୍ମୃତି ରକ୍ଷା ପ୍ରସ୍ତାବ ସହ ଲୋୟର ସୁକତେଲରେ ଏକ ଷ୍ଟାଡିୟମ ଓ ଉଦ୍ୟାନ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ସକରାତ୍ମକ ଭାବେ ଗ୍ରହଣ କରିଥିବା ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ।

## କାମ ସରିନି; ପିଚୁ ଉଠିଯାଉଛି

**ପାଟଣାଗଡ଼, ୭ ।୧(ସମିସ):** ପାଟଣାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ତମିଆଁ ଛକରୁ ତମିଆଁ ପର୍ଯ୍ୟନ୍ତ ୯ କିମି ରାସ୍ତାର କାମ ଚାଲିଛି; ହେଲେ ନିମ୍ନମାନର କାମ ହେଉଛି । କାମ ଚାଲିଥିବାବେଳେ ପିଚୁ ଉଠି ଯାଉଛି । ଏହା ହିଁ କାମ ନିମ୍ନମାନର ଚାଲିଥିବା ପ୍ରମାଣ ଦେଉଛି । ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ତମିଆଁ ଛକରୁ ତମିଆଁ ପର୍ଯ୍ୟନ୍ତ ରାସ୍ତା ଖରାପ ହୋଇପଡ଼ିଥିଲା । ଏନେଇ ଅଞ୍ଚଳବାସୀ ରାସ୍ତା କାମ ପାଇଁ ବାରମ୍ବାର ଦାବି କରିଆସୁଥିଲେ । ତେବେ କିଛି ଦିନ ପୂର୍ବରୁ ଏହି ରାସ୍ତା କାମ ଆରମ୍ଭ ହୋଇଛି । ଏବେ କାମର ମାନକୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି । କାମ ସାରିବା ମାତ୍ରେ ପିଚୁ ଉଠି ଯାଉଛି । ଏନେଇ ଅଭିଯୋଗ ପରେ ମଧ୍ୟ କୌଣସି ଫଳପ୍ରଦ ହୋଇନାହିଁ । ତେବେ କେତେ ଟଙ୍କାର କାମ କେଉଁ ଠିକାଦାର ଦ୍ୱାରା ହେଉଛି ଲୋକେ ଜାଣିପାରୁ ନ ଥିବାବେଳେ ତଦାରଖ ପାଇଁ ମଧ୍ୟ କନିଷ୍ଠ ଯନ୍ତ୍ରୀ ଆସୁ ନ ଥିବା ଅଭିଯୋଗ ହେଉଛି । ରାତିରେ ପିଚୁ କାମ ଚାଲିଛି । ଏହି ରାସ୍ତା କାମ ଉପରେ ସ୍ଥାନୀୟ ଲୋକଙ୍କ ପ୍ରତିକ୍ରିୟା ନେବାରୁ ପିଚୁ ରାସ୍ତା କାମ ନିମ୍ନମାନର ହେଉଛି । ପିଚୁ ସବୁ ଉପୁଡିଯାଉଛି । ଏହି ରାସ୍ତା ସେମାନଙ୍କ ନିତିଦିନିଆ ରାସ୍ତା । ପୁଣି ନୂଆ କରି କାମ କରାଯାଉ । ନ ଚେତ ଆନ୍ଦୋଳନ କରିବାକୁ ସେମାନେ ପଛାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି । ଏନେଇ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ବୁଦ୍ଧେଶ୍ୱର ମହାପାତ୍ରଙ୍କୁ ପଚାରିବାରୁ ଅଭିଯୋଗ ପାଇବା ପରେ ସେ ରାସ୍ତା ତଦାରଖ ପାଇଁ ଯାଇଥିଲେ । ନିମ୍ନମାନର କାମ ହୋଇଛି । ଠିକାଦାରଙ୍କୁ କୁହାଯାଇଛି । ପୁଣି କାମ ହେବ ବୋଲି ସଫେଇ ଦେଇଛନ୍ତି ।

## କଣ୍ଟାବାଞ୍ଜିରେ ଗଣଦୌଡ଼ ପ୍ରତିଯୋଗିତା

**କଣ୍ଟାବାଞ୍ଜି, ୭ ।୧(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ମାଟିର ମହୋତ୍ସବ-୨୦୨୬ ଅବସରରେ କଣ୍ଟାବାଞ୍ଜି ଆର୍.ଏସ୍.ଆର୍. ଏସ୍. କ୍ଲବ୍ ପକ୍ଷରୁ ବୁଧବାର ଭୋର ୬ଟାରେ ଏକ ଗଣ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ କ୍ରୀଡ଼ାବୀତଙ୍କ ସହ ଗୃହିଣୀ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସ୍ଥାନୀୟ ଇନ୍ଦିରା ଛକଠାରୁ ପ୍ରତିଯୋଗିତା ଆରମ୍ଭ କରି ରେଲୱେ ଖେଳପଡ଼ିଆରେ ଶେଷ କରିଥିଲେ । ଏହି କାର୍ଯ୍ୟକ୍ରମରେ ମାଟିର ମହୋତ୍ସବ କମିଟିର ସଭାପତି ବ୍ରଜଶ୍ୟାମ ଗୁରୁ, ସାଧାରଣ ସମ୍ପାଦକ ବେଦବ୍ୟାସ ନାଗ, କୋଷାଧ୍ୟକ୍ଷ ସନ୍ତୋଷ ଅଗ୍ରୱାଲ, ଉପ ସଭାପତି କୈଳାସ ଦୀପ, ତୁଳସୀ ରାମ ଜଗତ, ନିଶିକାନ୍ତ ମାହାପତ୍ର, ସଂଯୋଜକ ପୁଷ୍ପ ବେହେରା, ସହ ସମ୍ପାଦକ ରାଜେନ୍ଦ୍ର ବେହେରା, ପ୍ରକାଶ ପ୍ରଧାନ, ରାଜୁ ବାରିକ, ପ୍ରଚାରକ ରୋହନ ମହତ, ସାଂସ୍କୃତିକ ସମ୍ପାଦକ ରଶ୍ମୀରଞ୍ଜନ ପୁଟେଲ, ଗଣମାଧ୍ୟମ ସଂଯୋଜକ ଗୁରୁ ଦୟାଲ ହଂସ, ପପୁ କୁଏଡ, ରାଜୁ ଶର୍ମା, ମୁକେଶ ବାଗ, ସେହେବାଜ ଖାଁ, ପ୍ରଶାନ୍ତ ପାଢ଼ୀ, ସୋମନାଥ ସାହୁ, ସୋନୁ ଶତପଥୀ, ଜଗନ୍ନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## କଣ୍ଟାବାଞ୍ଜି ମାଟିର ମହୋତ୍ସବ ପାଇଁ ରଙ୍ଗୋଲି ପ୍ରତିଯୋଗିତା

**କଣ୍ଟାବାଞ୍ଜି, ୭ ।୧(ସମିସ):** କଣ୍ଟାବାଞ୍ଜି ମାଟିର ମହୋତ୍ସବ ଅବସରରେ ମାରୱାଡ଼ି ଯୁବା ମଞ୍ଚ ପ୍ରଗତି ଶାଖା ଓ ରାଧା ରାଣୀ ସ୍ୱୟଂ ସହାୟକ ଗୋଷ୍ଠୀର ମିଳିତ ଆନୁକୂଲ୍ୟରେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଆମ୍ବେଦକର ଛକଠାରୁ ରେଲୱେ ଖେଳପଡ଼ିଆ ରାସ୍ତାରେ ହୋଇଥିବା ଏହି ପ୍ରତିଯୋଗିତାରେ ଶହ ଶହ ସଂଖ୍ୟାରେ ପ୍ରତିଯୋଗୀମାନେ ଭାଗ ନେଇ ସେମାନଙ୍କ ଭିତରେ ଥିବା କଳାକୃତି ପ୍ରଦର୍ଶନ କରିଥିଲେ । ଏଥିରେ ମୁରୁଜରେ ସମସ୍ତେ ଭିନ୍ନ ଭିନ୍ନ ପ୍ରକାର ଚିତ୍ର ଆଙ୍କିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରେଳ ବିଭାଗ ବରିଷ୍ଠ ଅଧିକାରୀ ୟୁ ସି ବାଥମ, ସମ୍ମାନୀତ ଅତିଥି ଭାବେ କଣ୍ଟାବାଞ୍ଜି ରେଲୱେ ବିଭାଗ ଇଏନ ପ୍ରଶାନ୍ତ କୁମାର, ମାଟିର ମହୋତ୍ସବ ସଭାପତି ବ୍ରଜ ଶ୍ୟାମ ଗୁରୁ, ଡାକ୍ତର ଗୋବିନ୍ଦ ଅଗ୍ରୱାଲ, ଶୀତଳ ଅଗ୍ରୱାଲ, ମାରୱାଡ଼ି ଯୁବା ମଞ୍ଚ ପ୍ରଗତି ଶାଖାର ରୁଚି ଖଣ୍ଡେୱାଲ, ପୂଜା ଅଗ୍ରୱାଲ, ରାଧାରାଣୀ ସ୍ୱୟଂ ସହାୟକ ଗୋଷ୍ଠୀର ରେଣୁକା ବେହେରା, ଯଶୋବନ୍ତି ବିଶି ପ୍ରମୁଖ ମଞ୍ଚାସୀନ ଥିଲେ । ସହ ସମ୍ପାଦକ ଦିନେଶ ମାହାନନ୍ଦ ମଞ୍ଚ ପରିଚାଳନା କରିଥିଲେ । ପ୍ରତିଯୋଗିତାରେ ବିଚାରକ ଭାବେ ଶିକ୍ଷକ ବିଶ୍ୱ ରଞ୍ଜନ ଦାସ, ହରି ଚନ୍ଦନ ଲେଙ୍କା ଯୋଗ ଦେଇଥିଲେ । ଦୀପ୍ତିବାହା ବେହେରା, ଅଞ୍ଜଳି ମାଝିଙ୍କ ସହ ମାଟିର ମହୋତ୍ସବ କମିଟିର ସମସ୍ତ ପଦାଧିକାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଯୁବ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ପାଟଣାଗଡ଼, ୭ ।୧(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ଯୁଗୀମୁଣ୍ଡା-ମଲ୍ଲିକମୁଣ୍ଡା ରାସ୍ତାର ଏକ ଗଛରେ ଝୁଲୁଥିବା ଜଣେ ଯୁବ ବ୍ୟବସାୟୀଙ୍କ ମୃତଦେହକୁ ପାଟଣାଗଡ଼ ପୁଲିସ ଉଦ୍ଧାର କରିଛି । ମୃତକ ହେଲେ ବରବାହାଲ ଗାଁର କ୍ଷେତ୍ର କରୁଆଲ (୩୦) । ତେବେ ତାଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି । ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।



ମଙ୍ଗଳବାର ସନ୍ଧ୍ୟା ୫ଟାରେ ସେ ବ୍ୟବସାୟ ଟଙ୍କା ସଂଗ୍ରହ ପାଇଁ ଠକପଡ଼ା ଓ ଯୁଗୀମୁଣ୍ଡା ଯାଇଥିଲେ । ଯୁଗିମୁଣ୍ଡାରୁ ସନ୍ଧ୍ୟା ସାଢେ ୭ଟାରେ ଘର ସାମଗ୍ରୀ କିଣି ଗାଁକୁ ଫେରିଥିଲେ । ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ କ୍ଷେତ୍ରଙ୍କ ଭାଇ ଭୀଷ୍ମଙ୍କ ସହ ପରିବାର ଲୋକେ ଖୋଜାଖୋଜି କରିଥିଲେ । ଖୋଜ ଖବର ନ ପାଇ ଭୀଷ୍ମ ରାତି ୧୦ଟା ବେଳେ ଗାଁକୁ ଫେରୁଥିଲେ । ଏହି ସମୟରେ ଯୋଗିମୁଣ୍ଡାଠାରୁ ୩ କିମି ଦୂର ମଲ୍ଲିକମୁଣ୍ଡା ରାସ୍ତା କଡରେ କ୍ଷେତ୍ରଙ୍କ ବାଇକ୍ ପଡ଼ିଥିବା ଦେଖିବାକୁ ପାଇଥିଲେ । ବାଇକଠାରୁ ଅନତି ଦୂରରେ ଏକ ଗଛରେ କ୍ଷେତ୍ର ଝୁଲୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ । ବୁଧବାର ସକାଳେ ପାଟଣାଗଡ଼ ପୁଲିସ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଜବତ କରିଥିଲା । ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି । ଅପରପକ୍ଷରେ ସ୍ଥାନୀୟ ଲୋକଙ୍କ କହିବାନୁସାରେ କ୍ଷେତ୍ର ଜଣେ ଶାନ୍ତ ସରଳ ସ୍ୱଭାବର ବ୍ୟକ୍ତି ଥିଲେ । କାହା ସହ ତାଙ୍କର କଳି ଝଗଡ଼ା ନ ଥିଲା । ଯେଉଁ ସ୍ଥାନରେ ମୃତଦେହ ଝୁଲୁଥିଲା ସେହି ସ୍ଥାନରେ ଗତ ୧୫ ବର୍ଷ ପୂର୍ବରୁ ହତ୍ୟାକାଣ୍ଡ ହୋଇଥିଲା । ସେହି ସ୍ଥାନରେ ଅନେକ ସମୟରେ ଲୁଟ୍‌ପାଟ ମଧ୍ୟ ହେଉଥିଲା । କ୍ଷେତ୍ର ଫେରିବା ସମୟରେ ଦୁର୍ବୃତ୍ତ ତାଙ୍କୁ ଲୁଟ୍ କରିବାରେ ବିଫଳ ହେବାପରେ ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ଭାଇ ଭୀଷ୍ମ ଅଭିଯୋଗ ଆଣିଛନ୍ତି । ଅନ୍ୟପଟେ କ୍ଷେତ୍ର ଏକ ନୂଆ ପ୍ଲାଷ୍ଟିକ ଦଉଡିରେ ଝୁଲୁଥିଲେ । ଏଣୁ ଏହି ଦଉଡି କେଉଁ ଦୋକାନରୁ କିଣାଯାଇଛି ପୁଲିସ ଏହାର ତଦନ୍ତ କଲେ ପ୍ରକୃତ ରହସ୍ୟ ଲୋକଲୋଚନକୁ ଆସିପାରିବ ବୋଲି ଦାବି ହେଉଛି ।

## ହରିଶଙ୍କର କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଖପ୍ରାଖୋଲ, ୭ ।୧(ସମିସ):** ଖପ୍ରାଖୋଲ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଆନନ୍ଦିନି ଦର୍ଜି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ । କେବଳ ପାଠପଢ଼ି ସାର୍ଟିଫିକେଟ ହାସଲ କରି ଚାକିରି କରିଦେଲେ ମଣିଷ ଜୀବନ ସାର୍ଥକ ହୋଇ ନ ଥାଏ । ଛାତ୍ରଛାତ୍ରୀ କ୍ରୀଡାରେ ଅଂଶଗ୍ରହଣ କରି ଶୃଙ୍ଖଳା ଶିକ୍ଷାଲାଭ କରିବା ସହ ଉତ୍ତମ ଚରିତ୍ରର ଅଧିକାରୀ ହେବାକୁ ସେ ତାଙ୍କ ବକ୍ତବ୍ୟରେ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ବଳଭଦ୍ର ଦାଶ ସଭାରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ଉଦ୍‌ଘାଟନୀ ଉତ୍ସବରେ ପାଟଣାଗଡ଼ର ପୂର୍ବତନ ସହକାରୀ ଜିଲ୍ଲାପାଳ ପଦ୍ମନାଭ ପୁରୋହିତ, ଜିଲ୍ଲା ହକି ଆସୋସିଏସନ୍‌ର ପୂର୍ବତନ ସମ୍ପାଦକ ତଥା କ୍ରୀଡାବିତ୍ ପ୍ରଫୁଲ୍ଲ ବେହେରା, ଖପ୍ରାଖୋଲ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଇସ୍ୱାଲ ସୁନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ଥାନୀୟ ଡୁମେରତଲେନ ମନ୍ଦିରରେ ପୂଜା ଅର୍ଚ୍ଚନା କରାଯିବା ପରେ ମଶାଲ ଶୋଭାଯାତ୍ରା ବାହାରିଥିଲା । ମନ୍ଦିର ପୂଝାରୀ ଯୁକ୍ତେଶ୍ୱର ବରିହା ପୂଜା ଅର୍ଚ୍ଚନା କରିଥିଲେ । ଛାତ୍ରୀ ନିଶି ପୁଟେଲ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ଛାତ୍ରୀ ଅଞ୍ଜଳି ଗଡ଼ତ୍ୟା ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ଅଧ୍ୟାପିକା ମଧୁସ୍ମିତା ସାହୁ, ଅଧ୍ୟାପିକା ସୁନନ୍ଦା ଭୋଇ, ଅଧ୍ୟାପକ ଆଶୁତୋଷ ସିଂ ବୁଡେକ ପ୍ରମୁଖ ମଞ୍ଚାସୀନ ଥିଲେ । ସମ୍ମାନିତ ଅତିଥି ପଦ୍ମନାଭ ପୁରୋହିତ ନିଜ ପିତାମାତାଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ବିଦ୍ୟାଳୟକୁ ୧୦ ହଜାର ଟଙ୍କା ଚେକ୍ ପ୍ରଦାନ କରିଥିଲେ । ଏହି ଅର୍ଥରାଶିରୁ ଉପଲବ୍ଧ ସୁଧ ପ୍ରତିବର୍ଷ ଗରିବ ତଥା ସଫଳ କ୍ରୀଡାବିତ୍‌ଙ୍କୁ ପ୍ରଦାନ କରାଯିବାକୁ ସେ ଘୋଷଣା କରିଥିଲେ । ଛାତ୍ରୀମାନଙ୍କ ଦ୍ୱାରା ୧୫୦୦ ମିଟରର ଏକ ମାରାଥନ ଦୌଡ ହୋଇଥିଲା । ହରେଶ ବେହେରା, ପିଇଟି ଗୁଣମଣି ସାହୁ, ପିଇଟି ଡୋଲାମଣି ପଧାନ, ସହକାରୀ ଗ୍ରନ୍ଥାଗାରିକ ଗଙ୍ଗାଧର ଭଇଁଷାଲ, ନିରୋଜ ବାରିକ, ନନ୍ଦକିଶୋର ବାଗ, ଶିବରାଜ ସାହୁ, ବାଳକୃଷ୍ଣ ପୁଞ୍ଜି, ଗୁଣମଣି ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର

**ବଲାଙ୍ଗିର, ୭ ।୧(ସମିସ)**



ରାଜ୍ୟରେ ବୁଧବାର ୧୧୮ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଆଭାଷୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହି ବିଦ୍ୟାଳୟଗୁଡ଼ିକର ଶୁଭ ଦେଇଛନ୍ତି । ଏହି କ୍ରମରେ ଲୋଇସିଂହା ବ୍ଲକର ଝାରମୁଣ୍ଡା ଅଞ୍ଚଳ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଜିଲ୍ଲାପାଳ ଗୌରଓ ଶିୱାଜୀ ଇସାଲୱାର, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରୁଣୀ ସୁନା, ବ୍ଲକ ଅଧ୍ୟକ୍ଷ ଜତିନ୍ଦ୍ର ପଟେଲ, ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗ, ଜିଲ୍ଲା ପରିଷଦ ସଭ୍ୟସଭ୍ୟା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲ୍ଲାର ୧୦ଟି ପଞ୍ଚାୟତରେ ଏଡି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବଙ୍ଗୋମୁଣ୍ଡା ବ୍ଲକର ବଙ୍ଗୋମୁଣ୍ଡା ପଞ୍ଚାୟତ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବେଲପଡ଼ା ବ୍ଲକର ବାଗଡ଼ର ପଞ୍ଚାୟତ କୁମ୍ଭାରଖନ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଲୋଇସିଂହା ବ୍ଲକର ଝାରମୁଣ୍ଡା ପଞ୍ଚାୟତ ଅଞ୍ଚଳ ନୋଡାଲ ଉଚ୍ଚ ବିଦ୍ୟାଳୟ, ଆଗଲପୁର ବ୍ଲକର ବକ୍ସି ପଞ୍ଚାୟତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମୁରିବାହଲ ବ୍ଲକର ଚନାବାହଲ ପଞ୍ଚାୟତ କୁର୍ଲୁବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହଳଦୀ ପଞ୍ଚାୟତର ହଳଦୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଇଚ୍ଛାପଡ଼ା ପଞ୍ଚାୟତ ସରଗୁଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଣାଗଡ଼ ବ୍ଲକର ତେଣ୍ଡାପଦର ପଞ୍ଚାୟତ ତେଣ୍ଡାପଦର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଟିଟିଲାଗଡ଼ ବ୍ଲକର ସିଲୁଆଁ ପଞ୍ଚାୟତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏବଂ ତୁରେକେଲା ବ୍ଲକର ହିଆଲ ପଞ୍ଚାୟତର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରଯାଇଥିଲା । ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡିକ ରାଜ୍ୟର ଉଚ୍ଚ ବିଦ୍ୟାଳୟ ପାଇଁ ଏକ ଫିଡର ସ୍କୁଲ ଭାବରେ କାର୍ଯ୍ୟ କରିବ । ଯେଉଁ ସ୍କୁଲରେ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଥିବେ, ୨ ଏକରରୁ ଅଧିକ ଜମି ଉପଲବ୍ଧ ହେଉଥିବ ଏବଂ ଶିଶୁ ବାଟିକା ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେଉଥିବ ସେହି ସ୍କୁଲଗୁଡିକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ନିର୍ମାଣ କରାଯିବ । ବିଦ୍ୟାଳୟ ଭିତ୍ତିଭୂମିରେ ଉନ୍ନତି ଆଣିବା, ଆଧୁନିକ ଶିକ୍ଷାଦାନ ପଦ୍ଧତି ଗ୍ରହଣ କରିବା ଏବଂ ଅଭିଭାବକ, ପୂର୍ବତନ ଛାତ୍ର ଏବଂ ସ୍ଥାନୀୟ ଅଂଶୀଦାରଙ୍କ ସମ୍ପୃକ୍ତିକୁ ପ୍ରୋତ୍ସାହିତ କରିବା, ଜାତୀୟ ଶିକ୍ଷା ନୀତି ୨୦୨୦ ସହିତ ସମନ୍ୱୟ ରଖି, ତୃତୀୟ ଶ୍ରେଣୀ ସୁଦ୍ଧା ମୌଳିକ ଶିକ୍ଷାଗତ ଦକ୍ଷତା ହାସଲ କରିବା ପାଇଁ ମୂଳଦୁଆକୁ ସୁଦୃଢ଼ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଅତିରିକ୍ତ ଶିକ୍ଷାଧିକାରୀ ପ୍ରବୀର ପଣ୍ଡା, ସରପଞ୍ଚ, ସମିତି ସଭ୍ୟସଭ୍ୟା, ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ, ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ ।

**କଣ୍ଟାବାଞ୍ଜି:** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ହିଆଁଲ ପଞ୍ଚାୟତ ସଦର ଗ୍ରାମରେ ବୁଧବାର ବ୍ଲକର ପ୍ରଥମ ଗୋଦାବରିଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଛି । ଏହାକୁ ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଉଦ୍‌ଘାଟନ କରିଛନ୍ତି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏହି ବିଦ୍ୟାଳୟ ଉଦ୍‌ଘାଟିତ ହୋଇଥିବା ବେଳେ ବ୍ଲକର ତୁରେକେଲା ବ୍ଲକ ହିଆଁଲ ପଞ୍ଚାୟତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଗୋଦାବରିଶ ମିଶ୍ର ଆଦର୍ଶ ବିଦ୍ୟାଳୟର ମାନ୍ୟତା ମିଳିଛି । ଏହି ଉଦଘାଟନୀ ଅବସରରେ ତୁରକେଲା ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌତମ ପୁଟେଲ, ହିଆଁଲ ସରପଞ୍ଚ ଲୋକନାଥ ଥପା, ମୁକେଶ ବାଗ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକିର ଚରଣ ବିଶି ଓ ଜଗବନ୍ଧୁ ମାଝି, ଯୁଧିଷ୍ଠିର ଭରାସଗରିଆ (ପ୍ରଧାନ ଶିକ୍ଷକ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ହିଆଁଲ) ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସିଆରସିସି ଗୁରୁପ୍ରସାଦ ଛତ୍ରିଆ, ଧନସିଂ ମାଝି, କୃତିବାସ ବରିହା, ଅନୁପ ଦାସ, ଗଜୟ ଦାସ, ଗଜେନ୍ଦ୍ର ହରିଜନ, ଜଗମୋହନ ସେଠି, ମୋହନ ବରିହା, ରମେଶ ଚନ୍ଦ୍ର ସୁନା ପ୍ରମୁଖ ସହଯୋଗ କରିଥିଲେ । ପ୍ରଶାନ୍ତ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ ।

**ମୁରିବାହାଲ:** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଇଚ୍ଛାପଡ଼ା ପଞ୍ଚାୟତ ସର୍ଗୁଲରେ ମଧ୍ୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସର୍ଗୁଲ୍ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜିତେନ୍ଦ୍ର ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଗଙ୍ଗାଧର ହେର୍ଣ୍ଣା, ଇଛାପଡ଼ା ସରପଞ୍ଚ ସୁଭାଷିନୀ ବେହେରା, ସମିତି ସଭ୍ୟ ତୋଫାନ ନାଗ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କାନ୍ତାରାମ ଧରୁଆ, ବାନ୍ଦୁପଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଲିଲୁ ପଧାନ, ପରିଚାଳନା ସମିତି ସଭାପତି ଲିଙ୍ଗରାଜ ବେଣ୍ଟକାର ଅତିଥି ଭାବେ ଯୋଗ ଦେଇଥିଲେ । ଭୋଜରାଜ ପ୍ରଧାନ ସଭା ସଂଯୋଜନା କରିଥିଲେ । ଚଳକି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜିତେନ୍ଦ୍ର ମାଝୀ ଧନ୍ୟବାଦ ଜ୍ଞାପନ କରିଥିଲେ । ପ୍ରକାଶ କୁମାର ପ୍ରଧାନ, ଜଗମୋହନ ରାଉତ, ନମିତା ଜାନି, ଆରତୀ ସିଂ ବରିହା, ରିତୁ ଭୋଇ, ପ୍ରମିଳା ସୁନା, ଦିବ୍ୟକାନ୍ତି ଭୋଇ, ସବିତା ପ୍ରଧାନୀ, ହୃଷିକେଶ ଅଦା, ଶଶିକାନ୍ତ ନାଗ, ଯଦୁମଣି ବେନିଆ, ଯୋଦ୍ଧାଜିତ୍ ମହାଲିଙ୍ଗ, ଜ୍ୟୋତିରଞ୍ଜନ ବର୍ଗେ, କୈଳାଶଚନ୍ଦ୍ର ସାହୁ, ବିକାଶ ରଞ୍ଜନ ଭୋଇ, ଶଙ୍କର ନାଗ ପ୍ରମୁଖ ସହଯୋଗ କରିଥିଲେ ।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/21 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 କଟ୍ ଅଫ୍) |
|---|---|---|
| ମୁଖ୍ୟ ଆର୍ଥିକ ଅଧିକାରୀ | 1 | 57 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 05.01.2026 ରୁ 27.01.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 05.01.2026

**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

# ସମ୍ପାଦକୀୟ



ଚନ୍ଦ୍ରମା ଭଳି ତୁମେ ମେଘମାଳା ଭିତରୁ ବାହାରି ଆସ ଓ ଆଲୋକ ବର୍ଷା କର।
-ଗୌତମ ବୁଦ୍ଧ

ସକାଳ
THE SAKALA

## ବଢ଼ିପାରେ ଇପିଏଫ୍‌ଓ ପରିସର

ଗତ ୧୧ ବର୍ଷ ଧରି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ) ର ପରିସର ଅପରିବର୍ତ୍ତିତ ରହିଛି। ୧୫ ହଜାର ଟଙ୍କାରୁ ଅଧିକ ମାସିକ ବେତନ ପାଉଥିବା କର୍ମଚାରୀଙ୍କୁ ଏହି ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବାର ବାଧ୍ୟବାଧକତାରୁ ବଞ୍ଚିତ କରାଯାଇଛି। ଏଠାରେ ସୂଚନାଯୋଗ୍ୟ କି ଇପିଏଫଓ ବେତନ ସୀମା ଶେଷ ଥର ପାଇଁ ୨୦୧୫ ସଂଶୋଧିତ ହୋଇଥିଲା। ସେତେବେଳେ ତାହା ସାଢ଼େ ୬ ହଜାରରୁ ୧୫ ହଜାର ଟଙ୍କାକୁ ବୃଦ୍ଧି ପାଇଥିଲା। ଏଥିମଧ୍ୟରେ ସର୍ବନିମ୍ନ ମଜୁରୀ ସୀମା ଯଥେଷ୍ଟ ବୃଦ୍ଧି ପାଇବା ସହ ମୁଦ୍ରାସ୍ଫୀତି ହାର ମଧ୍ୟ ବଢ଼ିଛି। କେନ୍ଦ୍ର ସରକାର ଓ ଏକାଧିକ ରାଜ୍ୟ ସରକାରଙ୍କ ସର୍ବନିମ୍ନ ମଜୁରୀ ସୀମା ୧୫ ହଜାର ଟଙ୍କା ଅତିକ୍ରମ କରିଥିବାରୁ ଲକ୍ଷ ଲକ୍ଷ କର୍ମଚାରୀ ଏହି ସାମାଜିକ ସୁରକ୍ଷା ବ୍ୟବସ୍ଥାରୁ ବଞ୍ଚିତ ହେଉଛନ୍ତି। ଅବଶ୍ୟ ଇପିଏଫଓ ପରିସର ବୃଦ୍ଧି ଘଟିଲେ ସରକାଙ୍କୁ ଅତିରିକ୍ତ ଆର୍ଥିକ ବୋଝ ବହନ କରିବାକୁ ପଡ଼ିବ। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ସରକାର କ୍ରମାଗତ ଏଡ଼ାଇ ଆସିଛନ୍ତି। ଏଥିମଧ୍ୟରେ ସର୍ବୋଚ୍ଚ ନ୍ୟାୟାଳୟ ୪ ମାସ ମଧ୍ୟରେ ବେତନ ସୀମା ପରିସର ବୃଦ୍ଧି ସଂପର୍କରେ ନିଷ୍ପତ୍ତି ନେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ପ୍ରସ୍ତାବ ଆଗରୁ ମଧ୍ୟ ଆଲୋଚନା ପରିସରକୁ ଆସିଛି। ଇପିଏଫଓ ର ନିଜସ୍ୱ ଉପସମିତି କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ସାମାଜିକ ସୁରକ୍ଷା ବ୍ୟବସ୍ଥାର ପରିସର ବୃଦ୍ଧି ସକାଶେ ୨୦୨୨ରେ କରିଥିବା ସୁପାରିସ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡର ଅନୁମୋଦନ ଲାଭ କରିଥିଲା। ଏହାସତ୍ତ୍ୱେ କେନ୍ଦ୍ରସରକାର ବେତନ ସୀମା ବୃଦ୍ଧି ପ୍ରସ୍ତାବକୁ ଗତ ୪ ବର୍ଷ ଧରି ଏଡ଼ାଇ ଆସିଛନ୍ତି। ସେହିଭଳି ସର୍ବନିମ୍ନ ପେନସନ ବ୍ୟବସ୍ଥା ପ୍ରତି ପୂର୍ବରୁ ଉଚିତ ଧ୍ୟାନ ଦିଆଯାଇ ନଥିବାରୁ ଅବସର ନେଇସାରିଥିବା କର୍ମଚାରୀ ଆର୍ଥିକ ସୁବିଧା ପାଇବାରୁ ବଂଚିତ ହୋଇଛନ୍ତି। ଏହି ଦିଗପ୍ରତି ମଧ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ତାହା କେବଳ ପ୍ରତିଶ୍ରୁତିରେ ରହିଯାଇଥିବାରୁ ସର୍ବନିମ୍ନ ପେନସନ ଧାର୍ଯ୍ୟ କରାଯାଇପାରିନାହିଁ। ଏବେ ମଧ୍ୟ ଏହି ଦାବିକୁ ନେଇ ଆନ୍ଦୋଳନ ଓ ଧାରଣା ଜାରି ରହିଛି।

ଜଷ୍ଟିସ ମାହେଶ୍ୱରୀ ଓ ଜଷ୍ଟିସ ଚାନ୍ଦୁରକରଙ୍କ ଖଣ୍ଡପୀଠ ନିର୍ଦ୍ଦିଷ୍ଟ ଭାବେ ବେତନ ପରିସର ବୃଦ୍ଧିର ପରିସୀମା ନିର୍ଦ୍ଧାରଣ କରିନାହାନ୍ତି। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ପରେ ବେତନ ସୀମା ୨୦ ରୁ ୨୫ ହଜାର ଟଙ୍କାକୁ ବୃଦ୍ଧି ପାଇପାରେ ବୋଲି ଅନୁମାନ କରାଯାଉଛି। ଏକ୍ଷେତ୍ରରେ ଉଭୟ କମ୍ପାନୀ ଓ ସରକାରଙ୍କ ସ୍ୱାର୍ଥ ଜଡ଼ିତ ଥିବାରୁ ଏକ ବୁଝାମଣା ଭିତ୍ତିରେ ନିଷ୍ପତ୍ତି ନେବାକୁ ନିଶ୍ଚୟ ସମୟ ଲାଗିବ। ପରିବର୍ତ୍ତିତ ପରିସ୍ଥିତିରେ କମ୍ପାନୀଗୁଡ଼ିକର ସ୍ୱାର୍ଥରକ୍ଷା ପାଇଁ ସରକାର ଟ୍ରେଡ ୟୁନିୟନ ବ୍ୟବସ୍ଥାରେ ଯେଉଁଭଳି ସଂଶୋଧନ ଆଣିଛନ୍ତି ସେଥିରେ ଏହି ପରିସୀମା ବୃଦ୍ଧି ନିଷ୍ପତ୍ତିରେ କର୍ମଚାରୀ ସଂଘମାନଙ୍କର ସ୍ୱରର ଗୁରୁତ୍ୱ ରହିବ ବୋଲି ଆଶା କରିବା ବୃଥା। ଦୁଇସପ୍ତାହ ମଧ୍ୟରେ ଏସଂକ୍ରାନ୍ତ ସମସ୍ତ କାଗଜପତ୍ର ଓ କୋର୍ଟ ନିଷ୍ପତ୍ତି କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରୁ ସ୍ପଷ୍ଟ ଯେ ଏକ୍ଷେତ୍ରରେ ଅଧିକ ସମୟ ଦେବାକୁ ଖଣ୍ଡପୀଠ ଚାହୁଁହାନ୍ତି। ତେଣୁ ଆଶା କରିବା ନିର୍ଦ୍ଧାରିତ ୪ ମାସ ମଧ୍ୟରେ ବିଭିନ୍ନ ସୁବିଧା ସୁଯୋଗରୁ ବଂଚିତ କିଛି ଅତିରିକ୍ତ କର୍ମଚାରୀ ଇପିଏଫଓ ପରିସର ଭୁକ୍ତ ହେବେ।●

## ଦୂଷିତ ଜଳ କାଳ

ଦେଶର ସବୁଠାରୁ ସ୍ୱଚ୍ଛ ସହରର ମାନ୍ୟତା ପାଇଥିବା ଇନ୍ଦୋରରେ ଦୂଷିତ ପାନୀୟ ଜଳକୁ ନେଇ ସଂକ୍ରମିତ ଝାଡ଼ାବାନ୍ତି ଘଟଣା ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଆମ ରାଜ୍ୟରେ ଉପୁଜିଥିବା ଦୁଇଟି ଘଟଣା ସଂପର୍କରେ ଆମେ ଏଠାରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛୁ। ରାଜଧାନୀ ଭୁବନେଶ୍ୱରଠାରୁ ମାତ୍ର ୩୦ କିଲୋମିଟର ଦୂରରେ ଅବସ୍ଥିତ ଗୁରୁଜଙ୍ଗ ଜବାହାର ନବୋଦୟ ବିଦ୍ୟାଳୟର ୭୦ ପିଲା କାମଳ ରୋଗରେ ପୀଡ଼ିତ। ଅନ୍ୟ ଘଟଣାଟି ହେଲା, ଢେଙ୍କାନାଳ ଜିଲ୍ଲାର ଓଡ଼ପଡ଼ା ବ୍ଲକ୍‌ରେ ଗୋଟିଏ ଦିନରେ ୫ ଜଣ କିଡ୍‌ନି ରୋଗରେ ପ୍ରାଣ ହରାଇଛନ୍ତି। ଏହି ବ୍ଲକ ଅନ୍ତର୍ଗତ ୫ଟି ପଞ୍ଚାୟତରେ ଶତାଧିକ କିଡ୍‌ନି ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। ଫ୍ଲୋରାଇଡ ମୁକ୍ତ ପାନୀୟ ଜଳ ଯୋଗାଇଦେବାକୁ ହେଉଥିବା ଦାବି ପ୍ରତି କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନ ଥିବାରୁ ରୋଗ ବ୍ୟାପିବାରେ ଲାଗିଛି। ଏହି ଅଞ୍ଚଳରେ କଳାମୁଗୁନି ପଥର ଖଣି ଥିବାରୁ ରାସାୟନିକ ପଦାର୍ଥ ଯୁକ୍ତ ବିସ୍ଫୋରଣ ଘଟାଇ ଖଣିକାର୍ଯ୍ୟ ଚାଲିଛି। ସେହି ରାସାୟନିକ ପଦାର୍ଥ ଭୂତଳ ଜଳରେ ମିଶୁଥିବାରୁ ତାହା ଆଦୌ ପାନୀୟ ଉପଯୋଗୀ ନୁହେଁ। ଏମିତିରେ ବ୍ରାହ୍ମଣୀ ନଦୀ ଜଳ ସବୁଠାରୁ ଅଧିକ ପ୍ରଦୂଷିତ ହୋଇଥିବା ବେଳେ ଅଞ୍ଚଳବାସୀ ନଦୀ ଶଯ୍ୟାରେ ଚୁଆ ଖୋଳି ପାନୀୟ ଜଳ ସଂଗ୍ରହ କରୁଛନ୍ତି। ଉପରୋକ୍ତ ଘଟଣାରୁ ସେଠାରେ ପାନୀୟ ଜଳ ସମସ୍ୟା କେତେ ସାଂଘାତିକ ତାହା ସହଜରେ ଅନୁମାନ କରାଯାଇପାରେ।

ଗୁରୁଜଙ୍ଗ ନବୋଦୟ ବିଦ୍ୟାଳୟର ପରିସ୍ଥିତି ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ସରକାରଙ୍କ ପକ୍ଷରୁ ଯେଉଁ ସ୍ପଷ୍ଟୀକରଣ ଦିଆଯାଇଛି ସେଥିରୁ ମନେ ହୁଏ ଦୂଷିତ ପାନୀୟ ଜଳ ପାଇଁ କୌଣସି ପକ୍ଷ ଦାୟୀ ନୁହନ୍ତି। ପ୍ରଧାନ ଶିକ୍ଷକଙ୍କ କହିବା କଥାହେଲା, ବିଦ୍ୟାଳୟରେ ଥିବା ପାଣିଟାଙ୍କିକୁ ବର୍ଷରେ ଦୁଇଥର ବିଶୋଧନ କରାଯାଉଛି। କର୍ତ୍ତୃପକ୍ଷ କହିଛନ୍ତି ୱାଟ୍‌କୋ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ନିୟମିତ ଯାଞ୍ଚ କରାଯାଉଛି। ତେଣୁ ସେମାନଙ୍କ ପକ୍ଷରୁ ଯୋଗାଇଦିଆଯାଉଥିବା ଜଳ ଆଦୌ ଦୂଷିତ ନୁହେଁ। ଏକଥା ସତ ଯେ ୱାଟକୋ କେବଳ ନବୋଦୟ ବିଦ୍ୟାଳୟକୁ ନୁହେଁ ତତ୍‌ସଂଲଗ୍ନ ଅନ୍ୟ ଅଞ୍ଚଳକୁ ମଧ୍ୟ ପାନୀୟ ଜଳ ଯୋଗାଉଛି। ଯଦି ସେଠାରେ ରୋଗ ବ୍ୟାପୁଥିବା କୌଣସି ଅଭିଯୋଗ ନାହିଁ ତେବେ ବିଦ୍ୟାଳୟରେ ଘଟିଥିବା ଘଟଣା ପାଇଁ ସେମାନେ କାହିଁକି ଦାୟୀ ହେବେ? ତେବେ ଏକ୍ଷେତ୍ରରେ ବିଦ୍ୟାଳୟରେ ଥିବା ପାଣି ଟାଙ୍କି ନିୟମିତ ପରିଷ୍କାର କରାଯାଉ ନ ଥିବାରୁ ତାହା ରୋଗ ସଂକ୍ରମଣର କାରଣ ହୋଇପାରେ।

ପରସ୍ପରକୁ ଦୋଷାରୋପ କରୁଥିବା ଘଟଣା ମଧ୍ୟରେ ଏବେ ଅଭିଭାବକଙ୍କ ଉପରକୁ ଆଙ୍ଗୁଳି ଦେଖାଯାଇଛି। ରବିବାର ପିଲାଙ୍କୁ ଭେଟିବାକୁ ଆସୁଥିବା ଅଭିଭାବକମାନେ ବିଦ୍ୟାଳୟ ବାହାରେ ଭେଣ୍ଡରଙ୍କଠାରୁ ସଂଗୃହୀତ ଖାଦ୍ୟ ଦେଉଥିବାରୁ ରୋଗ ସଂକ୍ରମଣର ଏହା ମଧ୍ୟ ଏକ କାରଣ ହୋଇପାରେ ବୋଲି ଦର୍ଶାଇଛି। ପାନୀୟଜଳରୁ ମୁଖ୍ୟତଃ କାମଳରୋଗ ସଂକ୍ରମିତ ହୋଇଥାଏ। ଏବେ ଅସୁସ୍ଥ ପିଲାଙ୍କଠାରୁ ଆରମ୍ଭ କରି ଜଳ ଯୋଗାଣ ବ୍ୟବସ୍ଥା ପର୍ଯ୍ୟନ୍ତ ସବୁ ପରୀକ୍ଷା ନିରୀକ୍ଷା ପରିସରକୁ ଆସିଯାଇଛି। ପରସ୍ପରକୁ ଦୋଷାରୋପ କରିବା ଅପେକ୍ଷା ସ୍ୱଚ୍ଛ ପାନୀୟ ଜଳ ଯୋଗାଣକୁ କର୍ତ୍ତୃପକ୍ଷ ସର୍ବାଧିକ ପ୍ରାଥମିକତା ଦେବା ଉଚିତ।●

# ପରିବେଶ ସଂରକ୍ଷଣରେ ନ୍ୟାୟପାଳିକାର ଭୂମିକା

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ସାମ୍ପ୍ରତିକ ପରିସ୍ଥିତିରେ ପରିବେଶଜନିତ ସଙ୍କଟ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ସମସ୍ୟା ହୋଇ ଉଭା ହେଲାଣି। ଆମ ଦେଶରେ ପ୍ରଚଳିତ ଆଇନ କାନୁନ କଡ଼ାକଡ଼ି ପାଳନ କ୍ଷେତ୍ରରେ ଶିଥିଳତା ଏବଂ ଅମଲାତାନ୍ତ୍ରିକ ଉଦାସୀନତା ହେତୁ ପ୍ରାୟତଃ ପରିବେଶଗତ ଆହ୍ୱାନଗୁଡ଼ିକର ମୁକାବିଲା କରିବାରେ ପାରଦର୍ଶିତା ପରିଲକ୍ଷିତ ହେଉ ନାହିଁ। ଏହି ପରିପ୍ରେକ୍ଷୀରେ ନ୍ୟାୟପାଳିକା ଏକ ଜାଗ୍ରତ ପ୍ରହରୀ ଭାବରେ ପରିବେଶ ସୁରକ୍ଷାକୁ ମୌଳିକ ଅଧିକାରରେ ସଂଯୋଜିତ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ନ୍ୟାୟପାଳିକା ସ୍ପଷ୍ଟ କରେ ଯେ ଅର୍ଥନୈତିକ ବିକାଶ ନାମରେ ପରିବେଶ ସୁରକ୍ଷାକୁ ବଳି ଦିଆଯାଇ ପାରିବ ନାହିଁ। ସୁପ୍ରିମକୋର୍ଟ, ହାଇକୋର୍ଟ, ଜାତୀୟ ସବୁଜ ଟ୍ରିବ୍ୟୁନାଲ ମାଧ୍ୟମରେ ନ୍ୟାୟପାଳିକାର ରାୟ ଜଙ୍ଗଲ, ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନଗୁଡ଼ିକର ସୁରକ୍ଷା ଏବଂ ଦେଶରେ ବେଆଇନ ପଥର ଖଣି ଖନନ ଓ ଉତ୍ତୋଳନ ବନ୍ଦ କରିବାରେ ସହାୟକ ହୋଇଛି। ସଦ୍ୟତମ ଉଦାହରଣ ରୂପେ ଆରାବଳୀ ପ୍ରସଙ୍ଗକୁ ନିଆଯାଇପାରେ।

ଆରାବଳୀ ଉତ୍ତର-ପଶ୍ଚିମ ଭାରତର ଏକ ପର୍ବତମାଳା, ଯାହା ଦକ୍ଷିଣ-ପଶ୍ଚିମ ଦିଗରେ ପ୍ରାୟ ୬୭୦ କିମି ରୁ ୮୦୦ କିମି ପର୍ଯ୍ୟନ୍ତ ବ୍ୟାପିଛି। ଏହା ଦିଲ୍ଲୀ ନିକଟରୁ ଆରମ୍ଭ ହୋଇ ଦକ୍ଷିଣ-ହରିୟାଣା ଓ ରାଜସ୍ଥାନ ଦେଇ ଗୁଜୁରାଟର ଅହମ୍ମଦାବାଦରେ ଶେଷ ହେଉଛି। ଆରାବଳୀ ସାରିସ୍କା ବ୍ୟାଘ୍ର ଅଭୟାରଣ୍ୟ, ରଣଥମ୍ଭୋର ଅଭୟାରଣ୍ୟ, ରାଜସ୍ଥାନର କୁମ୍ଭଲଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଦିଲ୍ଲୀ-ହରିଆଣା ସୀମାରେ ଥିବା ଅସୋଲା ଭାଟି ବନ୍ୟପ୍ରାଣୀ ଅଭୟାରଣ୍ୟର ବନ୍ୟପ୍ରାଣୀ କରିଡର ଭାବରେ କାର୍ଯ୍ୟ କରେ। ଏହା ସାମୂହିକ ଭାବେ ଲୁଣି, ସାବରମତୀ, ବନାସ ଓ ସାହିବି ପରି ନଦୀର ଜଳବିଭାଜକ ଅଟେ। ପୁଣି ଉତ୍ତର ଭାରତର ସବୁଜ ଫୁସଫୁସ ଭାବରେ କାର୍ଯ୍ୟ କରେ, ବାୟୁମଣ୍ଡଳର ଉତ୍ତାପକୁ ନିୟନ୍ତ୍ରଣ କରେ, ଧୂଳିକୁ ଧରି ରଖେ, ଦିଲ୍ଲୀ-ଏନସିଆର ବା ଜାତୀୟ ରାଜଧାନୀ କ୍ଷେତ୍ରରେ ବାୟୁ ପ୍ରଦୂଷଣ ହ୍ରାସ କରେ ଏବଂ ଥର ମରୁଭୂମିର ପୂର୍ବ ଦିଗକୁ ପ୍ରସାରଣରେ ବାଧା ଦିଏ। ଏହି ପର୍ବତମାଳା ତମ୍ବା, ଦସ୍ତା, ସୀସା, ରୁପା ଓ ଉଚ୍ଚମାନର ମାର୍ବଲ (ତାଜମହଲରେ ବ୍ୟବହୃତ ମକରାଣା ମାର୍ବଲ ପରି) ଖଣିଜ ସମ୍ପଦରେ ଅତ୍ୟନ୍ତ ସମୃଦ୍ଧ। ତେଣୁ ଏହା ଖଣି ମାଲିକ, ନିର୍ମାଣକାରୀ ସଂସ୍ଥା ଓ କର୍ପୋରେଟ୍ ସ୍ୱାର୍ଥକୁ ଆକର୍ଷିତ କରେ।

ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅଧୀନରେ ଭାରତ ସରକାରଙ୍କ ଦ୍ୱାରା ଗଠିତ ଏକ ଉଚ୍ଚ-କ୍ଷମତାସମ୍ପନ୍ନ କମିଟି 'ଆରାବଳୀ ପାହାଡ଼' ପାଇଁ ଏକ ନୂତନ ପରିଭାଷା ବା ସଂଜ୍ଞା ସୁପାରିସ କରିଛି। ନୂତନ ପରିଭାଷା ଅନୁଯାୟୀ, ଏକ ଭୂମିରୂପକୁ କେବଳ ଆଇନଗତ ଭାବରେ ଆରାବଳୀ ପାହାଡ଼ ଭାବରେ ବର୍ଗୀକୃତ କରାଯାଏ ଯଦି ଏହା ସ୍ଥାନୀୟ ଭୂମିସ୍ତରଠାରୁ ଅତିକମରେ ୧୦୦ ମିଟର ଉଚ୍ଚ ହୁଏ। ଏହାବ୍ୟତୀତ, ଆରାବଳୀ ପର୍ବତମାଳାରେ ପରସ୍ପରଠାରୁ ୫୦୦ ମିଟର ମଧ୍ୟରେ ଅବସ୍ଥିତ ପାହାଡ଼ଗୁଡ଼ିକୁ ଏକ କ୍ଲଷ୍ଟର ବା ପାହାଡ଼ପୁଞ୍ଜ ଭାବରେ ବ୍ୟାଖ୍ୟା କରାଯାଇଛି। ସର୍ବୋଚ୍ଚ ନ୍ୟାୟାଳୟ ୨୦ ନଭେମ୍ବର ୨୦୨୫ ରେ ଏହି ସୁପାରିସଗୁଡ଼ିକୁ ଗ୍ରହଣ କରିଥିଲେ ଏବଂ ତଦନୁସାରେ ଏହି ଅଞ୍ଚଳ ମଧ୍ୟରେ ନୂତନ ଖଣି ଲିଜ୍ ପ୍ରଦାନକୁ ନିଷିଦ୍ଧ କରିଥିଲେ।

ଏହି ନୂତନ ପରିଭାଷାକୁ ଦେଶର ବିଭିନ୍ନ ସ୍ଥାନରେ ପ୍ରବଳ ବିରୋଧ କରାଗଲା। କାରଣ ଏହା ସମ୍ଭାବ୍ୟ ଭାବରେ ଖଣି ଓ କୋଠାବାଡ଼ି ନିର୍ମାଣ କାର୍ଯ୍ୟ ବିକାଶ ପାଇଁ ବିସ୍ତୃତ ସୁଯୋଗ ସୃଷ୍ଟି କରିବ। ଯାହା ପୂର୍ବରୁ ବ୍ୟାପକ 'ଜଙ୍ଗଲ' କିମ୍ବା 'ପାହାଡ଼' ବର୍ଗୀକରଣ ଅଧୀନରେ ସୁରକ୍ଷିତ ଥିଲା ତାହା ନୂତନ ପରିଭାଷା ଅନୁସାରେ ସୁରକ୍ଷା ବଳୟ ବାହାରେ ସମ୍ପୂର୍ଣ୍ଣ ମୁକ୍ତ ରହିବ। କୋଟି କୋଟି ବର୍ଷ ଧରି ରହିଥିବା ଏକ ପ୍ରାକୃତିକ ପରିସଂସ୍ଥାକୁ କିପରି ପୁନଃପରିଭାଷିତ କରାଯାଇପାରିବ ତାହା ହେଉଛି ଏକ ମୁଖ୍ୟ ପ୍ରସଙ୍ଗ।

ଏକ ସାଧାରଣ ପାହାଡ଼ (୧୦-୩୦ ମିଟର) ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବାତ୍ୟା ପ୍ରତିରୋଧକ ଭାବରେ କାର୍ଯ୍ୟ କରେ। ତେଣୁ ବିରୋଧର ସ୍ୱରର ଗୁରୁତ୍ୱକୁ ଉପଲବ୍ଧି କରି ସର୍ବୋଚ୍ଚ ନ୍ୟାୟାଳୟ ଡିସେମ୍ବର ୨୯, ୨୦୨୫ରେ ଏକ ଶୁଣାଣିରେ ନଭେମ୍ବର ୨୦ ର ନିଜସ୍ୱ ନିଷ୍ପତ୍ତିକୁ ସ୍ଥଗିତ ରଖିଛନ୍ତି ଏବଂ ୨୧ ଜାନୁଆରୀ ୨୦୨୬ରେ ପରବର୍ତ୍ତୀ ଶୁଣାଣି ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ନାହିଁ ବୋଲି ରାୟ ଦେଇଛନ୍ତି। ନିଜ ନିଷ୍ପତ୍ତିକୁ ସ୍ଥଗିତ ରଖିବା ନିଶ୍ଚିତ ଭାବରେ ଏକ ବିରଳ ଉଦାହରଣ, ଯାହା ଫଳରେ ଲୋକମତକୁ ସମ୍ମାନ ଦିଆଗଲା ବୋଲି କୁହାଯାଇପାରିବ। ଶୀର୍ଷ ନ୍ୟାୟାଳୟ ଏହି ପ୍ରସଙ୍ଗର ଏକ ସମ୍ପୂର୍ଣ୍ଣ ପରୀକ୍ଷା କରିବା ପାଇଁ ଡୋମେନ୍ ବା ବୈଷୟିକ ବିଶେଷଜ୍ଞମାନଙ୍କୁ ନେଇ ଏକ ଉଚ୍ଚକ୍ଷମତାସମ୍ପନ୍ନ କମିଟି ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ। ପୂର୍ବରୁ କମିଟିରେ ଅମଲାମାନେ ଅଧିକ ପ୍ରତିନିଧିତ୍ୱ କରୁଥିଲେ।

ଆମ ଜାତୀୟ ରାଜଧାନୀ ଦିଲ୍ଲୀର ବାୟୁ ପ୍ରଦୂଷଣ ଏକ ଅତ୍ୟନ୍ତ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା। ୧୯୮୦ ଦଶକର ମଧ୍ୟଭାଗରେ ନ୍ୟାୟିକ ହସ୍ତକ୍ଷେପ ଆରମ୍ଭ ହୋଇଥିଲା, ଯେତେବେଳେ ପରିବେଶବିତ୍-ଆଇନଜୀବୀ ଏମ୍.ସି. ମେହେଟ୍ଟା ଦିଲ୍ଲୀର ବିପଦପୂର୍ଣ୍ଣ ବାୟୁକୁ ବିରୋଧ କରି ଏକାଧିକ ଆବେଦନ ଦାଖଲ କରିଥିଲେ। ୧୯୮୫ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ପ୍ରଥମେ ଯାନବାହନ ନିର୍ଗମନ, ଶିଳ୍ପ ଧୂଆଁ ଓ ଅନିୟନ୍ତ୍ରିତ ଇନ୍ଧନ ପୋଷଣର ବିଷାକ୍ତ ମିଶ୍ରଣର କୁପ୍ରଭାବ ଉପରେ ଧ୍ୟାନ ଦେଇଥିଲେ। ନ୍ୟାୟପାଳିକା ଏହି ପରିସ୍ଥିତି ପ୍ରତି ସଚେତନ ରହିଆସିଛି ଏବଂ ଦିଲ୍ଲୀ ରାଜଧାନୀ ନଗର ଏବଂ ସଂଲଗ୍ନ ଅଞ୍ଚଳର ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ସମୟ ସମୟରେ ନିର୍ଦ୍ଦେଶ ଦେଇଆସୁଛି। ସେଭଳି ମୁମ୍ବାଇ ନଗର ଉପରେ ପର୍ଯ୍ୟବସିତ ଅନ୍ୟ ଏକ ମାମଲାରେ ଅଦାଲତ ଦ୍ୱାରା ନିଯୁକ୍ତ ଏକ ପ୍ୟାନେଲ ୩୬ଟି ସ୍ଥାନର ସର୍ବେକ୍ଷଣ କରିଥିଲେ। ଉକ୍ତ ସର୍ବେକ୍ଷଣର ରିପୋର୍ଟ ଅନୁଯାୟୀ ବାୟୁ ପ୍ରଦୂଷଣ ରୋକିବା ପାଇଁ ନାଗରିକ ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରିବାର ଅଭାବ ରହିଥିଲା ଏବଂ ଅନୁପାଳନ 'ପ୍ରହସନଶୀଳ' ଥିଲା। ତେଣୁ ବମ୍ବେ ହାଇକୋର୍ଟ 'ବ୍ରିହନ୍ମୁମ୍ବାଇ ମ୍ୟୁନିସିପାଲ କର୍ପୋରେସନ'ର ମୁଖ୍ୟ ଏବଂ ମହାରାଷ୍ଟ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ-ସଚିବଙ୍କୁ 'ସମ୍ପର୍କିତ ଅଧିକାରୀଙ୍କ ନିଷ୍କ୍ରିୟତା ବ୍ୟାଖ୍ୟା କରିବାକୁ' ସମନ କରିଥିଲେ।

ଓଡ଼ିଶାରେ ୧୧୦୦ ବର୍ଗ କିଲୋମିଟରରୁ ଅଧିକ ପରିବ୍ୟାପ୍ତ ଚିଲିକା ହ୍ରଦ ହେଉଛି ଏସୀୟ ଉପମହାଦେଶର ସର୍ବବୃହତ ଲୁଣାପାଣି ହ୍ରଦ। ଲକ୍ଷ ଲକ୍ଷ ପ୍ରବାସୀ ଏବଂ ନିବାସୀ ପକ୍ଷୀଙ୍କ ପାଇଁ ଏକ ଶୀତକାଳୀନ ଆଶ୍ରୟସ୍ଥଳ ଏବଂ ଏକ ଜୈବ ବିବିଧତା ସ୍ଥାନ ବ୍ୟତୀତ ଏହି ହ୍ରଦ ଦୁଇ ଲକ୍ଷରୁ ଅଧିକ ମତ୍ସ୍ୟଜୀବୀ, ଅଣ-ମତ୍ସ୍ୟଜୀବୀ ଏବଂ ସେମାନଙ୍କ ପରିବାରଙ୍କ ଜୀବିକା ନିର୍ବାହକୁ ସମର୍ଥନ କରେ। ୧୯୯୧ ମସିହାରେ ଓଡ଼ିଶା ସରକାର ସମନ୍ୱିତ ଚିଙ୍ଗୁଡ଼ି ଫାର୍ମ ପ୍ରକଳ୍ପ ପାଇଁ ଟାଟା ଆଇରନ ଆଣ୍ଡ ଷ୍ଟିଲ୍ କମ୍ପାନୀ ସହିତ ଏକ ଲିଜ୍ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ଚିଲିକା ହ୍ରଦର ୩୨, ୦୦୦ ହେକ୍ଟର ଜମିକୁ ବାଣିଜ୍ୟିକ ଚିଙ୍ଗୁଡ଼ି ଉତ୍ପାଦନ ପାଇଁ ସଘନ ଜଳକୃଷି ଫାର୍ମରେ ପରିଣତ କରିବାର ଯୋଜନା କରାଯାଇଥିଲା। ଏହି ପ୍ରକଳ୍ପ ଚିଲିକା ପରିସଂସ୍ଥା ଉପରେ ବିନାଶକାରୀ ପ୍ରଭାବ ପକାଇବ ଏବଂ ସ୍ଥାନୀୟ ଲୋକଙ୍କ ଜୀବିକା ସୁରକ୍ଷାକୁ ବାଧା ଦେବ ବୋଲି ଆଶଙ୍କା କରାଯାଇଥିଲା ଏବଂ ସ୍ଥାନୀୟ ସମ୍ପ୍ରଦାୟଗୁଡ଼ିକ ତୀବ୍ର ପ୍ରତିରୋଧ କରିଥିଲେ। 'ଚିଲିକା ବଞ୍ଚାଓ ଆନ୍ଦୋଳନ' ନାମରେ ଏକ ତୀବ୍ର ଆନ୍ଦୋଳନ ପରେ ପ୍ରକଳ୍ପ ବନ୍ଦ ହୋଇଯାଇଥିଲା। ଭାରତୀୟ ନ୍ୟାୟପାଳିକା ଚିଲିକା ହ୍ରଦକୁ ଅବୈଧ ବାଣିଜ୍ୟିକ ଜଳଚାଳନାରୁ ରକ୍ଷା କରିବା ପାଇଁ ନିରନ୍ତର ହସ୍ତକ୍ଷେପ କରିଆସୁଛି ଏବଂ ଏହାର ସମନ୍ୱିତ ପରିଚାଳନା, ପାରମ୍ପରିକ ମାଛ ଧରିବା ଅଧିକାରର ସୁରକ୍ଷା ପାଇଁ ପ୍ରୟାସ ଜାରି ରଖିଛି।

ସେହିପରି ବଲାଙ୍ଗୀର ଜିଲ୍ଲାର ଗନ୍ଧମାର୍ଦ୍ଦନ ପାହାଡ଼ ଏବଂ କଳାହାଣ୍ଡି ଜିଲ୍ଲାର ନିୟମଗିରି ପାହାଡ଼ରେ ବକ୍ସାଇଟ୍ ଖଣିଜ ସମ୍ପଦର ପ୍ରଚୁରତା ବାରମ୍ବାର ଖଣି ମାଲିକଙ୍କୁ ଆକର୍ଷିତ କରୁଛି। ସ୍ଥାନୀୟ ଆଦିବାସୀ ଓ ଅନ୍ୟ ସମ୍ପ୍ରଦାୟମାନେ ବଲାଙ୍ଗୀରରେ 'ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ' ଏବଂ କଳାହାଣ୍ଡି ଜିଲ୍ଲାରେ 'ନିୟମଗିରି ସୁରକ୍ଷା ସମିତି' ଗଠନ କରି ବକ୍ସାଇଟ୍ ଖଣି ଉତ୍ତୋଳନକୁ ତୀବ୍ର ବିରୋଧ କରି ଏହି ଐତିହାସିକ ପାହାଡ଼ଗୁଡ଼ିକୁ ରକ୍ଷା କରିଥିଲେ। ନ୍ୟାୟିକ ହସ୍ତକ୍ଷେପ ଏହି ପାହାଡ଼ଗୁଡ଼ିକରେ ଖଣି ଖନନ ବନ୍ଦ କରିବାରେ ଦୃଢ଼ ଭାବରେ ସହାୟକ ହେଲା। ଏହି ପାହାଡ଼ଗୁଡ଼ିକ ସ୍ଥାନୀୟ ସମ୍ପ୍ରଦାୟର ସମୃଦ୍ଧ ପ୍ରାକୃତିକ ଜୈବ ବିବିଧତା ଏବଂ ଜୀବିକା ସହିତ ଓତଃପ୍ରୋତ ଭାବରେ ଜଡ଼ିତ। ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଛନ୍ତି ଯେ କର୍ପୋରେଟ୍ ସାମାଜିକ ଦାୟିତ୍ୱ(ସିଏସ୍‌ଆର) ସ୍ୱାଭାବିକ ଭାବରେ ପରିବେଶଗତ ଦାୟିତ୍ୱ ଅନ୍ତର୍ଭୁକ୍ତ କରିବ ଏବଂ ଏହା ଏକ ସାମ୍ବିଧାନିକ ଦାୟିତ୍ୱ, ଦାନ ନୁହେଁ। ଶିଳ୍ପସଂସ୍ଥାଗୁଡ଼ିକର ସମ୍ପ୍ରଦାୟ ଓ ପରିବେଶର ସର୍ବୋତ୍ତମ ସ୍ୱାର୍ଥରେ କାର୍ଯ୍ୟ କରିବା ପାଇଁ କମ୍ପାନୀ ଆଇନର ଧାରା ୧୬୬(୨) ଅନୁଯାୟୀ ଏକ ବିଶ୍ୱସ୍ତ କର୍ତ୍ତବ୍ୟ ରହିଛି। ସିଏସଆର ଆଇନରେ 'ସମ୍ପ୍ରଦାୟ' ଶବ୍ଦଟି କେବଳ ମଣିଷ ନୁହେଁ, ସ୍ଥାନୀୟ ଉଦ୍ଭିଦ, ପ୍ରାଣୀ ଓ ପରିବେଶଗତ ସ୍ୱାସ୍ଥ୍ୟକୁ ଅନ୍ତର୍ଭୁକ୍ତ କରେ। ଧାରା ୫୧ ଏ(ଗ) ପ୍ରାକୃତିକ ପରିବେଶକୁ ସୁରକ୍ଷା ଏବଂ ଉନ୍ନତି କରିବା ନିଶ୍ଚିତ କରେ। ଉଚ୍ଚମୂଲ୍ୟ ସଂରକ୍ଷଣ ପ୍ରକଳ୍ପ ପାଇଁ ଜାତୀୟ କାମ୍ପା ପାଣ୍ଠି ଏବଂ ସିଏସଆରକୁ ଏକୀକୃତ କରିବାକୁ ଅଦାଲତ ପରାମର୍ଶ ଦେଇଥିଲେ। ଭାରତୀୟ ସମ୍ବିଧାନର ବିଧି ବ୍ୟବସ୍ଥା ଅନୁସାରେ ପରିବେଶ ସୁରକ୍ଷା କ୍ଷେତ୍ରରେ ନ୍ୟାୟପାଳିକାର ନିର୍ଣ୍ଣାୟକ ଭୂମିକା, ଭାରତର ପ୍ରାକୃତିକ ବିଭବ ଓ ପରିବେଶର ତ୍ରାଣକର୍ତ୍ତା ଭାବରେ ଏହାର ବିଜୟଯାତ୍ରା କୁହାଯାଇପାରେ।●

(ସଭାପତି, ଓଡ଼ିଶା ପରିବେଶ ସମିତି)
ମୋ: ୯୭୭୭୮୦୦୪୦୮

# ଓଡ଼ିଆ ଭାଷାର ସ୍ଥିତି ଓ ଭବିଷ୍ୟତ

**ରାନୀ ନାୟକ**

ଆମ ଓଡ଼ିଆ ଭାଷା ଏକ ସମୃଦ୍ଧ ଭାଷା। ପୁଣି ଏହା ଶାସ୍ତ୍ରୀୟ ଭାଷାର ମୁକୁଟ ପରିଧାନ କରିଛି। ମାତୃଭାଷା ହେଉଛି ଗୋଟିଏ ଜାତିର ପରିଚୟ। ପରିଚୟ ବିନା ଗୋଟିଏ ଜାତି କେବେ ତିଷ୍ଠି ରହିପାରିବ ନାହିଁ। ସେ ପରିଚୟ ହେଉଛି ତା'ର ଅସ୍ମିତା। ଏ ଦୃଷ୍ଟିରୁ ଓଡ଼ିଆ ଏକ ଜୀବନ୍ତ ଓ ଶାସ୍ତ୍ରୀୟ ଭାଷା। କିନ୍ତୁ ଏଥିପ୍ରତି ଲୋକଙ୍କର ଯେତିକି ଆନ୍ତରିକତା ରହିବା କଥା ସେତିକି ନାହିଁ କହିଲେ ଚଳେ। ଏବେ ସମସ୍ତଙ୍କ ଚିନ୍ତାଧାରାରେ ରହିଛି ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ପଢ଼ିଲେ ପିଲାମାନେ ମୂର୍ଖ ହୋଇଯିବେ ଏବଂ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼ିଲେ ଜୀବନରେ ଉନ୍ନତି କରିବେ।

ଆମେ ସମସ୍ତେ ସଚେତନ ଯେ ଇଂରାଜୀ ପରି ଏକ ବିଦେଶୀ ଭାଷା ଆଜି ଆମ ଦେଶର ସବୁଠୁ ଦୃଢ଼ ଶକ୍ତିଶାଳୀ ଭାଷା ଭାବେ ଉଭା ହୋଇଛି। କିନ୍ତୁ ଏହା ଆପେ ଆପେ ହୋଇଯାଇନାହିଁ। ଓଡ଼ିଆକୁ ଛାଡ଼ି ଇଂରାଜୀ ଭାଷାକୁ ଶକ୍ତିଶାଳୀ କରିବା ପଛରେ ଆମର ମୁଖ୍ୟ ଭୂମିକା ରହିଛି। ଶିଶୁଟିଏ ଜନ୍ମ ହେବା ପରଠାରୁ ଯେବେ କଥା କହିବା ଆରମ୍ଭ କରେ ତାକୁ 'ମାଆ' ବଦଳରେ 'ମମ୍' ଡାକ ଶିଖାଇଥାଉ। ଓଡ଼ିଆ ବର୍ଣ୍ଣମାଳା ଶିଖାଇବା ପରିବର୍ତ୍ତେ ଇଂରାଜୀ ଶବ୍ଦ ଶିଖାଉ। ଅନ୍ୟ ଭାଷା ଶିଖିବା ଭଲ କଥା। କିନ୍ତୁ ନିଜ ଭାଷାଠାରୁ ମୁହଁ ଫେରାଇ ନେବା ମଧ୍ୟ ଉଚିତ୍ ନୁହେଁ। କଲେଜ୍ ପଢୁଆ ପୁଅଝିଅମାନେ କଥା ହେବା ସମୟରେ ଓଡ଼ିଆ କହୁଥିବେ, କିନ୍ତୁ ସେଥିରେ ପଚାଶ ପ୍ରତିଶତ ଇଂରାଜୀ ଥିବ। ତାଙ୍କୁ ପଚାରିଲେ କୁହନ୍ତି ଅନେକ ଶବ୍ଦର ଓଡ଼ିଆ ଆମେ ଜାଣିନୁ। ଏହା ତ ସତ କଥା। ସେମାନେ ଜାଣିବେ ମଧ୍ୟ କେମିତି? ଆମେ ଛୋଟବେଳୁ ଓଡ଼ିଆ ଅଭିଧାନର ପ୍ରୟୋଗ କରୁନାହାନ୍ତି। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ଶିକ୍ଷକଙ୍କ ମରୁଡ଼ି। ପିଲାଟି ଶିଖିବ କେଉଁଠାରୁ? ତେଣୁ ସମୟକ୍ରମେ ଓଡ଼ିଆ ପଣ ବଢ଼ିବା ବଦଳରେ ଦିନକୁ ଦିନ ଢଳି ପଡ଼ିଲା।

ଦକ୍ଷିଣ ଆଫ୍ରିକାର ପ୍ରଥମ ରାଷ୍ଟ୍ରପତି ନେଲସନ ମଣ୍ଡେଲା କହିଥିଲେ, 'ତୁମେ ଯଦି ଜଣେ ଲୋକ ସହ ସେ ବୁଝୁଥିବା କୌଣସି ଭାଷାରେ କଥା ହେବ, ତେବେ ତାହା ତା' ମସ୍ତିଷ୍କରେ ପହଞ୍ଚିବ। କିନ୍ତୁ ଯଦି ତା' ମାତୃଭାଷାରେ କଥା ହୁଅ ତେବେ ତାହା ହୃଦୟରେ ପହଞ୍ଚିବ।' ଲୋକମାନଙ୍କର ଧାରଣା ଯେ ଓଡ଼ିଆ ନ କହିଲେ ଭାଷା କ'ଣ ମରିଯାଉଛି କି? କିନ୍ତୁ ଯେଉଁମାନେ ଭାବନ୍ତି ଯେ ଭାଷା ମରେ ନାହିଁ, ସେମାନେ ଭୁଲ୍। ହାରାହାରି ପ୍ରତିବର୍ଷ ପୃଥିବୀର ଗୋଟିଏ ଗୋଟିଏ ଭାଷା ମରି ଯାଉଛି। ପୃଥିବୀରେ ପାଞ୍ଚ ହଜାରରୁ ଅଧିକ ଭାଷା ଅଛି। ଭାରତରେ ପ୍ରଚଳିତ ଭାଷାର ସଂଖ୍ୟା ପ୍ରାୟ ୧୫୦୦। ଏଥିରୁ ୨୪ଟି କୁ ସଂସ୍କୃତି ମନ୍ତ୍ରାଳୟର ମାନ୍ୟତା ମିଳିଛି। ଭାରତ ସରକାରଙ୍କ ସାହିତ୍ୟ ଏକାଡେମୀ ଏହି ଭାଷାର ଲୋକଙ୍କୁ ପ୍ରତିବର୍ଷ ପୁରସ୍କାର ଦେଇଥାଏ। ମାତ୍ର ଏଗୁଡ଼ିକ ଛଡ଼ା ଆହୁରି ଅନେକ ଭାଷା ଅଛି। ତା' ମଧ୍ୟରୁ ପ୍ରତିବର୍ଷ କିଛି କିଛି ଭାଷା ନିରୁଦ୍ଦିଷ୍ଟ ହୋଇ ଯାଉଛନ୍ତି! ଗତ କିଛିବର୍ଷ ଭିତରେ ୫୦ଟି ଆଫ୍ରିକୀୟ ଭାଷା ମରିଗଲାଣି। ତା'ମଧ୍ୟରୁ ୩ଟି ଭାଷା କେନିଆର। ଭାରତରେ ମଧ୍ୟ ସେଇଭଳି ସ୍ଥିତି ଦିନକୁ ଦିନ ଉପୁଜିବାକୁ ଲାଗିଲାଣି।

ଓଡ଼ିଆ ପଣକୁ ବାନ୍ଧି ରଖିବାକୁ ହେଲେ ଦେଶବିଦେଶରେ ନିଜର ସଂସ୍କୃତି ଓ କଳାକୀର୍ତ୍ତିକୁ ବ୍ୟକ୍ତିଗତ ସ୍ତରରେ ପ୍ରଚାର ପ୍ରସାର କରିବାକୁ ହେବ। କେବଳ ଯେ ସରକାର ଦୃଷ୍ଟି ଦେବେ ତାହା ନୁହେଁ, କାରଣ ମାତୃଭାଷା କିପରି ସୁରକ୍ଷିତ ରହିବ ଏହା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ସଂସ୍କୃତ ଭାଷାର ପ୍ରଚାରପ୍ରସାର ପାଇଁ ଭାରତ ସରକାର ଶହଶହ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, କିନ୍ତୁ ଏହା ସତ୍ତ୍ୱେ ଏହା କ'ଣ ସାଧାରଣ ଜୀବନରେ ବ୍ୟବହାର୍ଯ୍ୟ ଭାଷା ହୋଇରହିଛି କି? ତେଣୁ ଓଡ଼ିଆ ଭାଷାର ବିକାଶ ସେତିକିବେଳେ ସମ୍ପୂର୍ଣ୍ଣ ହେବ ଯେତେବେଳେ ଜଣେ ଓଡ଼ିଆ ଭାଷାଭାଷୀ ଉପଲବ୍ଧି କରିବ ଯେ ଏହି ଭାଷା ମାଧ୍ୟମରେ ସେ ଦେଶ ଓ ବିଶ୍ୱରେ ଉପଲବ୍ଧ ସମସ୍ତ ଜ୍ଞାନ ହାସଲ କରିପାରିବ। ବିଶ୍ୱୀ ସବୁ ସାହିତ୍ୟ, ସବୁ ଦର୍ଶନ, ବିଜ୍ଞାନ ଓ କାରିଗରୀ ବିଦ୍ୟାର ପାଠ୍ୟ ଯଦି ସେ ଓଡ଼ିଆ ଭାଷାରେ ପାଇପାରିବ ତା'ହେଲେ ସେ ଓଡ଼ିଆ ଭାଷା ଉପରେ ନିର୍ଭର କରିପାରିବ।

ଏଥିପାଇଁ ଦ୍ୱିପାକ୍ଷିକ ବ୍ୟବସ୍ଥାର ପ୍ରୟୋଜନ। ପ୍ରଥମତଃ, ଏସବୁର ଅନୁବାଦ ପାଇଁ ଦକ୍ଷ ଅନୁବାଦକ ଆବଶ୍ୟକ। ଦ୍ୱିତୀୟତଃ, ଏସବୁର ଅନୁବାଦରେ ସହାୟତା ପାଇଁ କମ୍ପ୍ୟୁଟର ସଫ୍ଟୱେରଠାରୁ ଆରମ୍ଭ କରି ଭାଷାକୋଷ, ଅଭିଧାନ ସହାୟକ ଭିତ୍ତିଭୂମି ସୁଲଭ ମୂଲ୍ୟରେ ଉପଲବ୍ଧ ହେବା ଆବଶ୍ୟକ। କିନ୍ତୁ ଏସବୁ ସତ୍ତ୍ୱେ ଯଦି ମାତୃଭାଷାକୁ ମା' ଭଳି ଅନ୍ତରରୁ ସ୍ନେହ ଭାବ ନ ଦେଖାଇବା ତେବେ ସମସ୍ତ ପ୍ରୟାସ ବୃଥା। ଯଦି ଜଣେ ନିଜ ପରିଚୟ ଗୋପନ ରଖି ଅନ୍ୟ ପରିଚୟରେ ପରିଚିତ ହେବାକୁ ଆଗ୍ରହୀ, ତେବେ ସେ ଜାତିର ପରିଚୟ ଥିଲେ କେତେ ନଥାଇ କେତେ? ଯଦି ବେଳ ଥାଉ ଥାଉ ସଚେତନ ନହେବା ତେବେ ଆଗାମୀ ପିଢ଼ି ପ୍ରଶ୍ନ ଉଠାଇବେ ଓଡ଼ିଆ ଭାଷା କେଉଁ କାମକୁ ଯେ?●

ଢେଙ୍କାନାଳ, ମୋ: ୭୬୦୬୯୯୬୦୫୩

# ଶୈକ୍ଷିକ-ସାହିତ୍ୟ-ସାଧକ: ରାଘବ ମିଶ୍ର

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସୌନ୍ଦର୍ଯ୍ୟ-ଶାସ୍ତ୍ରୀମାନେ ଉଚ୍ଚକୋଟୀର ସାହିତ୍ୟ ନୀତିଶିକ୍ଷା ପ୍ରଖ୍ୟାପକ ନୁହେଁ ବୋଲି ବଳିଷ୍ଠଯୁକ୍ତି ଉପସ୍ଥାପନ କରିଛନ୍ତି। ସେଥିପାଇଁ ପାଶ୍ଚାତ୍ୟ କଳା ଓ ସାହିତ୍ୟ ଜଗତରେ ଦିନେ ବିତର୍କର ବଳୟ ସୃଷ୍ଟି କରିଥିଲା ଯେଉଁ ଦୁଇଟି ମତବାଦ ତାହା ହେଉଛି -'କଳା ପାଇଁ କଳା' ଓ 'ଜୀବନ ପାଇଁ କଳା'। ଶିକ୍ଷାପ୍ରଦ ବିଷୟ ମଧ୍ୟରେ କଳାତ୍ମକ ଅନ୍ତଃଦୃଷ୍ଟି ଅନ୍ତର୍ନିହିତ ଓ ପ୍ରକୃତ କଳାସୃଜନ ଯେ ନୀତି-ବ୍ୟଞ୍ଜକ ଏତିକି ହୃଦୟଙ୍ଗମ କରିପାରିବାର ଦୁର୍ଲଭ ହୃଦୟବତ୍ତା ଯେ ଆମ ପାଖରେ ଅନୁପସ୍ଥିତ ରହିପାରେ, ଏହା ହିଁ ହେଉଛି ବିସ୍ମୟଜନକ। ଯେଉଁମାନେ ଜଣେ ଜଣେ ଆଦର୍ଶ ଶିକ୍ଷକ, ସେମାନଙ୍କ ଦ୍ୱାରା ରଚିତ କାବ୍ୟ କବିତାକୁ ଶିକ୍ଷାଦାନଠାରୁ କଦାପି ବିଚ୍ଛିନ୍ନ କରି ବିଚାର କରାଯାଇ ନ ପାରେ। ଭକ୍ତକବି ମଧୁସୂଦନ ରାଓଙ୍କ ରଚନାରେ ତେଣୁ ଜଣେ ନୈଷ୍ଠିକ ଶିକ୍ଷକଙ୍କ ବିବେକ ପରିସ୍ପନ୍ଦିତ।

ପଣ୍ଡିତ ରାଘବ ମିଶ୍ର ସୁପାଠକଙ୍କ ନିକଟରେ ପରିଚିତ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରଥମ ଜୀବନୀ ଲେଖକ ଭାବରେ। ଏହାବ୍ୟତୀତ ତାଙ୍କର ଆଉ ଏକ ସ୍ୱତନ୍ତ୍ର ପରିଚିତି ହେଉଛି - ସେ 'କୃଷ୍ଣଭକ୍ତି ରସାମୃତମ'ର ଅନୁବାଦକ। ବଙ୍ଗୀୟ ପଣ୍ଡିତ ଶ୍ରୀଯୁକ୍ତ ତାରାକୁମାର ଶର୍ମା କବିରତ୍ନ ହେଉଛନ୍ତି ତାହାର ମୂଳ ସ୍ରଷ୍ଟା। ରାଘବ ମିଶ୍ର ଏହାକୁ ଆଧୁନିକ ଯୁଗର ଏକ ହୀରକ-ରତ୍ନ ତୁଲ୍ୟ ମନେ କରୁଥିଲେ। ପଣ୍ଡିତ ରାଘବ ମିଶ୍ର ଥିଲେ କୃଷ୍ଣ-ଭକ୍ତି-ବିହ୍ୱଳ ଏକ ବିରଳ ଭାବସତ୍ତା। ଜୀବନବ୍ୟାପୀ କୃଷ୍ଣାରାଧନାରେ ବିତାଉଥିଲେ ସେ ରସାପ୍ଲୁତ ଦିବସ-ରଜନୀ। ଗୋଟିଏ ପାର୍ଶ୍ୱରେ କୃଷ୍ଣ-କରୁଣା-କିରଣରେ ସେ ଅଶ୍ରୁସ୍ନାତ ହେଉଥିଲେ। ଅପରପକ୍ଷରେ ଗଙ୍ଗାଧର ସାହିତ୍ୟାନୁରାଗରେ ହୋଇଥିଲେ ଗଭୀର ଭାବରେ ନିମଜ୍ଜିତ। ତାଙ୍କ ରଚିତ 'ମେହେର କବି' ପୁସ୍ତକ ବ୍ୟତୀତ ଗଙ୍ଗାଧର-କୈନ୍ଦ୍ରିକ ଅନେକ ପ୍ରବନ୍ଧ ପାଠକମାନଙ୍କୁ ନେଇଯାଇଛି ଭାରତୀୟ ସଂସ୍କୃତିର ନିବିଡ଼ତମ ସ୍ତରକୁ। ପୁଣି କବିଙ୍କ ଶ୍ରାଦ୍ଧ ପାଳନ ଉପଲକ୍ଷେ ସାଶ୍ରୁଲୋଚନରେ ସମାଧିପୀଠର ରାତ୍ରିକାଳୀନ ନିସ୍ତବ୍ଧତାକୁ ସୁଦ୍ଧା କରିଦେଉଥିଲେ ସେ ଭାବଗମ୍ଭୀର ଓ ଲୋତକାପ୍ଲୁତ।

ସମାନ ଭାବରେ ପୁରାଣରେ ବର୍ଣ୍ଣିତ ଶ୍ରେଷ୍ଠ ଭକ୍ତମାନେ ତାଙ୍କୁ ଭାବାଚ୍ଛନ୍ନ କରି ଦିଅନ୍ତି। ଉଦ୍‌ବେଳିତ ହୃଦୟ ନେଇ 'ଧ୍ରୁବ' ଚରିତ୍ର ଆଧାରରେ ରଚନା କରନ୍ତି 'ବାଳଭକ୍ତ' କାବ୍ୟ। ଅଯୋଧ୍ୟାରେ ଶ୍ରୀରାମଚନ୍ଦ୍ର ରାଜା ହେବେ ବୋଲି ଘରେ ଘରେ କି ଉଲ୍ଲାସ! ତାହା କିପରି କ୍ଷଣକ ମଧ୍ୟରେ ହୋଇଯାଇଛି ମ୍ଲାନ ଓ ମଳିନ, ତାହା ବର୍ଣ୍ଣନା କରିଛନ୍ତି ସ୍ୱରଚିତ 'ହର୍ଷେ-ବିଷାଦ' କାବ୍ୟରେ। ତାଙ୍କର ସର୍ବୋତ୍କୃଷ୍ଟ କୃତି ହେଲା 'ନୀତି-ପୁଷ୍ପହାର'। ଯାହା ସେ ସର୍ଜନା କରନ୍ତି କେଉଁଠି ବା ନାହିଁ ନୈତିକ ଜୀବନର ସନ୍ଦେଶ! ତେବେ 'ନୀତି-ପୁଷ୍ପହାର'ର ସ୍ଥାନ ନିଶ୍ଚିତ ଭାବରେ ସ୍ୱତନ୍ତ୍ର। ସେଥିରୁ ଗୋଟିଏ ଦୃଷ୍ଟାନ୍ତ ହୋଇଯାଇପାରେ ଅନ୍ତର୍ଭେଦୀ, ଯଦି ତାହା ପ୍ରବେଶ କରିଯାଏ ଚେତନା ରାଜ୍ୟର ଗଭୀରତମ କକ୍ଷ ମଧ୍ୟକୁ। ଅଷ୍ଟମ ପଦଟିରେ କବି କହୁଛନ୍ତି - 'ପକ୍ୱ ଶିକ୍ଷା-ଫଳେ ଥାଏ ବିନୟ ସୁରସ, ଯା ଦିବ୍ୟ ମାଧୁର୍ଯ୍ୟ ଭବେ ସର୍ବଜନ ବଶ' / 'ସହଜେ ବିନୟ କରେ କ୍ରୋଧକୁ ଦମନ, ସର୍ବତ୍ର ସମ୍ମାନ ଲଭେ ବିନୟୀ ଯେ ଜନ'।

ଏ ପୁସ୍ତକର ନାମକରଣ ହିଁ ହେଉଛି ନୈତିକତା ଓ ନାନ୍ଦନିକତାର ଏକ ସୁନ୍ଦର ସମନ୍ୱୟ। ନୀତି ହେଉଛି ସୁଶିକ୍ଷା ଦାନର ସଂକେତ। ଆଉ ପୁଷ୍ପହାର ହେଉଛି ସୌନ୍ଦର୍ଯ୍ୟ-ସୂଚକ। ନୈତିକ ଜୀବନ ଯେ ଏକ ଆକର୍ଷଣୀୟ ପୁଷ୍ପମାଳାରେ ପରିଣତ ହୋଇଯାଇପାରେ, ତାହାର ନିଗୂଢ଼ ରହସ୍ୟ ଉନ୍ମୋଚନ କରି ଦେଇଛନ୍ତି କବି। ଯେଉଁ ଜୀବନରେ ସତ୍ୟର ପ୍ରଦୀପ ପ୍ରଜ୍ୱଳିତ, ମାଙ୍ଗଲ୍ୟର ଶଙ୍ଖଧ୍ୱନି ନିନାଦିତ, ତାହା ହିଁ ଯେ ପ୍ରକୃତରେ ସୌନ୍ଦର୍ଯ୍ୟମୟ ଏହା କେତେ ସୁବୋଧ ଓ ସରଳ ଭାଷାରେ ବୁଝାଇଦେଇ ପାରନ୍ତି ସେ। ଆମେ ସ୍ଥିର ଚିତ୍ତରେ ଚିନ୍ତା କଲେ ହୃଦୟଙ୍ଗମ କରିପାରିବା ଯେ, ଶିକ୍ଷକଠାରୁ ବଡ଼ ନନ୍ଦନତତ୍ତ୍ୱବିତ ଆଉ କିଏ ଅଛି? କେଉଁପ୍ରକାର କଳା ଶିକ୍ଷାଦାନରେ ହିଁ ପୂର୍ଣ୍ଣତା ପ୍ରାପ୍ତ ନ ହୋଇଛି? ଶୈକ୍ଷିକ-ଚେତନା-ଭିତ୍ତିକ ସାହିତ୍ୟ ହିଁ ହୃଦୟକୁ ପ୍ରବେଶ କରିପାରେ। ଜୀବନର ମୋଡ଼ ପରିବର୍ତ୍ତନ କରିଦେଇପାରେ। ଅଶାନ୍ତି ଭିତରେ ଶାନ୍ତିର, ହିଂସା ଭିତରେ ପ୍ରେମର, ଅଜ୍ଞାନତାର ଅନ୍ଧକାର ଭିତରେ ଜ୍ଞାନର ପଥ ପ୍ରଦର୍ଶନ କରିଦେଇପାରେ। ସାରା ସଂସାର ଯଦି ନୀତି-ଭ୍ରଷ୍ଟ, ତା'ହେଲେ ବି ସୁନୀତି-ଶୁଦ୍ଧ ଜୀବନ ବଞ୍ଚିବା ସକାଶେ ସେଇ ସାହିତ୍ୟ ଦେଇ ପାରେ ଅମାପ ସାହସ, ଅସୀମ ଶକ୍ତି। ପଣ୍ଡିତ ରାଘବ ମିଶ୍ର ହେଉଛନ୍ତି ସେଇ ଶୀର୍ଷସ୍ତରର ସାହିତ୍ୟ ସାଧକ।●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଶିମିଳିପାଳରେ କୁମ୍ଭୀର ଗଣନା

ବାରିପଦା,୭।୧(ସମିସ): ଶିମିଳିପାଳ ଅଭୟାରଣ୍ୟରେ ମଙ୍ଗଳବାରଠାରୁ କୁମ୍ଭୀର ଗଣନା ଆରମ୍ଭ ହୋଇଛି। ୮ତାରିଖ ପର୍ଯ୍ୟନ୍ତ ତିନିଦିନିଆ କୁମ୍ଭୀର ଗଣନା ପ୍ରକ୍ରିୟା ଜାରି ରହିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମିଶାଇ ପ୍ରାୟ ୨୬ଟି ବିସ୍ତାରିତ ସ୍ଥାନରେ କୁମ୍ଭୀର ଗଣନା କରାଯାଉଥିବା ବୋଲି ସୂଚନା ମିଳିଛି। ଉକ୍ତ ଗଣନାରେ ଉତ୍ତର ଓ ଦକ୍ଷିଣ ଶିମିଳିପାଳର ଗୋଟିଏ ରେଞ୍ଜକୁ ମିଶାଇ ସମୁଦାୟ ୧୬ଟି ରେଞ୍ଜରେ ଗଣନା ହେଉଛି। ପ୍ରତି କର୍ମଚାରୀଙ୍କ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧିକାରୀଙ୍କ ଉପସ୍ଥିତିରେ ଶିମିଳିପାଳ ଅଭୟାରଣ୍ୟର ବିଭିନ୍ନ ରେଞ୍ଜର ବନ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ରିପୋର୍ଟ



ସୂଚନା ଦିଆଯାଇଛି। କୁମ୍ଭୀର ଗଣନା ପ୍ରକ୍ରିୟାରେ ଶିମିଳିପାଳ ଅଭୟାରଣ୍ୟ ଏବଂ ଶିମିଳିପାଳ ପାଦଦେଶରେ ନଦୀ ଓ ନାଳ ଆଦି ୮ଟି ଜଳଉତ୍ସର ୨୦ଟି ସ୍ଥାନରେ କରାଯାଉଛି। ୱେଷ୍ଟ ଦେଓ, ଇଷ୍ଟ ଦେଓ, ଖଇରୀ, ଖଡ଼ଖାଇ, ଠକଠକି ନଦୀ, ସାଳନ୍ଦୀ ନଦୀ ଓ ଖଡ଼ଖାଇ ନାଳ, ବୁଢ଼ାବଳଙ୍ଗ ଆଦି ନଦୀ କୂଳ ସମେତ ରାମତୀର୍ଥସ୍ଥିତ କୁମ୍ଭୀର ପ୍ରଜନନ କେନ୍ଦ୍ରକୁ ରେଞ୍ଜରେ କୁମ୍ଭୀର ଗଣନା ପାଇଁ ବନ କର୍ମଚାରୀ ନିୟୋଜିତ କରାଯାଇଛି। ପ୍ରତି ଟିମ୍‌ରେ ରେଞ୍ଜର, ଫରେଷ୍ଟର ଓ କର୍ମଚାରୀ ରହିବେ। ସମୁଦାୟ ୩୦ ଟିମ୍‌ରେ ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଉକ୍ତ କୁମ୍ଭୀର ଗଣନା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଶିମିଳିପାଳ ଓ ଆଖପାଖ ଅଞ୍ଚଳରେ ଅଧିକ ଗୋମୁହାଁ ପ୍ରଜାତିର କୁମ୍ଭୀର ଦେଖାଯାଇଥା'ନ୍ତି। ଏନେଇ ବନ ଅନୁଯାୟୀ, ୨୦୨୧ ଗଣନାରେ ୮୧ଟି, ୨୦୨୨ ଗଣନାରେ ୮୩ଟି, ୨୦୨୩ ଗଣନାରେ ୮୬ଟି କୁମ୍ଭୀର ଶିମିଳିପାଳ ଅଭୟାରଣ୍ୟରେ ଥିବାବେଳେ ୨୦୨୪ ଗଣନାରେ ୪ଟି କୁମ୍ଭୀର ସଂଖ୍ୟା ହ୍ରାସ ପାଇ ମୋଟ୍ ୮୨ଟି କୁମ୍ଭୀର ରହିଥିବାର ଜଣାପଡ଼ିଥିଲା। ଚଳିତ ବର୍ଷ ଗଣନାରେ କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ପାଇବା ନେଇ ବନ ବିଭାଗ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି।

■ ଭାପୁର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଆୟୋଜନ ପ୍ରସଂଗ

# ଦୁଇ ଦିନ ମଧ୍ୟରେ ଅନୁମତି ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୭।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁରର ପ୍ରସିଦ୍ଧ "ଭାପୁର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା' ଆୟୋଜନକୁ ନେଇ ଲାଗି ରହିଥିବା ଅନିଶ୍ଚିତତାର ଅନ୍ତ ଘଟିଛି। ହାଇକୋର୍ଟଙ୍କ ହସ୍ତକ୍ଷେପ ଏବଂ ଜିଲ୍ଲା ପ୍ରଶାସନ ଓ ଆୟୋଜକ କମିଟି ମଧ୍ୟରେ ସହମତି ପରେ ଏହି ମହୋତ୍ସବ ପାଇଁ ଅନୁମତି ମିଳିଛି। ଆସନ୍ତା ଦୁଇ ଦିନ ମଧ୍ୟରେ ଜାନୁଆରୀ ୧୨ରୁ ୧୫ ପର୍ଯ୍ୟନ୍ତ ଏହି ମେଳା ପାଇଁ ଆବଶ୍ୟକ ଅନୁମତି ପ୍ରଦାନ ପାଇଁ ନୟାଗଡ଼ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମୋ ମାଟି ଭାଣପୁର ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନୟାଗଡ଼ ଜିଲ୍ଲାପାଳ ଭର୍ଚୁଆଲରେ ଉପସ୍ଥିତ ରହି ଆବେଦନକାରୀ ସଂସ୍ଥା ନିର୍ଦ୍ଧାରିତ ସର୍ତ୍ତ ପାଳନ କରି ଶାନ୍ତିପୂର୍ଣ୍ଣ ଭାବେ ଏହି ମେଳା ଆୟୋଜନ କରିଲେ କିଛି ଆପତ୍ତି ନଥିବା ଅଦାଲତଙ୍କୁ ଅବଗତ କରିଥିଲେ।

ସୂଚନାଯୋଗ୍ୟ ଯେ ନୟାଗଡ଼ ଉପଜିଲ୍ଲାପାଳ ଗତ ୧୫.୧୨.୨୦୨୫ରେ ଏକ ଆଦେଶନାମା ଜରିଆରେ ଏହି ମହୋତ୍ସବ ଆୟୋଜନ ପାଇଁ ଅନୁମତି ଦେବାକୁ ମନା କରିଦେଇଥିଲେ। ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଆୟୋଜକ ସଂସ୍ଥା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ ଏହି ମେଳା ଜାନୁଆରୀ ୧୦ରୁ ୧୩ ପର୍ଯ୍ୟନ୍ତ ଭାପୁର ସ୍ଥିତ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ ଖେଳପଡ଼ିଆରେ ଅନୁଷ୍ଠିତ ହେବାର ଥିଲା, କିନ୍ତୁ ଏବେ ଏହା ଜାନୁଆରୀ ୧୨, ୨୦୨୬ରୁ ଜାନୁଆରୀ ୧୫, ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଜିଲ୍ଲା ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ସମ୍ବନ୍ଧୀୟ ସମସ୍ତ ନିୟମ ପାଳନ କରିବାକୁ ଆୟୋଜକମାନେ ସମ୍ମତି ପ୍ରକାଶ କରିବା ପରେ ପୂର୍ବ ନିଷେଧାଦେଶ ପ୍ରତ୍ୟାହାର କରି ଅନୁମତି ଦେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ଅଦାଲତ। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ପି.କେ.ରଥ ମାମଲା ପରିଚାଳନା କରୁଥିଲେ।


**Notice (above 18 years of age)**

By virtue of an affidavit sworn before Executive Magistrate, Rairakhol,dated 5th January 2026, I, Tusharakanta Pradhan, Address of village-Mahaling (San), PO- Luhapank, PS- Rairakhol, Dist- Sambalpur, Odisha - 768106, declare that I have changed my name from Tusarkant Pradhan to Tusharakanta Pradhan. Henceforth, I shall be known as **Tusharakanta Pradhan** for all purposes.

Tusharakanta Pradhan

**AFFIDAVIT**

By virtue of an affidavit sworn before the Executive Magistrate, Sonepur vide affidavit INJ No. 16AA093242 Dated:10-11-2025 . I, Soniarani Amat , W/o- Sabhya Ranjan Pradhan, Village - Rabedi P.O.- Damamunda, P.S.- Manamunda, Dist.- Boudh state that my actual name is Soniarani Amat but inadvertently mentioned as Sunia Rani Amat in my Aadhar Card No - 8252 3442 8161. That my name to be changed from Sunia Rani Amat to Soniarani Amat. Henceforth, I shall be known as **Soniarani Amat** for all purposes.

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 11/12/2025. I, **Suna Devi** (new name), W/o- Late Arun Kumar Singh, permanent resident of AT: Titilagarh Hatpadapara, P.O/P.S: Titilagarh, DIst: Balangir, PIN: 767033, Odisha declare that I have changed my name from **Soma Debi** to **Suna Devi.** Henceforth, I shall be known as **Suna Devi** (new name) for all future purposes.

**Suna Devi**

**AFFIDAVIT**

By virtue of an affidavit before the Notary Public, Titilagarh, on dated: 31/12/2025. I, **Sheshadeb Gadatia** (applicant name), S/o- Tirtha Gadatia, permanent & current resident of AT- Mathanpala, P.O- Rigdol, PS- Titilagarh, Dist- Balangir, (Odisha), PIN- 767033 declare that I have changed my minor daughter's name from **Himandri Gadtia** (old name) to **Himadri Gadatia** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Himadri Gadatia** (new name) for all future purposes.

**Sheshadeb Gadatia**

**AFFIDAVIT**

By virtue of an affidavit CF No 82 dt 06.01.2026 sworn before Executive Magistrate, Bhubaneswar, I Sarmistha Sahoo, W/o. Udit Kumar Behera, resident of 1/3, Satyasai Apartment, Lewis Road, Bhubaneswar-751002, declare that my name has been wrongly mentioned as Sarmistha Behera in my daughter **Subhadra Susmita**'s birth certificate vide Regd No 1554, dtd 08.07.2003 and as Sarmista Behera in my Son **Rudra Prasad**'s birth certificate vide Regd No. 374/10 dtd. 31.05.2010 instead of my correct name **Sarmistha Sahoo** as per my Aadhar Card bearing No. 686618359932 & PAN vide No DMZPS5775L. That I hereby declare that Sarmistha Sahoo, Sarmistha Behera and Sarmista Behera is one and same person who is myself. I also declare by this Affidavit No. 82, dated 06.01.2026, that now onwards I shall be known as **SARMISTHA SAHOO** for all future purposes.

**NOTICE**

By virtue of an affidavit sworn before the Executive Magistrate, Rairakhol, dated 07.01.2026, I, Biswanath Pradhan, Son of Ekadashi Pradhan, At- Badmal, P.O./P.S.- Rairakhol, Dist- Sambalpur, Odisha, Pin- 768106, declare that I have changed my daughter's name from Lasik Pradhan to Losin Pradhan. She shall be known as Losin Pradhan for all purposes.

**AFFIDAVIT**

By virtue of an affidavit sworn before Executive Magistrate, Rayagada No. 16, dated 05.01.2026, by Smt. Saya Behera, aged about 34 years, W/o. - Sri Brundaban Behera, resident of Vill. - Kumariguda, PO - Pitamahal, PS - Seskhal, Dist - Rayagada, Pin - 765002, declare that I have changed th name of my son from Akash Behera to Ganesh Behera. Henceforth, he shall be known as Ganesh Behera for all purposes.

**Sd/- Saya Behera**

**AFFIDAVIT**

**I, Biren Kumar Pattnayak,** S/o.: Chandramani Pattnayak, Permanent/ Present Resident At/P.O.: Baluakata, P.S.: Angul Sadar, Dist.: Angul (Odisha)- 759129, declare by this Affidavit No.: 80, dated: 06.01.2026, that now onwards my minor son will be known as **Himanshu Pattnayak** for all future purposes.

ରାଜଗାଙ୍ଗପୁର ପୌରପାଳିକା କାର୍ଯ୍ୟାଳୟ, ରାଜଗାଙ୍ଗପୁର

OFFICE OF THE RAJGANGPUR MUNICIPALITY, RAJGANGPUR

ପୌରପାଳିକା କାର୍ଯ୍ୟାଳୟ, ରାଜଗାଙ୍ଗପୁର-୭୭୦୦୧୭
Municipality Office Rajgangpur-770017 Tel:-06624-220454

Rajgangpur Municipality | Rajgangpur_Mun | rajgangpurm.hud@nic.in

C-2025

No. 57 | Date 06.01.2026

**CANCELLATION NOTICE TO QUOTATION CALL NOTICE NO.5472 DT.23.12.2025**

It is hereby informed to all local vehicle owners/suppliers that due to inevitable circumstances the QUOTATION CALL NOTICE NO.5472 Dt. 23.12.2025 for supply of Wheelbarrows & Tricycles to Rajgangpur Municipality for the year 2025-26 is hereby cancelled until further orders. The inconvenience caused in this regard is regretted.

OIPR-

Executive Officer
Rajgangpur Municipality

**GOVERNMENT OF ODISHA** A-1244

**E-Procurement Notice, Superintending Engineer, M.I. Division, Angul**

**Bid Identification No. – 11 OF 2025-26**

**E-mail ID: scmidivisionangul@gmail.com**

**Letter No. 3704 / Date: 31.12.2025**

1. Number of Works: 02 (Two) numbers of Civil work
2. Approximate estimated cost: From 40.32 Lakh to 42.17 Lakh
3. Cost of Tender Paper: Rs. 6000/- (Non-Refundable)
4. Period of completion: 04 (Four) Months
5. Date & Time of availability of bid document in the portal: Dt. 08.01.2026 at 10.00 A.M. to Dt. 15.01.2026 up to 5.00 P.M.
6. Last date / Time for receipt of bid in the portal:Dt. 15.01.2026 up to 5.00 P.M.
7. Date of opening of bid documents: Dt. 16.01.2026 at 10.00 A.M.
8. Date of lottery if required: Dt. 29.01.2026 at 11.00 A.M.
9. Name and address of the Office Inviting Bid: Superintending Engineer, Minor Irrigation Division, Angul, At / P.O.: Hakimpada, College Square, District: Angul, PIN – 759143, Ph. No. 06764-236522, Email ID: scmidivisionangul@gmail.com
10. The bidders have to participate in ONLINE bidding only.

Further details can be seen from the e-procurement portal: http://tendersorissa.gov.in

OIPR-

**Superintending Engineer**
**M.I. Division, Angul**

**Directorate of Technical Education & Training, Odisha**
At- Killamaidan, PO- Buxibazar, Cuttack-753001
Phone No- 0671 2301061, e-mail: dtetorissa@gmail.com

KK-324

NIT No. DTET/2025-26/259 | Date: 07/01/2026

**NOTICE INVITING TENDER**
**FOR**
**Selection of an Agency/Bidder for assessment of Performance of the Govt. ITIs and Govt. Polytechnics/Engineering Schools candidates under DTE&T, Odisha**

DTE&T Odisha under the administrative control of Skill Development & Technical Education Department, Government of Odisha (the Client) invites sealed proposals from eligible bidders for "Selection of an Agency/Bidder for assessment of Performance of the Govt. ITIs and Govt. Polytechnics/Engineering Schools candidates under DTE&T, Odisha" through Odisha Government e-Procurement System (https://tendersodisha.gov.in). Bidders fulfilling the prescribed eligibility criteria of the RFP can access and download the complete RFP Document and other details from www.tendersodisha.gov.in. and www.dtet.odisha.gov.in. Please refer to the RFP documents for details. The proposals complete in all respect must be submitted through e-tender process latest by 21.01.2026 (before 2:00 PM).

The RFP documents shall be available from 07/01/2026 onwards in the Odisha Government e-Procurement Portal (https://tendersodisha.gov.in.) & DTE&T Odisha website (www.dtet.odisha.gov.in/en/tenders). If required, further intimation [i.e. Corrigendum/Addendum/Responses to the queries/Clarifications etc.], shall be uploaded in the above websites only. DTE&T Odisha reserves all the rights to reject any/ all proposals at any stage without assigning any reason thereof.

OIPR-

Sd/-
DTE&T, Odisha, Cuttack

A-1250

E-mail: mi2_exe.engr@yahoo.co.in
Ph.No. 0680-2290475

**OFFICE OF THE SUPERINTENDING ENGINEER**
**MINORIRRIGATION DIVISION, GANJAM-II, BERHAMPUR.**
**GOVERNMENT OF ODISHA**
**e-PROCUREMENT NOTICE**
**BID IDENTIFICATION No: GMID-II/14/2025-26**
**Ltr No. 125 / Date 05.01.2026**

| | | |
|---|---|---|
| Name of work | : | Civil Construction Works |
| No. of works | : | 5 ( Five )Nos. |
| Estimated cost: | : | Rs. 8.38 lakh to 58.62 lakh. |
| Tender paper cost | : | Rs 10,000.00 (for estimated cost above 50.00 Lakh)<br>Rs 6,000.00 (for estimated cost below 50.00 Lakh)<br>Rs. 4000.00 (for estimated cost below 10.00 lakh) |
| Period of completion<br>Class of Contractor | : | 02 (Two) to 03 (Three) calendar months.<br>"D"," C" & 'B' |
| Availability of bid documents | : | From 08.01.2026 at 10.00 AM to 17.01.2026 up to 5.00 PM in website (www.tendersorissa.gov.in) |
| Period of Receipt of bid through on Line | : | From 08.01.2026 at 10.00 AM to 17.01.2026 upto 5.00 PM Through On- Line. |
| Mode of Payment | : | Online. |
| Date of opening of bid documents | : | 19.01.2026 at 11.30 AM (Technical Bid opening for double cover system)<br>20.01.2026 at 4.00 PM Financial Bid opening cover-II |
| Digital signature certificate of Bidder | : | The bidder must possess compatible digital signature Certificate (DSC) of Class-II or Class-III. |

**The detail tender call notice can also be seen in the DOWR website- http://dowrorissa.gov.in**

Name & Address of the OIT : Superintending Engineer, M.I.Division, Ganjam-II
In front of DepaulSchool, Engineering school road
Berhampur, Dist-Ganjam
PIN-760010.
**E-mail: mi2_exe.engr@yahoo.co.in**

Further details can be seen from the E-Procurement market place. : http://tendersorissa.gov.in

OIPR-

**Superintending Engineer**
**M.I. Division, Ganjam-II, Berhampur**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏପ୍ରିଲରୁ ଓଡ଼ିଶାରେ...

ସୂଚନା ମିଳିଛି। ଜନଗଣନା ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ ପ୍ରାୟ ଲକ୍ଷାଧିକ ଅଧିକାରୀ ନିୟୋଜିତ ରହିବେ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଜନଗଣନାର ପ୍ରଥମ ପର୍ଯ୍ୟାୟ ପୂର୍ବରୁ ଗତ ନଭେମ୍ବର ମାସରେ ସରକାର ଏଥିପାଇଁ ପ୍ରାକ୍- ପରୀକ୍ଷଣ ଆରମ୍ଭ କରିଥିଲେ। ଦୁଇଟି ଜିଲ୍ଲାର ୬୪ଟି ରାଜସ୍ୱ ଗ୍ରାମ ଏବଂ ୨ଟି ମହାନଗର ନିଗମ ଅନ୍ତର୍ଗତ ୨ଟି ୱାର୍ଡରେ ଗୃହଗଣନା ଓ ଗୃହତାଲିକା ପ୍ରସ୍ତୁତି କରାଯାଇଥିଲା।

ଆଜି ଅନୁଷ୍ଠିତ ବୈଠକ ପରେ ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂ ଭିସି ଯୋଗେ ସମସ୍ତ ଜିଲ୍ଲାପାଳ ଏବଂ କମିଟି ସଦସ୍ୟଙ୍କ ସହ ଆଲୋଚନା କରିଛନ୍ତି। ଏହାସହ ଆସନ୍ତା ୨୦୨୭ ଫେବୃୟାରୀ ମାସ ୯ ରୁ ୨୮ ତାରିଖ ପର୍ଯ୍ୟନ୍ତ ଜନ ଗଣନା ଅନୁଷ୍ଠିତ ହେବ ଏବଂ ମାର୍ଚ୍ଚ ୧ ରୁ ୫ ପର୍ଯ୍ୟନ୍ତ ପୁନଃ ଅବଲୋକନ (ରିଭିଜନାଲ ରାଉଣ୍ଡ) ଅନୁଷ୍ଠିତ ହେବା ନେଇ ନିର୍ଦ୍ଧାରିତ ରହିଥିବା ବୈଠକରେ ସେ ସୂଚନା ଦେଇଛନ୍ତି।

### 'ଏସ୍‌ମା'କୁ ଓମ୍‌ସାର...

କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ ବୋଲି ଓମ୍‌ସା ବାରମ୍ବାର ଦାବି କରୁଛି। ମାତ୍ର ମୁଖ୍ୟମନ୍ତ୍ରୀ ଆମ ଦାବିକୁ ଶୁଣୁନାହାନ୍ତି। ମୁଖ୍ୟମନ୍ତ୍ରୀ କାହିଁକି ଡାକ୍ତରମାନଙ୍କୁ ଭଲ ପାଉନାହାନ୍ତି, ସେ ଉତ୍ତର ଆମ ପାଖରେ ନାହିଁ। ତେବେ ସରକାରଙ୍କ ନିଷ୍ପତ୍ତିରେ ଆମେ ଦବିଯିବୁ ନାହିଁ। ସତ୍ୟ, ନ୍ୟାୟ, ଅଧିକାର ତଥା ଆମର ନିରାପତ୍ତା ପାଇଁ ଆମେ ଆମର ଆନ୍ଦୋଳନ ଜାରି ରଖିବୁ ବୋଲି ଡାକ୍ତର ମିଶ୍ର ଦୃଢୋକ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ୧୦ ଦଫା ଦାବି ନେଇ ଓମସା ଗତ ୨୬ ତାରିଖରୁ ପ୍ରଥମେ ଏକ ଘଣ୍ଟିଆ ଓପିଡି ସେବା ବର୍ଜନ ଏବଂ ୫ ତାରିଖରୁ ୨ ଘଣ୍ଟିଆ ଓପିଡି ସେବା ବର୍ଜନ କରିଆସୁଛି। ସରକାର ସଂଘର ଦାବି ପୂରଣ ନେଇ ଏକ ସଚିବସ୍ତରୀୟ କମିଟି ଗଠନ କରିଥିଲେ ହେଁ, ସମସ୍ୟାର ସମାଧାନ ଏଯାବତ୍ ବାହାରି ପାରିନାହିଁ।

### ଲୋକଙ୍କୁ କାଳ...

ଜୋରିମାନା ପାଇଁ ପ୍ରଦୂଷଣ ପ୍ରମାଣପତ୍ର ବାଧକ ହୋଇ ନ ଥାନ୍ତା, ତେବେ ହୁଏତ ଆଜି ଶୀଳା ଜୀବିତ ଥାଆନ୍ତେ। ପରିବହନ ବିଭାଗର ଏକଦେଶଦର୍ଶୀ 'ଅନ୍ଧ ନୀତି' ହିଁ ଶୀଳାଙ୍କ ଜୀବନ ନେଇଛି ଓ ତାଙ୍କର ସାନ ପୁଅଟିକୁ ମା' ଛେଉଣ୍ଡ କରିଛି ବୋଲି ମଧ୍ୟ ଅଭିଯୋଗ ହୋଇଛି।

ଗୋଟିଏ ଅପରାଧ ପାଇଁ ଜଣେ ଥରେ ଦଣ୍ଡିତ ହୋଇପାରେ, ମାତ୍ର ଏକାଧିକ ଦଣ୍ଡରେ ଦଣ୍ଡିତ କରିବା ମଧ୍ୟ ଆଇନଗତ ଅପରାଧ। ରାଜ୍ୟ ସରକାରଙ୍କ ପରିବହନ ବିଭାଗ କୌଣସି ନୀତି ଓ ନିୟମ ପ୍ରଣୟନ କରିବା ପୂର୍ବରୁ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଧ୍ୟାନ ଦେବା ମଧ୍ୟ ଆବଶ୍ୟକ। ରାଜ୍ୟରେ ଲୋକଙ୍କ ସରକାର ଚାଲିଥିବା କୁହାଯାଉଛି, ମୁଖ୍ୟମନ୍ତ୍ରୀ ନିଜକୁ ଲୋକଙ୍କ ମୁଖ୍ୟମନ୍ତ୍ରୀ ବୋଲି କହୁଛନ୍ତି। ମାତ୍ର ସାଧାରଣ ଲୋକମାନେ ହେଉଥିବା କଲବଲ ପ୍ରତି ଆଖି ବୁଜି ଦେଇଥିବା ସରକାର 'ଲୋକଙ୍କ ସରକାର' ବୋଲି ପ୍ରଚାର କେବଳ ପ୍ରହସନ ବୋଲି ଲୋକମାନେ ଅଭିଯୋଗ କରିଛନ୍ତି।

ସାମାଜିକ ଗଣମାଧ୍ୟମରେ ଗୋଟିଏ ୱାଗନ୍ ଆର୍ ଗାଡ଼ି ଉପରେ ୩୬ ଲକ୍ଷ ଟଙ୍କାର ଚାଲାଣ ହୋଇଥିବା ପ୍ରଚାରିତ ହେଉଛି। ପୁରୀରୁ ଜଣେ ଗାଡ଼ି ମାଲିକ ବାରିପଦା ଯାଇ ପ୍ରତ୍ୟାବର୍ତ୍ତନ କରିବା ବେଳକୁ ତାଙ୍କ ଗାଡ଼ି ଉପରେ ୬୦ ହଜାର ଟଙ୍କାର ଚାଲାଣ ଭିଡ଼ା ଯାଇଛି। ବାହନ ଓ ଏମ୍ ପରିବହନ ଆପ୍ ମଧ୍ୟରେ ସମନ୍ୱୟ ନ ଥିବା ଯୋଗୁଁ ପ୍ରଦୂଷଣ ଓ ବୀମା ପ୍ରମାଣପତ୍ର ଥିବା ସତ୍ତ୍ୱେ ଗୋଟିଏ ଗୋଟିଏ ଗାଡ଼ି ଉପରେ ୩୦ରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଚାଲାଣ କଟା ଯାଇଛି। କାର୍ ମାଲିକଙ୍କୁ ହେଲମେଟ୍ ନ ପିନ୍ଧିବା ଦଣ୍ଡ ପାଇଁ ଚାଲାଣ ଆସୁଛି, ମୋଟର ବାଇ୍ ଚାଳକଙ୍କ ନାମରେ ସିଟ୍ ବେଲ୍ଟ ନ ପିନ୍ଧିବା ନିମନ୍ତେ ଦଣ୍ଡ ମିଳୁଛି।

ଅନ୍ୟପକ୍ଷରେ ପ୍ରଶାସନିକ ଅପାରଗତା, ମନ୍ତ୍ରୀ-ବିଧାୟକଙ୍କ ବେତନ ବୃଦ୍ଧି, ଏୟାରଷ୍ଟ୍ରିପ୍‌ରେ ହୋମଗାଡର୍ ପରୀକ୍ଷା, ଟ୍ରେନ୍ ଶୌଚାଳୟରେ କ୍ରୀଡ଼ାବିତ୍‌ଙ୍କ ଯାତାୟତ, ଧାନ କିଣାରେ ଯାବତୀୟ ବିଶୃଙ୍ଖଳା, ଡ଼ାକ୍ତରଙ୍କ ଆନ୍ଦୋଳନ, ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ମହିଳା ବିରୋଧୀ ହିଂସା, ଗଣ ଦୁଷ୍କର୍ମ ଆଦି ଘଟଣାଗୁଡ଼ିରୁ ଲୋକଙ୍କ ନଜର ହଟାଇବା ପାଇଁ ଜାଣିଶୁଣି ଲୋକଙ୍କୁ ପ୍ରଦୂଷଣ ପ୍ରମାଣପତ୍ର ଯାତନା ମଧ୍ୟକୁ ଠେଲି ଦିଆଯାଇଛି। ପୁଲିସ ଓ ଟ୍ରାଫିକ୍‌କୁ ଦିଆଯାଇଥିବା 'ଟାର୍ଗେଟ'ରେ ସାଧାରଣ ଲୋକ ହିଁ ଟାର୍ଗେଟ ହୋଇଛନ୍ତି।

### ଫେବୃଆରୀ ପହିଲାରେ...

କିମ୍ବା ତାହାର ଦିବସ ପରିବର୍ତ୍ତନ ହେବ ବୋଲି ଅନେକ ରିପୋର୍ଟ ମାନ ପ୍ରକାଶ ପାଉଥିଲା। କମିଟି ଦିନ ଧାର୍ଯ୍ୟ କରିବା ପରେ ତାହା ଉପରୁ ପରଦା ଉଠିଛି। ଆଜି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ସଂସଦୀୟ ବ୍ୟାପାର କ୍ୟାବିନେଟ୍ କମିଟି ବୈଠକ ବସିଥିଲା। ସେଥିରେ ସଂସଦର ଆଗାମୀ ବଜେଟ୍ ଅଧିବେଶନ ପାଇଁ ତାରିଖ ପ୍ରସ୍ତାବିତ ହୋଇଥିଲା। ହେବ। ବଜେଟ୍ ଅଧିବେଶନର ପ୍ରଥମ ଭାଗ ଜାନୁଆରୀ ୨୮ ରୁ ଫେବୃଆରୀ ୧୩ ପର୍ଯ୍ୟନ୍ତ ଚାଲିବ, ଯେତେବେଳେ କି ଦ୍ୱିତୀୟ ଭାଗ ମାର୍ଚ୍ଚ ୯ ରୁ ଏପ୍ରିଲ୍ ୨ ପର୍ଯ୍ୟନ୍ତ ଚାଲିବ। ବଜେଟ୍ ଅଧିବେଶନର ଦ୍ୱିତୀୟାର୍ଦ୍ଧରେ ଅନୁଦାନ ଦାବି ଏବଂ ଅର୍ଥ ବିଲ୍ ମଞ୍ଜୁର ହେବ।

### ସରକାରଙ୍କୁ ମିଲରଙ୍କ...

ପର୍ଯ୍ୟନ୍ତ ରାଜ୍ୟରେ ମିଲ୍ ସ୍ୱାଭାବିକ ହେବ ବୋଲି ସଂଘ କହିଛି।

ବର୍ତ୍ତମାନ ରାଜ୍ୟରେ ୧୪୧୮ ରାଇସ ମିଲ କାର୍ଯ୍ୟ କରୁଛି। ରାଜ୍ୟ ସରକାରଙ୍କ ଉପରେ ୩୩୦ କୋଟି ଟଙ୍କା ବାକି ପଡ଼ିଛି। ପ୍ରାଥମିକ ପର୍ଯ୍ୟାୟରେ ଦୁଇ ଆର୍ଥିକ ବର୍ଷର ପ୍ରାୟ ୧୫୦ କୋଟି ବାକି ଟଙ୍କା ସରକାର ପୈଠ କରିବାକୁ ପ୍ରତିଶୃତି ଦେଇଛନ୍ତି। ମଣ୍ଡିରୁ ମିଲକୁ ଧାନ ଆସିବା ଏବଂ ମିଲରୁ ବିଭିନ୍ନ ଗୋଦାମକୁ ଧାନ ଯିବା ପରିବହନ ଖର୍ଚ୍ଚ ବାବଦରେ ବିଭାଗ ଅନୁଧ୍ୟାନ କରି ନିଷ୍ପତ୍ତି ନେବ ବୋଲି କହିଛି। ପୂର୍ବରୁ ୪୦ କିଲୋମିଟରରୁ ଅଧିକ ପାଇଁ ପ୍ରତି କିଲୋମିଟରକୁ କ୍ୱିଣ୍ଟାଲ ପିଛା ପିଛା ୪୩ ପଇସା ମିଳୁଥିଲା, ଏବେ ତାକୁ ୨୮ ପଇସାକୁ ହ୍ରାସ କରାଯାଇଛି। ଯାହାକୁ ସଂଘ ବିରୋଧ କରି ଆସୁଛି। ଅଧିକ ନ ହେଲେ ନାହିଁ ଯେତିକି ପଇସା ଥିଲା ସେତିକି ଦେବା ପାଇଁ ସଙ୍ଘ ଦାବି କରିଛି। ସେହିପରି ଅରୁଆ ଧାନ ପାଇଁ ୧୭ ପ୍ରତିଶତ ଧାନ କିଣା ହୁଏ। ହେଲେ ଚାଉଳ ୧୪ ପ୍ରତିଶତ ବିକ୍ରି ହୁଏ। ସେଥିପାଇଁ ୩ ପ୍ରତିଶତ କ୍ଷତି ସହିବାକୁ ପଡ଼ିଥାଏ। ସେଥିରୁ ସରକାର ପୂର୍ବରୁ ୧ ପ୍ରତିଶତ କ୍ଷତିପୂରଣ ଦେଉଥିଲେ। ଏବେ ତାକୁ ୦.୭୮ ପ୍ରତିଶତ କରାଯାଇଛି। ପୂର୍ବ ଅନୁସାରେ କ୍ଷତିଭରଣା ପାଇଁ ସଙ୍ଘ ଦାବି କରି ଆସୁଛି। ଆସନ୍ତା ୧୫ ଦିନ ମଧ୍ୟରେ ଏହି କ୍ଷେତ୍ରରେ ଯାହା ନିଷ୍ପତ୍ତି ନିଆଯିବ ସେହି ଅନୁଯାୟୀ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ସଂଘ କହିଛି।

ଅନ୍ୟପଟେ ବୁଧବାର ସକାଳେ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ରାଜ୍ୟର ଧାନ କିଣା ସ୍ୱାଭାବିକ ହୋଇଛି। ୪ ଦଫାରୁ ୨ ଦଫା ଦାବି ପୂରଣ ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ମିଲର ସଂଘ ଓ ସରକାରଙ୍କ ମଧ୍ୟରେ ଆଲୋଚନା ସଫଳ ହୋଲିଛି। ଏବେ ସୁଦ୍ଧା ୧୯ଟି ଜିଲ୍ଲାରୁ ଧାନ କିଣା ଆରମ୍ଭ ହୋଇଛି। ଏଥିସହ ରାଜ୍ୟ ସରକାରଙ୍କର ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ନିର୍ଦ୍ଦେଶାନାମା ଅନୁସାରେ ୧୯ଟି ଜିଲ୍ଲାରେ ଆଜି ସୁଦ୍ଧା ୩ ଲକ୍ଷ ୧୫ ହଜାର ୪୩୧ ଚାଷୀଙ୍କ ଠାରୁ ୧୩ ଲକ୍ଷ ୯୩ ହଜାର ୮୬୭ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଛି। ଏଥିମଧ୍ୟରୁ ୧୩ ଲକ୍ଷ ୫୯ ହଜାର ୯୭୪ ମେଟ୍ରିକ ଟନ ଧାନ ମିଲର ମାନେ ଉଠାଇଛନ୍ତି। ଏ ବାବଦରେ ଚାଷୀଙ୍କୁ ୮୯୧ କୋଟି ୫୮ ଲକ୍ଷ ଟଙ୍କାର ଇନପୁଟ ସହାୟତା ଦିଆଯାଇଛି।

### ଜମିବାଡ଼ି ବିବାଦରୁ...

ତାଙ୍କ ଘର ଭିତରକୁ ଟାଣି ନେଇଥିଲେ। ଘର ଭିତରେ ଭର୍ତ୍ତି କରି ଲୁହା ରଡ୍, ଟାଙ୍ଗିଆ, ଆଦି ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ରମାକାନ୍ତ ଚେତା ହରାଇବା ପରେ ମୃତ୍ୟୁ ହୋଇଯାଇଥିବ ଭାବି ସେମାନେ ଛାଡି ଦେଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ପାଟଣାଗଡ଼ ପୁଲିସ ସମଲେଶ୍ୱର ଗାଁରେ ପହଞ୍ଚି ଥିଲା। ଗୁରୁତର ଅବସ୍ଥାରେ ରମାକାନ୍ତଙ୍କୁ ଉଦ୍ଧାର କରି ପାଟଣାଗଡ଼ ଡାକ୍ତରଖାନା ନେଇଥିଲା। ଡାକ୍ତର କିନ୍ତୁ ରମାକାନ୍ତଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏହି ଘଟଣାରେ ପାଟଣାଗଡ଼ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ତେବେ ଘଟଣା ପରେ ଅଭିଯୁକ୍ତ ସବୁ ଫେରାର ହୋଇ ଯାଇଛନ୍ତି। ସେମାନଙ୍କୁ ଧରିବା ପାଇଁ ପୁଲିସ ଚଢ଼ଉ ଜାରି ରଖିଛି।


**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଚାପଗ୍ରସ୍ତ ସମ୍ପତ୍ତି ପରିଚାଳନା ବିଭାଗ (SAMD)
ବି/୨ ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍ : ୦୬୭୪-୨୫୪୪୧୭୧, ୨୫୪୧୪୦୬, ଇ-ମେଲ:0815samd@iob.in

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(ସରଫେସୀ ଆକ୍ଟ) ଅନ୍ତର୍ଗତ ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩(୧) ଅନୁଯାୟୀ ଡିମାଣ୍ଡ ନୋଟିସ୍

୧) ନିମ୍ନ ସ୍ୱାକ୍ଷରକାରୀ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେସୀ ଆକ୍ଟ ଅନୁସାରେ ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ରୁଲ୍ ୩ ଅନୁଯାୟୀ କ୍ଷମତାପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା (ଏହାପରେ କଥିତ ଋଣଗ୍ରହୀତା ଭାବେ ଦର୍ଶିତ)ମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରି ଉକ୍ତ ନୋଟିସ୍ ପ୍ରାପ୍ତିର ୬୦ ଦିନ ମଧ୍ୟରେ ନୋଟିସ୍ ଦର୍ଶିତ ବକେୟା ରାଶି ପୈଠ କରିବାକୁ କୁହାଯାଇଥିଲା।

୨) କଥିତ ଡିମାଣ୍ଡ ନୋଟିସ୍ ଗୁଡିକ ଡାକ ବିଭାଗ ଦ୍ୱାରା ପ୍ରଦାନ କରାଯାଇନପାରି /ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ଦ୍ୱାରା ସ୍ୱିକୃତ ନହୋଇ ଫେରସ୍ତ ଆସିଛି। ସୁତରାଂ ବ୍ୟାଙ୍କ ଏହି ଡିମାଣ୍ଡ ନୋଟିସ୍ ପ୍ରକାଶନ ନିମନ୍ତେ ପର୍ଯ୍ୟାପ୍ତ ସାବଧାନତା ଗ୍ରହଣ କରିଛନ୍ତି। କଥିତ ଆକ୍ଟ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ସମ୍ପୃକ୍ତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଶେଷ ଜ୍ଞାତ ଠିକଣାରେ ଥିବା ଆବାସର ଉକ୍ତ ନୋଟିସ୍ ଗୁଡ଼ିକ ସଂଲଗ୍ନ କରାଇଛନ୍ତି। ଉକ୍ତ ନୋଟିସ୍‌ର କପିଗୁଡ଼ିକ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଉପଲବ୍ଧ। ତେଣୁ ସମ୍ପୃକ୍ତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ସେଗୁଡ଼ିକ ବ୍ୟାଙ୍କର କାର୍ଯ୍ୟାଳୟ ସମୟ ମଧ୍ୟରେ ଯେକୌଣସି କାର୍ଯ୍ୟ ଦିବସରେ ସଂଗ୍ରହ କରିପାରିବେ।

୩) ଉପରୋକ୍ତ କାରଣ ଯୋଗୁ ପୁନଶ୍ଚ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର ୬୦ଦିନ ମଧ୍ୟରେ ଋଣକାଗଜାତ୍ ଏବଂ ଅନ୍ୟାନ୍ୟ କାଗଜାତ୍ ଅନୁସାରେ ସେମାନଙ୍କର ବକେୟା ରାଶି ଯାହା ନିମ୍ନ ସାରଣୀରେ ଦର୍ଶିତ ତାହା ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କକୁ ପୈଠ କରନ୍ତୁ। ସମ୍ପୃକ୍ତ ପକ୍ଷମାନେ ସେମାନଙ୍କର ବକେୟା ପରିଶୋଧ ନିମନ୍ତେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କରେ ସେମାନଙ୍କର ନିମ୍ନଦର୍ଶିତ ସମ୍ପତ୍ତି ବନ୍ଧକ ରଖିଛନ୍ତି ଯାହାକି ସେମାନଙ୍କ ନାମ ବିପକ୍ଷରେ ନିମ୍ନ ସାରଣୀରେ ଦର୍ଶାଯାଇଛି।

| ଶାଖା/ଋଣଗ୍ରହୀତା/ବନ୍ଧକଦାତା/ ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | (କ)ଋଣ/ମଞ୍ଜୁରି ଋଣ (ଖ)ଏନ୍‌ପିଏ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ* | ଡିମାଣ୍ଡ ନୋଟିସ୍ ତାରିଖ | ସୁରକ୍ଷିତ ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|---|
| **ରସୁଲଗଡ ଶାଖା** ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ସନ୍ଧ୍ୟାରାଣୀ ଜେନା, ସ୍ୱା: ଶ୍ରୀ ବିଭୂତିଭୂଷଣ ପ୍ରଧାନ, ସ୍ଥାୟୀ ଠିକଣା: ସା/ପୋ.- ତଳଜଙ୍ଗ, ଜିଲ୍ଲା: ପୁରୀ, ପିନ୍- ୭୫୨୦୦୨, ଯୋଗାଯୋଗ ଠିକଣା: (୧)ଫ୍ଲାଟ ନଂ. ୪୪୪/୨୮୬୧, ଫେଜ୍-୨, ଲିଙ୍ଗିପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍- ୭୫୨୦୦୨, (୨) ଫ୍ଲାଟ ନଂ. ୦୧୦, ୨ବିଏଚ୍‌କେ, ତଳ ମହଲା, ବ୍ଲକ ଏ, ଶ୍ରେୟାସ ଶ୍ରୀ ବାଲାଜି ସିଟି, ମୌଜା: ବାଲିପଦା, ଥାନା: ପିପିଲି, ଜିଲ୍ଲା: ପୁରୀ, ପିନ୍- ୭୫୨୧୦୪। | (କ)ଟ.୨୬,୫୦,୦୦୦/- (ଖ)୧୬.୧୦.୨୦୨୫ | ୧୮.୧୧.୨୦୨୫ ସୁଦ୍ଧା ଟ.୨୭,୦୪,୧୩୭.୧୬ | ୧୦.୧୨.୨୦୨୫ | ଶ୍ରୀମତୀ ସନ୍ଧ୍ୟାରାଣୀ ଜେନାଙ୍କ ନାମରେ ଥିବା ବାସପୋଯୋଗି ଫ୍ଲାଟ ଯାହାର ଉନ୍ନତ ନିର୍ମାଣ ଏରିଆ: ୯୨୫ ବର୍ଗଫୁଟ, ଫ୍ଲାଟ ନଂ.୦୧୦, ୨ବିଏଚ୍‌କେ, ତଳ ମହଲା, ବ୍ଲକ ଏ, ଶ୍ରେୟାସ ଶ୍ରୀ ବାଲାଜି ସିଟି, ମୌଜା: ବାଲିପଦା, ଥାନା: ପିପିଲି, ପୁରୀ - ୭୫୨୧୦୪, ଚାରିପାର୍ଶ୍ୱରେ: ଉତ୍ତର- ଫ୍ଲାଟ ନଂ.୦୧୧, ଦକ୍ଷିଣ- ଖୋଲା ଡକ୍ ଏରିଆ, ପୂର୍ବ- ସାଧାରଣ ବାରଣ୍ଡା, ପଶ୍ଚିମ- ଖୋଲା ଜମି / ରାସ୍ତା। |
| **ବାଲେଶ୍ୱର ଶାଖା** ଋଣଗ୍ରହୀତା: ଶ୍ରୀ ଭଗବତୀ କ୍ରିଏସନ୍, ସତ୍ତ୍ୱାଧିକାରୀ: ଶ୍ରୀ ଦିଲ୍ଲିପ କୁମାର ଦାଶ, ୫୭, ଭାସ୍କରଗଞ୍ଜ, ଏ.ଆଇ.ଏମ୍ ସର୍କଲ, ବାଲେଶ୍ୱର, ଓଡିଶା-୭୫୬୦୦୧, ବନ୍ଧକଦାତା:ଶ୍ରୀ ଦିଲ୍ଲିପ କୁମାର ଦାଶ, ପିତା: ଶ୍ରୀ ନିରଞ୍ଜନ ଦାଶ, ଜାମିନ୍‌ଦାର: ଶ୍ରୀ ନିରଞ୍ଜନ ଦାଶ, ଉଭୟଙ୍କ ଠିକଣା: ସା- ଦୁର୍ଗାପୁର, ପୋ.: ନରସିଂପୁର, ଜିଲ୍ଲା: ବାଲେଶ୍ୱର, ଓଡିଶା- ୭୫୬୦୨୦। | (କ)ଟ.୯,୨୪,୦୦୦/- (ଖ)୩୦.୦୬.୨୦୨୧ | ୩୦.୧୧.୨୦୨୫ ସୁଦ୍ଧା ଟ.୧୬,୪୮,୮୫୧.୫୧ | ୧୫.୧୨.୨୦୨୫ | ଶ୍ରୀ ଦିଲ୍ଲିପ କୁମାର ଦାଶଙ୍କ ନାମରେ ଥିବା ଫ୍ରିହୋଲ୍ଡ ବାସପୋଯୋଗି ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୧୧୨୬/ ୧୬୩୯, ଖାତା ନଂ.୧୩୭, ଏରିଆ: ୦.୧୮୦ ଡିସିମିଲି, ମୌଜା: ଦୁର୍ଗାପୁର, ପୋ.: ନରସିଂପୁର, ଥାନା/ତହସିଲି: ନିଳଗିରି, ଜିଲ୍ଲା: ବାଲେଶ୍ୱର, ଓଡିଶା- ୭୫୬୦୨୦, ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ନଂ.୧୨୩୪ ଏବଂ ୧୨୫୮, ଦକ୍ଷିଣ- ପ୍ଲଟ ନଂ.୧୨୪୯ ଏବଂ ୧୨୫୦, ପୂର୍ବ- ରାସ୍ତା, ପଶ୍ଚିମ- ପ୍ଲଟ ନଂ.୧୨୪୧ ଏବଂ ୧୨୪୫। |

*ଉପର ଦର୍ଶିତ ତାରିଖ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସହମତି କ୍ରମେ ବୃଦ୍ଧିହାରରେ ପରବର୍ତ୍ତି ସେବାବଦ ଅର୍ଜିତ ସୁଧ, ଖର୍ଚ୍ଚ, ଦେୟ / ଚକ୍ରବୃଦ୍ଧି ସୁଧ ସହିତ ପ୍ରଦାନ କରାଯିବ।

୪) ଯଦି କଥିତ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନେ ସେମାନଙ୍କର ବକେୟା ଦେୟ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କକୁ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ବ୍ୟାଙ୍କ ସରଫେସୀ ଆକ୍ଟର ଧାରା ୧୩(୪) ଅନୁସାରେ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଏବଂ ତାହା ସମ୍ପୃକ୍ତ ଋଣଗ୍ରହୀତାଙ୍କ ଦାୟ, ଦାୟିତ୍ୱ ଏବଂ ଫଳାଫଳରେ ସମ୍ପନ୍ନ କରାଯିବ ଓ ସେଥିପାଇଁ ସେମାନେ ଦାୟୀ ରହିବେ।

୫) ଏତଦ୍‌ଦ୍ୱାରା ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛିକି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

୬) ବ୍ୟାଙ୍କ ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ସମ୍ପତ୍ତି ଦଖଲ କରିବା ସହିତ ସୁରକ୍ଷିତ ସମ୍ପତ୍ତିକୁ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ କରି ହସ୍ତାନ୍ତରିତ କରିବା ଅଧିକାର ରଖିଛନ୍ତି ଏବଂ ଏହାପରେ ଯଦି କୌଣସି ବ୍ୟକ୍ତି ଏହି ଆଇନ କିମ୍ବା ନିୟମର ଉଲଙ୍ଘନ କରନ୍ତି ତେବେ ଏହି ଆକ୍ଟର ଧାରା ୨୯ ଅନୁଯାୟୀ କାରାଦଣ୍ଡ କିମ୍ବା ଜୋରିମାନା କିମ୍ବା ଉଭୟ ଦଣ୍ଡ ନିମନ୍ତେ ଯୋଗ୍ୟ ହେବେ।

ତାରିଖ-୦୭.୦୧.୨୦୨୬, ସ୍ଥାନ-ଭୁବନେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

ସକାଳ
THE SAKALA



## ବିଭାଜନସ୍ତରୀୟ ପାଣି ପଞ୍ଚାୟତ ସମାବେଶ

ତରଭା,୭।୧(ସମିସ): ତରଭା ବ୍ଲକର ପର୍ଯ୍ୟଟନ ସ୍ଥଳୀ ଚୁଡାଖାଇ ପାହାଡ଼ ପାଦଦେଶରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ତରଭା ନିବୃତ୍ତି ଯୋର କ୍ଷୁଦ୍ର ଜଳ ସେଚନ ବିଭାଜନ ଏସଡିଓ ବିଜୟ କୁମାର ସେଠୀ ଅଧ୍ୟକ୍ଷତା କରି ପାଣି ପଞ୍ଚାୟତର କାର୍ଯ୍ୟକାରିତା ଓ ପାଣି ପଞ୍ଚାୟତ ପକ୍ଷ ଉପରେ ସୂଚନା ଦେଇଥିଲେ। ଏଥିରେ ତରଭା ବ୍ଲକ ଚେୟାରମ୍ୟାନ ସରୋଜ କମ୍ପ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ନିବୃତ୍ତି ଯୋର ଏଲଏମସି -୩ର ସଭାପତି ତଥା ପୂର୍ବତନ ବିଧାୟକ ଅଚ୍ୟୁତାନନ୍ଦ ବିଶ୍ୱାଳ, ସୋନପୁର ଡିଭିଜନର ଏସଡିଓ ସନ୍ତୋଷ ଦାଶ, ବୀରମହାରାଜପୁର ବିଭାଗୀୟ ଡିଭିଜନ ଏସଡିଓ ଦିଲ୍ଲୀପ ପରିଡା, ତରଭା ଜେଇ ସଚ୍ଚିଦାନନ୍ଦ ବେହେରା, ତରଭା ଅତିରିକ୍ତ ମତ୍ସ୍ୟ ଅଧିକାରୀ ସାଗର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବରୁ ଆୟୋଜିତ ସୋନପୁର ଓ ବିଏମପୁର ଡିଭିଜନସ୍ତରୀୟ ଓଡ଼ିଆ, ବକ୍ତୃତା, ଆଦର୍ଶ ପ୍ରକଳ୍ପ ପ୍ରଦର୍ଶନ, ସାଧାରଣ ଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ୧୫ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ନଗଦ ଟଙ୍କା ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ସମାବେଶରେ ନିବୃତ୍ତି ଯୋର ପାଣି ପଞ୍ଚାୟତର ପାଟ ମାହେଶ୍ୱରୀ (କୁଟଶିରା), ମାହେଶ୍ୱରୀ (ଶିବତୁଳା), ମା' ପୂର୍ଣ୍ଣମାଷି (ଜୁରାବନ୍ଧ), ମା ଭୁବନେଶ୍ୱରୀ (ଗର୍ଜା), କୁଶଳେଶ୍ୱର ଘାଟକଇଁତରା, ବନବାହାଲ ପାଣି ପଞ୍ଚାୟତର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ, ବନ୍ଧଖୋଳ, ବଡ଼ଯୋର, କମସରା, ଡାହିମାଲ ପ୍ରକଳ୍ପର ଚାଷୀ ଯୋଗ ଦେଇଥିଲେ। ଆଗାମୀ ୨୬-୨୭ ଆର୍ଥିକ ବର୍ଷ ପାଇଁ ବନ୍ଧଖୋଳ, ନିବୃତ୍ତି, ରେଙ୍ଗସା ପ୍ରକଳ୍ପର କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ଚାଲିଥିବା ସୂଚନା ଦିଆଯାଇଛି। ତରଭା ବ୍ଲକର ମେଣ୍ଡା-୨, କେକଟ ପାଲି, ଲକ୍ଷ୍ମୀମୁଣ୍ଡା-୨, ରୁଗୁଡ଼ିପାଲି, ଡୁମେରପାଲି ସ୍ଥିତ ଚେକଡ୍ୟାମ ମରାମତି କରାଯାଇଛି ବୋଲି ଏସଡ଼ିଓ ବିଜୟ ସେଠୀ ସୂଚନା ଦେଇଥିଲେ। ସନ୍ତୋଷ ସାହୁ, ଦାରା ସିଂ ବାରିକ, ଉପେନ୍ଦ୍ର ସାହୁ, ପବିତ୍ର ମିଶ୍ର, ରାଧେ ଚନ୍ଦନ ପ୍ରମୁଖ ସହଯୋଗ କରିଥିଲେ। ଜେଇ ସଚିତା ନନ୍ଦ ବେହେରା ଧନ୍ୟବାଦ ଦେଇଥିଲେ।

## କଂଗ୍ରେସର ବନ୍ଧୁମିଳନ ସମାବେଶ

ମନମୁଣ୍ଡା/କଣ୍ଟାମାଳ,୭ ।୧(ସମିସ): କଣ୍ଟାମାଳ ତେଲ ନଦୀ କୂଳରେ କଂଗ୍ରେସର ଏକ ବନ୍ଧୁମିଳନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲ୍ଲା କଂଗ୍ରେସ ସଭାପତି ବିନ୍ଧ୍ୟାବିନି ସାହୁ, ତ୍ରିନାଥ ରଣା, ସୁଶାନ୍ତ ମଲ୍ଲିକ, ନିବାସ ବାରିକ, ଅକ୍ରୁର ହରିପାଲ, ଅଭି ପ୍ରଧାନ, ନିତ୍ୟାନନ୍ଦ କର୍ମୀ, ରାଜେନ୍ଦ୍ର ସାହୁ, କେଶବ କ୍ଷେତି, ମକୁନ୍ଦ ନାଏକ, ସରୋଜ ସାହୁ, ଅରବିନ୍ଦ କହଁର, ସନ୍ତୋଷ ତାଣ୍ଡି, ବେଦ ଶାଣ୍ଢ, ନିରାକାର ବେହେରା, ସିତୁ ନାଏକ, ଉଦ୍ଧବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଦପଲା ଧନୁଯାତ୍ରା ପାଇଁ କଳାକାର ବରଣ

ଶଗଡା/କଣ୍ଟାମାଳ,୭ ।୧(ସମିସ):ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଦପଲା ପଞ୍ଚାୟତ ଯୁରୁମୁଣ୍ଡା ଦପଲା ଧନୁଯାତ୍ରା କମିଟି ତରଫରୁ କଂସ ବରଣ କରାଯାଇଛି। ଫେବୃୟାରୀ ୩ ରୁ ୯ ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ଦପଲା ଗ୍ରାମର ଦୀନବନ୍ଧୁ ଦନ୍ତା, ସୁରପତି ଦନ୍ତା, ଭୁବନ ମହାକୁଡ଼, ହରି ଦେହେରିଆ, ସୁଶାନ୍ତ କଅର, କୈଳାସ ଦନ୍ତା, ସୁଶୀଳ ଡାଙ୍ଗ, ରାଜେଶ କର୍ଣ୍ଣ, ଲିଙ୍ଗରାଜ ମାହାର, ମଗୁରୁ ଦନ୍ତା, ମନୋଜ ଦନ୍ତା, ନିବାସ ମହାକୁଡ଼, ପ୍ରବୀଣ ଚାଉଳିଆ, ଆକାଶ ବଡ଼ମାଳୀ, ପ୍ରମୋଦ ଦନ୍ତା, ସିତାଂଶୁ ସାହୁ, ରିତେଶ ସିଂହ, ମୁରଲି ଦନ୍ତା, ସୁଦାମ କର୍ମି, ଅର୍ଜୁନ ମାଝି, ସୁଜିତ ମହାରିଙ୍ଗ, ସନ୍ତାନ ବଘାର, ଲିଙ୍ଗରାଜ ମାହାର, ଆଚାର୍ଯ୍ୟ ଜାନୀଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କଂସ ଭୂମିକାରେ ଭୁବନେଶ୍ୱର ପ୍ରଧାନ ଅଭିନୟ କରିବେ।

## ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା




ତରଭା,୭।୧(ସମିସ): ତରଭା ପିଏମ୍‌ଶ୍ରୀ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ଜୁନିଅର ରେଡକ୍ରସ ତରଫରୁ ସଡ଼କ ସୁରକ୍ଷାକୁ ନେଇ ଏକ ସଚେତନତା ରାଲି ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ. ମୁରଲୀଧର ବିଶ୍ୱାଳ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲା ରେଡ୍‌କ୍ରସ ଅଫିସର ତଥା ମାୟାବର୍ହା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବିଚନ୍ଦ୍ର ପଶାୟତ, ସମ୍ମାନିତ ଅତିଥି ଭାବରେ ସିଂଘାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ରେଡ୍‌କ୍ରସର ବ୍ଲକ ସଂଯୋଜକ ବିଜୟ ପଣ୍ଡା, ସରଗଜ ଉଚ୍ଚ ବିଦ୍ୟାଳୟର ତାଲିମପ୍ରାପ୍ତ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷକ ଶିକ୍ଷକ ଆଶିଷ ନାଏକ ଯୋଗ ଦେଇଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ସ୍କୁଲ ପରିସରରୁ ବାହାରି ସଡ଼କ ସୁରକ୍ଷା ଉପରେ ବିଭିନ୍ନ ସଚେତନତା ବାର୍ତ୍ତା ଦେଇ ନଗର ପରିକ୍ରମା କରିଥିଲା। ଏହି ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାରେ ପ୍ରିୟାଂଶୁ ଚନ୍ଦନ ପ୍ରଥମ, ଓମ ସାହୁ ଦ୍ୱିତୀୟ ଓ ବଣ୍ଟି ବିଶି ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଶେଷରେ ବିଦ୍ୟାଳୟର ରେଡ୍‌କ୍ରସ ପରାମର୍ଶଦାତା ଶତ୍ରୁଘ୍ନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅସହାୟ ବୃଦ୍ଧାଙ୍କ ଶବ ସତ୍କାର କଲା ସେବା ଫାଉଣ୍ଡେସନ

ଡୁଙ୍ଗୁରିପାଲି,୭।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଖୁଣ୍ଟପାଲି ଗ୍ରାମର ବୃଦ୍ଧା କୁବେର ବିଶି(୭୦)ଙ୍କ ମୃତ୍ୟୁ ହୋଇଥିଲା। ତାଙ୍କର ଏକମାତ୍ର ପୁଅ ବ୍ୟତୀତ କେହି ସମ୍ପର୍କୀୟ ନଥିବାରୁ ଡୁଙ୍ଗୁରିପାଲି ସେବା ଫାଉଣ୍ଡେସନ ଆଗେଇ ଆସି କୁବେରଙ୍କ ଶ୍ମଶାନ ଘାଟରେ ସତ୍କାର କରିଛି। ଶବ ସଂସ୍କାର ପାଇଁ ପରିବାରର କେହି ନ ଥିବାରୁ ଚିନାୟୁରୀ ସରପଞ୍ଚ ରାଜକୁମାର ସାହୁ ସେବା ଫାଉଣ୍ଡେସନର ପ୍ରତିଷ୍ଠାତା ବିଭୂଦତ୍ତ ବିଶ୍ୱାଳଙ୍କୁ ଖବର ଦେଇଥିଲେ। ଖବର ପାଇବା ମାତ୍ରେ ସେବା ଫାଉଣ୍ଡେସନର କର୍ମକର୍ତ୍ତା ସୁଶାନ୍ତ ବାରିକ୍, କଳିମ୍ ଖାନ୍, ଟିକିନା ମିଶ୍ର, ଅଚ୍ୟୁତାନନ୍ଦ ସାହୁ, ଦୀପକ ମିଶ୍ର, ସଭ୍ୟା ନିତା ପଟେଲ୍, ପ୍ରଜ୍ଞାପରମିତା ତ୍ରିପାଠୀ, ଜ୍ୟୋତ୍ସ୍ନା ବାରିକ ଘଟଣା ସ୍ଥଳରେ ପହଞ୍ଚିଥିଲେ। ତାଙ୍କ ଏକ ମାତ୍ର ପୁଅ ଟୁନୁ ବିଶି ଘରେ ନଥିବାରୁ ସେ ପହଞ୍ଚିବା ପର୍ଯ୍ୟନ୍ତ ପ୍ରାୟ ୫ ରୁ ୬ ଘଣ୍ଟା ଶବ ପଡ଼ି ରହିଥିଲା। ପୁଅ ଆସିଲା ମାତ୍ରେ ମହାପରାୟଣ ଗାଡ଼ି ମାଧ୍ୟମରେ ତାଙ୍କୁ ଡୁଙ୍ଗୁରିପାଲି ଶ୍ମଶାନକୁ ଅଣାଯାଇ ସମ୍ମାନର ସହ ସେବା ଫାଉଣ୍ଡେସନ ସାହାଯ୍ୟରେ ଶବ ସତ୍କାର କରାଯାଇଥିଲା। ପୁଅ ଟୁନୁ ମୁଖାଗ୍ନି ଦେଇଥିଲେ। ସରପଞ୍ଚ ରାଜକୁମାର ସାହୁ କାଠ ଯୋଗାଇ ଦେଇଥିଲେ ଏବଂ ମହାପରାୟଣ ଚାଳକ ସୁବାସ ପଣ୍ଡା ସହଯୋଗ କରିଥିଲେ।

# ଅବ୍ୟବସ୍ଥାରେ ବଡ଼ଖମାର ଶ୍ୟାମସୁନ୍ଦର ସଂସ୍କୃତ ବିଦ୍ୟାଳୟ

ବୀରମହାରାଜପୁର,୭।୧(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅନ୍ତର୍ଗତ ବଡଖମାରଠାରେ ଥିବା ଶ୍ୟାମସୁନ୍ଦର ସଂସ୍କୃତ ବିଦ୍ୟାଳୟ ଏବେ ଅବ୍ୟବସ୍ଥା ଘେରରେ ରହିଛି। ୭ ଜଣ ଛାତ୍ରଛାତ୍ରୀ ଓ ୨ ଜଣ ଶିକ୍ଷକରେ ଚାଲିଛି ଏହି ବିଦ୍ୟାଳୟ। ଅବିଭାବକମାନେ ଶିକ୍ଷକ ଅଭାବରୁ ତାଙ୍କ ପିଲାମାନଙ୍କୁ ସ୍କୁଲକୁ ଛାଡ଼ୁ ନ ଥିବା ଦେଖାଦେଇଛି। ଏଭଳି ପରିସ୍ଥିତିରେ ସ୍କୁଲଟି ବନ୍ଦ ହୋଇଯିବାର ସମ୍ଭାବନା ରହିଛି। ସୂଚନାନୁଯାୟୀ, ଅଞ୍ଚଳରେ ଶିକ୍ଷାର ବିକାଶପାଇଁ ଦୀର୍ଘ ୪୫ ବର୍ଷ ଆଗରୁ ଏକ ସଂସ୍କୃତ ବିଦ୍ୟାଳୟ ଆରମ୍ଭ ହୋଇଥିଲା। ବରାହମଠର ପ୍ରତିଷ୍ଠାତା ମହନ୍ତ କୃଷ୍ଣଚରଣ ଦାସ ଏହି ସଂସ୍କୃତ ବିଦ୍ୟାଳୟ ୧୯୮୦ ମସିହା ଜାନୁୟାରୀ ମାସ ୧୪ ତାରିଖ ମକରସଂକରାନ୍ତିରେ




ପ୍ରତିଷ୍ଠା କରିଥିଲେ। ସଂସ୍କୃତ ଭାଷାର ପୁନଃରୁଦ୍ଧାର ସହ ମଠରେ ଛାତ୍ରଛାତ୍ରୀମାନେ ମାଗଣାରେ ରହି ଏକ ଅଧ୍ୟାତ୍ମିକ ପରିବେଶ ଭିତରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ଏହାର ଭିତ୍ତିଭୂମି ଦେଖିଲେ ଯେକେହି କହିବେ ଏକ ସୁନ୍ଦର ବାତାବରଣ ଭିତରେ ଥିବା ସୁନ୍ଦର ଶିକ୍ଷାନୁଷ୍ଠାନ। ଏହି ଶିକ୍ଷାନୁଷ୍ଠାନରୁ ଶହଶହ ଛାତ୍ରୀ ପାଠପଢ଼ି ରାଜ୍ୟ ତଥା ବାହାର ରାଜ୍ୟରେ ଆଜି ଚାକିରି କରି ଆତ୍ମନିର୍ଭରଶୀଳ ହୋଇ ପାରିଛନ୍ତି। ଏଥିସହିତ ଏହି ବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ସଂସ୍କୃତ ପଣ୍ଡିତ ଓ କର୍ମକାଣ୍ଡରେ ମଧ୍ୟ ସୁନାମ ଅର୍ଜନ କରିଛନ୍ତି। ମାତ୍ର ଏହି ଶ୍ୟାମସୁନ୍ଦର ସଂସ୍କୃତ ବିଦ୍ୟାଳୟ ଏବେ ଅବ୍ୟବସ୍ଥା ଘେରରେ ରହିଛି। ଏବେ ବିଦ୍ୟାଳୟରେ ମାତ୍ର ୨ଜଣ ଶିକ୍ଷକ ରହୁଛନ୍ତି। ଆଗରୁ ଏହି ସ୍କୁଲ୍‌ରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ପାଠପଢୁ ଥିଲେ। ଏବେ କେବଳ ନବମ ଓ ଦଶମ ଶ୍ରେଣୀରେ କେବଳ ୭ଜଣ ଛାତ୍ରଛାତ୍ରୀ ପାଠପଢୁଛନ୍ତି। ତେଣୁ ରାଜ୍ୟ ସରକାର, ଜିଲ୍ଲାପାଳ, ସୁବର୍ଣ୍ଣପୁର ଓ ଜିଲ୍ଲା ଶିକ୍ଷା ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବିଦ୍ୟାଳୟରେ ଆବଶ୍ୟକୀୟ ଶିକ୍ଷକ ଯୋଗାଇ ଦେବା ସହ ଏହି ବଡଖମାର ସଂସ୍କୃତ ବିଦ୍ୟାଳୟ ରକ୍ଷଣାବେକ୍ଷଣ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଜଳିଗଲା ୩ ଚାଷୀଙ୍କ ଧାନଖରି

ବୌଦ୍ଧ,୭ ।୧(ସମିସ): ବୌଦ୍ଧ ଥାନା ଗିରାସିଙ୍ଗା ଗ୍ରାମ ନିକଟରେ ବିଲରୁ ଧାନ କାଟି ଅମଳ ପାଇଁ ରଖିଥିବା ୩ ଜଣ ଚାଷୀଙ୍କ ଗୋଟିଏ ଲେଖାଏଁ ଧାନ ଖରି ଜଳି ଯାଇଛି। ଅଲଣିଆ ଗ୍ରାମର ଆନନ୍ଦ ମହାଖୁଡ, ଜାମୁପାଲି ଗ୍ରାମର ସତ୍ୟ ନାରାୟଣ ପ୍ରଧାନ ଓ ଶତ୍ରୁଘନ ପ୍ରଧାନ କ୍ଷତିଗ୍ରସ୍ତ ହୋଇଛନ୍ତି। ନିଆଁ ଲାଗିଥିବା ଜାଣିବା ପରେ ଚାଷୀମାନେ ବୌଦ୍ଧ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଆୟତ୍ତ କରିଥିଲେ। ସେତେବେଳକୁ ସବୁ ଧାନ ପୋଡ଼ି ଯାଇଥିଲା। ଆନନ୍ଦଙ୍କ ପ୍ରାୟ ୩ ଏକର ଅନ୍ୟ ୨ ଜଣଙ୍କ ପ୍ରାୟ ୧ ଏକର ଲେଖାଏଁ ଜମିର ଧାନ ପୋଡ଼ି ଯାଇଛି।

## ଅଷ୍ଟପ୍ରହର ନାମଯଜ୍ଞ ଅଧିବାସ ପାଇଁ କଳସ ଶୋଭାଯାତ୍ରା

ବୌଦ୍ଧ,୭ ।୧(ସମିସ): ବୌଦ୍ଧ ବ୍ଲକ ତାଳସରଡା ପଞ୍ଚାୟତ ସିଦ୍ଧପୁରରେ ଅଷ୍ଟପ୍ରହର ନାମଯଜ୍ଞ ଅଧିବାସ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନାମ ସଂକୀର୍ତ୍ତନ ସହ ବହୁ ମହିଳା ମହାନଦୀର କଙ୍କଲା ଘାଟରେ ପହଞ୍ଚି ଗଙ୍ଗାମାତାଙ୍କୁ ଆବହନ କରିଥିଲେ। ଜଳ ଭର୍ତ୍ତି କଳସ ଧରି ଦୀର୍ଘ ୫ କିଲୋମିଟର ଚାଲି ଚାଲି ଆସି ଯଜ୍ଞ ମଣ୍ଡପ ନିକଟରେ ସ୍ଥାପନ କରିଥିଲେ। ଗୁରୁବାର ସକାଳେ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହେବ। ଶୁକ୍ରବାର ପୂର୍ଣ୍ଣାହୁତି ହେବ।

## ହରଭଙ୍ଗା ଲୋକମହୋତ୍ସବ ଶୁଭ ଖୁଣ୍ଟି ସ୍ଥାପିତ

ହରଭଙ୍ଗା,୭ ।୧(ସମିସ): ହରଭଙ୍ଗା ଲୋକମହୋତ୍ସବ ପାଇଁ ଶୁଭ ଖୁଣ୍ଟି ସ୍ଥାପିତ ହୋଇଛି। ଚତୁର୍ଥ ବର୍ଷରେ ପଦାର୍ପଣ କରିଥିବା ଏହି ଉତ୍ସବ ଜାନୁୟାରୀ ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ପାଳିତ ହେବ। ବୁଧବାର ହାଇସ୍କୁଲ ପଡ଼ିଆରେ ଶୁଭ ଖୁଣ୍ଟି ସ୍ଥାପିତ ହୋଇଛି। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ମହୋତ୍ସବ କମିଟିର ସଭାପତି ସଂଗ୍ରାମ କେଶରୀ ବେହେରା, କାର୍ଯ୍ୟକାରୀ ସଭାପତି ତଥା ସରପଞ୍ଚ ଶକୁନ୍ତଳା ବେହେରା, ସାଧାରଣ ସମ୍ପାଦକ ସରୋଜ ଭୋକ୍ତା, ହରଭଙ୍ଗା ବ୍ଲକ୍ ଉପାଧ୍ୟକ୍ଷ କାହ୍ନୁଚରଣ ନାଥ, ଥାନା ଅଧିକାରୀ ସାରଦା ପ୍ରସନ୍ନ ଦାସ, ତପନ ଡାଙ୍ଗ, ସମିତି ସଭ୍ୟ ଚିତ୍ତରଞ୍ଜନ ସେଠି ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର

ବୌଦ୍ଧ,୭ ।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳି ପଦର ପଞ୍ଚାୟତ ଲୁକାପଡା ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଦାବରୀ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଯୋଜନାର ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଭରଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ




ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଣ୍ଟାମାଳ ବିଧାୟକ କହ୍ନେଇଚରଣ ଡାଙ୍ଗ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭା ରଞ୍ଜନ ମାଲି, ଜିଲ୍ଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, ଶିମିଳି ପଦର ସରପଞ୍ଚ ସାର୍ଦୁଳ ନାଗ, ସାଂସଦ ପ୍ରତିନିଧି ଦୀପକ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ତେବେ ଗୋଦାବରୀଶ ମିଶ୍ରଙ୍କ ନାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମଞ୍ଚରେ କିନ୍ତୁ ଗୋଦାବରୀଶ ମିଶ୍ରଙ୍କ ଫଟୋଟିଏ ମଧ୍ୟ ଦେଖିବାକୁ ମିଳି ନ ଥିଲା। ଗଣମାଧ୍ୟମରୁ ଖବର ପାଇଲା ପରେ ଭିତ୍ତିପ୍ରସ୍ତର ସ୍ଥାପନ ଫଳକ ଉପରେ ତରବରିଆ ଭାବେ ଗୋଦାବରୀଶଙ୍କ ଏକ ଫଟୋ ରଖି ଦିଆଯାଇଥିଲା। ଏସମ୍ପର୍କରେ ଜିଲ୍ଲା ମୁଖ୍ୟ ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କୁ ପଚାରିବାରୁ ତରବରିଆ ଭାବେ କାର୍ଯକ୍ରମ ଆୟୋଜିତ ହୋଇଥିବାରୁ ଆମେ ଜାଣି ପାରି ନ ଥିଲୁ। ଆଗକୁ ଏଥି ପ୍ରତି ଧ୍ୟାନ ଦେବୁ ବୋଲି କହିଥିଲେ। ସେହିଭଳି ହରଭଙ୍ଗା ବ୍ଲକ୍ ଭେଜିଗୋରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେର, ବୌଦ୍ଧ ଅତିରିକ୍ତ ଶିକ୍ଷା ଅଧିକାରୀ ଚୁଡାମଣି ବାରିକ, ବୌଦ୍ଧ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନି ଦାସ, ଜିଲ୍ଲାପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ କାହ୍ନୁଚରଣ ନାଥ, ହରଭଙ୍ଗା ସରପଞ୍ଚ ଶକୁନ୍ତଳା ବେହେରା, ହରଭଙ୍ଗା ସମିତିସଭ୍ୟ ଚିତ୍ତରଞ୍ଜନ ସେଠୀ, ପ୍ରଧାନ ଶିକ୍ଷକ ପୁରନ୍ଦର ରଣା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ସତ୍ୟନାରାୟଣ ସାହୁ ମଞ୍ଚ ପରିଚାଳନା କରିଥିଲେ। ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭୁବନେଶ୍ୱର ସେଠୀ, ବିଶିକେଶନ ବେହେରା, କାର୍ତ୍ତିକେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

**କଣ୍ଟାମାଳ:** ଲୋକାପଡା ସ୍କୁଲରେ ମଧ୍ୟ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଦୀପକ ବାରିକ, ଜିଲ୍ଲା ଶିକ୍ଷା ଅଧିକାରୀ ଟେମ୍‌ଲାଲ ଦୁବେ, ଗୋଷ୍ଠୀ ଶିକ୍ଷା ଅଧିକାର ଅଶୋଭ ରଞ୍ଜନ ମାଳି, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, କଣ୍ଟାମାଳ ବ୍ଲକ୍ ଅଧ୍ୟକ୍ଷ ସସ୍ମିତା ସେନାପତି, ଜିଲ୍ଲା ପରିଷଦସଭ୍ୟା ପଦ୍ମାଳୟାପ୍ରଧାନ, ଶିମିଳିପଦରସରପଞ୍ଚ ଶାର୍ଦ୍ଦୁଳ ନାଗ ସଭାକାର୍ଯ୍ୟରେ ଯୋଗ ଦେଇଥିଲେ।

**ପଲଶାଗୋରା/ମନମୁଣ୍ଡା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଲୋକାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ନୂତନ ଭାବେ ପ୍ରତିଷ୍ଠା ହେବାକୁ ଥିବା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ବୁଧବାର ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଲୋକାପଡାଠାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭା ରଞ୍ଜନ ମାଲିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ଶିକ୍ଷାଅଧିକାରୀ ଟେମଲାଲ ଦୁବେ, ଜିଲ୍ଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, କନ୍ଧମାଳ ସାଂସଦଙ୍କ କଣ୍ଟାମାଳ ପ୍ରତିନିଧି ଦୀପକ ବାରିକ, ବ୍ଲକ୍ ଅଧ୍ୟକ୍ଷା ସସ୍ମିତା ସେନାପତି, ସରପଞ୍ଚ ସାର୍ଦୁଳ ନାଗ ଉପସ୍ଥିତ ଥିଲେ। ଶିକ୍ଷକ ଦିଲ୍ଲୀପ ମହାନ୍ତି ସଭାକୁ ସଂଯୋଜନା କରିଥିବାବେଳେ ସିଆର୍‌ସିସି ମନୋରଞ୍ଜନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିଥିଲେ। ପରେ ବିଦ୍ୟାଳୟ ପରିସରରେ ଫଳକକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ କଣ୍ଟାମାଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦୁର୍ଗା ଚରଣ ପ୍ରଧାନ, ନୀଳମଣି ପଣ୍ଡା, ଲକ୍ଷ୍ମୀ ମଲିକ, ଶିକ୍ଷକ ନେତା ନୀଳାଞ୍ଚଳ ଭୋଇ, ଶିଶିର ଖଟୁଆ, ଅନିତା ମେହେର, ପ୍ରଜୀନା ପାଢ଼ୀ, ସ୍ଥାନୀୟ ସିଆରସିସି ମନୋରଞ୍ଜନ ନାଏକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଶ୍ମି ହରିପାଳଙ୍କ ସମେତ ସମସ୍ତ ଶିକ୍ଷକ, ଛାତ୍ରଛାତ୍ରୀ ଓ ଗ୍ରାମବାସୀ, ସିଆରସିସି ସହଯୋଗ କରିଥିଲେ।

**ବିନିକା:** ବିନିକା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ଚରଦାଠାରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ଆଜି ଠାରୁ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟର ରୂପ ପାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟର ୧୧୮ଟି ପ୍ରାଥମିକ ବିଦ୍ୟାଳୟକୁ ଭିଡିଓ କନଫରେନ୍ସ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ବିନିକା ବ୍ଲକର ଏକମାତ୍ର ୟୁପି ସ୍କୁଲ ଚରଦା ସରକାରୀ ପ୍ରାଥମିକ ବିଦ୍ୟାଳୟ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟରେ ପରିଣତ ହୋଇଛି। ଅନୁଷ୍ଠିତ ଭିତ୍ତିପ୍ରସ୍ତର ଉତ୍ସବରେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ, ବିଡ଼ିଓ ଶରତ କୁମାର ବାଘ, ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର, ସାଂସଦ ପ୍ରତିନିଧି ବିଶ୍ୱମ୍ବର ମିଶ୍ର, ଜିଲ୍ଲା ପରିଷଦ ସଦସ୍ୟା ପ୍ରମିଳା କଳତା, ଚରଦା ସରପଞ୍ଚ ବୃନ୍ଦାବତୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବକୁ ଶିକ୍ଷକ ହିମାଂଶୁ ଭୂଷଣ ପଣ୍ଡା ସଂଯୋଜନା କରିଥିଲେ।

## ଦୁର୍ଘଟଣାଗ୍ରସ୍ତ କାର୍‌ରୁ ମିଳିଲା ୧୫୦୦ ବୋତଲ କଫ ସିରପ



ବୀରମହାରାଜପୁର,୭।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ସଦର ପଟାଭାଡ଼ି ଛକରେ ବେଆଇନ୍ କଫ୍‌ସିରପ ଚାଲାଣ ହେଉଥିବା ଏକ କାର୍ (ଓଡି୦୨ ଏୟୁ୦୨୫) ଏକ ଟେମ୍ପୁ ଓ ମୋଟର ସାଇକେଲକୁ ଧକ୍କା ଦେଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ପରେ ପାଟ୍ରୋଲିଂ କରୁଥିବା ଅବକାରୀ ବିଭାଗ ଟିମ୍ ଦୁର୍ଘଟଣା ଗ୍ରସ୍ତ କାର୍‌କୁ ଜବତ କରିଛି। ସେଥିରେ ଥିବା ବେଆଇନ୍ କଫ୍‌ସିରପ ସହ ୩ ଜଣଙ୍କୁ ଗିରଫ କରିଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାନୁଯାୟୀ, ବୁଧବାର ସକାଳ ପ୍ରାୟ ୧୧ଟା ସମୟରେ ସୋନପୁର ଅବକାରୀ ବିଭାଗ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଅବକାରୀ ବିଭାଗର ଗାଡିକୁ ଦେଖି ଜଗତପୁରରୁ ବଲାଙ୍ଗୀର ଅଭିମୁଖେ କଫସିରପ ଚାଲାଣ ହେଉଥିବା ଏକ କାର୍ ଦ୍ରୁତ ଗତିରେ ଯାଇ ପଟାଭାଡ଼ି ଛକରେ ଏକ ଟେମ୍ପୁକୁ ଓ ପରେ ଏକ ବାଇକ୍‌କୁ ଧକ୍କା ଦେଇଥିଲା। ପରେ କାର୍‌ଟି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ଘଟାଇ କଫସିରପ ଚାଲାଣ କରୁଥିବା ମାଫିଆମାନେ ଫେରାର ହେଉଥିବା ସମୟରେ ଅବକାରୀ ବିଭାଗର ଟିମ୍ ସେଠାରେ ପହଞ୍ଚି ୩ ଜଣଙ୍କୁ କାବୁ କରିଥିଲେ। କାର ଭିତରୁ ୧୫୦୦ ବୋତଲ କଫସିରପ ଜବତ କରିଥିଲା। ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ସହରର ଉଦ୍ଧବ ବଗତ, ଶିବୁ ମେହେର ଓ ରାଜେନ୍ଦ୍ର ବାରିକ୍ ବୋଲି ଜଣାପଡିଛି। ଦୁର୍ଘଟଣା ଗ୍ରସ୍ତ ଟେମ୍ପୋ ଡ୍ରାଇଭର ଓ ମୋଟରସାଇକେଲ ଆରୋହୀଙ୍କୁ ଆମ୍ବୁଲାନ୍ସରେ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଯାଇଥିଲା। ଅଭିଯୁକ୍ତ ତିନି ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ପୁଲିସ ପ୍ରକାଶ କରିଛି।

## ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ

ଶଗଡା,୭ ।୧(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଚିଙ୍ଗିରାପାଲି ନିକଟରେ ଜଣେ ଯୁବକଙ୍କ ଠେଙ୍ଗା ମାଡ଼ରେ ଗୁରୁତର ଆହତ ହୋଇଥିବା ୩ଜଣ କାର୍ଯ୍ୟାନୁଷ୍ଠାନ ଦାବିରେ ବୌଦ୍ଧ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଡିସେମ୍ବର ୭ ତାରିଖ ମନମୁଣ୍ଡା ଥାନା ବେନାମୁଣ୍ଡା ଗ୍ରାମର ସୁଶାନ୍ତ ଝାଙ୍କର, ଝାଙ୍କରପଡା ଗ୍ରାମର ଆନନ୍ଦ ପ୍ରଧାନ ଓ ବଡ ଜୁନାନି ଗ୍ରାମର ଜଗନ୍ନାଥ ନାୟକ ପଦ୍ମତୋଳି ଗ୍ରାମରୁ ଭୋଜି ଖାଇ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ସୋରିଆଁପାଲି ଗ୍ରାମର ସୁନୀଲ ନାୟକ ନାମକ ଜଣେ ଯୁବକ ସିଙ୍ଗିରାପାଲି ଗ୍ରାମ ନିକଟରେ ବାଇକର ପଛରେ ବସିଥିବା ଜଗନ୍ନାଥଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଠେଙ୍ଗାରେ ଆକ୍ରମଣ କରିଥିଲା। ଚଳନ୍ତା ବାଇକରୁ ଜଗନ୍ନାଥ ତଳେ ପଡ଼ିଯିବା ପରେ ବାଇକ




ଭାରସାମ୍ୟ ହରାଇ ଥିଲା। ଆନନ୍ଦ ଓ ସୁଶାନ୍ତ ମଧ୍ୟ ବାଇକ୍ ସହ ତଳେ ପଡି ଯାଇଥିଲେ। ଏହି ସମୟରେ ସେମାନଙ୍କୁ ମଧ୍ୟ ଅଭିଯୁକ୍ତ ଠେଙ୍ଗାରେ ଆକ୍ରମଣ କରିଥିଲେ। ସେମାନେ ସଂଜ୍ଞାହୀନ ହେବା ପରେ ମରିଗଲେ ଭାବି ଆକ୍ରମଣକାରୀ ଯୁବକ ଘଟଣା ସ୍ଥଳରୁ ଚାଲି ଯାଇଥିଲା। ୩ ଜଣ ସୋନପୁର ଡାକ୍ତର ଖାନାରେ ଭର୍ତ୍ତି ହୋଇଥିଲେ। ଠେଙ୍ଗା ମାଡ଼ରେ ଗୁରୁତର ଜଗନ୍ନାଥଙ୍କ ଗୋଟିଏ ଆଖି ନଷ୍ଟ ହୋଇ ଯାଇଥିବାରୁ ବୁର୍ଲା ସ୍ଥାନାନ୍ତର କରା ଯାଇଥିଲା। ଏ ସମ୍ପର୍କରେ ୯ ତାରିଖ ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। ଶେଷରେ ସେମାନେ ଆଜି ଏସପିଙ୍କୁ ସାକ୍ଷାତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ମନମୁଣ୍ଡା ଥାନା ଅଧିକାରୀ ସସ୍ମିତା ମଗରଙ୍କୁ ପଚାରିବାରୁ ଘଟଣା ପରଠାରୁ ଅଭିଯୁକ୍ତ ଫେରାର ଥିବାରୁ ଗିରଫ କରାଯାଇ ନ ଥିବା କହିଛନ୍ତି।

# ସର୍ବ ଭାରତୀୟ ବରଗୋଛା କ୍ରିକେଟ କପ୍ ଉଦ୍‌ଘାଟିତ

ଶଗଡା/ମନମୁଣ୍ଡା,୭ ।୧(ସମିସ

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗୋଛା ଶ୍ରୀ ଜଗନ୍ନାଥ ମିନି ଷ୍ଟାଡିୟମରେ ୧୯ତମ ସର୍ବ ଭାରତୀୟ ବରଗୋଛା କ୍ରିକେଟ କପ୍ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜଗନ୍ନାଥ ପାଠାଗାର ବରଗୋଛା ଦ୍ୱାରା ଆୟୋଜିତ ଏହି କ୍ରିକେଟରେ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚ ପୁରୀର ସିଉଳା ଓ ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହେଇଥିଲା। ଝାରସୁଗୁଡା ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୦୨ରନ୍ ସଂଗ୍ରହ କରିଥିଲା। ଜବାବରେ ପୁରୀ ଦଳ ୯ ଓଭରରେ ୧୦୩ ରନ୍ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ କମାଣ୍ଡୋ



୧୧ ଭୁବନେଶ୍ୱର ଏବଂ ସୁହାନି ୧୧ ୱେଷ୍ଟ ବେଙ୍ଗଲ ମଧ୍ୟରେ ଖେଳା ଯାଇଥିଲା। ପ୍ରଥମେ ସୁହାନି ୧୧ ୱେଷ୍ଟ ବେଙ୍ଗଲ ବ୍ୟାଟିଂ କରି ୧୦ ଓଭରରେ ୧୦୮ ରନ୍ କରିଥିଲା। ଏହାର ଜବାବରେ ଭୁବନେଶ୍ୱର ୯ ଓଭରରେ ୧୦୯ ରନ୍ କରି ବିଜୟୀ ହେଇଥିଲା। ଶ୍ରୀ ଜଗନ୍ନାଥ ପାଠାଗାରର ସଭାପତି ଶାନ୍ତନୁ ଥାଟି, ବରଗୋଛା ସରପଞ୍ଚ ଲକି କର୍ମୀ, ସମିତି ସଭ୍ୟା ମମତା କୁଅଁର ପ୍ରମୁଖ ଯୋଗ ଦେଇଥିଲେ। ଉଚିତ ଡାଙ୍ଗ ଓ ବିଶ୍ୱାମିତ୍ର ମହଲା ମୁଖ୍ୟ ପରିଚାଳକ ଥିଲେ। ଅମ୍ପାୟାର ଭାବେ ତୀର୍ଥାନନ୍ଦ ମହାପାତ୍ର ଓ ଜିତେଶ ବେହେରା ଖେଳ ପରିଚାଳନା କରିଥିଲେ। ବୁଦ୍ଧଦେବ ମହାରଣା ଧାରା ବିବରଣୀ ପ୍ରଦାନ କରିଥିଲେ। ୧୧ ତାରିଖ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## ସରସରା ଡାକଘରୁ ଜମାକାରୀଙ୍କ ଟଙ୍କା ଗାୟବ

ବୌଦ୍ଧ,୭ ।୧(ସମିସ): ବୌଦ୍ଧ ଜିଲ୍ଲା ହରାଭଙ୍ଗା ବ୍ଲକ୍ ସରସରା ଗ୍ରାମରେ ଥିବା ସବ୍ ପୋଷ୍ଟ ଅଫିସର ଜମାକାରୀଙ୍କ ଖାତାରୁ ଟଙ୍କା ହଡ଼ପ ହୋଇଛି। ଘଟଣା ସାମନାକୁ ଆସିବା ପରେ ଡାକ ଘର ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। ଜମାକାରୀ ଡାକଘର ଘେରଉ କରିଛନ୍ତି। ଅଧିକାଂଶ ଆକାଉଣ୍ଟଧାରୀ ଅଭିଯୋଗ କରିଛନ୍ତି ଯେ ତାଙ୍କ ଆକାଉଣ୍ଟରେ ଆଉ ଟଙ୍କା ନାହିଁ। ଜଣେ ଜମାକାରୀଙ୍କ ଖାତାରୁ ୨୦ ଲକ୍ଷ ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗରେ ପୋଷ୍ଟମାଷ୍ଟର୍ ନିରଂଜନ ବେହେରା ନିଲମ୍ବିତ ହୋଇଥିବା ଜାଣିବା ପରେ ପୋଷ୍ଟ ଅଫିସ ଆକାଉଣ୍ଟଧାରୀ ନିଜ ନିଜ ଆକାଉଣ୍ଟରେ ଥିବା ଟଙ୍କା ବିଷୟରେ ଜାଣିବା ପାଇଁ ପୋଷ୍ଟ ଅଫିସରେ ଭିଡ଼ ଲଗାଇଥିଲେ। ସେମାନଙ୍କ ଆକାଉଣ୍ଟରୁ ମଧ୍ୟ ଟଙ୍କା ଗାୟବ୍ ହୋଇ ଯାଇଛି ଜାଣିବା ପରେ ଉତ୍ତେଜନା ଦେଖା ଯାଇଥିଲା। ଆଉ କେତେ ଏକାଉଣ୍ଟଧାରୀଙ୍କ ଅଭିଯୋଗ ଯେ ଅପଡେଟ୍ କରିବାକୁ ଦେଇଥିବା ସେମାନଙ୍କ ପାସ୍‌ବୁକ୍ ମଧ୍ୟ ଆଉ ପୋଷ୍ଟ ଅଫିସରେ ନାହିଁ। ଏହାଫଳରେ ଟଙ୍କା ରଖିଥିବା ଗ୍ରାହକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି। ଡାକଘର ଘେରି ପ୍ରତିବାଦ ପ୍ରଦର୍ଶନ କରିଥିଲେ। ଅଭିଯୋଗ ପାଇବା ପରେ ଅନୁସନ୍ଧାନରେ ଆସିଥିବା ଇନ୍ସପେକ୍ଟରଙ୍କୁ ଜମାକାରୀ ତୁରନ୍ତ ଅନୁସନ୍ଧାନ କରି ଖାତାଧାରୀଙ୍କ ଟଙ୍କା ଫେରସ୍ତ କରିବାକୁ ଦାବି କରିଛନ୍ତି।

■ ପର୍ଲା ଧାନ ମଣ୍ଡିରେ ଚାଷୀଙ୍କୁ ଦୁର୍ବ୍ୟବହାର

# ଏସ୍‌ଏଚ୍‌ଜି ଆଳରେ ସ୍ୱାମୀମାନେ କରୁଛନ୍ତି ପରିଚାଳନା

**ଧର୍ମଗଡ଼, ୭ ।୧(ସମିସ):** ଧର୍ମଗଡ଼ ବ୍ଲକ ପର୍ଲା ଧାନ ମଣ୍ଡିରେ ଚାଷୀଙ୍କୁ ଦୁର୍ବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି ।ନିଜ ଧାନକୁ ମଣ୍ଡିରେ ପକାଇବା ବାବଦରେ ବୁଝିବା ପାଇଁ ଯାଇଥିବା ବେଳେ ଦୁର୍ବ୍ୟବହାରର ଶିକାର ହୋଇଥିବା ଚାଷୀ ଶୁଭେନ୍ଦୁ ମୁଣ୍ଡ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ଗତ୨୭.୧୨.୨୦୨୫ତାରିଖ ଟୋକନ ନଂ ୨୩୨୬୫ରେ ୫୨କୁଇଣ୍ଟାଲ ଧାନ ମଣ୍ଡିରେ କ୍ରୟ କରିବା ପାଇଁ ବ୍ୟବସ୍ଥା ରହିଛି ।ତେବେ ଉକ୍ତ ତାରିଖ ଟୋକନ ଧାନ ମଣ୍ଡିରେ ପକାଇବାକୁ କ୍ରୟ ଦାୟିତ୍ୱରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁ ବୁଝି ଆସିବା ପରେ ମହିଳାଙ୍କ ସ୍ୱାମୀ ଶ୍ରୀ ମୁଣ୍ଡଙ୍କୁ ଦୁର୍ବ୍ୟବହାର ସହ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି । ତେବେ ଅନେକ ଚାଷୀଙ୍କ କହିବା ମତେ ଏସଏଚ୍‌ଜି ଆଳରେ ମହିଳାମାନଙ୍କ ସ୍ୱାମୀମାନେ ଧାନ ମଣ୍ଡି ପରିଚାଳନା କରୁଛନ୍ତି ।ଏପରିକି ଚାଷୀଙ୍କୁ ଧମକ ଚମକ କରିବା ସହ ଦବଙ୍ଗ ଗିରି କରୁଥିବା ଚର୍ଚ୍ଚା ହେଉଛି ।ଗତ ବର୍ଷରେ ମଧ୍ୟ ଶ୍ରୀ ଜଗନ୍ନାଥ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଧାନକ୍ରୟ ଦାୟିତ୍ୱ ନେଇ ଥିବା ବେଳେ ଉକ୍ତ ଗୋଷ୍ଠୀର ସଦସ୍ୟାମାନଙ୍କ ସ୍ୱାମୀମାନେ ପରିଚାଳନା କରି ଅନେକ ବିଶୃଙ୍ଖଳା ସୃଷ୍ଟି କରୁଥିବା ନଜିର ରହିଛି। କଥା ଥାନା, କୋର୍ଟ କଚେରୀ ପର୍ଯ୍ୟନ୍ତ ଯାଇଥିବା ଅନେକ ଚାଷୀ ପ୍ରକାଶ କରନ୍ତି ।ପୂର୍ବ ବର୍ଷମାନଙ୍କରେ ଏସଏଚ୍‌ଜିର ତୃଟି ପୂର୍ଣ୍ଣ ପରିଚାଳନା ଓ ବିଶୃଙ୍ଖଳା କାରଣ ଯୋଗୁଁ ଚଳିତ ବର୍ଷ ଧାନ କ୍ରୟ ଦାୟିତ୍ୱ ନ ଦେବାକୁ ଚାଷୀମାନେ ଧର୍ମଗଡ଼ ଉପଜିଲ୍ଲାପାଳ ଓ ଧର୍ମଗଡ଼ ବିଧାୟକଙ୍କୁ ଲିଖିତ ଭାବରେ ଅଭିଯୋଗ ଜଣାଇଥିଲେ। ହେଲେ ଏସଏଚ୍‌ଜିର ପ୍ରଚ୍ଛଦ ପଟରେ ଆଉ ଏକ ପ୍ରଭାବ ଶାଳୀ ବ୍ୟକ୍ତି ଥିବା ଯୋଗୁଁ ପୁନଃ ଉକ୍ତ ମହିଳା ଗୋଷ୍ଠୀଙ୍କୁ ଧାନକ୍ରୟ ଦାୟିତ୍ୱ ମିଳିଥିବା ଚର୍ଚ୍ଚା ହୁଏ । ପ୍ରଶାସନ ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହୋଇଛି ।

ସ୍ୱାଭାବିକ ହେବ ମଣ୍ଡିରୁ ଧାନ ଉଠିବା

# ଆନ୍ଦୋଳନରୁ ଓହରିଲେ ମିଲର୍ସ

**ଭବାନୀପାଟଣା, ୭ ।୧(ସମିସ)**

ରାଜ୍ୟ ସରକାର ବାଧହୋଇ ମିଲର୍ସଙ୍କ ଦାବି ପୂରଣ ନେଇ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଛି ମିଲର୍ସ ସଂଘ । ଗୁରୁବାର ଠାରୁ ସ୍ୱାଭାବିକ ହେବ ଧାନ ମଣ୍ଡିରୁ ଧାନ ଉଠାଣ ପ୍ରକ୍ରିୟା । ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ମିଲର୍ସ ସଂଘ ସଭାପତି ମହେଶ ବଂଶଲ । ଯେଉଁ ଚିଠି କଥା ଉପରେ ସଂଘ ଅଟକିଥିଲା କିନ୍ତୁ ସେକ୍ରେଟେରିଏଟରୁ ଖବର ଆସିଲା ଯେ ମୁଖ୍ୟମନ୍ତ୍ରୀଙ୍କ ଟେବୁଲକୁ ଯୋଗାଣ ବିଭାଗ ଚିଠି ପହଁଚିଲା। ସରକାର ୧୫ ଦିନ ଭିତରେ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଲିଖିତ ଆକାରରେ ଦେଉଥିବା ଜଣାପଡ଼ିଲା। ଯଦି ୧୫ ଦିନ ଭିତରେ ଦାବି ପୂରଣ ନ ହୁଏ ବୈଠକ କରି ପୁନର୍ବାର ନିଷ୍ପତ୍ତି ନିଆଯିବ । ଆମର ଆଶା ସରକାର ଦାବି ପୂରଣ କରିବେ । ୭ ଦିନ ଭିତରେ ବକେୟା ଟଙ୍କା ଦେବା ନେଇ ଚିଠି କରିଛନ୍ତି ବୋଲି ମିଲର୍ସ ସଂଘ ସଭାପତି ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲାରେ ଗତ ୫ ରୁ ୭



ତିନି ଦିନ ଧରି ମିଲର୍ସଙ୍କ ଆନ୍ଦୋଳନ ଯୋଗୁଁ ପ୍ରାୟ ୯ ହଜାର ଚାଷୀଙ୍କ ୪ଲକ୍ଷ ୫୦ହଜାର କୁଇଣ୍ଟାଲ ଧାନ ଉଠାଣ ହୋଇ ପାରିନଥିବା ଜଣାପଡ଼ିଛି। ଜିଲ୍ଲାରେ ରବିବାର ୪ତାରିଖ ସୁଦ୍ଧା ୪୯, ୫୮୯ ଜଣ ଚାଷୀ ୨୨ଲକ୍ଷ ୫୩ ହଜାର ୬୭୦କୁଇଣ୍ଟାଲ ଧାନ ବିକ୍ରି କରିଥିବା ଜଣାପଡ଼ିଛି। ବର୍ତ୍ତମାନ ଜିଲ୍ଲାର ହଜାର ହଜାର ଚାଷୀ ଧାନ ବିକ୍ରି ଆଶାରେ ହାଡ଼ ଭଙ୍ଗା ଶୀତ କାକରରେ ମଣ୍ଡିରେ ପଡ଼ି ରହିଛନ୍ତି । ମିଲର୍ସ ଓ ସରକାରଙ୍କ ଲୁକାଛୁପି ଖେଳ ଚାଷୀଙ୍କୁ କାଳ ହୋଇଛି। ସେହିପରି ଅନେକ ଚାଷୀଙ୍କ ଟୋକନ ପଛରେ ରହିଥିବାରୁ ସେମାନେ ଖଳାରେ ଧାନ ରଖି ଟୋକନ ତାରିଖକୁ ଜଗି ବସିଛନ୍ତି ।ଅନେକ ଚାଷୀଙ୍କ ଟୋକନ ଅବଧି ସରିଯିବା ସମ୍ଭାବନା ଥିବାରୁ ପ୍ରମାଦ ଗଣୁଛନ୍ତି। ରାଜ୍ୟ ସରକାରଙ୍କ ଛବି ଗତ ବର୍ଷ ମଣ୍ଡିରୁ ଧାନ ବିକ୍ରିବେଳେ ଯାହାଥିଲା ତାହା ଚଳିତ ବର୍ଷ ମଳିନ

## ଚାଷୀଙ୍କ ପ୍ରତି ହେୟଜ୍ଞାନ ଭାବ ନେଇପାରେ ବିସ୍ଫୋରକ ରୂପ

ପଡ଼ିଯାଇଛି ।ଚାଷୀ ଏଥର ନାହିଁ ନଥିବା ହଟହଟା ହୋଇଛନ୍ତି ।ଅନ୍ୟପକ୍ଷରେ ଅନେକ ଚାଷୀଙ୍କ ଟଙ୍କା ମିଳିପାରି ନାହିଁ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେବା ସାର ହେଉଛି। ସରକାରଙ୍କ ଏଭଳି ଖାମାଖିଆଲି ନୀତିକୁନେଇ ଚାଷୀମାନଙ୍କ ଅସନ୍ତୋଷ କେତେବେଳେ ବିସ୍ଫୋରକ ରୂପ ନେବ ତାହା ଦେଖିବାକୁ ରହିଲା ।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର

**ଭବାନୀପାଟଣା, ୭ ।୧(ସମିସ):** କଳାହାଣ୍ଡି ଜିଲ୍ଲାର ୩ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ରାଜ୍ୟର ୧୧୮ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସହିତ ଖୋର୍ଦ୍ଧା ଜିଲ୍ଲା ବାଣପୁର ଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। କଳାହାଣ୍ଡି ଜିଲ୍ଲାର ତିନି ଗୋଟି ବାଙ୍କପଲାସ ଜୁନାଗଡ଼ ଠାରେ ଅନୁଷ୍ଠିତ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଅତିଥି ରୂପେ ଦିବ୍ୟ ଶଙ୍କର ମିଶ୍ର, ବିଧାୟକ ଜୁନାଗଡ଼, କୁନ୍ତଳା ରାଉତ କଳାହାଣ୍ଡି ଲୋକସଭା ସାଂସଦ ପ୍ରତିନିଧି, ସଞ୍ଜୁକ୍ତା ମାଝି ସ୍ଥାନୀୟ ସରପଞ୍ଚ ସଙ୍ଗୀତା ଖରସେଲ, କଳାହାଣ୍ଡି ଜିଲ୍ଲା ପରିଷଦ ସଭ୍ୟା ଦେବକୀ ମାଝି, ବାଙ୍କପଲାସ ପଞ୍ଚାୟତର ସମିତି ସଭ୍ୟା ପ୍ରମୋଦ ବେହେରା, ଜୁନାଗଡ଼



ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋକସରା ବ୍ଲକର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋଟୋମୁଣ୍ଡା ଠାରେ ଅନୁଷ୍ଠିତ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ସମ୍ମାନିତ ଅତିଥି ହେମନ୍ତ ମାଝୀ, ଜିଲ୍ଲା ପରିଷଦ ସଭ୍ୟ କୋକସରା ଜୋନ-୧ଗୋପାଳ ଅଗ୍ରୱାଲ, ସମିତି ସଭ୍ୟା ଗୋଟୋମୁଣ୍ଡା ଶାମୁକା ନାଏକ, ସରପଞ୍ଚ ଗୋଟୋମୁଣ୍ଡା ପଦ୍ମିନୀ ପୁଝାରି, ସଭାପତି ମହେଶ କୁମାର ଭାଟି ଗୋଷ୍ଠୀ ଶିକ୍ଷା ଅଧିକାରୀ କୋକସରା ସଭା କାର୍ଯ୍ୟ ପରିଚାଳନା କରିଥିଲେ । ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ବ୍ଲକ ଉପାଧ୍ୟକ୍ଷ ତପନ କୁମାର ମାଝି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୁନାଗଡ଼, ଖଗେଶ୍ୱର ମାଝି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ଦୀପ୍ତି ରଞ୍ଜନ ନାୟକ, ବାଙ୍କପଲାସ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ, ବକ୍ସିତୁଲସିପାଲି ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନିଲ କୁମାର ନନ୍ଦ, ସାଂସଦ କଳାହାଣ୍ଡିଙ୍କ ପ୍ରତିନିଧି ରାଧାକାନ୍ତ ଛତ୍ରୀ, ଜିଲ୍ଲା ଶିକ୍ଷା ଅଧିକାରୀ, କଳାହାଣ୍ଡି, ମନୋଜ କୁମାର ମେହେର, ପୂର୍ବତନ ଅଧ୍ୟକ୍ଷ ପଞ୍ଚାୟତ ସମିତି ଜୁନାଗଡ଼, ସୁଶାନ୍ତ କୁମାର ଠାକୁର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ଦିବ୍ୟ ଶଙ୍କର ଦୀପ, ସରପଞ୍ଚ, ବକ୍ସିତୁଲସିପାଲି, ହିମାଂଶୁ ଭୋଇ, ପ୍ରଧାନଶିକ୍ଷକ, ସରକାରୀ ଉଚ୍ଚ ବିଦ୍ୟାଳୟ, ବକ୍ସିତୁଲସିପାଲି, ମାର୍ତ୍ତ ନାଏକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉପସ୍ଥିତ ଥିଲେ।

**ନୂଆପଡ଼ା:** ମଙ୍ଗଳବାର ସରକାରୀ ଉଚ୍ଚ ବିଦ୍ୟାଳୟ ଟୁଲାଭାଟରେ ପ୍ରଧାନଶିକ୍ଷୟିତ୍ରୀ ମୋହିନୀ ସୁନାଙ୍କ ତତ୍ତ୍ୱାବଧାନରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ନୂଆପଡ଼ା ଜିଲ୍ଲା ପରିଷଦ ସଭ୍ୟ ଭରତ ଲାଲ ରାଉତ, ସମ୍ମାନିତ ଅତିଥି ଭାବରେ ଟୁଲାଭାଟ ପଞ୍ଚାୟତର ସରପଞ୍ଚ ଚମ୍ପାବାଇ ଠାକୁର ଓ ସମିତିର ସଦସ୍ୟ ଉର୍ବଶୀ ସାହୁ, ଅନ୍ୟାନ୍ୟ ଅତିଥିଙ୍କ ମଧ୍ୟରେ ନୂଆପଡ଼ା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୈତରାମ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ହେମନ୍ତ ମାଝୀ, ଅତିରିକ୍ତ ଚ୍ୟାରମ୍ୟାନ୍ ବିରେଶ୍ୱରି ମାଝୀ, ୱାର୍ଡ ମେମ୍ବର ସଦସ୍ୟ ସୁଦାମା ମାଝୀ, ମନୋଜ ସାହୁ, ଦେବସିଂ ମାଝୀଙ୍କ କରକମଳରେ ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମକୁ ତ୍ରିଲୋଚନ ମାଝୀ ପରିଚାଳନା କରିଥିବା ବେଳେ ସଚିନ ଭୂସାଗାର, ହୃଷିକେଶ ଜଗତ, ଟିକେଲାଲ ମାଝି, ସୁନିତା ସାହୁ, ଘନଶ୍ୟାମ ଜାଲ, ଲୋଚନ କୁମାର କେଉଁଟ, ଦେଖରାମ ଶବର, ମେଘନାଥ ଦଣ୍ଡସେନା, ଭୁବନ ଲାଲ କଣ୍ଡରା, ଜ୍ୟୋସ୍ନାମୟୀ ବିଶି, ଜୟଦ୍ରଥ ରାଉତ ପ୍ରମୁଖ ସହଯୋଗ କରିଥିଲେ।

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ

# କେସିଙ୍ଗା ସବ୍‌ଡ଼ିଭିଜନ ନିର୍ବାଚନୀ ସଭା

**କେସିଙ୍ଗା, ୭ ।୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସବଡ଼ିଭିଜନସ୍ତରୀୟ ନିର୍ବାଚନୀ ସଭା କେସିଙ୍ଗାସ୍ଥିତ ୩୩/୧୧କେଭି ସବଷ୍ଟେସନ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ନିର୍ବାଚନୀ ସଭାରେ ସଂଘର ଉପସଭାପତି ପରମେଶ୍ୱର ବେହେରା ସଭାପତିତ୍ୱ କରିଥିଲେ, ସମ୍ମାନିତ ଅତିଥି ଭାବରେ ସଂଘର ଯୁଗ୍ମ ସମ୍ପାଦକ ଦୁର୍ଗାମାଧବ ପଣ୍ଡା, ସର୍କଲ ସମ୍ପାଦକ ନିଗମାନନ୍ଦ ଦାସ, କେନ୍ଦ୍ରୀୟ କାର୍ଯ୍ୟକାରୀ ସଭା ସଦସ୍ୟ ଅଖିଳ କୁମାର ପାଣିଗ୍ରାହୀ, ଯୁଗ୍ମ ଡିଭିଜନ ସମ୍ପାଦକ ମଣ୍ଟୁ ରଣା ପ୍ରମୁଖ ମଞ୍ଚାସିନ ଥିଲେ ।ସର୍ବପ୍ରଥମେ ଡିଭିଜନ କାର୍ଯ୍ୟକାରୀ ସଭା ସଦସ୍ୟ ନରେନ୍ଦ୍ର ବାଡା ଅତିଥି ପରିଚୟ ଦେଇଥିଲେ ପରେ ପରେ କେସିଙ୍ଗା ସବଡ଼ିଭିଜନ ସମ୍ପାଦକ ବିଶ୍ୱଜିତ ମହଲା ସ୍ୱାଗତ ଭାଷଣ ଦେଇଥିଲେ। ସଭାରେ ୪ଟି ସେକ୍ସନ ଏବଂ ଷ୍ଟୋର ସେକ୍ସନରୁ ବହୁ ସଂଖ୍ୟାରେ ଶ୍ରମିକ କର୍ମଚାରୀ ଯୋଗଦେଇ ନିଜର ଅସୁବିଧା ଜଣାଇଥିଲେ। ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ଏବଂ କିପରି ଯଥାଶୀଘ୍ର ସମାଧାନ ହୋଇପାରିବ ସେଥିପ୍ରତି ଯୋଜନା ପ୍ରସ୍ତୁତ କରାଯାଇଥିଲା। ଚଳିତ ୨୦୨୬ ବର୍ଷ ପାଇଁ କେସିଙ୍ଗା ସେକ୍ସନରୁ ମନୋଜ ସେଠି, ନୁନମାଠ ସେକସନ ପାଇଁ ତନୁ ସାହୁ, ବୋର୍ଡକ୍ଷ ସେକ୍ସନ ରୁ ପରମା ସିନ୍ଧୁର, ଉତ୍କେଲା ସେକ୍ସନରୁ ତ୍ରିଲୋଚନ ପୋଡ଼, ଷ୍ଟୋରସେକ୍ସନରୁ ଖୋଲାନ୍ତର ବାଗ ଏବଂ କେସିଙ୍ଗା ସବଡ଼ିଭିଜନ ସମ୍ପାଦକ ଭାବେ ବିଶ୍ୱଜିତ ମହଲା ସର୍ବସନମତି ଭାବେ ମନୋନୀତ ହୋଇଛନ୍ତି। ସଂଘର ୬୩ ତମ ରାଜ୍ୟସ୍ତରୀୟ ବାର୍ଷିକ ଅଧିବେଶନ ଚଳିତ ଜାନୁଆରୀ ୨୦, ୨୧, ୨୨, ତିନିଦିନ ଧରି ରାୟଗଡ଼ା ଠାରେ ଅନୁଷ୍ଠିତ ହେଉଥିବାରୁ କେସିଙ୍ଗା ସବଡ଼ିଭିଜନରୁ ବହୁସଂଖ୍ୟାରେ ସଭ୍ୟ ଯୋଗ ଦେବାକୁ ଆଜିର ସଭାରେ ନିଷ୍ପତ୍ତି ନିଆଗଲା। ଶେଷରେ ନରେନ୍ଦ୍ର ବାଡା ଧନ୍ୟବାଦ ଅର୍ପଣ କରିଥିଲେ।

# କର୍ଲାପଡ଼ା ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିନ

**ଭବାନୀପାଟଣା, ୭ ।୧(ସମିସ):** କର୍ଲାପଡ଼ା ଫୁଟବଲ କ୍ଲବ୍ ତରଫରୁ ପ୍ରଥମ ମରୁଆ କୁମାର ଓ ରଶ୍ମିତା ନାଏକ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି ।ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସରେ ଧର୍ମଗଡ଼ ଏବଂ ବାଲିଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଲିଗୁଡା ଦଳ ୧-୦ରେ ବିଜୟୀ ହୋଇଥିଲା। ବିଶେଶ୍ୱର ପ୍ରଧାନ, ଚଞ୍ଚଳ ମାଝୀ, ରଶ୍ମିରଞ୍ଜନ ପ୍ରଧାନ ଏବଂ ନିର୍ମଳ ପ୍ରଧାନ ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବରେ ନୃପରାଜ ଯାଦବ କେସିଙ୍ଗା ଏନ୍‌ଏସି ଚେୟାରମ୍ୟାନ ତଥା କଳାହାଣ୍ଡି ଜିଲ୍ଲା ଯାଦବ ମହାସଂଘର ସଭାପତି, ସମ୍ମାନିତ ଅତିଥି ଭାବେ ପ୍ରକାଶ ମହାନ୍ତି, ସଞ୍ଜୀବ କୁମାର ସାହୁ ବିଶିଷ୍ଟ ସମାଜସେବୀ ଭବାନୀପାଟଣାଙ୍କ ସମେତ କର୍ଲାପଡ଼ା ଫୁଟବଲ ସଂଘର ସଭାପତି ଧ୍ରୁବଚରଣ ପ୍ରଧାନ, ସମ୍ପାଦକ କିଶୋର କୁମାର ଯୁଆଡ, ଅଶ୍ୱିନୀ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରାଜୀବ ଲୋଚନ ଯୁଆଡ ଏବଂ ମିଳନ କୁମାର ଧାରା ବିବରଣୀ ପ୍ରଦାନ କରିଥିଲେ।

ପାଲସିପାଣି ନିକଟରେ ସଡ଼କ ଦୁର୍ଘଟଣା

# ଟ୍ରକ୍ ଧକ୍କାରେ ୨ ମୃତ, ଜଣେ ଗୁରୁତର

**କୋମନା, ୭ ।୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ବାନଜୀବାହାଲ ଓ ପଲସିପାଣି ନିକଟସ୍ଥ ଜାତୀୟ ରାଜପଥରେ ବୁଧବାର ରାତି ୮ ଘଣ୍ଟା ସମୟରେ ସଡ଼କ ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ଏକ ଦ୍ରୁତଗାମୀ ଟ୍ରକ୍ ବାଇକ୍‌କୁ ପଛପଟୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ, ବାଇକରେ ୩ ଜଣ ଯାଉଥିବା ସମୟରେ ବାନଜୀବାହାଲ ଓ ପାଲସିପାଣି ମଝିରେ ଅନିୟନ୍ତ୍ରିତ ଟ୍ରକ୍ ସେମାନଙ୍କୁ ପିଟି ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ବାଇକ୍ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଛି ।ଦୁର୍ଘଟଣାରେ ୨ ଜଣଙ୍କର ପ୍ରାଣହାନି ଘଟିଛି। ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ହୋଇଥିବାରୁ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅପରପଟରେ ସ୍ଥାନୀୟ ଲୋକ ଓ ପୋଲିସ ସହାୟତାରେ ଉଦ୍ଧାର କାର୍ଯ୍ୟଜାରି ରହିଛି। ଦୁର୍ଘଟଣା ପରେ ଜାତୀୟ ରାଜପଥରେ କିଛି ସମୟ ପାଇଁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ମୃତ ଯୁବକମାନଙ୍କ ପରିଚୟ ଜଣାପଡ଼ିନାହିଁ।

ବିଭାଜନସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳନ

# ଜଳସଞ୍ଚୟ ଓ ଚାଷୀଙ୍କୁ ଜଳ ବଣ୍ଟନ ହିଁ ମୂଳଲକ୍ଷ

**କେସିଙ୍ଗା, ୭ ।୧(ସମିସ):** ପାଣି ପଞ୍ଚାୟତ ପକ୍ଷ ଉପଲକ୍ଷେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ତହିଁସିର ଡ୍ୟାମ ପରିସରରେ ଜିଲ୍ଲା ସ୍ଥାନୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଯୋଗଦେଇ ଇଣ୍ଟିଗ୍ରେଟେଡ ଫର୍ମ ଉପରେ ଗୁରୁତ୍ୱାରୋପ କରି ଚାଷୀ ଓ ଚାଷର ବିକାଶ ଉପରେ ଆଲୋଚନା କରି ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ପୋତି ହୋଇ କେନାଲ ଗୁଡ଼ିକର ଜଳଧାରଣାର କ୍ଷମତା କମିବାରେ ଲାଗିଛି ବୋଲି ପ୍ରକାଶ କରି ସରକାର ଚାଷୀଙ୍କ ଉନ୍ନତି ପାଇଁ ଏଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ପ୍ରକାଶ ଥାଉକି ସମଗ୍ର ଓଡ଼ିଶାରେ ୩୯ ହଜାର ପାଣି ପଞ୍ଚାୟତ ଅଛି ଯାହା ୨୩.୧୫ ଲକ୍ଷ ହେକ୍ଟର ଚାଷ ଜମିକୁ କଭର କରିଥାଏ ।ସେହିପରି ୨୦୨୧ର ସରକାରୀ ଲେଖାଯୋଖା ଅନୁଯାୟୀ କଳାହାଣ୍ଡି ରେ ସମୁଦାୟ ୨୬୭ସକ୍ରିୟ ପାଣିପଞ୍ଚାୟତ ଅଛି ଯାହା ଜିଲ୍ଲାର ୧ ଲକ୍ଷ ୨୮ ହଜାର ହେକ୍ଟର ଚାଷଜମିକୁ ଜଳସେଚନର ବ୍ୟବସ୍ଥା କରିଥାଏ। ହେଲେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା



ପାଣି ପଞ୍ଚାୟତର କର୍ମକର୍ତ୍ତାମାନେ ନିଜ ନିଜ ଅଞ୍ଚଳର ପାଣି ପଞ୍ଚାୟତର ସମସ୍ୟା ଉପସ୍ଥିତ ଅଧିକାରୀମାନଙ୍କୁ କହିଥିଲେ । ଅଧିକାରୀମାନେ ସମସ୍ୟା କଥା ସରକାରଙ୍କ ପାଖରେ ପହଞ୍ଚାଇବାକୁ ପ୍ରତିଶ୍ରୁତି ଦେଇଥିଲେ ।ପରେ ଉପସ୍ଥିତ ସମସ୍ତ ଅଧିକାରୀ ଓ ପାଣି ପଞ୍ଚାୟତର କର୍ମକର୍ତ୍ତାମାନେ ଜଳସଂରକ୍ଷଣ ପାଇଁ ଶପଥ ପାଠ ମଧ୍ୟ କରୁଥିଲେ ଜିଲ୍ଲା ଅଧିକ୍ଷଣ ଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ବିଭାଗ ଇଂ ସରୋଜ ସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କନ୍ତେଶିର କ୍ଷୁଦ୍ର ଜଳସେଚନ ପାଣି ପଞ୍ଚାୟତ ସଭାପତି ଶୈଳେଶ ସାହୁ ସହନିର୍ବାହୀଯନ୍ତ୍ରୀ ମ.ରାମପୁର ଜୀତେନ୍ଦ୍ର କ୍ଷେସ, ସହନିର୍ବାହି ଯନ୍ତ୍ରୀ ଜୟପାଟଣା ତପନ କୁମାର ଦାସ, ଭବାନୀପାଟଣା ସହନିର୍ବାହୀ ଯନ୍ତ୍ରୀ ପ୍ରିୟଙ୍କା ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ ।କାର୍ଯ୍ୟକ୍ରମ ପରିଚାଳନା ସୁଧୀର ନାଏକ କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ କେସିଙ୍ଗା ସହନିର୍ବାହୀ ଯନ୍ତ୍ରୀ ଜଗମୋହନ ନାଏକ। ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

# ୧୧.୧୮ କୋଟି ଟଙ୍କାର କାରବାର

**ଭବାନୀପାଟଣା, ୭ ।୧ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ କୃଷି ମହାବିଦ୍ୟାଳୟ ପରିସରରେ ଗତ ପାଞ୍ଚ ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗ ଦେଇଥିଲେ। କୃଷି କ୍ଷେତ୍ରରେ ବିଭିନ୍ନ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ଉଦାହରଣ ଦେଇ ସେ ଯୁବପିଢ଼ିଙ୍କୁ କୃଷି କ୍ଷେତ୍ରରେ ନିଜର ଭବିଷ୍ୟତ ଗଢ଼ିବା ପାଇଁ ଉତ୍ସାହିତ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରମୋଦ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଜିଲ୍ଲାର କୃଷି ବିକାଶର ରିପୋର୍ଟ ରଖିଥିଲେ। ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଡିଭିଜନ କୃଷି ନିର୍ବାହୀଯନ୍ତ୍ରୀ ଇଂ.ଅଜୟ କୁମାର ମାରାଣ୍ଡି ବିଭିନ୍ନ କୃଷି ଯନ୍ତ୍ରପାତି ଏବଂ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ରିହାତିର ଶୈଳୀ ବିଷୟରେ ବୁଝାଇଥିଲେ। ଭବାନୀପାଟଣା କୃଷି



ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ମଧୁମିତା ସିଂ ଆଧୁନିକ କୃଷି କିପରି ଏକ ‘ନୂତନ ଦିଗନ୍ତ‘ ସାଜିପାରିବ ସେ ବିଷୟରେ ଆଲୋଚନା କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅନନ୍ତ ନାରାୟଣ ପଣ୍ଡା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ନିରଦ କୁମାର କହଁର, ନର୍ଲା ବିଡ଼ିଓ ବିପିନ ବିହାରୀ ଦୀପ, ଏପିଆଇସି ଓଏଲ ଜିଲ୍ଲା ସଂଯୋଜିକା ଏଲିନା ନାୟକ, ବିସିସିବି ବ୍ୟାଙ୍କ ସଭାପତି ଗିରିଶ ଚନ୍ଦ୍ର ବେହେରା, ଧର୍ମଗଡ଼ କୃଷି ଜିଲ୍ଲା ଅଧିକାରୀ ନୌକେଶ୍ୱର ନାଗ ପ୍ରମୁଖ ଯୋଗଦେଇଥିଲେ। ଭବାନୀପାଟଣା ବ୍ଲକ କୃଷି ଅଧିକାରୀ ସୁଶୀଲ କୁମାର ସେଠୀ ଧନ୍ୟବାଦ ଦେଇଥିଲେ। ୫ ଦିନ ଧରି ବ୍ୟାପି ଆୟୋଜିତ ମେଳାରେ ୬୦ଟି ଷ୍ଟଲ ପ୍ରଦର୍ଶନୀ ହୋଇଥିବା ବେଳେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୭୦୦ରୁ ଉର୍ଦ୍ଧ୍ୱ କୃଷକ ଯୋଗ ଦେଇଥିଲେ। ସେହିପରି ୫ ଦିନ ମଧ୍ୟରେ ମୋଟ ୧୧.୧୮ କୋଟି ଟଙ୍କାର କୃଷି ଯନ୍ତ୍ରପାତି ବିକ୍ରୟ ହୋଇଥିବା ବେଳେ ଯେଉଁଥିରୁ ୧.୯୩ କୋଟି ରିହାତି (ସବସିଡି) ମିଳିଥିବା ଜଣାପଡ଼ିଛି।

କଳାହାଣ୍ଡି ଉତ୍ସବ ‘ଘୁମୁରା’

# ଥୁଆମୂଳରାମପୁର ବ୍ଲକ୍‌ରେ ଉଦ୍‌ଯାପିତ

**ଥୁଆମୂଳ ରାମପୁର, ୭ ।୧(ସମିସ)**

ଥୁଆମୂଳରାମପୁର ବ୍ଲକରେ ବ୍ଲକସ୍ତରରେ କଳାହାଣ୍ଡି ଉତ୍ସବ ‘ଘୁମୁରା’ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ବିଭିନ୍ନ ସଂଘରୁ ୧୦ଟି ଦଳ ନୃତ୍ୟ ଗୀତର କଳା ପ୍ରଦର୍ଶନ କରିଥିଲେ। ବୁଧବାର ଅନୁଷ୍ଠିତ ଦ୍ୱିତୀୟ ତଥା ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ପ୍ରଦ୍ୟୁମ୍ନ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ଅଭିଭାଷଣ ପ୍ରଦାନ କରିଥିଲେ।



ଅନ୍ୟଅତିଥି ମାନଙ୍କ ମଧ୍ୟରେ ସ୍ଥାନୀୟ ତହସିଲଦାର ସତ୍ୟ ସନାତନ ପାଣିଗ୍ରାହୀ, ଲୋକସଭା ସାଂସଦ ପ୍ରତିନିଧି ପବିତ୍ର ନାଏକ, ଅତିରିକ୍ତ ତହସିଲଦାର ସନାତନ ମହାରଣା, ଅତିରିକ୍ତ ତହସିଲଦାର ତପନ କୁମାର ପତି, ମା’ମାଣିକେଶ୍ୱରୀ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡ ଛିନା, ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ବିଷ୍ଣୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ ଅଞ୍ଚଳର ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ଦିବସର ମୁଖ୍ୟ ଆକର୍ଷଣ ସୁପ୍ରସିଦ୍ଧ କଣ୍ଠ ଶିଳ୍ପୀ ଦିପ୍ତୀରେଖା ପାତ୍ରୀ ଓ ତାଙ୍କ ମେଲୋଡି ଟିମ୍ ପ୍ରଦର୍ଶନ କରିଥିଲେ ।ଉତ୍ସବ ଶୁଭାରମ୍ଭ ପାଇଁ ପ୍ରଥମେ ମା’ମାଣିକେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ସେଠାରୁ ପ୍ରଜ୍ୱଳିତ ମଶାଲକୁ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଖଣ୍ଡୁଆଳ ପଡ଼ିଆରେ ଆୟୋଜିତ ହୋଇଥିବା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ମଞ୍ଚ ତଳେ ରଖାଯାଇଥିଲା। ବ୍ଲକସ୍ତରୀୟ ଉତ୍ସବର ଆବାହକ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଲୋକସଭା ସାଂସଦ ପ୍ରତିନିଧି ପବିତ୍ର ନାଏକ, ସ୍ଥାନୀୟ ତହସିଲଦାର ସତ୍ୟ ସନାତନ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ସନାତନ ମହାରଣା, ଅତିରିକ୍ତ ତହସିଲଦାର ତପନ କୁମାର ପତି, ବିଜେପି ନେତା ବିଷ୍ଣୁ ନାଏକ, ଜିଲ୍ଲା ପରିଷଦ ସଭ୍ୟା ଟୁନି ଖୋସ୍ଲା(ଦୁରିଆ) ସ୍ଥାନୀୟ ସରପଞ୍ଚ ବିଜୟା ମାଝୀ, ସମିତି ସଭ୍ୟା ପୁଷ୍ପାଞ୍ଜଳି ନାଏକ, ବ୍ଲକ କଂଗ୍ରେସ ସଭାପତି ପରମେଶ୍ୱର ନାଏକ, ବିଏସ୍‌ପିର ବରିଷ୍ଠ ନେତା ଦେବୀଚରଣ ଭାଟିଙ୍କ ସମେତ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ ।ଭାରପ୍ରାପ୍ତ ଏବିଇଓ ହେମନ୍ତ ପଣ୍ଡା, ଅଧ୍ୟାପକ ବାବୁବାହନ ବୁଦ୍ଧିଆ ଏବଂ ରାଜେନ୍ଦ୍ର ଦେବ ମଞ୍ଚ ପରିଚଳନା କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଥୁଆମୂଳରାମପୁର ଥାନା ଅଧିକାରୀ କୈବଲ୍ୟ ସେଠ୍‌ଙ୍କ ନେତୃତ୍ୱରେ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିଲା।

## ଲାଞ୍ଜିଗଡ଼ରୋଡ଼ରେ ପଞ୍ଚାୟତସ୍ତରୀୟ ଉତ୍ସବ

**ଲାଞ୍ଜିଗଡ଼, ୭ ।୧(ସମିସ):** କଳାହାଣ୍ଡି ଜିଲ୍ଲାରେ ଏବେ ଆରମ୍ଭ ହୋଇଯାଇଅଛି ଉତ୍ସବର ମହୋଲ। କଳାହାଣ୍ଡିର ଐତିହ, ସଂସ୍କୃତି ଓ ପରମ୍ପରାକୁ ବହନ କରୁଥିବା କଳାହାଣ୍ଡି ଉତ୍ସବ ‘ଘୁମୁରା” ଆସନ୍ତା ଜାନୁଆରୀ ୧୪ ମକର ସଂକ୍ରାନ୍ତି ଠାରୁ ଜିଲ୍ଲା ସ୍ତରରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଜିଲ୍ଲାର ପ୍ରତି ବ୍ଲକ ଓ ଗ୍ରାମ ପଞ୍ଚାୟତ ସ୍ତରରେ ଏହା ଅନୁଷ୍ଠିତ ହେଉଛି। କଳାହାଣ୍ଡିର ବୀର ବାଦ୍ୟ ଘୁମୁରାରୁ ଆରମ୍ଭ ହୋଇଥିଲା ଘୁମୁରା ଉତ୍ସବ- ୨୦୨୬ ଲାଞ୍ଜିଗଡ଼ରୋଡ଼ ସରପଞ୍ଚ ମମତା ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଲାଞ୍ଜିଗଡ଼ରୋଡ଼ ପୂର୍ବତନ ସରପଞ୍ଚ ଟଙ୍କଧର ମାଝୀ, ବିଶିଷ୍ଟ ଅତିଥି ଭାବେ ସାମ୍ବାଦିକ ନିଲେଶ କୁମାର ନାଗ, ସମ୍ମାନୀତ ଅତିଥି ଭାବେ ନାଏବ ସରପଞ୍ଚ ଅନଙ୍ଗ ମାଝୀ, ୱାଡ୍ ମେମ୍ବର ବିନ୍ଦୁ ବାସିନୀ ଶିଖା, ନନ୍ଦ ମାଝୀ, ମମି ମାଝୀ, କଷ୍ଟି ମାଝୀ, ମହେନ୍ଦ୍ର ସୁନାନୀ, ଶୁକୁମାରୀ ମାଝୀ, ପଦ୍ମା ଶବର, ନିଲେନ୍ଦ୍ରୀ ଶବର, କୁମଖାଲ ଏଡିଇଓ ବ୍ରାହ୍ମା ଦୁରିଆ, ବିଜେପୁର ଏଡିଇଓ ତରୁଣ କୁମାର ବେହେରା, ଏମବିକେ ସନ୍ତୋଷୀ ଗଉଡ଼, ଏଏନଏମ ସୁଷମା ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ କଳାହାଣ୍ଡିର ସଂସ୍କୃତି ଓ ପରମ୍ପରା ବିଷୟରେ ମାର୍ଗଦର୍ଶନ ଦେଇଥିଲେ ।“ଆରମ୍ଭରୁ ଲାଞ୍ଜିଗଡ଼ରୋଡ଼ ଶିବ ମନ୍ଦିର ପୀଠରୁ ସରପଞ୍ଚ ମମତା ଶବରଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରାରେ ମଶାଲ ଆଣି ପଞ୍ଚାୟତ ସ୍ଥିତ ଉତ୍ସବ ମଞ୍ଚରେ ସ୍ଥାପନା କରାଯାଇ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମାଁ ମାଣିକେଶ୍ୱରୀଙ୍କ ପୂଜନ କରିଥିଲେ ଅତିଥି ବୃନ୍ଦ। କାର୍ଯ୍ୟନିର୍ବାହୀ ଅଧିକାରୀ ଡମ୍ବରୁଧର ସେନାପତି ପ୍ରଥମେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଇତ୍ୟବସରରେ ସମସ୍ତ ଅଙ୍ଗନବାଡ଼ି କର୍ମୀ, ସିଆରପି, ଆଶା କର୍ମୀ, ସମେତ ମିଶନ ଶକ୍ତିର ମହିଳା ଶିକ୍ଷକ, ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ। ଲାଞ୍ଜିଗଡ଼ରୋଡ଼ ଏଡିଇଓ ସୁରେନ୍ଦ୍ର ସେଟ୍ଟି ଓ ଯୋଗାଣ ସହାୟକ ନାରାୟଣ ପ୍ରସାଦ ନାୟକଙ୍କ ନେତୃତ୍ୱରେ ବିପୁଳ ରାଉତ, ଦେବରାଜ ଗଉଡଙ୍କ ସମେତ ସମସ୍ତ ଗାଁସାଥୀ, କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।ପଞ୍ଚାୟତ ଅଧିନସ୍ଥ ବିଦ୍ୟାଳୟ ଗୁଡିକରେ କୁନି କୁନି ଛାତ୍ରଛାତ୍ରୀ ମାନେ ଏକକ ଏବଂ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

ଡାକ୍ତରଙ୍କ ମହାନତା

# ଆନ୍ଦୋଳନ ସତ୍ତ୍ୱେ ବଞ୍ଚାଇଲେ ରୋଗୀଙ୍କ ଜୀବନ

**କେସିଙ୍ଗା, ୭ ।୧(ସମିସ):** ଡାକ୍ତରଙ୍କୁ ଦ୍ୱିତୀୟ ଭଗବାନ କୁହାଯାଏ ଏକଥା ସତ କରି ଦେଖାଇଛନ୍ତି କେସିଙ୍ଗା ରେ କାର୍ଯ୍ୟରତ ବିଶେଷଜ୍ଞ ଡାକ୍ତର ରବୀନ୍ଦ୍ର ନାଥ ଖଟୁଆ। ବୁଧବାର ଦିନ ଆଉଟ ଡୋର ବନ୍ଦ ହେବା ପରେ କେସିଙ୍ଗାରୁ ପ୍ରାୟ୨୦ କିଲୋମିଟର ଦୂର ନର୍ଲା ବ୍ଲକର ରୂପ୍ରାଗ୍ରାମର ମୋହନ ସାହୁ ଭିଷଣ ଜ୍ୱରରେ ଆକ୍ରାନ୍ତ ହୋଇ



ଚିକିତ୍ସା ପାଇଁ କେସିଙ୍ଗା ମେଡିକାଲକୁ ଆସିଥିଲେ ହେଲେ ଆଉଟ୍ ଡୋର ବନ୍ଦ ହୋଇ ଯାଇଥିବାରୁ ଆଉଟ୍ ଡୋର ସମ୍ମୁଖରେ ହିଁ ଅସୁସ୍ଥ ହୋଇ ଅଚେତ ହୋଇ ପଡ଼ିଯାଇଥିଲେ। ତାଙ୍କ ପାଖରେ ଥିବା ପରିବାର ଲୋକେ କାନ୍ଦୁଥିଲେ। ଡାକ୍ତର ଖଟୁଆ ଖବର ପାଇ ତୁରନ୍ତ ପହଞ୍ଚି ଆଉଟ୍ ଡୋର ସମ୍ମୁଖରେ ଚିକିତ୍ସା ଆରମ୍ଭ କରି ଦେଇଥିଲେ। କିଛି ମେଡିକାଲ ଷ୍ଟାଫଙ୍କ ସହାୟତାରେ ଷ୍ଟେଚର ସାହାଯ୍ୟରେ ମେଡିକାଲ ଭିତରକୁ ନେଇ ଚିକିତ୍ସା କରି ରୋଗୀର ଜୀବନ ମଧ୍ୟ ବଞ୍ଚାଇ ଥିଲେ। ଥାଉକି ସାରା ରାଜ୍ୟରେ ବର୍ତ୍ତମାନ ଡାକ୍ତରମାନଙ୍କ କିଛି ଦାବି ନେଇ ଡାକ୍ତର ୟୁନିୟନର ଡାକରାରେ ଡାକ୍ତରମାନେ ଦିନକୁ ଦୁଇ ଘଣ୍ଟା ଆନ୍ଦୋଳନ କରି ଜରୁରୀକାଳୀନ ସେବା ବ୍ୟତୀତ ସମସ୍ତ ପ୍ରକାର ଚିକିତ୍ସା ବନ୍ଦ କରିଛନ୍ତି। ଆମେ ଉକ୍ତ ଡାକ୍ତରଙ୍କ ପ୍ରତିକ୍ରିୟା ନେବାରୁ ସେ କହିଥିଲେ ଆନ୍ଦୋଳନ ତା ବାଟରେ ଆମେ ଆନ୍ଦୋଳନକୁ ସମର୍ଥନ କରୁଛୁ ହେଲେ ଜଣେ ଡାକ୍ତର ପାଇଁ ରୋଗୀ ସେବା ପ୍ରଥମ ମୁଁ ଜଣେ ରୋଗୀକୁ ଆଜି ଜୀବନ ବଞ୍ଚାଇ ନିଜକୁ ଗର୍ବ ମନେ କରିବା ସହିତ ଜଣେ ଡାକ୍ତର କର୍ତ୍ତବ୍ୟ ପାଳନ କରିଛି।

# ଆଟଲାଣ୍ଟିକରେ ଟ୍ରମ୍ପ-ପୁଟିନ ମୁହାଁମୁହିଁ



■ ରୁଷ୍ ଜାହାଜକୁ ଜବତ କଲା ଆମେରିକା
■ ଭେନେଜୁଏଲାରୁ ତୈଳ ଆଣିବାକୁ ଯାଉଥିଲା
■ ଜାହାଜ ଉପରେ ଆମେରିକା ସେନା

ୱାସିଂଟନ, ୭।୧ (ଏଜେନ୍ସି): ଆମେରିକା ଏବଂ ରୁଷ୍ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଏବେ ଉତ୍ତର ଆଟଲାଣ୍ଟିକରେ ଦୁଇ ଦେଶ ମୁହାଁମୁହିଁ ହୋଇଛନ୍ତି। ରୁଷ ନିଜ ସେନା ପଠାଇ ଥିବାବେଳେ ଆମେରିକା ମଧ୍ୟ ସମାନ ପଦକ୍ଷେପ ଗ୍ରହଣ କରିଛି। ରୁଷ ପତାକା ଲାଗିଥିବା ତୈଳ ଟ୍ୟାଙ୍କର 'ମାରିନେରା'କୁ ୱାସିଂଟନ ଜବତ କରିବା ପରେ ଏହି ସ୍ଥିତି ସୃଷ୍ଟି ହୋଇଛି। ଏହାର କିଛି ଘଣ୍ଟା ପରେ କାରବିଆନ ସାଗରରୁ ସୋଫିଆ ନାମକ ଆଉ ଏକ ଜାହାଜକୁ ମଧ୍ୟ ଜବତ କରାଯାଇଛି। ତେବେ ଏହା ପାନାମାର ହୋଇଥିବା କୁହାଯାଉଛି। ଚଳିତ ସପ୍ତାହରେ ଉତ୍ତର ଆଟଲାଣ୍ଟିକ ସାଗରରେ ଆମେରିକା ଏହି ଜାହାଜକୁ ଜବତ କରିଥିଲା ବୋଲି ଅନ୍ତର୍ଜାତୀୟ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି। ରିପୋର୍ଟ ଅନୁଯାୟୀ, ତୈଳ ଆଣିବା ପାଇଁ ଉକ୍ତ ଜାହାଜର ମାରିନେରାର ନାମ ବଦଳା ଯାଇଥିଲା। ଆମେରିକା ଦୃଷ୍ଟିରୁ ବର୍ତ୍ତିବା ପାଇଁ ଏପରି କରାଯାଇଥିଲା। କିନ୍ତୁ ୱାସିଂଟନ ଦୁଇ ସପ୍ତାହ ହେଲା ଏହି ଜାହାଜ ଉପରେ ନଜର ରଖିଥିଲା। ଏହା ଭେନେଜୁଏଲାରୁ ତେଲ ଆଣିବାକୁ ଯାଉଥିଲା। ପରେ ଏହି ତୈଳକୁ ଚୀନ୍ କିମ୍ବା ଅନ୍ୟ ଦେଶକୁ ପଠା ଯାଇଥାନ୍ତା। ଏହି ଜାହାଜର ସୁରକ୍ଷା ପାଇଁ ରୁଷ ନିଜ ବୁଡ଼ାଜାହାଜ ଏବଂ ଅନ୍ୟ ନୌସେନା ଜାହାଜକୁ ପଠାଇ ଥିଲା। ମାତ୍ର ଏହା ସୁରକ୍ଷା ଦେବାରେ ବିଫଳ ହୋଇଥିଲା।

ପ୍ରଥମେ ମାରିନେରାର ନାମ ବେଲା-୧ ଥିଲା। ଆମେରିକା ଏହି ଜାହାଜ ଉପରେ କଟକଣା ଲଗାଇ ଥିଲା। ଗତ ଡିସେମ୍ବରରେ ଏହା ଭେନେଜୁଏଲା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ମାତ୍ର ଆମେରିକା ତଟରକ୍ଷୀ ବାହିନୀ ଏହାକୁ ରୋକିବାକୁ ପ୍ରୟାସ କରିଥିଲା। ସେହି ସମୟରେ ଜାହାଜର କ୍ରୁ ସଦସ୍ୟଙ୍କ ବୁଦ୍ଧିମତା ଯୋଗୁଁ ଏହା ବର୍ତ୍ତି ଯାଇଥିଲା। ପରେ ଜାହାଜର ନାମ ବଦଳାଇ ମାରିନେରା ରଖିବା ସହ ରୁଷ ପତାକା ଲଗା ଯାଇଥିଲା। ଏହି ଜାହାଜକୁ ରୁଷର ଆନୁଷ୍ଠାନିକ ପଞ୍ଜିକରଣ ତାଲିକାରେ ସାମିଲ କରାଯାଇଥିଲା। ଆମେରିକା ଭୟରେ ରାସ୍ତା ବଦଳାଇ ଏହି ଜାହାଜକୁ ଆଟଲାଣ୍ଟିକ ଅଭିମୁଖେ ନିଆ ଯାଇଥିଲା। ମାତ୍ର ଆମେରିକା ଏବଂ ବ୍ରିଟେନ ସମେତ ଅନେକ ଦେଶ ଏହି ଜାହାଜ ଉପରେ ନଜର ରଖିଥିଲେ। ଏହାର ଲୋକସନ ସନ୍ଧାନ ପରେ କୌଣସି ନୌସୈନିକ ନିକଟରେ ନ ଥିବାରୁ ଆମେରିକା ପ୍ରଥମେ କୌଣସି ପଦକ୍ଷେପ ନେଇ ନ ଥିଲା। ଆମେରିକାର ୟୁଏସସିଜିସି ମୁନରୋ ଏହାର ପିଛା କରିଥିଲା। ପରେ ଆମେରିକା ସୈନିକ ହେଲିକପ୍ଟରରୁ ଏହି ଜାହାଜରେ ଓହ୍ଲାଇ ଥିଲେ ଏବଂ ସମସ୍ତଙ୍କୁ ବନ୍ଦୀ କରିଥିଲେ। ଏହି ସମୟରେ ରୁଷର ଜାହାଜ ଉପସ୍ଥିତ ଥିବା ସତ୍ତ୍ୱେ ସାମିରକ ସଂଘର୍ଷକୁ ଏଡ଼ାଇ ଦିଆଯାଇଥିଲା। ଏ ନେଇ ରୁଷ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ। ଏହା ମଧ୍ୟରେ ରୁଷ ଗଣମାଧ୍ୟମ ଜାହାଜ ପାଖରେ ଥିବା ହେଲିକପ୍ଟର ଫଟୋ ଜାରି କରିଛି।

## ବୁଲା କୁକୁର ଯୋଗୁଁ ଆଉ କେତେ ଦିନ କଷ୍ଟ ଭୋଗିବେ ଲୋକେ?

ନୂଆଦିଲ୍ଲୀ, ୭।୧(ଏଜେନ୍ସି): ସୁପ୍ରିମକୋର୍ଟ ବୁଧବାର ବୁଲା କୁକୁରଙ୍କ ମାମଲାରେ ଏକ ଶୁଣାଣି କରିଥିଲେ। କୋର୍ଟରେ ବିତର୍କ ସମୟରେ କକୁରଙ୍କ ଆଚରଣ ଓ କୁକୁରଙ୍କୁ ନେଇ ନୂଆ ଶବ୍ଦ ଶୁଣିବାକୁ ମିଳିଥିଲା। ଶୁଣାଣିରେ ବୁଲା କୁକୁରଙ୍କୁ ନେଇ କୋର୍ଟ କଠୋର ଆଭିମୁଖ୍ୟ ପୋଷଣ କରିଥିଲେ। କୋର୍ଟ କଠୋର ମନ୍ତବ୍ୟ ଦେଇ ପଚାରିଥିଲେ ଯେ, ଜନସାଧାରଣ କେତେଦିନ କୁକୁରଙ୍କ ଯୋଗୁଁ କଷ୍ଟ ଭୋଗିବେ। ଜଷ୍ଟିସ ବିକ୍ରମ ନାଥ, ସନ୍ଦୀପ ମେହେଟା ଓ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଏହି ମାମଲାରୁ ଶୁଣାଣି କରିଥିଲେ। ଜଷ୍ଟିସ ବିକ୍ରମ ନାଥ କହିଥିଲେ ଯେ, 'ଏହା କେବଳ କାମୁଡା ବିଷୟରେ ନୁହେଁ, କୁକୁରମାନେ ମଧ୍ୟ ବିପଦ ସୃଷ୍ଟି କରନ୍ତି। ଦୁର୍ଘଟଣା ମଧ୍ୟ ଏକ ବିପଦ। ରାସ୍ତାଗୁଡିକୁ ବୁଲାକୁକୁରଙ୍କଠାରୁ ଦୂରେଇ ରଖିବା ଆବଶ୍ୟକ। ଆପଣ ସେମାନଙ୍କୁ କିପରି ଚିହ୍ନଟ କରିବେ? ସକାଳୁ ସକାଳୁ କେଉଁ କୁକୁରର କି ମନୋଭାବ ଅଛି ତାହା ଆପଣ କହିପାରିବେ ନାହିଁ। ନକାମୁଡିଲେ ମଧ୍ୟ କୁକୁର ଦୁର୍ଘଟଣା ଘଟାଉଛନ୍ତି। ରାସ୍ତା, ସ୍କୁଲ, ବିଭିନ୍ନ ପ୍ରତିଷ୍ଠାନ କୁକୁରମାନଙ୍କ କ'ଣ ଆବଶ୍ୟତା ଅଛି ବୋଲି କୋର୍ଟ କହିଥିଲେ। ଶୁଣାଣିରେ ବୁଲା କୁକୁରଙ୍କ ସପକ୍ଷରେ ବରିଷ୍ଠ ଓକିଲ କପିଲ ସିବଲ ତର୍କ ଦେଇ କହିଥିଲେ ଯେ, ମୁଁ ମନ୍ଦିର ଗଲା ବେଳେ ମୋତେ କୌଣସି କୁକୁର କାମୁଡି ନାହାନ୍ତି। ଏହାର ଉତ୍ତରରେ କୋର୍ଟ କହିଥିଲେ ଯେ, ତୁମେ ବହୁତ ଭାଗ୍ୟବାନ। କିନ୍ତୁ ଲୋକ, ପିଲାମାନଙ୍କୁ କୁକୁର କାମୁଡୁଛନ୍ତି। ଲୋକେ ମରୁଛନ୍ତି ମଧ୍ୟ। ସିବଲ କୁକୁରଙ୍କ ବନ୍ଧ୍ୟାକରଣକୁ ନେଇ ତର୍କ ଦେଇଥିଲେ। ତେବେ କୋର୍ଟ ଏଥିରେ ସନ୍ତୁଷ୍ଟ ହୋଇ ନଥିଲେ। ବୁଧବାର ପାଖାପାଖି ଅଢେଇ ଘଣ୍ଟା ଏ ନେଇ ଶୁଣାଣି ଚାଲିଥିଲା। ଗୁରୁବାର ପରବର୍ତ୍ତୀ ଶୁଣାଣି ହେବ।

## ଧୂରନ୍ଧର ସର୍ବାଧିକ ଆୟକାରୀ ଭାରତୀୟ ସିନେମା

ନୂଆଦିଲ୍ଲୀ, ୭।୧(ଏଜେନ୍ସି): ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ ଅକ୍ଷୟ ଖାନ୍ନା, ରଣବୀର ସିଂହଙ୍କ ଅଭିନୀତ ବଲିଉଡି ସିନେମା ଧୂରନ୍ଧର ବକ୍ସ ଅଫିସରେ ଇତିହାସ ସୃଷ୍ଟି କରିଛି। ମାତ୍ର ଗୋଟିଏ ଭାଷା ହିନ୍ଦୀରେ ମୁକ୍ତିଲାଭ କରିଥିବା ଏହି ସିନେମା ମୁକ୍ତିଲାଭ କରିବାର ୩୨ତମ ଦିନରେ ଏପର୍ଯ୍ୟନ୍ତ ମୋଟ ଉପରେ ୧, ୨୫୩.୮ କୋଟି ଟଙ୍କା ଆୟ କରି ବଲିଉଡ ଇତିହାସରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଏହି କ୍ରମରେ ଧୂରନ୍ଧର ପୁଷ୍ପା, ଜୱାନ, ପଠାନ ଓ କେଜିଏଫ୍‌କୁ ପଛରେ ପକାଇଛି। ଜାନୁଆରୀ ୬ରେ ଧୂରନ୍ଧର ଘରୋଇ ବକ୍ସ ଅଫିସ୍‌ରେ ୫.୭୦ କୋଟି ଟଙ୍କା ଆୟ କରିଛି। ଫଳରେ ଏହି ସିନେମା କେବଳ ଭାରତରେ ମୋଟ୍ ଉପରେ ୮୩୧. ୪୦ କୋଟି ଟଙ୍କା ଆୟ କରିଛି। କିନ୍ତୁ ସାରା ବିଶ୍ୱରେ ଏହା ମୋଟ ଉପରେ ୧, ୨୫୩.୮ କୋଟି ଟଙ୍କା ଆୟ କରିଛି। ଧୂରନ୍ଧର ଡିସେମ୍ବର ୫ରେ ବିଭିନ୍ନ ଥିଏଟରରେ ମୁକ୍ତିଲାଭ କରିଥିଲା। ପ୍ରଥମ ସପ୍ତାହରେ ଧୂରନ୍ଧର ୨୧୮, ଦ୍ୱିତୀୟ ସପ୍ତାହରେ ୨୬୧.୫୦, ତୃତୀୟ ସପ୍ତାହରେ ୧୮ ୯.୩୦, ଚତୁର୍ଥ ସପ୍ତାହରେ ୧୧୫.୭୦, ପଞ୍ଚମ ସପ୍ତାହରେ ୩୫.୮୦ କୋଟି ଟଙ୍କା ଆୟ କରିଛି। ସେହିପରି ଏହା ସୋମବାର ଅର୍ଥାତ ୩୨ତମ ଦିନରେ ୫.୪୦ ଓ ମଙ୍ଗଳବାର ୫.୭୦ କୋଟି ଟଙ୍କା ଆୟ କରିଥିଲା। ଏଥିରେ ଅକ୍ଷୟ, ରଣବୀରଙ୍କ ସମେତ ସଞ୍ଜୟ ଦତ୍ତ, ଆର ମାଧବନ ଓ ଅର୍ଜୁନ ରାମପାଲ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଏହି ସିନେମାର ସିକ୍ୱେଲ ୨୦୨୬ ମାର୍ଚ୍ଚ ୧୯ରେ ମୁକ୍ତିଲାଭ କରିବ। ଏହା ହିନ୍ଦି ସମେତ ତାମିଲ, ତେଲଗୁ, କନ୍ନଡ ଓ ମାଲାୟଲମରେ ମୁକ୍ତିଲାଭ କରିବ। ଧୂରନ୍ଧର ୨୫୦-୩୦୦ କୋଟି ଟଙ୍କା ନିର୍ମାଣ କରାଯାଇଥିଲା।

## ବାଂଲାଦେଶରେ କେନାଲକୁ ଡେଇଁ ହିନ୍ଦୁ ବ୍ୟକ୍ତି ମୃତ

ଢ଼ାକା, ୭।୧(ଏଜେନ୍ସି): ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ବିରୋଧୀ ହିଂସା ଥମିବାର ନାମ ନେଉନାହିଁ। ହିନ୍ଦୁଙ୍କ ଉପରେ ଅତ୍ୟାଚାର ଅତି ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ସୋମବାର ରାତିରେ ଜଣେ ହିନ୍ଦୁ ତେଜରାତି ଦୋକାନୀଙ୍କୁ ହତ୍ୟା କରିବାର ଗୋଟିଏ ଦିନ ପରେ ଅର୍ଥାତ ମଙ୍ଗଳବାର ଦ୍ୱିପହରରେ ଆଉ ଏକ ହିନ୍ଦୁ ବିରୋଧୀ ଘଟଣା ଘଟିଛି। ବାଂଲାଦେଶର ନାଓଗାଁ ଜିଲ୍ଲାରେ ଜଣେ ୨୫ ବର୍ଷୀୟ ହିନ୍ଦୁ ବ୍ୟକ୍ତି ନିଜ ଜୀବନ ବଞ୍ଚାଇବାକୁ କେନାଲକୁ ଡେଇଁ ଜୀବନ ହରାଇଛନ୍ତି। ଏହି ମୃତ ବ୍ୟକ୍ତି ହେଉଛନ୍ତି ଭଣ୍ଡାରପୁର ଗାଁ ବାସିନ୍ଦା ମିଥୁନ ସରକାର। ସ୍ଥାନୀୟ ପୁଲିସ ଦେଇଥିବା ସୂଚନା ଅନୁସାରେ ମିଥୁନଙ୍କୁ ଚୋରି ଅଭିଯୋଗରେ କିଛି ଲୋକ ତାଙ୍କୁ ହାଟ ଚକଗୋରୀ ବଜାରରେ କିଛି ଲୋକ ପିଛା କରିଥିଲେ। ଖସିଯିବାକୁ ଚେଷ୍ଟା କରି ସେ ନିକଟସ୍ଥ କେନାଲକୁ ଡେଇଁ ନିଖୋଜ ହୋଇଯାଇଥିଲେ। ଏ ନେଇ ସ୍ଥାନୀୟ ବାସିନ୍ଦା ପୁଲିସକୁ ଖବର ଦେଇଥିଲେ। ପୁଲିସ ଓ ଅଗ୍ନିସମ ସେବା ଦଳ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ୪ ଘଣ୍ଟା ଖୋଜିବା ପରେ ଅପରାହ୍ଣ ୪ଟାରେ ମିଥୁନଙ୍କ ମୃତଦେହ କେନାଲରୁ ଉଦ୍ଧାର କରାଯାଇଥିଲା। ପ୍ରାଥମିକ ତଦନ୍ତ ପରେ ମୃତଦେହକୁ ଶବବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ଅଗଷ୍ଟା ୱେଷ୍ଟଲାଣ୍ଡ ମାମଲା ଖାରଜ

ନୂଆଦିଲ୍ଲୀ, ୭।୧ (ଏଜେନ୍ସି): ଅଗଷ୍ଟା ୱେଷ୍ଟଲାଣ୍ଡ ଭିଭିଆଇପି ହେଲିକପ୍ଟର ଦୁର୍ନୀତି ଅଭିଯୁକ୍ତ ଓକିଲ ଗୌତମ ଖେତାନଙ୍କ ଆବେଦନ ଉପରେ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଆପଣାଇଛନ୍ତି। କୋର୍ଟ ଏହାକୁ ଟ୍ରାଏଲରୁ ବର୍ତ୍ତିବାର ପ୍ରୟାସ କହି ଆବେଦନ ଖାରଜ କରିଦେଇଛନ୍ତି। ମନି ଲଣ୍ଡରିଂ ନିରୋଧୀ ଆଇନ (ପିଏମଏଲଏ)ର ଏକ ଧାରାକୁ ଖେତାନ ଚ୍ୟାଲେଞ୍ଜ କରିଥିଲେ। ସିଜେଆଇ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଏହାକୁ ନେଇ କହିଥିଲେ ଯେ ଏହା ଏକ ନିଆରା ମାମଲା। କାରଣ ବ୍ୟକ୍ତି ଧନୀ ହୋଇଥିବାରୁ ମାମଲାର ସ୍ୱତନ୍ତ୍ର ଶୁଣାଣି ଚାହୁଁଛନ୍ତି। ମାମଲା ରୁଜୁ ହେଲେ ଧନୀ ଅଭିଯୁକ୍ତ ଆଇନକୁ ଚ୍ୟାଲେଞ୍ଜ କରିଥାନ୍ତି। ଏହା ନୂଆ ଧାରା ପାଲଟି ଯାଇଛି। ଧନୀ ଅଭିଯୁକ୍ତ ଟ୍ରାଏଲକୁ ସାମ୍ନା କରିବା ପରିବର୍ତ୍ତେ ଆଇନର ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରୁଛନ୍ତି। ଏହି ଧାରା ବନ୍ଦ ହେବା ଉଚିତ। ଏଭଳି ଲୋକ ସିଷ୍ଟମକୁ ବାଇପାସ କରିଦେବେ ବୋଲି ଭାବୁଛନ୍ତି। କିନ୍ତୁ ସୁପ୍ରିମକୋର୍ଟ ଏପରି ହେବାକୁ ଦେବେ ନାହିଁ। ଏହି ଧାରାକୁ ବଦଳାଇବାକୁ ହେବ। ଧନୀଙ୍କୁ ବି ସାଧାରଣ ନାଗରିକଙ୍କ ଭଳି ଟ୍ରାଏଲର ସମ୍ମୁଖୀନ ହେବାକୁ ପଡ଼ିବ।

## ଗ୍ରୀନଲାଣ୍ଡ ଦଖଲ ପାଇଁ ଆମେରିକା ସେନା ପଠାଇପାରେ



ୱାସିଂଟନ, ୭।୧(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ପୁଣିଥରେ ଗ୍ରୀନ୍‌ଲାଣ୍ଡକୁ ଅକ୍ତିଆର କରିବା ନେଇ କଥା ଉଠାଇଛନ୍ତି। ଗ୍ରୀନଲାଣ୍ଡ ଆମେରିକାର ସୁରକ୍ଷା ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ ଓ ଏହି ଭୂଖଣ୍ଡକୁ ଅକ୍ତିଆର କରିବା ନିହାତି ଜରୁରୀ ବୋଲି ହ୍ୱାଇଟ୍ ହାଉସ୍ ମୁଖପାତ୍ର କାରୋଲିନ ଲେଭିଟ୍ କହିଛନ୍ତି। ଗ୍ରୀନଲାଣ୍ଡକୁ ଅକ୍ତିଆର କରିବା ନେଇ ବିଭିନ୍ନ ଉପାୟ ସନ୍ଧାନ କରାଯାଉଛି। ଆର୍କଟିକ କ୍ଷେତ୍ରରେ ରୁଷ ଓ ଚୀନ୍ ସୈନ୍ୟଙ୍କ ଗତିବିଧି ବୃଦ୍ଧି ପାଇବାରେ ଲାଗିଛି। ଏବେ ଏହାକୁ ରୋକିବାର ଆବଶ୍ୟକତା ଉପୁଜିଛି ବୋଲି ସେ କହିଛନ୍ତି। ଏହା ପୂର୍ବରୁ ଟ୍ରମ୍ପ ମଧ୍ୟ ଏକାଧିକ ବାର ଗ୍ରୀନଲାଣ୍ଡକୁ ଅକ୍ତିଆର କରିବା କଥା ଖୋଲାଖୋଲି କହିସାରିଛନ୍ତି। ଟ୍ରମ୍ପ ସୋମବାର କହିଥିଲେ ଯେ, ରାଷ୍ଟ୍ରୀୟ ସୁରକ୍ଷା ପାଇଁ ଗ୍ରୀନଲାଣ୍ଡ ବହୁତ ଜରୁରୀ। ଗ୍ରୀନ୍‌ଲାଣ୍ଡରେ ରୁଷି ଓ ଚୀନ୍ ସୈନିକଙ୍କ ଉପସ୍ଥିତି ଚିନ୍ତା ସୃଷ୍ଟି କରିଛି। ଆଗାମୀ ୨୦ ଦିନ ମଧ୍ୟରେ ସେ ଗ୍ରୀନ୍‌ଲାଣ୍ଡ ସମ୍ପର୍କରେ ଆଲୋଚନା କରିବେ ବୋଲି କହିଛନ୍ତି। ଉଲ୍ଲେଖଥାଉ କି, ଗ୍ରୀନ୍‌ଲାଣ୍ଡ ହେଉଛି ସ୍କାଣ୍ଡିନାଭିଆନ ଦେଶ ଡେନ୍‌ମାର୍କରେ ଏକ ସ୍ୱୟଂ ଶାସିତ ଅଞ୍ଚଳ ଓ ଏହା ମଧ୍ୟ ସାମାରିକ ମେଣ୍ଟର ନାଟୋର ଏକ ଅଂଶ ବିଶେଷ। ଗ୍ରୀନଲାଣ୍ଡରେ ଡେନମାର୍କର ୨୦୦ ସୈନ ମୁତୟନ ଅଛନ୍ତି। ଗ୍ରୀନ୍‌ଲାଣ୍ଡକୁ ଅକ୍ତିଆର କରିବାକୁ ଆମେରିକା ସାମରିକ ପଦକ୍ଷେପ ନେବ ବୋଲି ଆଲୋଚନା ହେଉଥିବା ବେଳେ ଆମେରିକା ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଆ ଭିନ୍ନ କଥା କହିଛନ୍ତି। ଆମେରିକା ଗ୍ରୀନ୍‌ଲାଣ୍ଡ ଉପରେ ଆକ୍ରମଣ କରିବନାହିଁ। ବରଂ ଆମେରିକା ଏହାକୁ ଡେନମାର୍କଠାରୁ କ୍ରୟ କରିବ। ତେବେ ଏନେଇ ବିଭିନ୍ନ ବିକଳ୍ପର ସନ୍ଧାନ କରାଯାଉଛି। ଆମେରିକା ସରକାର ଚାହୁଁଛନ୍ତି ଗ୍ରୀନ୍‌ଲାଣ୍ଡ ତା'ର ଏକ ଅଂଶ ହେଉ ଓ ଭବିଷ୍ୟତରେ ଗ୍ରୀନ୍‌ଲାଣ୍ଡ ନେଇ ଆମେରିକା ସହ କାହାର ସଂଘର୍ଷ ନ ହେଉ ବୋଲି ସେ କହିଛନ୍ତି। ଗ୍ରୀନ୍‌ଲାଣ୍ଡର ନିଜର ସେନା ନାହିଁ। ଏଠାରେ ଆମେରିକାର ଓ ଡେନମାର୍କର ସୈନ ମୁତୟନ ଅଛନ୍ତି।

## ଟ୍ରମ୍ପଙ୍କ ସାମ୍ନାରେ ସରେଣ୍ଡର କରିଛନ୍ତି ମୋଦୀ: ରାହୁଲ

ନୂଆଦିଲ୍ଲୀ, ୭।୧ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱକୁ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଜେ ମା ଇନ୍ଦିରା ଗାନ୍ଧୀଙ୍କ ସହ ତୁଳନା କରିଛନ୍ତି। ସାମାଜିକ ଗଣମାଧ୍ୟମରେ ରାହୁଲ ଏକ ଭିଡିଓ ସେୟାର କରିଛନ୍ତି। ଏହାର ଶୀର୍ଷକ 'ଫରକ ବୁଝନ୍ତୁ ସାର୍‌ଜୀ' ରଖିଛନ୍ତି। ରାହୁଲ କହିଛନ୍ତି ଯେ ଆମେରିକା ରାଷ୍ଟ୍ରପତିଙ୍କ ଆଗରେ ପ୍ରଧାନମନ୍ତ୍ରୀ ମୋଦୀ ସରେଣ୍ଡର (ଆତ୍ମସମର୍ପଣ) କରିଛନ୍ତି। ମାତ୍ର ଇନ୍ଦିରା ଆମେରିକାକୁ ନୁଆଁଇ ଦେଇଥିଲେ। ଫୋନ କଲ ଆସୁ ନ ଥିବା ସମୟରେ ସପ୍ତମ ଫ୍ଲିଟ ଆସିଥିଲା। ୧୯୭୧ ଯୁଦ୍ଧରେ ଆମେରିକା ନିଜ ବିମାନବାହୀ ଯୁଦ୍ଧ ଜାହାଜ ଏବଂ ଅସ୍ତ୍ରଶସ୍ତ୍ର ପଠାଇ ଥିଲା। ସେହି ସମୟରେ 'ମୋତେ ଯାହା କରିବାର ଅଛି, ମୁଁ ତାହା କରିବି' ବୋଲି ଇନ୍ଦିରା କହିଥିଲେ। କିନ୍ତୁ ଏବେ ଟିକେ ଚାପ ପଡ଼ିଲେ ପ୍ରଧାନମନ୍ତ୍ରୀ ଭୟଭୀତ ହୋଇ ଯାଉଛନ୍ତି। ବିଜେପି-ଆରଏସଏସ ଲୋକଙ୍କୁ ମୁଁ ଭଲ ଭାବେ ଜାଣିଛି। ସେମାନଙ୍କୁ ଟିକେ ଧକ୍କା ଦେଇଥିଲେ ଭୟରେ ପଳାଇବେ ବୋଲି ରାହୁଲ କହିଛନ୍ତି। ଆମେରିକା ରାଷ୍ଟ୍ରପତିଙ୍କ ଟିପ୍ପଣୀର ଦିନକ ପରେ ରାହୁଲ ଏହି ମନ୍ତବ୍ୟ ଦେଇଛନ୍ତି।

## ମାଦୁରୋଙ୍କ ପରେ ଟ୍ରମ୍ପଙ୍କ ଟାର୍ଗେଟ୍‌ରେ ଭେନେଜୁଏଲା ଗୃହମନ୍ତ୍ରୀ



ୱାସିଂଟନ, ୭।୧(ଏଜେନ୍ସି): ଭେନେଜୁଏଲାର ରାଷ୍ଟପତି ନିକୋଲାସ ମାଦୁରୋଙ୍କୁ ହଟାଇବା ସହ ବନ୍ଦୀ କରିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିଶାଣରେ ଆଉ ଜଣେ ମନ୍ତ୍ରୀ ତଥା ନେତା ରହିଛନ୍ତି। ସେ ହେଉଛନ୍ତି ଭେନେଜୁଏଲା ଗୃହମନ୍ତ୍ରୀ ତଥା ସୁରକ୍ଷା ପ୍ରମୁଖ ଡିୟୋସୋଦାଦୋ କାବେଲୋ। ଜଣାଶୁଣା ନ୍ୟୁଜ ଏଜେନ୍ସ ରଏଟର୍ସ ଦେଇଥିବା ସୂଚନା ଅନୁସାରେ, କାବେଲୋ ଅନ୍ତରୀଣ ରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗ୍ୱେଜଙ୍କ ସହ ଆମେରିକାର ସବୁ ସର୍ତ୍ତ ମାନିନ୍ତୁ ଓ ଶାନ୍ତି ବଜାୟ ରଖନ୍ତୁ। ଯଦି ଏଥିରେ କାବେଲୋ ସହଯୋଗ ନ କରିନ୍ତି, ତେବେ ଆମେରିକା ତାଙ୍କ ବରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ। ଆମେରିକା ମଧ୍ୟ ମଧ୍ୟସ୍ତିଙ୍କ ଜରିଆରେ କାବେଲୋଙ୍କୁ ଏ ନେଇ ସତର୍କ କରାଇଛି। ଯଦି କାବୋଲୋ ଆମେରିକାକୁ ବିରୋଧ କରନ୍ତି, ତେବେ ତାଙ୍କ ଅବସ୍ଥା ମାଦୁରୋଙ୍କ ଭଳି ହେବ। ମାଦୁରୋଙ୍କୁ ବନ୍ଦୀ କରି ଆମେରିକା ନ୍ୟୁୟର୍କରେ ତାଙ୍କ ବିରୋଧରେ ମକଦ୍ଦମା ଆରମ୍ଭ କରିଛି। କିନ୍ତୁ ଆମେରିକା ଏବେ କାବେଲୋଙ୍କୁ ତୁରନ୍ତ ହଟାଇବାକୁ ଚାହୁଁନାହିଁ। ଏଭଳି କଲେ ସରକାଙ୍କର ସମର୍ଥନରେ ସାଧାରଣ ଲୋକେ ରାସ୍ତାକୁ ଓହ୍ଲାଇବାର ସମ୍ଭାବନା ରହିଛି ବୋଲି ଆମେରିକା ହୃଦୟଙ୍ଗମ କରିଛି। ଭେନେଜୁଏଲା ରାଜନୀତି ଓ ଶାସନରେ କାବେଲୋଙ୍କ ଯଥେଷ୍ଟ ପ୍ରଭାବ ରହିଛି। ପୂର୍ବରୁ ମଧ୍ୟ ଡ୍ରଗ୍ସ ଚୋରା ଚାଲାଣ ଓ ନାର୍କୋ ଆତଙ୍କବାଦ ସହିତ କାବୋଲୋ ଜଡିତ ଥିବା ନେଇ ଅଭିଯୋଗ ହୋଇଛି। ୨୦୨୦ ମାର୍ଚ୍ଚରେ ଆମେରିକା ନ୍ୟାୟ ବିଭାଗ କାବେଲୋଙ୍କୁ ବିଶ୍ୱର ସବୁଠାରୁ ନିଶାଦ୍ରବ୍ୟ ଚୋରାଚାଲାଣକାରୀ ତାଲିକାରେ ସାମିଲ କରିଥିଲେ।

## ମହାରାଷ୍ଟ୍ରରେ କଂଗ୍ରେସ, ଓୱେସିଙ୍କ ସହ ହାତ ମିଳାଇଲା ବିଜେପି

ମୁମ୍ବଇ, ୭।୧(ଏଜେନ୍ସି): ମହାରାଷ୍ଟ୍ରରେ ଦୁଇଟି ପୌର ପରିଷଦ ନିର୍ବାଚନ ପରେ ଆଶ୍ଚର୍ଯ୍ୟ କଲା ଭଳି ଘଟଣା ।।ଦେଖିବାକୁ ମିଳିଛି। ନିର୍ବାଚନରେ ପରସ୍ପର ବିରୋଧରେ ଲଢ଼ିଥିବା ବିଜେପି, କଂଗ୍ରେସ ଏବଂ ଓୱେସିଙ୍କ ଏଆଇଏମ୍ଆଇଏମ୍ କ୍ଷମତା ପାଇଁ ମେଣ୍ଟ କରିଛନ୍ତି। ବିଜେପି ଏହାର ସହଯୋଗୀ ଏକନାଥ ସିନ୍ଦେଙ୍କ ଶିବ ସେନାକୁ ଦୂରେଇ ରଖିବା ଲାଗି ଏହି ଦୁଇ ଦଳ ସହ ମେଣ୍ଟ କରିଛି। ମେଣ୍ଟ କରି ସେମାନେ ଦୁଇଟି ସ୍ଥାନରେ ପୌରାଧକ୍ଷ ପଦ ହାତେଇବାରେ ସଫଳ ମଧ୍ୟ ହୋଇଛନ୍ତି।

ଅମ୍ବରନାଥ ପୌର ନିର୍ବାଚନରେ ଶିବ ସେନା ସର୍ବାଧିକ ଆସନ ପାଇଥିଲେ ମଧ୍ୟ ଏହାକୁ କ୍ଷମତାରୁ ଦର୍‌ଇରେହିବା ଲାଗି ଏଠାରେ ବିଜେପି ଏହାର ପରମ ଶତ୍ରୁ କଂଗ୍ରେସ ସହିତ ହାତ ମିଳାଇ ମେୟରପଦ ହାସଲ କରିଛି। ସେହିଭଳି ଆକୋଲା ପୌର ପରିଷଦ ଅଧକ୍ଷ ପଦ ପାଇଁ ବିଜେପି ଏହାର ଅନ୍ୟତମ ଶତ୍ରୁ ଓୱେସିଙ୍କ ଏଆଇଏମ୍ଆଇଏମ୍ ସହିତ ହାତ ମିଳାଇଛି। ଏହି ଖବର ଆଜି ମହାରାଷ୍ଟ୍ର ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ମେଣ୍ଟର ସମାଲୋଚନକା କରିଛି ଶିବ ସେନା। ଦଳ ପକ୍ଷରୁ କୁହାଯାଇଛି ଯେ କଂଗ୍ରେସ ମୁକ୍ତ ଭାରତ ପାଇଁ ଅଭିଯାନ ଚଳାଇଥିବା ବିଜେପି କ୍ଷମତା ପାଇଁ କେତେ ତଳକୁ ଖସିପାରେ ଏହା ହେଉଛି ତାହାର ଉଦାହରଣ।

ମିଳିଥିବା ସୂଚନା ଅନୁଯାୟୀ ଅମ୍ବରନାଥରେ କଂଗ୍ରେସ ଓ ଅଜିତ ପାୱାରଙ୍କ ଏନ୍‌ସିପି ସହିତ 'ଅମ୍ବରନାଥ ବିକାଶ ଅଘାଡି' ଗଠନ କରିଛି ବିଜେପି। ଏଠାରେ ଶିବସେନା ୨୭ଟି ଆସନ ସହ ସବୁଠାରୁ ବଡ଼ ଦଳ ଭାବେ ରହିଥିଲା। ବିଜେପି ୧୪, କଂଗ୍ରେସ ୧୨, ଏନ୍‌ସିପି ୪ଟି ଆସନରେ ବିଜୟୀ ହୋଇଥିଲା। ୬୦ ସଦସ୍ୟ ବିଶିଷ୍ଟ ଅମ୍ବରନାଥ ପୌର ପରିଷଦରେ କଂଗ୍ରେସ ସହଯୋଗରେ ବିଜେପି ୩୨ଟି ଭୋଟ ସହିତ ମେୟର ପଦ ହାତେଇଛି। ସହରକୁ ଏକ ସୁରକ୍ଷିତ ଓ ସ୍ଥିର ଶାସନ ପ୍ରଦାନ କରିବାକୁ ମେଣ୍ଟ କରାଯାଇଛି ବୋଲି ୩ଟି ଦଳ ତରଫରୁ କୁହାଯାଇଛି। ତେବେ କଂଗ୍ରେସ ନେତୃତ୍ୱ ଏହି ମେଣ୍ଟକୁ ଅବୈଧ କହିଛନ୍ତି ଓ ଅମ୍ବରନାଥ ବ୍ଲକ କଂଗ୍ରେସ କମିଟିକୁ ଭଙ୍ଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ଅକୋଲା ଜିଲ୍ଲାର ଆକୋଟ ପୌରପରିଷଦରେ ବିଜେପି ଏଆଇଏମ୍ଆଇଏମ୍ ସହିତ ମେଣ୍ଟ କରି 'ଆକୋଟ ବିକାଶ ମଞ୍ଚ' ଗଠନ କରିଛି। ୩୫ ସଦସ୍ୟ ବିଶିଷ୍ଟ ଏହି ପରିଷଦରେ ବିଜେପି ୧୧, ଏଆଇଏମଆଇଏମ୍ ୫ଟି ଆସନ ଜିତିଥିଲା। ଅନ୍ୟ ସହଯୋଗୀଙ୍କ ସମେତ ମେଣ୍ଟ ଆସନ ସଂଖ୍ୟା ୨୫କୁ ବୃଦ୍ଧି ପାଇଥିଲା। ବିଜେପିର ମାୟା ଧୂଲେ ମେୟର ନିର୍ବାଚିତ ହୋଇଥିଲେ।


ଏଭଳି ମେଣ୍ଟ ନେଇ ରାଜନୈତିକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ ତଥା ବିଜେପି ନେତା ଦେବେନ୍ଦ୍ର ଫଡନାଭିସ୍ ଏହି ମେଣ୍ଟ ଗଠନକୁ ପ୍ରତ୍ୟାଖାନ କରିଛନ୍ତି ଓ ଦଳୀୟ ନେତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦେଇଛନ୍ତି। ଏଭଳି ମେଣ୍ଟକୁ ଦଳର ବରିଷ୍ଠ ନେତୃତ୍ୱ ଅନୁମୋଦନ କରିନାହାନ୍ତି ଓ ଏହା ସାଂଗଠନିକ ଶୃଙ୍ଖଳାର ଉଲ୍ଲଂଘନ ବୋଲି ସେ କହିଛନ୍ତି। ସେହିପରି କଂଗ୍ରେସ ଅମ୍ବରନାଥରେ ୧୨ ଜଣ ନିର୍ବାଚିତ ୱାର୍ଡ ସଦସ୍ୟଙ୍କୁ ପାର୍ଟିରୁ ନିଲମ୍ବିତ କରିଛି।

## ଫିଲିପାଇନ୍ସରେ ଭୂକମ୍ପ

ମାନିଲା, ୭।୧(ଏଜେନ୍ସି): ପ୍ରଶାନ୍ତ ମହାସାଗରୀୟ ଦେଶ ଫିଲିପାଇନ୍ସରେ ବୁଧବାର ସକାଳେ ୬.୭ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ୟୁନାଇଟେଡ ଷ୍ଟେଟ୍ସ ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) ଏ ନେଇ ସୂଚନା ଦେଇଛି। ପ୍ରଥମେ ୬.୪ ତୀବ୍ରତାର ଭୂକମ୍ପ ହୋଇଥିଲା ଓ ଏହାର କେନ୍ଦ୍ର ୫୮.୫ କିମି ଗଭୀରରେ ଥିଲା। ଏହା ସାଣ୍ଟିଆଗୋ ସହରଠାରୁ ୨୭ କିମି ଦୂରରେ ଅନୁଭୂତ ହୋଇଥିଲା ବୋଲି କୁହାଯାଇଥିଲା। ତେବେ ଭୂକମ୍ପ କାରଣରୁ ସୁନାମୀ ସତର୍କତା ଜାରି କରାଯାଇନାହିଁ ବୋଲି ପ୍ରଶାସନ ତରଫରୁ କୁହାଯାଇଛି। ଏଥିରେ କୌଣସି ଧନଜୀବନ କ୍ଷତି ହୋଇଥିବାର ରିପୋର୍ଟ ମିଳିନାହିଁ।

### 'ଅପରେସନ ସିନ୍ଦୂର'କୁ ନେଇ ଆମେରିକା କମ୍ପାନୀର ଦାବି

# ସଂଘର୍ଷ ବନ୍ଦ ପାଇଁ ୬୦ ଥର ଗୁହାରି କରିଥିଲା ପାକିସ୍ତାନ




■ ଲବି ଫାର୍ମ ପାଇଁ ୪୫ କୋଟି ଖର୍ଚ୍ଚ କରିଥିଲା
■ ଭାରତ ମଧ୍ୟ ଲବି କରିଥିଲା

ନୂଆଦିଲ୍ଲୀ, ୭।୧ (ଏଜେନ୍ସି): ଆମେରିକା ଜାରି କରିଥିବା ଫରେନ ଏଜେଣ୍ଟସ ରେଜିଷ୍ଟ୍ରେସନ ଆକ୍ଟ (ଫାରା)ର କାଗଜପତ୍ରରୁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଏଥିରେ ଗତ ବର୍ଷ ଭାରତ କରିଥିବା 'ଅପରେସନ ସିନ୍ଦୂର' ସମ୍ପର୍କରେ ଅନେକ ସୂଚନା ଦିଆଯାଇଛି। ଭାରତର କାର୍ଯ୍ୟାନୁଷ୍ଠାନକୁ ଦେଖି ପାକିସ୍ତାନ ଭୟଭୀତ ହୋଇଯାଇଥିଲା ବୋଲି କୁହାଯାଇଛି। ରିପୋର୍ଟ ଅନୁଯାୟୀ, ଏହି ଯୁଦ୍ଧ ବନ୍ଦ କରିବା ପାଇଁ ଆମେରିକାରେ ଥିବା ନିଜ କୂଟନୀତିଜ୍ଞଙ୍କ ମାଧ୍ୟମରେ ଲବି କରିଥିଲା। ଥରେ କି ଦୁଇ ଥର ନୁହେଁ, ଯୁଦ୍ଧ ବନ୍ଦ କରାଇବା ପାଇଁ ପାକିସ୍ତାନ ୬୦ ଥର ଆମେରିକାକୁ ଗୁହାରି କରିଥିଲା। ଆମେରିକାର ପ୍ରମୁଖ ପ୍ରାଶାସନିକ ଅଧିକାରୀ, ସାଂସଦ, ପେଣ୍ଟାଗନ ଏବଂ ବିଦେଶ ବିଭାଗର ଅଧିକାରୀଙ୍କୁ ଅନୁରୋଧ କରିଥିଲା।

ଫାରା ଅଧିନରେ ଆମେରିକା ନ୍ୟାୟ ବିଭାଗରେ ଦାଖଲ ଦଲିଲରେ କୁହାଯାଇଛି ଯେ ପାକିସ୍ତାନୀ କୂଟନୀତିଜ୍ଞମାନେ ଇମେଲ, ଫୋନ କଲ, ୱାନ-ଟୁ-ୱାନ ବୈଠକ ମାଧ୍ୟମରେ ଏପ୍ରିଲ ଶେଷରୁ ନେଇ ୪ ଦିନ ପର୍ଯ୍ୟନ୍ତ ଚାଲିଥିବା ଅପେରସନ ସିନ୍ଦୂର ଶେଷ ହେବା ପର୍ଯ୍ୟନ୍ତ ଅସ୍ତବିରତି ନେଇ ବୈଠକ ଜାରି ରଖିଥିଲେ। ଆମେରିକା ମାଧ୍ୟମରେ ଯେକୌଣସି ଭାବେ ଭାରତ ଉପରେ ଚାପ ପକାଇ ପାକିସ୍ତାନ ଯୁଦ୍ଧ ରୋକିବାକୁ ଚାହୁଁଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ସହ ଦ୍ରୁତ ଯୋଗାଯୋଗ ପାଇଁ ବ୍ୟବସାୟ ଏବଂ କୂଟନୈତିକ ନିଷ୍ପତ୍ତିକୁ ପ୍ରଭାବିତ କରୁଥିବା ୬ ଲବିଂ ଫାର୍ମ ଉପରେ ପାକିସ୍ତାନ ୪୫ କୋଟି ଟଙ୍କା ଖର୍ଚ୍ଚ କରିଦେଇଥିଲା। ସେହିପରି ଭାରତ ସରକାର ଏବଂ ଏଠକାର ଅଧିକାରୀ ମଧ୍ୟ ଆମେରିକା ସହ ଯୋଗାଯୋଗ କରିବା ପାଇଁ କମ୍ପାନୀର ସହାୟତା ନେଇଥିଲେ ବୋଲି ଲବିଂ ଫାର୍ମ ଏସଏଚଡବ୍ଲ୍ୟୁ ପାଟନର୍ସ ଏଲଏଲସି ନିଜ ରିପୋର୍ଟରେ କହିଛି। ଏହି କମ୍ପାନୀ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଟ୍ରମ୍ପ ପ୍ରଶାସନ ସହ ଭାରତୀୟ ଦୂତାବାସ ମଧ୍ୟରେ ଆଲୋଚନା କରାଇଥିବା ଦାବି କରିଛି। ଏପ୍ରିଲରୁ ଡିସେମ୍ବର ପର୍ଯ୍ୟନ୍ତ ଏସଏଚଡବ୍ଲ୍ୟୁ ଭାରତୀୟ ଦୂତାବାସ ପାଇଁ କାମ କରିଥିଲା।

ଫାରା ସୂଚନା ଅନୁଯାୟୀ, ମେ'୧୦ରେ ଏହି ଫାର୍ମ ଭାରତୀୟ ଦୂତାବାସ ସହ ହ୍ୱାଇଟ ହାଉସ ଚିଫ୍ ଅଫ୍ ଷ୍ଟାଫ ସୁସି ୱାଇଲ୍ସ, ଆମେରିକା ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରୀର ଏବଂ ନ୍ୟାସନାଲ ସିକ୍ୟୁରିଟି କାଉନସିଲର ରିକି ଗିଲଙ୍କ ସହ ଯୋଗାଯୋଗ କରିବାରେ ସହାୟତା କରିଥିଲେ। ଏଥିରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି, ଅପରେସନ ସିନ୍ଦୂର ସମ୍ବନ୍ଧିତ ଗଣମାଧ୍ୟମ ସୂଚନା ବିଷୟରେ ଚର୍ଚ୍ଚା କରାଯାଇଥିଲା। ସୂଚନାଯୋଗ୍ୟ ଯେ ମେ'୧୦ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ସାମରିକ ସଂଘର୍ଷ ବନ୍ଦ ହୋଇଥିଲା। ଅନ୍ୟପକ୍ଷରେ ଭାରତୀୟ ବିଦେଶ ମନ୍ତ୍ରାଳୟ ସୂତ୍ରରୁ କୁହାଯାଇଛି ଯେ ସମ୍ପର୍କ ବଢାଇବା ଆମେରିକାର ବିଭିନ୍ନ ଦୂତାବାସ, ଘରୋଇ କମ୍ପାନୀ ଏବଂ ବ୍ୟାବସାୟିକ ସଂଗଠନ ଲବିଂ ଫାର୍ମ ଓ କନସଲଟାନ୍‌ସିଙ୍କ ସହାୟତା ନିଆଯାଇଥାଏ। ଆମେରିକାରେ ବିଦେଶୀ ସରକାରଙ୍କ ସହ ଲବିଂ କରାଇବା ଆଇନଗତ। ନ୍ୟାୟ ବିଭାଗର ଆନୁଷ୍ଠାନିକ ୱେବସାଇଟରେ ଲବିଂର ସମ୍ପୂର୍ଣ୍ଣ ରେକର୍ଡ ରହିଛି। ଏହାକୁ କୌଣସି ପ୍ରକାରର ମଧ୍ୟସ୍ଥତା ଭାବେ ଦେଖିବା ଅନୁଚିତ। ଆମେରିକାର ଏହି ରିପୋର୍ଟକୁ ନେଇ ମେ' ୧୦ରେ ବହୁତ କିଛି ଘଟିଥିଲା ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

# ମଖାନା ଦେଇଛି ପରିଚୟ

**ଆଜିର ମହିଳା ବିଭିନ୍ନ କ୍ଷେତ୍ରରେ ଆଗକୁ ବଢୁଛନ୍ତି । ସଫଳତାର ନୂଆ କାହାଣୀ ଲେଖୁଛନ୍ତି । ଦୃଢ଼ମନୋବଳ ଏବଂ ସାହସ ଥିଲେ ଯେ କୌଣସି କାର୍ଯ୍ୟ ସମ୍ଭବ ତାହା ପ୍ରମାଣ କରିଦେଖାଇଛନ୍ତି, ବିହାର ବଲ୍‌ହା ଗଡ଼ିଆ ଗାଁର ଉଦ୍ୟୋଗୀ ରେଣୁ ମିଶ୍ର । ସେ ବିଭିନ୍ନ ଫ୍ଲେଭର୍‌ର ମଖାନା ପ୍ରସ୍ତୁତ କରି ଏହାକୁ ଦେଶ ବିଦେଶରେ ବିକ୍ରି କରନ୍ତି । ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଚାକିରି ଛାଡ଼ି, ସେ ଏହି ବ୍ୟବସାୟ କରୁଛନ୍ତି । ଏହାଦ୍ୱାରା ସେ ଜଣେ ଉଦ୍ୟୋଗୀ ହେବା ସହ ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣା ସାଜିଛନ୍ତି ।**




କୋଭିଡ୍ ମହାମାରୀ ସମୟରେ ସେ ମଖାନା ଚାଷ ଏବଂ ଏହାର ଚାହିଦାକୁ ଦେଖିଥିଲେ । ସେବେଠୁ ସେ ଏ ଦିଗରେ କିଛି ନୂଆ କରିବାକୁ ଭାବିଥିଲେ । ଏ ବାବଦରେ ସ୍ୱାମୀ ହରେକୃଷ୍ଣଙ୍କ ସହ ସେ ଆଲୋଚନା କରିଥିଲେ । ଏହାପରେ ୨୫ ଲକ୍ଷ ଟଙ୍କା ଋଣ ନେଇ ୨୦୨୦ ମସିହାରେ ସେ ଏହି ମଖାନା ବ୍ୟବସାୟ ଆରମ୍ଭ କରିଥିଲେ । ଅବଶ୍ୟ ଏହି ବ୍ୟବସାୟ ତାଙ୍କ ପାଇଁ ଏତେ ସହଜ ନ ଥିଲା । ବଜାର ଚାହିଦା, ବ୍ରାଣ୍ଡିଙ୍ଗ୍, ପ୍ରକ୍ରିୟାକରଣ, ବଜାରରେ ପହଞ୍ଚାଇବା ସବୁ କ୍ଷେତ୍ରରେ ଏହା ଖୁବ୍ ଆହ୍ୱାନପୂର୍ଣ୍ଣ ଥିଲା । ଏହା ସତ୍ତ୍ୱେ ରେଣୁ ହାର ମାନି ନ ଥିଲେ । ସେ ସହରସା, ଦରଭଙ୍ଗାରେ ପ୍ରଥମେ ଛୋଟ ପ୍ରୋସେସିଙ୍ଗ୍ ୟୁନିଟ୍ ସ୍ଥାପନ କରିଥିଲେ । ଏଥିସହ ନୋଏଡ଼ାରେ ଏକ ବଡ଼ ୟୁନିଟ୍ ଆରମ୍ଭ କରିଥିଲେ । ଧୀରେ ଧୀରେ ତାଙ୍କ ଉତ୍ପାଦ ବଜାରରେ ପରିଚିତ ହେଲା । କେବଳ ମଖାନା ନୁହେଁ, ସେ ଏହାର ଭାଲ୍ୟୁ ଆଡିସନ୍ ଉପରେ ମଧ୍ୟ ଧ୍ୟାନ ଦେଲେ ।



ମଖାନାକୁ ନେଇ ସେ ବହୁ ପରୀକ୍ଷାନିରୀକ୍ଷା କରିଥିଲେ । ଏଥିରେ ସେ ଟମାଟର, ହିମାଳୟ ସଲ୍ଟ, ପେରୀ ପେରୀ ସମେତ ଅନ୍ୟ ୧୩ ପ୍ରକାରର ମଖାନା ଫ୍ଲେଭର ପ୍ୟାକେଟ୍ ପ୍ରସ୍ତୁତ କରି ବଜାରରେ ବିକ୍ରି କରିଥିଲେ । ଏଥିସହ ରେଡି ଟୁ - ଇଟ୍ ମଖାନା ଏବଂ କ୍ଷୀରି ମଧ୍ୟ ପ୍ରସ୍ତୁତ କରିଥିଲେ । ଏହାକୁ ଗ୍ରାହକମାନେ ମଧ୍ୟ ଖୁବ୍ ପସନ୍ଦ କରିଥିଲେ । ଏବେ ତାଙ୍କ କମ୍ପାନୀ ନିର୍ମିତ ଉତ୍ପାଦ- ଦିଲ୍ଲୀ, ନୋଏଡ଼ା, ଝାଡ଼ଖଣ୍ଡ, ଆସାମ ସମେତ ବିଭିନ୍ନ ସ୍ଥାନକୁ ଯୋଗାଣ ହେଉଛି । କେବଳ ସେତିକି ନୁହେଁ, ଅଷ୍ଟ୍ରେଲିଆ, ଜାପାନ, ବ୍ରିଟେନ୍ ଭଳି ଦେଶରେ ଏହି ଉତ୍ପାଦର ଚାହିଦା ବୃଦ୍ଧିପାଉଛି । ରେଣୁଙ୍କ କହିବାନୁଯାୟୀ ୨୦୨୬ରେ ସିୟାରାମ୍ ଫୁଡ୍ ଇଣ୍ଡଷ୍ଟ୍ରୀଙ୍କୁ ଆନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇବାକୁ ପ୍ରୟାସ କରୁଛନ୍ତି । ସେହିପରି ସେ ଏଥିରେ ମହିଳାଙ୍କ ପାଇଁ ରୋଜଗାରର ମାଧ୍ୟମ ସୃଷ୍ଟି କରିଛନ୍ତି । ବିଭିନ୍ନ ୟୁନିଟ୍‌ରେ ୫୦ ରୁ ଊର୍ଦ୍ଧ୍ୱ ମହିଳା ଏବଂ ପୁରୁଷ କାର୍ଯ୍ୟରତ ଅଛନ୍ତି । ଏହାଦ୍ୱାରା ସ୍ଥାନୀୟ ମହିଳାମାନେ ଆତ୍ମନିର୍ଭର ହୋଇପାରୁଛନ୍ତି । ରେଣୁଙ୍କ କହିବାନୁଯାୟୀ କଠିନ ପରିଶ୍ରମ ପରେ ତାଙ୍କୁ ଏହି ସଫଳତା ମିଳିଛି । ଆଗାମୀ ଦିନରେ ସହରସାରେ ଏକ ବଡ଼ ପ୍ରୋସେସିଙ୍ଗ୍ ୟୁନିଟ୍ କରିବାକୁ ଆଶା ରଖିଛନ୍ତି । ତାଙ୍କ କହିବାନୁଯାୟୀ, ସହରସା, ମଧୁବନୀ ଏବଂ ଦରଭଙ୍ଗାରେ ଅଧିକ ମଖାନା ଚାଷ କରାଯାଏ । ତେଣୁ ସେ ସିଧା କୃଷକଙ୍କ ଠାରୁ ସେ ଏହି ମଖାନା କିଣନ୍ତି । ଏହାଦ୍ୱାରା କୃଷକଙ୍କର ମଧ୍ୟ ଭଲ ଆୟ ହୋଇଥାଏ ।

# ଶୀତଦିନେ ମେହେନ୍ଦି ଲଗାଉଥିଲେ...

**ଖରାଦିନେ ମେହେନ୍ଦି ଲଗାଇଲେ ଏହା ମୁଣ୍ଡକୁ ଥଣ୍ଡା ରଖିଥାଏ; କିନ୍ତୁ ଶୀତଦିନେ ଏହା କେଶକୁ ଶୁଷ୍କ କରିବା ସହ ଥଣ୍ଡା ଜ୍ୱର ହେବାର ଆଶଙ୍କା ଥାଏ । ତେଣୁ ଶୀତଦିନେ କେଶରେ ମେହେନ୍ଦି ଲଗାଇବା ପୂର୍ବରୁ ଧ୍ୟାନ ଦିଅନ୍ତୁ ।**



## ମେହେନ୍ଦି ଓ ଲବଙ୍ଗ ପାଣି

ଶୀତରେ ମେହେନ୍ଦି ଲଗାଇବାକୁ ଚାହୁଁଥିଲେ, ଏଥିରେ ଲବଙ୍ଗପାଣି ମିଶାଇ କେଶରେ ଲଗାଇପାରିବେ । ଏହାଦ୍ୱାରା କେଶ ଘନ କଳା ଦିଶିଥାଏ । ଏଥିସହ ଥଣ୍ଡା ମଧ୍ୟ ହୁଏ ନାହିଁ । ତେଣୁ ଚାରିପାଞ୍ଚଟି ଲବଙ୍ଗକୁ ପାଣିରେ ବୁଡ଼ାଇ ଦୁଇ ତିନି ଘଣ୍ଟା ରଖନ୍ତୁ । ପରେ ସେଥିରୁ ଲବଙ୍ଗ କାଢ଼ି ମେହେନ୍ଦି ମିଶାଇ କେଶରେ ଲଗାନ୍ତୁ ।

## ଦହି ପରିବର୍ତ୍ତେ ଫିଟିକିରି

ସାଧାରଣତଃ ମେହେନ୍ଦିରେ ଦହି, ଲେମ୍ବୁ ମିଶାଇ ଲଗାଯାଏ । ଏହା ରୂପି ଏବଂ ସ୍କାଲ୍ପ ସମସ୍ୟାରୁ ମୁକ୍ତି ଦେଇଥାଏ । କିନ୍ତୁ ଶୀତଦିନେ ଦହି ଲଗାଇଲେ ଥଣ୍ଡା ହୋଇଥାଏ । ତେଣୁ ଏହା ବଦଳରେ ଫିଟ୍‌କିରି ବ୍ୟବହାର କରିପାରିବେ ଏହା କେଶ ପାଇଁ ଲାଭଦାୟକ ହେବା ସହ ରୂପି ଦୂର କରିଥାଏ ।

## ଦ୍ୱିପ୍ରହରରେ ଲଗାନ୍ତୁ

ଦ୍ୱିପ୍ରହରରେ ମେହେନ୍ଦି ଲଗାଇବା ଲାଭଦାୟକ । ଏଥିରୁ ଦୁଇଟି ଫାଇଦା ମିଳିଥାଏ । ଏହା ଥଣ୍ଡାରୁ ସୁରକ୍ଷା ଦେବା ସହ ଶୀଘ୍ର ଶୁଖିଯାଏ । ତେଣୁ ଶୀତ ସମସ୍ୟା ଦୂର ହୋଇଥାଏ । ଖରା ନଥିଲେ, ମେହେନ୍ଦି ନ ଲଗାଇବା ଭଲ । ସେହିପରି ଏ ଦିନେ ଦହି ପରିବର୍ତ୍ତେ, ପିଆଜ ତେଲ ଅଁଳା ଆଦି କେଶରେ ଲଗାଇବା ଆବଶ୍ୟକ ।

## ଅଳସୀ

ଅଳସୀ କେଶ ପାଇଁ ଖୁବ୍ ଫାଇଦା ହୋଇଥାଏ । ଏଥିରେ ପ୍ରୋଟିନ୍ ଏବଂ ଭିଟାମିନ୍ ଭରପୂର ମାତ୍ରାରେ ଥାଏ । କେଶବୃଦ୍ଧିରେ ସହାୟକ ହୋଇଥାଏ । ଏଥିପାଇଁ ଗୋଟିଏ ପାତ୍ରରେ ଅଳସୀ ନେଇ ସେଥିରେ ପାଣି ମିଶାଇ ଛଅ,ସାତ ଘଣ୍ଟା ଘୋଡ଼ାଇ ସେହି ପାଣିରେ କେଶ ଧୁଅନ୍ତୁ । ସମୟ ପରେ ଏହାକୁ ଖାଲିପାଣିରେ ପୁଣି ଥରେ ଧୋଇ ଦିଅନ୍ତୁ । ଏହାଦ୍ୱାରା ରୂପି ସମସ୍ୟାରୁ ମୁକ୍ତି ମିଳିଥାଏ ।

# ବାଦାମ ଚୋପାରେ ଫୁଟ୍‌କ୍ରିମ୍

**ସାଧାରଣତଃ ଲୋକେ ଚିନାବାଦାମ ଖାଇବା ପରେ ଚୋପାକୁ ଫୋପାଡ଼ି ଦିଅନ୍ତି; କିନ୍ତୁ ଏହାକୁ ନ ଫୋପାଡ଼ି ଏଥିରୁ ଫୁଟ୍‌କ୍ରିମ୍ ପ୍ରସ୍ତୁତ କରିପାରିବେ । ଏଥିରେ ଥିବା ଆଣ୍ଟିଅକ୍ସିଡେଣ୍ଟ, ଫାଇବର ମୃତକୋଷ କାଢ଼ିବାରେ ସାହାଯ୍ୟ କରିଥାଏ । ଏଥିସହ ଏହା ଫଟା ଗୋଇଠି ସମସ୍ୟା ଦୂର କରି ପାଦରେ ଆର୍ଦ୍ରତା ବଜାୟ ରଖିଥାଏ ।**



## ପ୍ରସ୍ତୁତି

ଏଥିପାଇଁ ପ୍ରଥମେ ବାଦାମଚୋପାକୁ ଧୋଇ ଖରାରେ ଶୁଖାଇ ଦିଅନ୍ତୁ । ଏହାକୁ ଗ୍ରାଇଣ୍ଡି ଜାରରେ ଦେଇ ଏକ ପାଉଡର ପ୍ରସ୍ତୁତ କରନ୍ତୁ । ଏହାପରେ ଗୋଟିଏ ପାତ୍ରରେ ନେଇ ସେଥିରେ ବାଦାମଗୁଣ୍ଡ କାଢ଼ି ଏକ ଚାମଚ ନଡ଼ିଆ ତେଲ, ଏକ ଚାମଚ ଦହି ଏବଂ ସାମାନ୍ୟ କ୍ଷୀର ପକାଇ ଏକ ବହଳିଆ ପେଷ୍ଟ ପ୍ରସ୍ତୁତ କରନ୍ତୁ ।

## ଲଗାଇବା ବିଧି

ଏଥିପାଇଁ ପାଦକୁ ପାଞ୍ଚମିନିଟ୍ ନଖ ଉଷୁମ ପାଣିରେ ବୁଡ଼ାଇ ରଖନ୍ତୁ । ଏହା ପରେ ପାଦକୁ ଶୁଖିଲା ଟାୱେଲରେ ପୋଛି ପ୍ରସ୍ତୁତ କରି ରଖିଥିବା ଫୁଟ୍‌କ୍ରିମ୍ ଲଗାନ୍ତୁ । ଏହାକୁ ହାଲୁକା ହାତରେ ପାଞ୍ଚ ମିନିଟ୍ ମସାଜ କରନ୍ତୁ । ଏହାଦ୍ୱାରା ପାଦରେ ଥିବା ଡେଡ୍ ସ୍କିନ୍ ସହଜରେ ଦୂର ହୋଇଥାଏ । ଏହାପରେ ଆଉ ଅଳ୍ପ କ୍ରିମ୍ ଲଗାଇ ପାଦକୁ ଶୁଖିବା ପାଇଁ ଛାଡ଼ନ୍ତୁ । ପରେ ଗୋଡ଼ ଧୋଇ ଦିଅନ୍ତୁ । ପାଦ ଶୁଖିଗଲେ ଗ୍ଲିସେରିନ୍ ଲଗାଇ ମୋଜା ପିନ୍ଧନ୍ତୁ । ଫଟା ଗୋଇଠି ସମସ୍ୟା ଅଧିକ ଥିଲେ ଏହି ଫୁଟ୍‌କ୍ରିମ୍‌କୁ ସପ୍ତାହରେ ଦୁଇଥର ଲଗାଇପାରିବେ । ଏହା ଫଟା ଗୋଇଠି ସମସ୍ୟା ଦୂର କରିଥାଏ ।

ମୋ ହାଣ୍ଡିଶାଳରୁ...

# ପନିର୍ ଫ୍ରାଏଡ୍ ରାଇସ୍

## ଆବଶ୍ୟକ ସାମଗ୍ରୀ

ଭାତ - ଦୁଇ କପ୍, କଟା ଗାଜର୍- ଅଧା କପ୍, ବ୍ରୋକଲି- ଅଧା କପ୍, ପନିର୍ - ୨୦୦ ଗ୍ରାମ୍, ହଳଦୀଗୁଣ୍ଡ - ଅଧା ଚାମଚ, ଜିରାଗୁଣ୍ଡ - ଅଧା ଚାମଚ, ଲଙ୍କାଗୁଣ୍ଡ- ଅଧା ଚାମଚ, ଗ୍ରୀନ୍ ମଟର୍ - ଅଧା କପ୍, ମ୍ୟାଗି ମସଲା - ଅଧା ଚାମଚ, ମିଠା ମକ୍‌କା - ଅଧା କପ୍, ବିନ୍‌ସ- ଅଧା କପ୍, ତେଲ - ଆବଶ୍ୟକତା ଅନୁସାରେ, ଲୁଣ – ସ୍ୱାଦାନୁସାରେ ।

## ପ୍ରସ୍ତୁତି ପ୍ରଣାଳି

ପନିର୍ ନେଇ ସେଥିରେ ମ୍ୟାଗି ମସଲା, ଲଙ୍କା ଗୁଣ୍ଡ, ହଳଦୀଗୁଣ୍ଡ, ଜିରାମସଲା ସମେତ ତେଲ ପକେଇ ଭଲରେ ଗୋଳାଇ ଦିଅନ୍ତୁ । ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ସେଥିରେ ପନିର୍ ଖଣ୍ଡ ଦେଇ ଭାଜନ୍ତୁ । ଏହା ସୁନେଲି ରଙ୍ଗ ହୋଇଆସିଲେ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ । ଏହାପରେ କଡ଼େଇରେ ଅଳ୍ପ ତେଲ ଦେଇ ସେଥିରେ ବିନ୍, କ୍ୟାପ୍‌ସିକମ୍, ଗାଜର୍, ବ୍ରୋକ୍‌ଲି, ମକା, ଗ୍ରୀନ୍‌ମଟର୍, ରସୁଣ, ଦେଇ ଭଲଭାବେ ଗୋଳାଇ ଭାଜନ୍ତୁ । ଅଧା ଭାଜି ହୋଇଗଲେ, ସେଥିରେ ଭାତ ଦେଇ ଗୋଲମରିଚ ଗୁଣ୍ଡ, ଲୁଣ ସହ ସେଜୁଆନ୍ ଚଟଣୀ ଦେଇ ଗୋଳାନ୍ତୁ । ଏହାପରେ ଭାଜି ରଖିଥିବା ପନିର୍‌କୁ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ପନିର୍ ଫ୍ରାଏଡ୍ ରାଇସ୍' ।



# କାଶ୍ମୀର୍ ଭେଲ୍‌ଭେଟ୍ ସୁଟ୍



**ବିବାହ, ପାର୍ଟି, ଫଙ୍କ୍‌ସନ୍‌ରେ ମହିଳାମାନେ ଷ୍ଟାଇଲିଶ୍ ଏବଂ ସୁନ୍ଦର ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି । ଏହି କ୍ରମରେ ଏବେ କାଶ୍ମୀର ଡିଜାଇନର ଭେଲ୍‌ଭେଟ୍ ସୁଟ୍ ଲୋକପ୍ରିୟ ରହିଛି । ଏହାକୁ ପିନ୍ଧି ବିବାହ ପାର୍ଟି, ଫଙ୍କ୍‌ସନ୍‌ରେ ନିଜକୁ ଏକ ଆକର୍ଷଣୀୟ ଲୁକ୍ ଦେଇପାରିବେ ।**

## ବ୍ଲାକ୍, ମେରୁନ୍ ସୁଟ୍

ବର୍ତ୍ତମାନ ଏହି ରଙ୍ଗ ସୁଟର ଖୁବ୍ ଚାହିଦା ରହିଛି । ଏହାକୁ ଗୋଲ୍‌ଡେନ୍ ରଙ୍ଗ ଓଢ଼ଣୀ ଭଲ ମାନିଥାଏ । ସେହିପରି ଏକ ଆକର୍ଷଣୀୟ ଲୁକ୍ ଚାହୁଁଥିଲେ ଏଥିରେ ଭାରି ଅଳଙ୍କାର ପିନ୍ଧିପାରିବେ । ଏଥିରୁ ଏକ ଷ୍ଟାଇଲିଶ୍ ପାର୍ଟି ଲୁକ୍ ମିଳିଥାଏ ।

## କୁର୍ତ୍ତା ସହ ପ୍ଲାଜୋ

ବିଶେଷ କରି ଶୀତଦିନେ ଗାଢ଼ ରଙ୍ଗ ସୁନ୍ଦର ଦେଖାଯାଏ । ତେଣୁ ଏଦିନେ ଗାଢ଼ ନୀଳରଙ୍ଗ କୁର୍ତ୍ତା, ସହ ପ୍ଲାଜୋ ପିନ୍ଧିପାରିବେ । ଏହି ସୁଟ୍ ବେକରେ ଭାରି କାମଥାଏ । ଏଥିସହ ଏଥରେ ଏମ୍ବ୍ରୋଡୋରୀ କାମ ଥାଏ । ଯାହା ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ । ଏହାକୁ ପିନ୍ଧିଲେ ଏଥିରୁ ପାର୍ଟି ଲୁକ୍ ମିଳିଥାଏ ।

## ମୋଗଲ ନେକ୍‌ଲାଇନ୍

ମୋଗଲ ନେକ୍‌ଲାଇନର ଏହି ସୁଟ୍‌ରେ ଭାରିକାମ ଥାଏ । ସେହିପରି ଏଥିରେ ଥିବା ଭେଲ୍‌ଭେଟ୍ ଦୁପଟ୍ଟା ଶୀତଦିନେ ଶାଲ ଭଳି କାର୍ଯ୍ୟ କରିଥାଏ । ଏହାକୁ ପିନ୍ଧିଲେ ଶାଲ କିମ୍ବା ସ୍ୱେଟର ଆବଶ୍ୟକ ନଥାଏ । ଏହା ଉଭୟ ଷ୍ଟାଇଲିଶ୍ ଏବଂ ଆକର୍ଷଣୀୟ ଲୁକ୍ ମିଳିଥାଏ ।

## ମିରର୍ ୱାର୍କ ସୁଟ୍

ହାଲୁକା କାମଯୁକ୍ତ ଭେଲ୍‌ଭେଟ୍ ସୁଟ୍ ପିନ୍ଧିବାକୁ ଚାହୁଁଥିଲେ , ମିରର୍ ୱାର୍କ ଥିବା ସୁଟ୍ ପିନ୍ଧିପାରିବେ । ଏଥିରେ ସୂତାକାମ ସହ ମିରର କାମ ମଧ୍ୟ ରହିଛି । କୌଣସି ପାର୍ଟି, ଫଙ୍କ୍‌ସନ୍‌ରେ ଲେହେଙ୍ଗା, ଗାଉନ ପିନ୍ଧିବାକୁ ପସନ୍ଦ ନ ଥିଲେ ଏହା ପିନ୍ଧିପାରିବେ । ଏଥିରୁ ଖୁବ୍ ସୁନ୍ଦର ଆକର୍ଷଣୀୟ ଲୁକ୍ ମିଳିଥାଏ ।

# କପଡ଼ା, ଚାଦରକୁ ରଖନ୍ତୁ ଜୀବାଣୁ ମୁକ୍ତ

**ଶୀତଦିନେ କପଡ଼ା, ଚାଦରରେ ଧୂଳି, ମଳି ଜମିଯାଏ । ଏହାଦ୍ୱାରା ଆଲର୍ଜି ଓ ସଂକ୍ରମଣ ହୋଇଥାଏ । ଏପରିସ୍ଥଳେ କପଡ଼ାକୁ ନିୟମିତ ପରିଷ୍କାର ରଖିବା, ଖରାରେ ଶୁଖାଇବା ସହ ଆଣ୍ଟି ବ୍ୟାକ୍ଟେରିୟଲ୍ ଡିଟର୍‌ଜେଣ୍ଟ ପକାଇ ସଫା କରିବା ଆବଶ୍ୟକ, ଏହାଦ୍ୱାରା ଜୀବାଣୁ ମରିଯାନ୍ତି ।**

## ସଫା କରିବା

ଶୀତଦିନେ ଚାଦରରେ ଧୂଳି ମଳି ଜମିଯାଏ । ତେଣୁ ଚାଦର, ତକିଆଖୋଳ ଏବଂ ଦିନପିନ୍ଧା ଡ୍ରେସ୍‌କୁ ସପ୍ତାହକୁ ଥରେ ଧୋଇବା ଆବଶ୍ୟକ । ଏହାଦ୍ୱାରା କପଡ଼ା ଦୀର୍ଘସମୟ କୀଟାଣୁ ମୁକ୍ତ ରହେ ।

## ଖରାରେ ସୁଖାଇବା

ଖରା ପ୍ରାକୃତିକ ଜୀବାଣୁନାଶକ ଭାବେ କାର୍ଯ୍ୟ କରିଥାଏ । ତେଣୁ ଧୂଆ ଚାଦର, ତକିଆ, କପଡ଼ାକୁ ଟାଣଖରାରେ ଶୁଖାଇବା ଜରୁରୀ । ଏହାଦ୍ୱାରା ବ୍ୟାକ୍ଟେରିଆ ଏବଂ ଫଙ୍ଗସ୍ ଆପେ ନଷ୍ଟ ହୋଇଯାଏ । ଯଥାସମ୍ଭବ କପଡ଼ା ଏବଂ ବେଡ୍‌ସିଟ୍‌କୁ ଉଷୁମପାଣିରେ ଧୋଇବାକୁ ଚେଷ୍ଟା କରନ୍ତୁ । ଏହି ପ୍ରକ୍ରିୟା ଜୀବାଣୁ ନାଶ କରିବାରେ ଅଧିକ ପ୍ରଭାବୀ । ପିଲା ଏବଂ ବୟସ୍କଙ୍କ ପାଇଁ ଏହି ଉପାୟ ଖୁବ୍ ଲାଭଦାୟକ ହୋଇଥାଏ ।

## ଭଲରେ ସାଇତି ରଖନ୍ତୁ

କପଡ଼ା ଧୋଇବା ଯଥେଷ୍ଟ ହୋଇ ନ ଥାଏ । ଏହାକୁ ଭଲରେ ସାଇତ ରଖିବାର ମଧ୍ୟ ଆବଶ୍ୟକତା ରହିଛି । ଋତୁ ଅନୁଯାୟୀ ଆଲ୍‌ମିରାକୁ ଝାଡ଼ି ସଫା କରିବା ଆବଶ୍ୟକ । ଶୁଖିଲା ନିମ୍ବପତ୍ର, କର୍ପୁର ତଥା ଲାଭେଣ୍ଡର ପାଉଡ୍ ରଖିବା ଦ୍ୱାରା ଜୀବାଣୁ ମରିଯାଏ ।



# ବିଟ୍ ଫେସ୍ ପ୍ୟାକ୍



**ବିଟ୍ ତ୍ୱଚା ପାଇଁ ଖୁବ୍ ଉପକାରୀ । ଏହାର ଉପଯୋଗ ଦ୍ୱାରା ତ୍ୱଚା କୋମଳ ଓ ଉଜ୍ଜ୍ୱଳ ରହିଥାଏ । ତେବେ ସ୍ୱଚ୍ଛ ଓ ସୁନ୍ଦର ତ୍ୱଚା ପାଇଁ ଏହାକୁ କିଭଳି ବ୍ୟବହାର କରିବା ଦରକାର, ସେ ସମ୍ପର୍କରେ ଜାଣିବା ।**

## ବିଟ୍-ଘିକୁଆଁରି ପ୍ୟାକ୍

ପ୍ରଥମେ ବିଟ୍‌ର ପେଷ୍ଟ ପ୍ରସ୍ତୁତ କରନ୍ତୁ । ସେଥିରେ ଘିକୁଆଁରି ରସ ମିଶାନ୍ତୁ । ଏହାକୁ ମୁହଁରେ ଲଗାଇ ୧୦ -୧୫ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ । ଏହାକୁ ସପ୍ତାହକୁ ଦୁଇଥର ଲଗାଇଲେ ଫରକ ଜାଣିପାରିବେ ।

## ବିଟ୍- ମୁଲ୍‌ତାନି ମାଟି ପ୍ୟାକ୍

ବିଟ୍ ପେଷ୍ଟରେ ମୁଲତାନି ମାଟିକୁ ଭଲଭାବେ ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁ ଓ ବେକରେ ଲଗାଇ କିଛି ସମୟ ରଖନ୍ତୁ । ଏହି ପ୍ୟାକ୍ ଶୁଖିଯିବା ପରେ ମୁହଁ ଧୋଇ ଦିଅନ୍ତୁ । ମୁହଁ ଉଜ୍ଜ୍ୱଳ ଦିଶିବ ।

## ବିଟ୍- ବେସନ ପ୍ୟାକ୍

ବିଟ୍ ପେଷ୍ଟରେ ବେସନ, ଦହିକୁ ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ମୁହଁରେ ଲଗାଇ ୧୦-୧୫ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ । ଏହାକୁ ସପ୍ତାହକୁ ଥରେ ଲଗାନ୍ତୁ ।

# ମିନିମାଲିଷ୍ଟ ଅଳଙ୍କାର


**ପାରମ୍ପରିକ ଓଜନିଆ ଅଳଙ୍କାର ବଦଳରେ ଏବେ ମହିଳାମାନେ ସାଧା, ସିମ୍ପଲ ଅଳଙ୍କାର ପିନ୍ଧିବାକୁ ପସନ୍ଦ କରୁଛନ୍ତି । ଏହା ଆଧୁନିକ ହେବା ସହ ଆଖିକୁ ସୁନ୍ଦର ମଧ୍ୟ ଦିଶିଥାଏ । ଏହାକୁ ଦୃଷ୍ଟିରେ ରଖି ଏବେ ମହିଳାଙ୍କ ମଧ୍ୟରେ ମିନିମାଲିଷ୍ଟ ଅଳଙ୍କାରର ଖୁବ୍ ଚାହିଦା ରହିଛି, ଜାଣିବା ସେ ବିଷୟରେ ।**

## କଫ୍ ବ୍ରେସ୍‌ଲେଟ୍

କଫ ବ୍ରେସ୍‌ଲେଟ୍ ବ୍ଲଗର୍ସ ଛାତ୍ରଛାତ୍ରୀ ଏବଂ ମଡେଲ୍‌ଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ । ଏହାକୁ ଘଣ୍ଟା ସହିତ ମଧ୍ୟ ପିନ୍ଧିପାରିବେ । ଏହା କାଜୁଆଲ୍‌ରୁ ନେଇ ପାର୍ଟି, ଫଙ୍କ୍‌ସନ୍‌ରେ ମଧ୍ୟ ପିନ୍ଧିପାରିବେ ।

## ଟ୍ୟୁବ୍ ରିଙ୍ଗ୍

ଏଥିରୁ ଏକ ଆଧୁନିକ ଲୁକ୍ ମିଳିଥାଏ । ସୁନା, ରୂପା ଅବା ରୋଜଗୋଲ୍‌ଡରେ ନିର୍ମିତ ଏହି ମୁଦି ପିନ୍ଧିପାରିବେ । ଏହାକୁ ଅଙ୍ଗୁଳିର ଗୋଟିଏ ହାତରେ ପିନ୍ଧି ବାକିଗୁଡ଼ିକୁ ଖାଲି ରଖିଲେ ଏହା ହାତକୁ ସୁନ୍ଦର ଦେଖାଯାଏ ।



## ହୁପ୍ କାନଫୁଲ

ହୁପ୍ କାନଫୁଲ ସବୁ ମହିଳା ପିନ୍ଧିବାକୁ ପସନ୍ଦ କରନ୍ତି । ଏହା କେବେହେଲେ ପୁରୁଣା ହୁଏନି । ଏହା ଜ୍ୟାମିତିକ ଆକାର, ସାର୍ପ ଲାଇନ, ମିଶ୍ରଧାତୁର ଥାଏ । ଏହା ପ୍ରଫେସ୍‌ନାଲ ଏବଂ କାଜୁଆଲ ସବୁ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ ।

**ଆସେସ୍ ସିରିଜ ୫ମ ଟେଷ୍ଟ**

# ଆଉ ଏକ ପରାଜୟ ଦ୍ୱାରରେ ଇଂଲଣ୍ଡ

ସିଡନୀ, ୭।୧ (ଏଜେନ୍ସି):

ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ଏଠାରେ ଚାଲିଥିବା ଐତିହାସିକ ଆସେସ ସିରିଜର ଅନ୍ତିମ ତଥା ୫ମ ଟେଷ୍ଟ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ୧୮୩ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଭ୍ରମଣକାରୀ ଇଂଲଣ୍ଡ ବୁଧବାର ୪ର୍ଥ ଦିବସ ଶେଷ ସୁଦ୍ଧା ୮ ୱିକେଟ୍ ହରାଇ ୩୦୨ ରନ ସଂଗ୍ରହ କରିଛି। ଯୁବ ବାମହାତୀ ବ୍ୟାଟର୍ ଜ୍ୟାକବ ବେଥେଲ ୧୪୨ ରନ କରି ଅପରାଜିତ ରହିଛନ୍ତି। ନିଜର ଏହି ପ୍ରଥମ ଟେଷ୍ଟ ଶତକୀୟ ପାଳିରେ ବେଥେଲ ୨୩୨ ବଲ୍ ସାମ୍ନା କରି ୧୪୨ ରନ ସଂଗ୍ରହ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବେନ୍ ଡକେଟ୍ ଓ ହ୍ୟାରୀ ବ୍ରୁକ୍ ୪୨ ରନ ଲେଖାଏ, ଜେମି ସ୍ମିଥ ୨୬, ବ୍ରାୟଡନ କ୍ରାସ ୧୬ ରନ କରି ଆଉଟ୍ ହୋଇଛନ୍ତି। ତେବେ ଓପନର୍ ଜ୍ୟାକ୍ କ୍ରଲୀ (୧), ପ୍ରଥମ ପାଳିର ଶତକ ହାସଲକାରୀ ଜୋ ରୁଟ୍ (୬), ଅଧିନାୟକ ବେନ୍ ଷ୍ଟୋକ୍ସ (୧) ଓ ୱିଲ୍ ଜ୍ୟାକ୍ସ (୦) ନିରାଶ କରିବା ଇଂଲଣ୍ଡ ପାଇଁ ପରାଜୟର




ଆଶଙ୍କା ସୃଷ୍ଟି କରିଛି। ଘରୋଇ ଦଳ ପକ୍ଷରୁ ଦୁଇ ଦ୍ରୁତ ବୋଲର ବିଉ ୱେବଷ୍ଟର ୩ ଏବଂ ସ୍କଟ ବୋଲାଣ୍ଡ ୨ଟି ୱିକେଟ୍ ନେଇଛନ୍ତି। ହାତରେ ୨ଟି ୱିକେଟ୍ ବଳକାଥାଇ ଇଂଲଣ୍ଡ ମୋଟ ଉପରେ ୧୧୯ ରନରେ ଅଗ୍ରଣୀ ହାସଲ କରିଛି। ଗୁରୁବାର ମ୍ୟାଚର ଅନ୍ତିମ ତଥା ୫ମ ଦିବସ ହୋଇଥିବାରୁ ଅଷ୍ଟ୍ରେଲିଆ ବଳକା ୨ଟି ୱିକେଟ୍ ନେଇ ମ୍ୟାଚକୁ ହାତେଇ ନେବାକୁ ଲକ୍ଷ୍ୟ ରଖିଛି।

ପୂର୍ବରୁ ଇଂଲଣ୍ଡର ପ୍ରଥମ ପାଳି ସ୍କୋର ଜବାବରେ ଅଷ୍ଟ୍ରେଲିଆ ମଙ୍ଗଳବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୭ ୱିକେଟରେ ୫୧୮ ରନ ସଂଗ୍ରହ କରିଥିଲା। ଏହି ଅସମାପ୍ତ ସ୍କୋରରୁ ବୁଧବାର ବ୍ୟାଟିଂ ଆରମ୍ଭ କରି ଘରୋଇ ଦଳ ଆଉ ୪୯ ରନ ଯୋଡ଼ି ୫୬୭ ରନରେ ଅଲ୍ଆଉଟ୍ ହୋଇଯାଇଥିଲା। ବିଉ ୱେବଷ୍ଟର ୭୧ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର୍ ଟ୍ରାଭିସ ହେଡ୍ ଟେଷ୍ଟ କ୍ୟାରିୟରର ୧୧ତମ ଶତକ ସହ ୧୬୩, ଅଧିନାୟକ ଷ୍ଟିଭ ସ୍ମିଥ ୧୩୭ ରନ କରିଥିଲେ। ବୋଲିଂରେ ଜୋଶ୍ ଟଙ୍ଗ ଓ କ୍ରାସଙ୍କୁ ୩ଟି ଲେଖାଏ ୱିକେଟ୍ ମିଳିଥିଲା। ପୂର୍ବରୁ ଅଷ୍ଟ୍ରେଲିଆ ୩-୧ରେ ଅଗ୍ରଣୀ ରହି ଏହି ଟେଷ୍ଟ ସିରିଜକୁ ଆଗୁଆ କବଜା କରିନେଇଛି। ଯଦି ଏହି ୫ମ ମୁକାବିଲାରେ ବିଜୟୀ ହୁଏ ତେବେ ଘରୋଇ ଦଳ ୪-୧ରେ ଐତିହାସିକ ବିଜୟ ଲାଭ କରିବ।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ପାଳି: ୩୮୪/୧୦** (ରୁଟ୍-୧୬୦, ବ୍ରୁକ୍-୮୪, ନେସର- ୪/୬୦)

**ଅଷ୍ଟ୍ରେଲିଆ ପ୍ରଥମ ପାଳି: ୫୬୭/୧୦, ୧୩୩.୫ ଓଭର** (ହେଡ୍- ୧୬୩, ସ୍ମିଥ- ୧୪୮, ୱେବଷ୍ଟର- ଅପରାଜିତ- ୭୧, ଟଙ୍ଗ -୩/୯୭)

**ଇଂଲଣ୍ଡ ୨ୟ ପାଳି: ୩୦୨/୮, ୭୫ ଓଭର** (ଜାକବ ବେଥେଲ- ୧୪୨, ଡକେଟ- ୪୨, ବ୍ରୁକ୍- ୪୨, ରୁଟ୍- ୬, ଷ୍ଟୋକ୍ସ- ୧, ୱେବଷ୍ଟର- ୩/୫୧)।

# ଇତିହାସ ରଚିଲେ ସୂର୍ଯ୍ୟବଂଶୀ

ବେନୋନି, ୭।୧ (ଏଜେନ୍ସି): ଘରୋଇ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଯୁଥ୍ (୧୯ ବର୍ଷରୁ କମ୍) ଦିନିକିଆ ମ୍ୟାଚକୁ ଭାରତ ୨୩୩ ରନର ବଡ଼ ବ୍ୟବଧାନରେ ବିଜୟୀ ହୋଇଛି। ବୈଭବ ସୂର୍ଯ୍ୟବଂଶୀ ସର୍ବକନିଷ୍ଠ ଅଧିନାୟକ(୧୪ ବର୍ଷ ୯ ମାସ) ଭାବେ ୬୩ ବଲ୍ରେ ଶତକୀୟ ପାଳି ଖେଳି ବିଶ୍ୱରେକର୍ଡ ସୃଷ୍ଟି କରିଛନ୍ତି। ପୂର୍ବରୁ ପ୍ରଥମ ଦୁଇଟି ଦିନିକିଆକୁ ଡିଏଲ୍ ପଦ୍ଧତିରେ ଯଥାକ୍ରମେ ୨୫ ରନ ଓ ୮ ୱିକେଟ୍ରେ ଜିତିଥିବା ଭାରତୀୟ ଯୁଥ୍ ଦଳ ଏଥିସହ ୩-୦ରେ ସିରିଜ କ୍ଲିନ୍ସୁଇପ୍ କରିଛି।

**ଯୁଥ୍ ଦିନିକିଆରେ ସର୍ବକନିଷ୍ଠ ଶତକ ହାସଲକାରୀ**

**ଭାରତୀୟ ଯୁଥ୍ ଦଳର ସିରିଜ କ୍ଲିନସୁଇପ୍**




ତୃତୀୟ ଦିନିକିଆରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପାଇଁ ଅଧିନାୟକ ସୂର୍ଯ୍ୟବଂଶୀ (୧୨୭ ରନ) ଓ ଆରୋନ ଜର୍ଜ (୧୧୮ ରନ) ଓପନିଂ ୱିକେଟରେ ୨୫.୪ ଓଭରରେ ରେକର୍ଡ ୨୨୭ ରନ ଉଠାଇ ଦୃଢ଼ ମୂଳଦୁଆ ପକାଇଥିଲେ। ଫଳରେ ଭାରତ ୫୦ ଓଭରରେ ୭ ୱିକେଟ୍ ହରାଇ ୩୯୩ ରନର ବିଶାଳ ସ୍କୋର କରିଥିଲା। ଜବାବରେ ୩୯୪ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ୩୫ ଓଭରରେ ୧୬୦ ରନ କରି ଅଲ୍ଆଉଟ୍ ହୋଇଯାଇଥିଲା। ବିଜୟୀ ଭାରତୀୟ ଦଳର କିଶାନ କୁମାର ସିଂ ୩ଟି ଓ ମହମ୍ମଦ ଏନାନ ୨ଟି ୱିକେଟ ନେଇଥିଲେ। ମ୍ୟାଚରେ ୧୪ ବର୍ଷୀୟ ସୂର୍ଯ୍ୟବଂଶୀ ୭୪ ବଲରେ ୧୨୭ ରନ କରି ଆଉଟ୍ ହୋଇଥିଲେ। ଏହି ବିସ୍ଫୋରକ ପାଳିରେ ସେ ୯ଟି ଚୌକା ଓ ୧୦ଟି ଛକା ମାରିଥିଲେ। ଏଥିସହ ଯୁଥ୍ ଦିନିକିଆ କ୍ରିକେଟ୍ ଇତିହାସରେ ସର୍ବକନିଷ୍ଠ ଶତକ ହାସଲକାରୀ ଅଧିନାୟକ ହୋଇଛନ୍ତି। ସେ ମଧ୍ୟ ଯୁଥ୍ ଦିନିକିଆରେ ୨ୟ, ୩ୟ ଓ ୪ର୍ଥ ଦ୍ରୁତତମ ଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ପୂର୍ବରୁ ସୂର୍ଯ୍ୟବଂଶୀ ଇଂଲଣ୍ଡ ବିପକ୍ଷରେ ୫୨ ବଲ୍ ଓ ୟୁଏଇ ବିପକ୍ଷରେ ୫୬ ବଲରେ ଶତକ ମାରିଥିଲେ। ଦ୍ରୁତତମ ଯୁଥ ଦିନିକିଆ ଶତକ ପାକିସ୍ତାନର ସମୀର ମିନହାସ (୪୨ ବଲ)ଙ୍କ ନାମରେ ରହିଛି।

**ଟି-୨୦ ବିଶ୍ୱକପ୍**

# ସାଣ୍ଟନରଙ୍କୁ ନେତୃତ୍ୱ

ଅକଲାଣ୍ଡ, ୭।୧ (ଏଜେନ୍ସି): ଆସନ୍ତା ମାସରେ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆୟୋଜିତ ହେବାକୁ ଥିବା ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ଲାଗି ବୁଧବାର ନ୍ୟୁଜିଲାଣ୍ଡ ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଅଲ୍ରାଉଣ୍ଡର ମିଚେଲ ସାଣ୍ଟନରଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ସେହିଭଳି ଦ୍ରୁତ ବୋଲର ଜାକବ ଡଫିଙ୍କୁ ଏହି ଦଳରେ ସ୍ଥାନ ମିଳିଛି। ୩୧ ବର୍ଷୀୟ ଡଫିଙ୍କ ଏହା ପ୍ରଥମ ଟି-୨୦ ବିଶ୍ୱକପ୍ ହେବ। ଡଫି ବିଦାୟୀ ବର୍ଷ ୨୦୨୫ରେ ଅନ୍ତର୍ଜାତୀୟ କ୍ରିକେଟ୍ରେ ଦମ୍ଦାର ପ୍ରଦର୍ଶନ କରିଥିଲେ। ତିନୋଟି ଯାକ ଫର୍ମାଟ୍ରେ ସେ ମୋଟ୍ ୮୧ଟି ୱିକେଟ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗାମୀ ବିଶ୍ୱକପ୍ରେ ନ୍ୟୁଜିଲାଣ୍ଡ ଗ୍ରୁପ୍-ଡି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍ରେ ନ୍ୟୁଜିଲାଣ୍ଡ ସହ ଆଫଗାନିସ୍ତାନ, ଦକ୍ଷିଣ ଆଫ୍ରିକା, କାନାଡା ଓ ୟୁଏଇ ରହିଛି। ଫେବୃଆରୀ ୮ରେ ଆଫଗାନିସ୍ତାନ ବିପକ୍ଷରେ ଖେଳି ନ୍ୟୁଜିଲାଣ୍ଡ ଏହାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚଟି ଚେନ୍ନାଇରେ ଖେଳାଯିବ।

**ନ୍ୟୁଜିଲାଣ୍ଡ ବିଶ୍ୱକପ୍ ଦଳ**

ମିଚେଲ ସାଣ୍ଟନର (ଅଧିନାୟକ), ଫିନ ଆଲେନ, ମାଇକେଲ ବ୍ରାସୱେଲ, ମାର୍କ ଚାପମାନ, ଡେଭନ କନୱେ, ଜାକବ ଡଫି, ଲକି ଫର୍ଗୁସନ, ମାଟ୍ଟ ହେନରୀ, ଡାରୀଲ ମିଚେଲ, ଆଦାମ ମିଲନେ, ଜେମ୍ସ ନିଶାମ, ଗ୍ଲେନ ଫିଲିପ୍ସ, ରାଚିନ ରବୀନ୍ଦ୍ର, ଟିମ ସୌଦୀ ଓ ଇଶ ସୋଧୀ। ରିଜର୍ଭ ଖେଳାଳି: କାଏଲ ଜେମିସନ।

## ଓଡ଼ିଶାର ଦ୍ୱିତୀୟ ବିଜୟ

କଟକ,୭।୧(ସମିସ): ଡାମନ ଏବଂ ଡିଉରେ ଚାଲିଥିବା ଖେଲୋ ଇଣ୍ଡିଆ ବିଚ୍ ସକର ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ବୁଧବାର ଓଡ଼ିଶା ମହିଳା ଫୁଟବଲ୍ ଦଳ ୮-୪ ଗୋଲରେ ଅରୁଣାଚଳପ୍ରଦେଶକୁ ପରାସ୍ତ କରିଛି। ପ୍ରଥମ ପିରିୟଡରେ ଓଡ଼ିଶା ୨ଟି ଗୋଲ ସ୍କୋର କରିଥିବା ବେଳେ ଅବଶିଷ୍ଟ ୨ଟି ପିରିୟଡରେ ଦଳ ପକ୍ଷରୁ ୩ଟି ଲେଖାଏ ଗୋଲ ହୋଇଥିଲା। ଓଡ଼ିଶା ପକ୍ଷରୁ ମନୀଷା ନାଏକ ସର୍ବାଧିକ ୫ଟି, ସତ୍ୟବତୀ ଖାଡିଆ ୨ଟି ଏବଂ ପ୍ରଜ୍ଞା କିଶାନ ଗୋଟିଏ ଗୋଲ ଦେଇଥିଲେ।

**ପୁରୁଷ ହକି ଇଣ୍ଡିଆ ଲିଗ୍**

# ରସେଲଙ୍କ ହ୍ୟାଟ୍ରିକ୍

ଚେନ୍ନାଇ, ୭।୧ (ଏଜେନ୍ସି): ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍) ର ପୁରୁଷ ଇଭେଣ୍ଟରେ ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ଏଚ୍ଆଇଏଲ୍ ଗଭର୍ଣ୍ଣି



କାଉନସିଲ୍ (ଜିସି) ବଡ଼ ବିଜୟ ହାସଲ କରିଛି। ସ୍ଥାନୀୟ ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଏଚ୍ଆଇଏଲ୍ ଜିସି ୬-୩ ଗୋଲ୍ର ବଡ଼ ବ୍ୟବଧାନରେ ଶାରଚି ବେଙ୍ଗଲ ଟାଇଗର୍ସକୁ ପରାସ୍ତ କରିଛି। ବିଜୟୀ ଦଳର ନ୍ୟୁଜିଲାଣ୍ଡ ତାରକା କେନ୍ ରସେଲ ହ୍ୟାଟ୍ରିକ ଗୋଲ୍ ଦେଇ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଖେଳାଳି ସୁଦୀପ ଚିରମାକୋ, ସାମ୍ ୱାର୍ଡ ଓ ଜେମ୍ସ ଆଲବାରୀଙ୍କ ଷ୍ଟିକ୍ସରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ଦୁଇଟି ମ୍ୟାଚରୁ ଦୁଇଟି ବିଜୟ ସହ ଏଚଆଇଏଲ୍ ଜିସି ୬ ପଏଣ୍ଟ ପାଇ ୮ ଦଳୀୟ ଟେବଲ୍ ତାଲିକାର ଶୀର୍ଷରେ ରହିଛି। ସେହିଭଳି ପୁରୁଷ ବିଭାଗରେ ଅନ୍ୟ ଏକ ମ୍ୟାଚ୍ରେ ହାଇଦରାବାଦ୍ ତୁଫାନ୍ସ ୩-୨ ଗୋଲ୍ରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଛି। ଅପରପକ୍ଷରେ ମହିଳା ବିଭାଗରେ ଜେଏସଡବ୍ଲ୍ୟୁ ସୁରମା ହକି କ୍ଲବ ୩-୨ ଗୋଲ୍ରେ ବେଙ୍ଗଲ ଟାଇଗର୍ସକୁ ହରାଇଛି। ଷଷ୍ଠ ମ୍ୟାଚରୁ ସୁରମାର ଏହା ୨ୟ ବିଜୟ।

# ସିନ୍ଧୁ, ସାତ୍ୱିକ-ଚିରାଗ ଆଗେଇଲେ

କ୍ୱାଲାଲୁମ୍ପୁର, ୭।୧ (ଏଜେନ୍ସି): ଦୁଇଥରର ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁ ଏଠାରେ ଚାଲିଥିବା ମାଲେସିଆ ଓପନ୍ରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବୁଧବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସର ଏକ ମ୍ୟାଚରେ ସିନ୍ଧୁ ୨୧-୧୩, ୨୨-୨୦ ସିଧାସଳଖ ଗେମରେ ଚାଇନିଜ ତାଇପେଇର ସୁଙ୍ଗ୍ ସୁଓ-ୟୁନଙ୍କୁ ହରାଇଦେଇଛନ୍ତି। ଏହି ମ୍ୟାଚ୍ ଜିତିବାକୁ ସିନ୍ଧୁଙ୍କୁ ମାତ୍ର ୫୧ ମିନିଟ୍ ସମୟ ଲାଗିଥିଲା। ତାଇପେଇର ସୁଙ୍ଗଙ୍କ ବିପକ୍ଷରେ ସିନ୍ଧୁଙ୍କ ଏହା କ୍ରମାଗତ ୩ୟ ବିଜୟ ଥିଲା। ଅପରପକ୍ଷରେ ପୁରୁଷ ଡବଲ୍ସରେ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ମଧ୍ୟ ସହଜ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସାତ୍ୱିକ-ଚିରାଗ ଯୋଡ଼ି ୨୧-୧୩, ୨୧-୧୫ ସିଧାସଳଖ ଗେମରେ ଚାଇନିଜ ତାଇପେଇର ଲି ଝେ-ହୁଇ ଓ ୟାଙ୍ଗ ପୋ-ସୁଆନଙ୍କ ପରାସ୍ତ କରିଥିଲେ।

# ଜାତୀୟ ଅସିଚାଳନା: ହରିୟାଣାକୁ ଡବଲ୍ ଟାଇଟଲ୍



କଟକ,୭।୧(ସମିସ): ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ୩୩ତମ ଜାତୀୟ ଜୁନିଅର ଅସିଚାଳନା ଚାମ୍ପିଅନସିପରେ ହରିୟାଣା ଦଳ ପ୍ରାଧାନ୍ୟ ବିସ୍ତାର କରି ରଖିଛି। ଫଏଲ ଇଭେଣ୍ଟରେ ହରିୟାଣା ବାଳିକା ଦଳଗତ ଚାମ୍ପିଅନ ହୋଇଥିବାବେଳେ ବାଳକ ବର୍ଗରେ ମଧ୍ୟ ହରିୟାଣାକୁ ଦଳଗତ ସଫଳତା ମିଳିଛି। ମହିଳା ଏକକ ବର୍ଗରେ ହରିୟାଣାର ପ୍ରାଚୀ ଲୋହାନ ସ୍ୱର୍ଣ୍ଣ ଓ ଅନୁପ୍ରିୟା ରୌପ୍ୟ ପଦକ ହାସଲ କରିଛନ୍ତି। କେରଳର ନିଭେଘ୍ୟା ନାୟର ଏବଂ ମଣିପୁରର ନେଲସିରୋଜ୍ ଦେବୀ ଯୁଗ୍ମ ଭାବେ କାଂସ୍ୟ ପଦକ ଜିତିଛନ୍ତି। ଓଡ଼ିଶା ଅସିଚାଳନା ସଂଘର ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଉପସଭାପତି ରମେଶ ମଲ୍ଲିକ, ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଉପସ୍ଥିତ ରହି ପଦକ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

**ଜାତୀୟ ସିନିଅର ପୁରୁଷ ଭଲିବଲ୍**

# ଓଡ଼ିଶା ଦଳର ହ୍ୟାଟ୍ରିକ୍ ବିଜୟ



ଭୁବନେଶ୍ୱର, ୭।୧ (ସମିସ): ବାରଣାସୀରେ ଅନୁଷ୍ଠିତ ଜାତୀୟ ସିନିଅର ପୁରୁଷ ଭଲିବଲ୍ ଚାମ୍ପିଅନସିପ୍ର ୭୨ତମ ସଂସ୍କରଣରେ ଓଡ଼ିଶା ଏହାର ବିଜୟଧାରା ଜାରି ରଖିଛି। ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ଦଳ ୩-୧ (୧୯-୨୫, ୨୫-୧୪, ୨୬-୨୪, ୨୫-୧୯) ସେଟ୍ରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ଏଥିସହ ଓଡ଼ିଶା ପ୍ରତିଯୋଗିତାରେ ହ୍ୟାଟ୍ରିକ ବିଜୟ ଲାଭ କରିଛି। ପୂର୍ବ ଦୁଇଟି ମ୍ୟାଚରେ ଓଡ଼ିଶା ଯଥାକ୍ରମେ ୩-୧ ସେଟରେ ତେଲଙ୍ଗାନାକୁ ଏବଂ ୩-୦ ସେଟରେ ବିହାରକୁ ମାତ୍ ଦେଇଥିଲା। ଓଡ଼ିଶା ଦଳର ଏହି ସଫଳତାରେ ରାଜ୍ୟ ଭଲିବଲ୍ ସଂଘର ସଭାପତି ପ୍ରଫେସର ଅଚ୍ୟୁତ ସାମନ୍ତ, ସାଧାରଣ ସମ୍ପାଦକ ଗଗନେନ୍ଦୁ ଦାଶ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ଜାତୀୟ ଫୁଟ୍ସାଲରେ ଓଡ଼ିଶାରୁ ୧୬

ଭୁବନେଶ୍ୱର, ୭।୧ (ସମିସ): ଫରିଦାବାଦରେ ଆରମ୍ଭ ହୋଇଥିବା ସ୍ପେଶିଆଲ୍ ଅଲିମ୍ପିକ ଭାରତ ଜାତୀୟ ଫୁଟସାଲ୍ ପ୍ରତିଯୋଗିତାରେ ଭାଗନେବାକୁ ଓଡ଼ିଶାର ୧୬ ଜଣିଆ ଦଳ ହରିୟାଣା ଗସ୍ତ କରିଛି। ଓଡ଼ିଶା ମହିଳା ଦଳରେ ଦୀପିକା କୁମ୍ଭାର, ସୀମା ପଟେଲ, ଘରଣା ଦାସ, ମିନା ରାଓ, ବାସନ୍ତୀ ମହନ୍ତ, ସୋନାଲି ନାୟକ, ବିବେଶିଖା ବେହେରା ସ୍ଥାନ ପାଇଛନ୍ତି। ସସ୍ମିତା ରାଉତରାୟ ଦଳର କୋଚ୍ ରହିଛନ୍ତି। ସେହିଭଳି ପୁରୁଷ ଦଳ ସହ ରଞ୍ଜିତ ଖୁଣ୍ଟିଆ, ଦଧିଚି, ମହମ୍ମଦ ୱାସିମ ଆକ୍ରମ, ଇନ୍ଦ୍ରମଣି କାଣ୍ଡି, ଶ୍ୱେତରାଜ ସାମଲ, ଆଶୁତୋଷ ପଟ୍ଟନାୟକ ଗସ୍ତ କରିଛନ୍ତି। ନୀରଜ ସିଂ ଓ ତ୍ରିନାଲ ସାମଲ ପ୍ରଶିକ୍ଷକ ଦାୟିତ୍ୱ ସମ୍ଭାଳିବେ। ଏହି ଅବସରରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ସ୍ପେଶିଆଲ ଅଲିମ୍ପିକ୍ସ ଭାରତ ଓଡ଼ିଶାର ନିର୍ଦ୍ଦେଶକ ପ୍ରକାଶ ରଥ, ଅଧ୍ୟକ୍ଷା ସୁନୀତା ମୁଣ୍ଡ, ଉପାଧ୍ୟକ୍ଷ ଉମାକାନ୍ତ ଷଡ଼ଙ୍ଗୀ, କ୍ରୀଡ଼ା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର, ସଂଯୋଜକ ଅର୍ପିତା ମହାପାତ୍ର, ମନତୋଷ ବେହେରା ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

# ଅସ୍ମିତା ଜାତୀୟ ଜୋନାଲ ଆନ୍ତଃ ଭାରୋତ୍ତୋଳନରେ ଭାଗନେବ ଓଡ଼ିଶା



ଭୁବନେଶ୍ୱର, ୭।୧ (ସମିସ): ଉତ୍ତର ପ୍ରଦେଶର ମୋଦୀନଗରଠାରେ ଗୁରୁବାରଠାରୁ ଅସ୍ମିତା ଜାତୀୟ ଆନ୍ତଃଜୋନାଲ ଭାରୋତ୍ତୋଳନ ଚାମ୍ପିଅନସିପ୍ ଆରମ୍ଭ ହେବ। ଗତ ଜୋନାଲ ପ୍ରତିଯୋଗିତାରେ ଯେଉଁମାନେ ପଦକ ବିଜୟୀ ହୋଇଥିଲେ ସେମାନେ ଏଥିରେ ଭାଗନେବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ଯୋଗ୍ୟତା ଅର୍ଜନ କରିଥିବା ପ୍ରତିଯୋଗୀମାନେ ହେଲେ ମୀନା ସାନ୍ତା (ବି), ମୀନା ସିଂ, ବନିତା ନାଏକ, ଶ୍ୱେତାଲିନା ମହାନ୍ତି, ଅଙ୍କିତା ପ୍ରଧାନ, ଆଲିଶା ବେହେରା, ରିମଝିମ ନାଏକ, ରୁମାଲି ପ୍ରଧାନ, ଟିନା ରାଉତ, ପ୍ରତିଭାରାଣୀ ପ୍ରଷ୍ଟି ଓ ମୌସୁମୀ ଦାସ। ତେବେ ଯୋଗ୍ୟ ବିବେଚିତ ହୋଇଥିଲେ ମଧ୍ୟ ପରୀକ୍ଷା ଲାଗି ପ୍ରୀତିମୟୀ ମହାନ୍ତି ଦଳ ସହ ଯାଇପାରୁନାହାନ୍ତି। ଯଜ୍ଞ ନାରାୟଣ ନନ୍ଦ, ଗୋପାଳ କୃଷ୍ଣ ଦାସ ଓ ପଦ୍ମିନୀ ମହାନ୍ତି କୋଚ୍ ଭାବେ ଦଳ ସହ ଗସ୍ତ କରିଛନ୍ତି। ଓଡ଼ିଶା ଭାରୋତ୍ତୋଳନ ସଂଘର ସମସ୍ତ କର୍ମକର୍ତ୍ତା ଏହି ଅବସରରେ ରାଜ୍ୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

## ଆଥଲେଟ୍ ଜିନ୍ସନ୍ ଜନ୍ସନ୍ଙ୍କ ଅବସର ଘୋଷଣା

ନୂଆଦିଲ୍ଲୀ,୭।୧(ଏଜେନ୍ସି): ତାରକା ଭାରତୀୟ ଆଥଲେଟ ତଥା ଧାବକ ଜିନସନ ଜନସନ ବୁଧବାର ଅବସର ଘୋଷଣା କରିଛନ୍ତି। ଏସୀୟ କ୍ରୀଡ଼ା



ସ୍ୱର୍ଣ୍ଣ ପଦକ ବିଜେତା ୩୪ ବର୍ଷୀୟ ଜିନସନ ଗତ କେତେବର୍ଷ ହେବ ଆଘାତ ସମସ୍ୟା ଦେଇ ଗତି କରୁଥିଲେ। ଏଥିସହ ଦୀର୍ଘ ୧୫ ବର୍ଷର ତାଙ୍କ ଜାଜ୍ଜ୍ୱଲ୍ୟମାନ କ୍ୟାରିୟରର ଅନ୍ତ ଘଟିଛି। ଜିନସନ ୨୦୨୩ ଅକ୍ଟୋବରରେ ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ ୧୫୦୦ମି ଦୌଡ଼ରେ କାଂସ୍ୟ ପଦକ ହାସଲ କରିଥିଲେ ଓ ଏହା ଥିଲା ତାଙ୍କ କ୍ୟାରିଅରର ଅନ୍ତିମ ଅନ୍ତର୍ଜାତୀୟ ପଦକ। ୨୦୧୮ ଜାକର୍ତ୍ତା ଏସୀୟ କ୍ରୀଡ଼ାରେ ସେ ୧୫୦୦ମିରେ ସ୍ୱର୍ଣ୍ଣିମ ସଫଳତା ହାସଲ କରି ଇତିହାସ ସୃଷ୍ଟି କରିଥିଲେ ଓ ଏହାଥିଲା ତାଙ୍କ କ୍ୟାରିଅରର ଶ୍ରେଷ୍ଠ ମୁହୂର୍ତ୍ତ। ସେ ୩ ମିନିଟ୍ ୪୪.୭୨ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ଜିତିଥିଲେ।

# ରେଭେନ୍ସାରେ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଟି-୨୦

## ଭାଗନେବେ ୭୪ ବିଶ୍ୱବିଦ୍ୟାଳୟ; ଓଡ଼ିଶାରୁ ୧୩

କଟକ,୭।୧(ସମିସ):



ରେଭେନ୍ସା ବିଶ୍ୱବିଦ୍ୟାଳୟ ଏବଂ ଆସୋସିଏସନ ଅଫ ଇଣ୍ଡିଆନ ୟୁନିଭର୍ସିଟି(ଏଆଇୟୁ)ର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୦ ତାରିଖରୁ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟକୁ ମିଶାଇ ଦେଶର ମୋଟ୍ ୭୪ଟି ବିଶ୍ୱବିଦ୍ୟାଳୟ ଦଳ ଭାଗନେବେ। ରେଭେନ୍ସା ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ହଲରେ ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ବାବଦରେ ବିସ୍ତୃତ ସୂଚନା ଦିଆଯାଇଥିଲା।

ଆୟୋଜକ ରେଭେନ୍ସା ବିଶ୍ୱବିଦ୍ୟାଳୟର ଗ୍ରାଉଣ୍ଡ ସମେତ ଟାଙ୍ଗୀସ୍ଥିତ ଡ୍ରିମସ ବିଶ୍ୱବିଦ୍ୟାଳୟ, କିଟ ବିଶ୍ୱବିଦ୍ୟାଳୟ, ଏମଜିଏମ ଏକାଡେମୀ ଏବଂ ବିଡାନାସୀ ଗ୍ରାଉଣ୍ଡରେ ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ଖେଳାଯିବ। ଓଡ଼ିଶାର ବ୍ରହ୍ମପୁର, ଏନଏଲୟୁ, ଏମଏସସିବି, ଓୟୁଏଟି, ଉତ୍କଳ, କିସ, ସମ୍ବଲପୁର, କିଟ୍, ସୋଆ, ବୁର୍ଲା, ଶ୍ରୀଶ୍ରୀ, ରେଭେନ୍ସା ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଟୁର୍ଣ୍ଣାମେଣ୍ଟରେ ଭାଗ ନେବେ। ୭୪ଟି ଯାକ ଦଳକୁ ୪ଟି ପୁଲ୍ରେ ବିଭକ୍ତ କରାଯାଇଛି। ଲିଗ୍ ପର୍ଯ୍ୟାୟର ମ୍ୟାଚ୍ଗୁଡିକ ନକଆଉଟ୍ ଭିତ୍ତିରେ ଖେଳାଯିବ। ତେବେ ଗତ ସଂସ୍କରଣରେ ଶ୍ରେଷ୍ଠ ଚାରି ଦଳ ପାଟଳିପୁତ୍ର ବିଶ୍ୱବିଦ୍ୟାଳୟ, ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟ, ବିନୋବା ଭାବେ ବିଶ୍ୱବିଦ୍ୟାଳୟ ଓ ଲଳିତ ନାରାୟଣ ମିଥିଳା ବିଶ୍ୱବିଦ୍ୟାଳୟ ସିଧାସଳଖ ଲିଗ୍ ପର୍ଯ୍ୟାୟର ଫାଇନାଲ ରାଉଣ୍ଡ ଖେଳିବେ।

ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଦୁଇ ଦଳ ଅଲଇଣ୍ଡିଆ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯୋଗ୍ୟତା ହାସଲ କରିବେ। ଏତଦବ୍ୟତୀତ ଗୋଟିଏ ଦଳ ଭିଜି ଟ୍ରଫି ଖେଳିବ। ରେଭେନ୍ସା ବିଶ୍ୱବିଦ୍ୟାଳୟର ଉଭୟ କ୍ୟାମ୍ପସରେ ଖେଳାଳି ଓ ମ୍ୟାଚ୍ ଅଫିସିଆଲଙ୍କ ରହଣୀ ବ୍ୟବସ୍ଥା କରାଯିବ। ୨୨ ତାରିଖରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଫାଇନାଲ ମୁକାବିଲା ହେବ ବୋଲି ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ସ୍ପୋର୍ଟସ କାଉନସିଲ ଅଧ୍ୟକ୍ଷ ପ୍ରଫେସର ଧର୍ମବ୍ରତ ମହାପାତ୍ର, କ୍ରୀଡ଼ାଧିକାରୀ ଡଃ ଅଞ୍ଜନ କୁମାର ଖୁଣ୍ଟିଆ, କୁଳସଚିବ କାହ୍ନୁଚରଣ ମଲ୍ଲିକ, ପ୍ରଫେସର ସୁଦର୍ଶନ ମିଶ୍ର, ଡଃ ଇଶ୍ୱର ନାୟକ, ଡଃ ଯାଜ୍ଞସେନୀ ରାଉତ, ଡଃ ମନୋଜ ଦାସ, ଡଃ ସତ୍ୟବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS